କଷ୍ଟ ଭିତରେ ଜଣେ ମାତ୍ର ପ୍ରେମ୍ୟ ଫର୍ଣ୍ଣି ହେଲେ । ନବକିଶୋର କଣ ସତେ ବେଲ୍ ପ୍ରେମ୍ରେ ଫର୍ଣ୍ଣି ହୋଇଯାଇବେ ? ଅଥଚ ଏକ ପ୍ରଧାନ ଅସୁବିଧା—ସେଥିରେ ଭାଗ ଜ୍ଞାନ । ସମସ୍ତଙ୍କୁ ସନ୍ତୁଷ୍ଟ କରିବା ପ୍ରଧାନ ଓ ପ୍ରଥମ କର୍ତ୍ତବ୍ୟ । ଯେ କୌଣସି କାରଣରେ କୁଆଡ଼ି ଗୋଳମାଳ, ପ୍ରଥମେ ଗୋଟାଏ ବଡ଼ ଉତ୍ସବ ପୂଜା ଉଠିଯାଉ । ଏ ବେଳ ତ ଅନ୍ଧକାର ଭୂତଣା କ୍ୟାପିଟାଲିଷ୍ଟ । ନବକିଶୋର ଉତ୍ତାପଜନକ ପାରିବେ କେଉଁଠୁ ? ପୂଜା ବା କରିବେ କିପରି ? ଚାଲିଯିବା ହେଲେ ମଧ୍ୟ ଅର୍ଥ ଲୋଡ଼ା । ଏହିପରି ନାନା ଚିନ୍ତାରେ ମଗ୍ନ ହୋଇ, ଅନ୍ୟମନସ୍କ ଭାବରେ ନବକିଶୋର ବାହୁସନ୍ଧି ସଜାଡ଼ିବାରେ ବ୍ୟସ୍ତ । ହଠାତ୍ ପୁଷ୍ପରେଖାରୁ 'ହୁଁ,ମ୍, ହୁଁ,ମ୍' ଶବ୍ଦ ହେଲା । ନବକିଶୋର ମୁହଁ ଫେରାଇ ଦେଖିଲେ, ଲଳିତା ଧୀର ଭାବରେ ଠିଆ ହୋଇଛି । ନବକିଶୋରଙ୍କର ଚମକ ଦେଖି ଲଳିତା ଟିକିଏ ହସିଦେଲା; ନବକିଶୋର ମଧ୍ୟ ଟିକିଏ ହସିଦେଇ ମୃଦୁ ଭାବରେ ପ୍ରଶ୍ନ କଲେ, "କଣ ?" ଲଳିତା ନିଜର ଅଙ୍ଗପ୍ରତ୍ୟଙ୍ଗକୁ ଇଙ୍ଗିତରେ ନିଷ୍ପେଷଣ କରି, ସନ୍ଦେହରେ ଜଣାଇ ଦେଲା—'ଜାଣି ?' ନବକିଶୋର ଖୁବ୍ ଗୋଟାଏ ପାର୍ଶ୍ୱ ହାସ୍ୟରେ ପ୍ରକୋଷ୍ଠ ପ୍ରକମ୍ପିତ କରି କହିଲେ—"କୁଆଡ଼େ ଆସିଲୁ ?" ଲଳିତା ସେହିପରି ଫିକେ ମୃଦୁଭଙ୍ଗୀରେ କହିଲା, "ଦୁଇ ଘଣ୍ଟାରେ କଣ ଗୋଟାଏ ଟେଲିଗ୍ରାମ୍ ଆସିଥିଲା ?"

"ହଁ"

"କଣ ସେ ଟେଲିଗ୍ରାମ ?"

"କାହିଁକି ?"

"ନ କୁହ, ମୁଁ ଜାଣେ ଯେ—ତମେ ପାସ୍ କରିଛ !"

"କେଉଁ କଥା । ପାସ୍ କଲି ତ ହେଲା କଣ ?"

"ହେବ ଆଉ କଣ—ପୁରସ୍କାର ଦେବା ହେବ ।"

"ପୁରସ୍କାର ? କାହାକୁ ମ ?"

"ଆମକୁ ସବୁ, ଆଉ କାହାକୁ ?"

"ତମକୁ—ଏ କଥାଟିର ଅର୍ଥ ବୁଝିଲି । ଆଉ ସେଇ 'ସବୁ' କଣ ?"

ନବକିଶୋର ହସି ଉଠିଲେ । ଲଳିତା ମଧ୍ୟ ହସିଦେଲା । ମାତ୍ର କ୍ଷଣକେ ନୀରବ । ମୁହୂର୍ତ୍ତିକ ପରେ ନବକିଶୋର ହସି ହସି କହିଲେ,

"ଆଉ ଚାହିଁବ ? ତମେ ସବୁ କଣ ପାଇ୍ କରିପାରିବ ?" ଉତ୍ତର ଅପେକ୍ଷାରେ ଲଳିତାର ପ୍ରଫୁଲ୍ଲିତ ବଦନ-ସରୋଜକୁ ଟିକଏ ଚାହିଁଲେ । ମାତ୍ର ପ୍ରଶ୍ନର କୌଣସି ଉତ୍ତର ନ ପାଇ ପୂର୍ବକଥା ବାହୁ ବଢ଼ାଇବାରେ ମନ ଦେଲେ । କିଛିକ୍ଷଣ ଠିଆ ହେବା ପରେ "ଯାଉ, ନ ଦେଲ ନାହିଁ, ମୁଁ ପାଉଛି" କହି ଲଳିତା ପ୍ରସ୍ଥାନ କଲା । ନବକିଶୋର ଶୁଣିଲେ ନାହିଁ — କେବଳ କଥାଟା ଶୁଣିବାକୁ ପାଇଲେ ଓ କିଛିକ୍ଷଣର ପୂର୍ବରୁ ଜାଣିପାରିଲେ, ଲଳିତା ଚାଲିଗଲା । ବହି ଉପରେ ମୁଣ୍ଡ ରଖି ଡାକିଲେ, "ଲଳିତା, ଶୁଣିଯା ।"

ଲଳିତା ଫେରି ଆସି ପୂର୍ବବତ୍ ତାଙ୍କ ପଛଆଡ଼େ ଠିଆ ହେଲା । ଖୋଲିଥିବା କବିତାଖାତା ଥାକ ଉପରେ ଥପ୍ କରି ଥୋଇ ଦେଇ, ନବ-କିଶୋର ପଛକୁ ମୁହଁ ଫେରାଇ କହିଲେ—"ଆଚ୍ଛା, ତୁ ପୁରସ୍କାର ନେବୁ ଯେ, କଅଣ ପୁରସ୍କାର ଚାହୁଁ ? କଣ ନବୁ ?" ଲଳିତା ଈଷତ୍ ହାସ୍ୟ କରି କହିଲା, "ସତରେ ଦବ ନା ସେମିତି ଖାଲି ଭଣ୍ଡୁଚ ?"

"ସତରେ ଦେବି, ତୁ ଆଗ କହିଲୁ, କ ପୁରସ୍କାର ଚାହୁଁ ?"

"ମୁଁ ସେଇ ଥାଳିକୁ ଚାହେଁ, ଦବ ? ତମ"—

କଥାଟା ଶେଷ ନ ହେଉଣୁ ନବ ବାମୁତ ଟକାଇ ଭୂତ ହୋଇଗଲେ

"ସେଇ ଥାଳିକୁ ପୁରସ୍କାର ଚାହୁଁ ? ଆଉ ଅଳଟାରୁ ମୋ ଥାଳିକୁ ତୋତେ ପୁରସ୍କାର ଦେବି ?"

ଲଳିତା ତରି ଚୋଟି ଭରି ହସି ହସି ଚାଲିଗଲା ।

ଲଳିତା ସେଠାରୁ ଚାଲିଗଲା ସିନା, କିନ୍ତୁ ଲଗାଇ ଦେଇ ଗଲା ଯେ, ନବକିଶୋରଙ୍କର ମନ ଅତ୍ୟନ୍ତ ଚଞ୍ଚଳ ହୋଇଉଠିଛି । ଅନୁରୋଧ-ସେବା ବୃକ୍ଷ ସେବନ ସମସ୍ତଙ୍କୁ ଶୂନ୍ୟ କରିଛି ଦେଖିଲେ ତାର ମନ ଯେପରି ହୁଏ, ସମସ୍ତ ଧର୍ମ ତୁଚ୍ଛ ବୈରାଗ୍ୟ ଭାବ ଆସେ, ନବକିଶୋରଙ୍କର ବର୍ତ୍ତମାନ ସେହି ଦଶା । ବହି ପଢ଼ିବାରେ ଆଉ ମନ ଲାଗୁ ନାହିଁ । କେଉଁଠି କଣ ଭଲ ଅଛି ପରି ଲାଗୁଛି । କବିତାକୁ ସେତିକି ପଢ଼ିଲେ ମଧ୍ୟ ଅର୍ଥ ଅଜ୍ଞା ହୋଇଯାଉଛି । ପୁଣି ପଢ଼ି ପୁଣି ପଢ଼ୁଛନ୍ତି । ମାତ୍ର ଭୂତ ଅନୁସାରେ ହୋଇପାରୁ ନାହିଁ । ଅତ୍ୟନ୍ତ ବିରକ୍ତ ସହକାରେ ସେ ବହିସବୁ ଫୋପାଡ଼ି ଦେଇ, ଉର୍ଦ୍ଧ୍ୱଦୃଷ୍ଟିରେ ଚାହିଁ, ଖଟରେ ଚିତ୍ ହୋଇ ପଡ଼-

ଗଲେ । ପୁଛିଲେ, "ଲଳିତା! କାହିଁକି ଆସିଥିଲ, କହ ତ କହିଲ ନାହିଁ ! ଖାଲି କଣ ପାସ୍ ଖବରଟା ଶୁଣି ଆନନ୍ଦିତ ହୋଇଛ ବୋଲି ଜଣାଇ ଦେବାକୁ ଆସିଥିଲ ? ଟେଲିଗ୍ରାମ ଆଜି ପାସ୍ ଖବର ଛଡ଼ା ତ ଆଉ କିଛି କହୁ ନାହିଁ ।" ଆଉ ଟିକିଏ ପୁଛିଲେ, "ଶେଷରେ ଯାହା ଲେଖିଲ, ତାର ଅର୍ଥ କଣ ? ପାସ୍ ଟାକୁ କଣ ପୁରସ୍କାର ଦେବ ? କାହାକୁ ବା ଦେବ ? ଏପରି କାହିଁକି କହିଲ ? 'ଆଜିଠାରୁ ପାସ୍ ଟାକୁ ପୁରସ୍କାର ଦେଲି' ମୁଁ ବା କହିଲି କାହିଁକି ? ପାସ୍ କୁ କିପରି ପୁରସ୍କାର ଦେବ ?" ଏ ସବୁ କଥାର ଗୂଢ଼ ରହସ୍ୟ କଣ, ବୁଝି ନ ପାରି ନବକିଶୋର ବଡ଼ ଉତ୍କଣ୍ଠିତ ହୋଇପଡ଼ିଲେ । ବାରମ୍ବାର ସେହି ଶବ୍ଦ ଚିନ୍ତା କରିବାକୁ ଲାଗିଲେ । କଲ୍ୟାଣୀ ଲଳିତା ସ୍ମୃତି ତାଙ୍କର ସେଉଁଠି ସ୍ନେହ, ସୌହାର୍ଦ୍ଦ ଓ ଭଲପାଇବା, ସମସ୍ତ ଅମୂଳ ଆଲୋଚନା କରି ବସିଲେ । ଭାବିଲେ, "ସେ ଯେବେ ହେଲେ ବି ଏପରି ଅର୍ଥଶୂନ୍ୟ ପରିହାସ ବାଣୀ କହୁ ନାହିଁ । ଆଜି ଏପରି କାହିଁକି କହିଲା । ଏ କଣ ପରିହାସ ନା ହୃଦୟରେ ପୁରସ୍କାର ଲୁଚି ଥିଲା ? ଯଦି ପ୍ରକୃତରେ ପୁରସ୍କାର ଲୁଚିଥିଲା, ତେବେ—ନା, ନା, ପାସ୍ କୁ ପୁରସ୍କାର ଲୁଚି ଥିଲା । ନିଶ୍ଚୟ ତାହାର କିଛି ଅର୍ଥ ଅଛି ।" ନବକିଶୋର ସେହିସବୁ ଆଲୋଚନାରେ ଏତେ ମଗ୍ନ ଗଲେ ଯେ, ଲଳିତା ଦୋଳି କଡ଼ାକୁ ଛାଡ଼ି ଦୂର ଅଣ ଡାଳକୋଣି, କଳାଗଛକୁ ଯିବାକୁଗି—ତାହା ସେ ଶୁଣି ପାରିଲେ ନାହିଁ ।

"ନାଥ ତମ ଶବ୍ଦଗୁଡ଼ା ପାଇଛ, ମୋର କାନ ଦେବାକୁ ସମେନ-ସହଜ ନାହିଁ" କହି ଆଜି ଉପରେ ବହି ଖଣ୍ଡ ଫିଙ୍ଗି ଦେଲା ଲଳିତା । ବହିଟା ପଡ଼ିବା ଶବ୍ଦରେ ନବକିଶୋରଙ୍କର ଧ୍ୟାନ ଭାଙ୍ଗିଗଲା । ପଛକୁ ଚାହିଁ ଦେଖିଲେ, ଲଳିତା ଠିଆ ହୋଇଛି । ଧଡ଼ ଫଡ଼ ଉଠିପଡ଼ି ତାଙ୍କୁ ଦୁଇ ହାତରେ ଧରି ନିଜ କୋଳକୁ ଟାଣି ଆଣିଲେ । ସ୍ନେହ ସିକ୍ତ କଣ୍ଠରେ କହିଲେ— "ଲଳିତେ ! ତୁମ କଥାର ଅର୍ଥ ମୁଁ ବୁଝିପାରି ନ ଥିଲି, ବର୍ତ୍ତମାନ ବୁଝିଛି । ତୁମେ ଯେଉଁ ଉଦ୍ଦେଶ୍ୟରେ କହିଥାଅ, କିନ୍ତୁ ତାହା ଅନ୍ୟଥା ହୋଇ-ନ ପାରେ । ପରିହାସ ଛଳରେ ହେଉ, ଅଥବା ଭ୍ରମବଶତଃ ହେଉ, ଯେଉଁ ମୁହୂର୍ତ୍ତରେ ଯାହା କହିଛ, ତାହା ଅସ୍ୱୀକାର କରିବାର ଶକ୍ତି ତୁମର ନାହିଁ କି ମୋର ମଧ୍ୟ ନାହିଁ । ପ୍ରକୃତରେ ତୁମେ ଆଜିଠାରୁ ମୋର ସେହି ପାସ୍ ର ଅଧିକାରିଣୀ ହେଲ ।"

"ଏ କଣ ! ନବ ଭାଇ, ଏ କଣ ଶୁଣା କହୁଛନ୍ତି ? ଆଜି ଏ ନୂଆ କଥା, 'ତୁମେ' ସମ୍ବୋଧନ କାହିଁକି !" ଲଳିତାର ସର୍ବାଙ୍ଗ କମ୍ପିଉଠିଲା । ସେପରି ତୋଳାଏ ପ୍ରବଳ ଝଞ୍ଜା ତାର ପ୍ରତି ଶିରାପ୍ରଶିରାରେ ଖେଳିଗଲା ; ଚାରିଆଡ଼ ଅନ୍ଧକାର ଦିଶିଲା । କଣ କହିବ, କଣ କରିବ, ଭାବିବାକୁ ଅବସର ପାଇଲା ନାହିଁ ; ଲଜ୍ଜା-ପୀଡ଼ିତ କମ୍ପିତବକ୍ଷ ନତମୁଖ ହୋଇ ଠିଆ ରହିଲା ।

ନବକିଶୋର ! ତମେ ବୁଝି ପାରିଲ ନାହିଁ । ସେ କଣ ଏତେ ଦିନଧରି ତୁମଙ୍କୁ ପୁରସ୍କାର ମାଗୁଥିଲା ? ସେ କେବଳ ଅନ୍ତଃକରଣ-ଶଯ୍ୟାରେ ପୁରସ୍କାର ନେବା ଲୋଭ ବଢ଼ାଇଦେଇଥିଲା । କିନ୍ତୁ ତୁମେ ଯେତେବେଳେ ପଚାରିଲ—'କି ପୁରସ୍କାର ଚାହୁଁ ?' ସେ କହିବି କୋଉ ପାଇଲା ନାହିଁ । ତୁମପାଖରୁ ନେବାର କିଛି ତାର କଣ ଥିଲା ? ତୁମେ କଣ ଅବାଳିଂଶୁ ଭାବ ବୁଝିପାର ନାହିଁ ? କୌଣସି ଦିନ ତୁମଙ୍କୁ ସେ ଅଳଙ୍କାର କିଛି ମାଗିଥିଲା ? ତୁମଙ୍କୁ ଦେଖିଲେ ସ୍ୱର୍ଗଶିରୀ ତା ମାଥରେ ଉଠି ବୋଧ ହୁଏ । ଆଉ ତାକୁ କାହିଁକି ପୁରସ୍କାର ମାଗିବ, ନାନା ଚିନ୍ତାରେ ବ୍ୟସ୍ତ ଥିବାରୁ ତୁମେ ବୁଝି ପାରିଲ ନାହିଁ । ସେ ଭାବିଲା, ପୁରସ୍କାର କଣ ନେବ ନାହିଁ କି ବାସ୍ତବରେ ତ ମୁଁ କିଛି ଚାହୁଁ ନାହିଁ ; ତେବେ ଜବାବ ଯେତେବେଳେ ଦେବେ ବୋଲି କହୁଛନ୍ତି, ସେଥି ପାଇଁ ମାଗିଲେ ସେ ଅନ୍ୟ କିଛି କହିପାରିବେ ନାହିଁ । କାରଣ ପାଇଁ ତା ଏପରି ବସ୍ତୁ ଦରକାର, ଯାହା କି ଅନନ୍ୟ ଭାବରେ ହୃଦୟରେ ଅର୍ପଣ କରାଯାଇପାରେ । କିନ୍ତୁ ତୁମେ ତାକୁ ଏପରି ଅର୍ଥରେ ନେଲ—ସେ ତ ଏ କଥା ସ୍ୱପ୍ନରେ ଭାବି ନ ଥିଲା ।

ନବକିଶୋର ଲଳିତାର ଅବନତ ମସ୍ତକଟି ଉତ୍ତୋଳନ କରି କମ୍ପିତ ଓଷ୍ଠାଧରରେ ସୁମଧୁର ଚୁମ୍ବନଟି ଦେଇ କୋଳରେ ଚାପି ଧରିଲେ । ଅଭିନବ ମିଳନ ! ଦୁହିଁଙ୍କ ମୁଖରେ ହାସ୍ୟ ନାହିଁ, ବିଷାଦ ନାହିଁ । ଏହିପରି କେତେ ମୁହୂର୍ତ୍ତ ଅତିବାହିତ ହୋଇଗଲା । ଲଳିତା ଧୀରେ ଧୀରେ ଆଖି ମେଲି ଚାହିଁଲା । ନବକିଶୋର ଡାକିଲେ—"ଲଳିତେ !" ଲଳିତା ମୁଖରେ କଥା ନାହିଁ । ସେ କେବଳ କୃତଜ୍ଞତାପୂର୍ଣ୍ଣ ଦୃଷ୍ଟିରେ ତାଙ୍କର

ମୁଖମଣ୍ଡଳକୁ ସ୍ପର୍ଶ କରିଲା । ନବକିଶୋର ତାଙ୍କ ଲଜ୍ଜାରକ୍ତ ସୁକୋମଳ ଗଣ୍ଡଦେଶରେ ଆଙ୍ଗୁଳି ରଖି ଗୋଟିଏ ଚୁମ୍ବନରେଖା ଅଙ୍କନ କରି କହିଲେ— "ଜାଣିଲି, ଯାଅ । କିନ୍ତୁ ନବର ଏ ନବ ପୁରସ୍କାର ଗ୍ରହଣ କରିବ ତ ? ଯଦି ଅସତ୍ୟ—।" ତାଙ୍କର କଥା ଶେଷ ନ ହେଉଣୁ ଲଳିତା ତାର ମୃଣାଳ-କୋମଳ ବାହୁଯୁଗଳରେ ତାଙ୍କର ଗଳଦେଶ ବେଷ୍ଟନ କଲା । ନବକିଶୋର ଆଉ କହିପାରିଲେ ନାହିଁ । ଦେଖିଲେ, ଲଳିତାର ନୀଳାବ୍ଜ-ନେତ୍ରଯୁଗଳରୁ ଦୁଇଟି ମୁକ୍ତାଫଳନିନ୍ଦୀ ଅଶ୍ରୁବିନ୍ଦୁ ଝରି ପଡ଼ିଲା । ସେ ନିଜର କୁଞ୍ଚା ବସନ-ପ୍ରାନ୍ତରେ ତାହା ମୋଚନ କରିଦେଲେ ।

---

## ସପ୍ତମ ପରିଚ୍ଛେଦ

ନବକିଶୋର ଯେତେବେଳେ କଲିକତାକୁ ଫେରିଗଲେ, କଣ କରିବେ ବୋଲି ପିତାପୁତ୍ରଙ୍କ ମଧ୍ୟରେ ସର୍ବଦା ଆଲୋଚନା ଚାଲିଲା । ନବକିଶୋରଙ୍କର ଇଚ୍ଛା, ଆଉ କିଛି ଅଧ୍ୟୟନ କରିବାକୁ । କୈଳାସଚନ୍ଦ୍ର କିନ୍ତୁ ସେଥିରେ ଏକମତ ନୁହନ୍ତି । ପୁଅକୁ ଓକିଲିଆ ଦେବା ନିମନ୍ତେ ସେ କୌଣସି ମତରେ ଅର୍ଥ ଯୋଗାଇ ପାରିବେ ନାହିଁ । ତେଣୁ ତାଙ୍କର ଏକାନ୍ତ ଇଚ୍ଛା, କୌଣସି କଳ କାରଖାନାରେ କିମ୍ବା ଜାହାଜର ଗୋଦାମରେ ନବକୁ ଚାକିରି ଲଗାଇଦେଲେ ଶୀଘ୍ର ପାଇପାରନ୍ତେ । ପିତାଙ୍କର ଏକାନ୍ତ ଇଚ୍ଛାକୁ ପୁତ୍ରଙ୍କର ଏକାନ୍ତ ଅନିଚ୍ଛା; କୌଣସି ସିଦ୍ଧାନ୍ତ ହୋଇ ପାରିଲା ନାହିଁ । କେବଳ ଯୁକ୍ତିତର୍କରେ ଦିନ କଟିବାକୁ ଲାଗିଲା । ଯୁକ୍ତିତର୍କରୁ ସମୟେ ସମୟେ ପିତାପୁତ୍ରଙ୍କର ମଧ୍ୟ ମନାନ୍ତର ହେବାକୁ ବାକି ରହୁଲା ନାହିଁ ।

କିଛି ଦିନ ପରେ ନବକିଶୋରଙ୍କର ଭ୍ରମଣ ବାଞ୍ଛା ପ୍ରବଳ ହେଲା । ତାଙ୍କର ଅନ୍ତରଙ୍ଗ ବନ୍ଧୁ ଅତୁଳ ବାବୁ ଗଲେ ଡାକ୍ତରି ପଢ଼ିବାକୁ । ନବକିଶୋରଙ୍କର ଇଚ୍ଛା, ବନ୍ଧୁଙ୍କ ସହିତ ମେଡ଼ିକାଲରେ ପଢ଼ିବେ । ଅତୁଳ ବାବୁଙ୍କର ମଧ୍ୟ ସେହି ଇଚ୍ଛା । ନବକିଶୋରଙ୍କ ପରି ବନ୍ଧୁଙ୍କୁ ଛାଡ଼ି ସେ ଏକୁଟିଆ ବା କିପରି କେଉଁଆଡ଼େ ଯିବେ ? ସେ ବିଷୟରେ ସେ ନବକିଶୋରଙ୍କୁ ଅନୁରୋଧ କଲେ । ନବକିଶୋର ଉତ୍ତରରେ ତାଙ୍କର ପୂର୍ଣ୍ଣ

ଲଜ୍ଜା ଥିବାର ବ୍ୟକ୍ତ କଲେ ଏବଂ ସେହି କାରଣରୁ ପଢ଼ିବାରୁ ଛାଡ଼ି ଦେଇଛନ୍ତି, ତାହା ମଧ୍ୟ ଜଣାଇଲେ । ଅତୁଳ ବାବୁ ବନ୍ଧୁଙ୍କର ଦୁଃଖର କାହାଣୀ ଶୁଣି ତାଙ୍କ ଦୁଃଖରେ ସମବେଦନା ଅନୁଭବ କରି ଅତ୍ୟନ୍ତ ବ୍ୟଥିତ ହେଲେ ଏବଂ କିପରି ବନ୍ଧୁଙ୍କର ପଠନେଚ୍ଛା ପୂର୍ଣ୍ଣ ହେବ, ତାର ଉପାୟ ଖୋଜି ବୁଲିଲେ ।

ଦିନେ ତାଙ୍କର ପିତା ସନ୍ଧ୍ୟାପାଠ ପରେ ଜଳଯୋଗ କରୁଥିବା ସମୟରେ ସେ ନବକିଶୋରଙ୍କର ସମସ୍ତ ଇତିହାସ ଆମୂଳ ବର୍ଣ୍ଣନା କରିଗଲେ । ତାପରେ ସୁଯୋଗ ବୁଝି ପିତାଙ୍କୁ ଅନୁରୋଧ କଲେ—ସେ କୌଣସି ଉପାୟରେ ତାଙ୍କର ବନ୍ଧୁଙ୍କୁ ସେଣ୍ଟ୍ରାଲରେ ଭର୍ତ୍ତି କରାଇ ଦେବାକୁ ହେବ । ଅତୁଳ ବାବୁଙ୍କର ପିତା ଯେପରି ଅତୁଳ ଧନର ଅଧୀଶ୍ୱର, ସେହିପରି ଅତୁଳ ଗୁଣର ମଧ୍ୟ ଅଧୀଶ୍ୱର । ନବକିଶୋରଙ୍କର ଦୁଃଖକୁ ସେ ପୁତ୍ରଠାରୁ ବଳି ଅନୁଭବ କଲେ । ତାଙ୍କର ହୃଦୟ ବ୍ୟଥିତ ହୋଇ ଉଠିଲା, କିପରି ସେ ପଠନେଚ୍ଛୁ ନବୀନ ବାଳକଟିର ସୁବନ୍ଦୋବସ୍ତ କରିଦେବେ । ହିସାବ ଚିନ୍ତା କରି କହିଲେ, "ଅଚ୍ଛା, ମୁଁ ଚେଷ୍ଟା କରିବି ତାର ଦରମାହା ଛାଡ଼ କରାଇ ଦେବାକୁ, ନ ହେଲେ ମୁଁ ଦେବି । ଖାଇବାର କୌଣସି ଅସୁବିଧା ହେବ ନାହିଁ । ସେ ଏବେ ଯେପରି ତାର ବାପ ପାଖରେ ଖାଉଥିଲା, ସେହିପରି ବାପ ପାଖରେ ରହିବ ତ ?" ଅତୁଳ ବାବୁ କହିଲେ—"ହଁ । ଖାଇବାର କିଛି ଅସୁବିଧା ହେବ ନାହିଁ । ତେବେ ଆଉ ଏକ ପ୍ରଧାନ କଥା ହେଉଛି ବହିପତ୍ର । ତାହାର ବହିପତ୍ରାଦି କିଣିବ ବାପା !" "ସେଥିପାଇଁ ଚିନ୍ତା ନାହିଁ । ତୋର ବନ୍ଧୁ ସଙ୍ଗରେ ତାର ସବୁ ବହି କିଣି ଆଣିବୁ । ଆଜି ତାକୁ କହିଦେବୁ, ମୁଁ ସବୁ ସୁବିଧା କରିଦେବି, ଆଡ଼ମିସନ୍ ନେବାକୁ ମଧ୍ୟ କିଛି କଷ୍ଟ ହେବ ନାହିଁ ।"

ଅତୁଳ ବାବୁ ମନେ ମନେ ଈଶ୍ୱରଙ୍କୁ ଧନ୍ୟବାଦ ଦେଇ ଶୋଇଗଲେ ।

ଜଗଦୀଶ୍ୱରଙ୍କ କୃପାରୁ ଏବଂ ଅତୁଳ ବାବୁଙ୍କ ପିତାଙ୍କର ଚେଷ୍ଟାରୁ ନବକିଶୋରଙ୍କର ସମସ୍ତ ସୁବିଧା ହୋଇଗଲା । ଦୁଇ ବନ୍ଧୁ ପୂର୍ବବତ୍ ଏକ ସଙ୍ଗରେ ସେଣ୍ଟ୍ରାଲରେ ଅଧ୍ୟୟନ କରିବାକୁ ଲାଗିଲେ । କୈଳାସ ଚନ୍ଦ୍ର

ଆଶ୍ରିତ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମର ଲୋକ ମନେ ମନେ ଅଲୁଅ ବାବୁଙ୍କୁ, ଅନେକ ଆଶୀର୍ବାଦ କଲେ ।

× × × ×

ନବକିଶୋର ଓ ସବୁ ଦୁଃଖକଷ୍ଟଙ୍କୁ ବାଦ ଦେଲେ କୈଳାସଚନ୍ଦ୍ରଙ୍କ ପରିବାର ମଧ୍ୟରେ ଆଉ ଜଣେ ମଧ୍ୟ ଲଳିତାଙ୍କୁ ଭଲ ପାଉ । ସେ ଜଣକ ନବକିଶୋରଙ୍କର ଜନନୀ ଶରଧା ଦେଈ । ସେ ପିଲାଦିନରୁ ଲଳିତାଙ୍କୁ ନିଜର କନ୍ୟା ପରି ଦେଖି ଆସିଛନ୍ତି । ଲଳିତା ରୂପରେ ଯେପରି, ଗୁଣରେ ମଧ୍ୟ ସେହିପରି । ଶରଧା ଦେଈ ତାର ରୂପ ଅପେକ୍ଷା ଗୁଣର ବଡ଼ ପ୍ରଶଂସା କରନ୍ତି ।

ପିଲାଦିନରୁ ନବକିଶୋରଙ୍କ ସହିତ ତାର ଘନିଷ୍ଠତା ଥିବାରୁ ସେ ବହୁ ଦିନରୁ ଚାହୁଁଛନ୍ତି ଲଳିତାକୁ କୌଣସି ମତେ ପୁତ୍ରବଧୂ ରୂପେ ଗୃହକୁ ଆଣି ପାରିଲେ ତାଙ୍କର ଶାନ୍ତି ଜିଣି ଉଠନ୍ତା । ତେବେ ସେ ଗୃହିଣୀ ପଛ ପୁରୁଷଙ୍କ ସ୍ୱାମୀଙ୍କ ମଧ୍ୟ ଦେଖା । ମନ କଥା କିନ୍ତୁ ତାଙ୍କ ପାଖରେ ପ୍ରକାଶ କରି ନ ଥିଲେ । ନବକିଶୋର ଯେତେବେଳେ ମାଟ୍ରିକୁଲେସନ୍ ପାସ୍ କରି ପୁଣି କଟକଠାକୁ ଗଲେ, ଲଳିତାର ସେତେବେଳେ ନବ ଯୌବନ । ପନ୍ଦର ବର୍ଷ ବୟସ । ତାର ରୂପଲାବଣ୍ୟ ସୁନ୍ଦରରୁ ସୁନ୍ଦରତର ହୋଇ ଉଠିଛି । ଶରଧା ଦେଈ ଆଉ ସମ୍ଭାଳି ରଖି ପାରିଲେ ନାହିଁ । କହିଲେ, "ପୁଅ ତ ମୋର ପାଠ ପଢ଼ୁଛି—ମୋର ଆଉ କେତେ ଦିନ ସେ—ଏଥର ତାକୁ ହାତକୁ ଦେଇ ଦେବ ।

ବେଳ ବୁଡ଼ି ଆସୁଛି । ଶ୍ୟାମା ଦେଈ ବସି ସନ୍ଧ୍ୟା ବତୀ କରୁଛନ୍ତି । ଗଙ୍ଗାଧର ଘର ଭିତରେ କିଛି କାର୍ଯ୍ୟବ୍ୟସ୍ତ ଅଛନ୍ତି । ଲଳିତା ଓ ରମା ଭୁଲି କରି ନବକିଶୋରଙ୍କ ସାଙ୍ଗରେ ଖୁବ୍ ଗପୁଛନ୍ତି । ଶରଧା ଦେଈ ଏହି ସମୟରେ ଦାଣ୍ଡ ଦୁଆରୁ 'ଶ୍ୟାମ ବୋହୂ ! ଶ୍ୟାମ ବୋହୂ !' ଡାକି ପଶି ଆସିଲେ । ଶ୍ୟାମା ଦେଈ ଧଡ଼ପଡ଼ ହୋଇ ଉଠି ପିଢ଼ା ଖଣ୍ଡିଏ ମଝିଘରୁ ଆଣି ପକାଇ ଦେଲେ । ଶରଧା ଦେଈ ବସୁ ବସୁ କହିଲେ—"ଗଙ୍ଗାଧର ଘରେ ନାହାନ୍ତି କି ?" ଗଙ୍ଗାଧର ଘର ଭିତରୁ ଆସି କହିଲେ, "ମୁଁ ଏଣେ କୋଠାଏ କାମରେ ଲାଗିଛି । ଏତେବେଳେ କୁଆଡ଼େ ଆସିଲ ?"

“ନାହିଁ, ଟିକିଏ ଭୁଲ ଗୁଲ ଅଛିଲ—ସନ୍ଧ୍ୟାବେଳେ ଘରଟା ଭିତରେ ବସି ବସି ଶୋଇ ଶୋଇ ଭଲ ଲାଗୁ ନାହିଁ ।”

ଗଙ୍ଗାଧର ପିଣ୍ଡାରେ ଆସି ବସିଲେ । ରାଧିକା ଦେଈ ସନ୍ଧ୍ୟାବତୀ ଲୁଗାକୁ ଯଥାସ୍ଥାନରେ ଥୋଇ ଦେଇ ହାତ ଧୋଇବାକୁ ଗଲେ । ଏଥର ସ୍ନେହର ପୁଅ ଜଣଙ୍କର ବହୁତ ଦୁଃଖସୁଖ ଘଟଣା । ନବକିଶୋର ଓ ଲଳିତା ଜନ୍ମଦିନର ପିଲାଦିନର ପାଠପଢ଼ା ଠାରୁ ଆରମ୍ଭ କରି ଆଜିକାଲିର ଚାକିରି କଥା ସବୁ ଚାଲିଲା । ସୁଯୋଗ ଖୋଜି ଶାରଦା ଦେଈ ଯେତେବେଳେ ଅଳ୍ପ କଥାକୁ ଭଲ କରିଲେ, ଗଙ୍ଗାଧର ଓ ରାଧିକା ଦେଈ ଉଭୟେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଭୁଲ ଜଣ ପୁଅଙ୍କୁ ଏ ବୟସ ଦେଇ ଅନେକ ଅଭ କଥାବାର୍ତ୍ତା ହୋଇଥିଲେ । ତାଙ୍କର ମୋଟାମୋଟି ଇଚ୍ଛା, ନବ ସହିତ ଲଳିତାର ବାହାଘର କରାଇ ଦେବାକୁ । କିନ୍ତୁ ସେ ଦୁଇ ପରିବାର ମଧ୍ୟରେ ସମାଜଗତ ଯେ ଗୋଟାଏ ପ୍ରତିବନ୍ଧକ ଅଛି, ସେ କଥା ସୁଦ୍ଧା ସେମାନେ ଭାବିବା ହୋଇନଥିଲେ—ମନର ବାସନା ମନେ ମନେ ମରିଯାଏ । ଗଙ୍ଗାଧର ଓ କୈଳାସଚନ୍ଦ୍ର ଉଭୟେ କରଣ ହେଲେ ହେଁ, ସାମାଜ୍ୟ ତଫାତ୍ ଅଛି । ଗଙ୍ଗାଧରଙ୍କଠାରୁ କୈଳାସଚନ୍ଦ୍ର ଟିକିଏ ଉଚ୍ଚଦରର କରଣ । ପୂର୍ବ ପୁରୁଷରୁ ଏମାନଙ୍କ ସହିତ କିମ୍ବା ଏଥି ଧାରାର କରଣମାନଙ୍କ ସହିତ ତାଙ୍କର ବିବାହ ସମ୍ବନ୍ଧ ନାହିଁ । ବିଶେଷତଃ, ଯେଉଁ ବଂଶ-ମର୍ଯ୍ୟାଦା ନେଇ କୈଳାସଚନ୍ଦ୍ର ଗର୍ବ ଅନୁଭବ କରନ୍ତି, ସେ ଏବେ ସହଜରେ ତା ଭାଙ୍ଗିବ କେମିତି ବାହାରି ବସିବେ !

ଶାରଦା ଦେଈଙ୍କଠାରୁ ଅପ୍ରତ୍ୟାଶିତ ଭାବରେ ଏପରି କଥା ଶୁଣିବେ ବୋଲି ଗଙ୍ଗାଧର କିମ୍ବା ତାଙ୍କର ସ୍ତ୍ରୀ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ । ପ୍ରଥମେ ତାଙ୍କର ବିଶ୍ୱାସ ହେଲା ନାହିଁ । ଶାରଦା ଦେଈ ପୁଣି ଯେତେବେଳେ କହିଲେ, “ମୁଁ ଅନେକ ଦେଖି ମନେ ମନେ ସ୍ଥିର କରିଛି—ତମେ କଣ ସମ୍ମତି ଦେବନି କି ?” ସେତେବେଳେ ଗଙ୍ଗାଧରଙ୍କର ଅନ୍ତର ଆନନ୍ଦରେ ନାଚି ଉଠିଲା । କୃତଜ୍ଞତାରେ ଶାରଦା ଦେଈଙ୍କ ଆଗରେ ତାଙ୍କର ମସ୍ତକ ନଇଁ ପଡ଼ିଲା । ସଙ୍ଗେ ସଙ୍ଗେ ରାଧିକା ଦେଈ ତାଙ୍କ ହୃଦୟର କଥା କହି ପକାଇଲେ । ସେଇ ମୁହୂର୍ତ୍ତରେ ସମସ୍ତ କଥା ସ୍ଥିର ହୋଇଗଲା । କେବଳ କୈଳାସଚନ୍ଦ୍ରଙ୍କର ମତ ଜାଣିବାକୁ ବାକି ରହିଲା ।

ଏହି ଘଟଣାର ପ୍ରାୟ ପନ୍ଦର ଦିନ ପରେ କୈଳାସଚନ୍ଦ୍ର ସାତ ଦିନ ଛୁଟିରେ ଗ୍ରାମକୁ ଆସିଥିଲେ । ଦିନେ ସନ୍ଧ୍ୟା ସମୟରେ ସେ ରମାଧରଙ୍କ ଘରର ଦାଣ୍ଡ ଦୁଆରେ ବସି କଥାବାର୍ତ୍ତା ହେଉଥିଲେ । ଶରଧା ଦେଈ ପାନ ଖିଲ ଧଣ୍ଡି ଦୁହିଙ୍କ ହାତକୁ ବଢ଼ାଇ ଦେଇ ସେଠାରେ ଠିଆ ହୋଇଗଲେ ଏବଂ କିଛି ସମୟ ପରେ ସୁରେଖା କଥା କୈଳାସଚନ୍ଦ୍ରଙ୍କୁ ଲକ୍ଷ୍ୟ କରି କହିଲେ, "ସେଦିନ ଝିଅଟି ଲାଗିଥିଲା ବୋଲି ତମେ ପଖା ଖାଇଲୁ ହେଉଛ ଆସି । ଜାଣିକ, ମୁଁ ଭାଣ୍ଡିକ ମିଛ ଲାଗି ତମକୁ ଅଡ଼ଣାଇଲି ?" କୈଳାସଚନ୍ଦ୍ର ବିସ୍ମୟାବିଷ୍ଟ ଭାବରେ ଶରଧା ଦେଈଙ୍କ ମୁହଁକୁ ଚାହିଁ କହିଲେ—"କଣ ?"

ଶରଧା ଦେଈ ଗଳାଟା ସଫା କରିନେଇ କହିଲେ, "କଣ କି, ଜାଣ ତ ଆମର ପାପ୍ କଟିଲାଣି । ଆମର ବା ଆଉ କେତେ ଦିନ ! ମୁଁ ଚାହୁଁଥିଲି ବ ସ୍ୱାମୀ ଜୀବନରେ ତା ଅନୁଆଣା ଛଣ୍ଡାଇ ଦେଇଥିଲେ ଭଲ ହୁଅନ୍ତା ନାହିଁ ?" କୈଳାସଚନ୍ଦ୍ର ସ୍ତ୍ରୀଙ୍କ ମନୋଗତ ଭାବ ବୁଝି ପାରିଲେ; ଈଷତ୍ ହାସ୍ୟ କରି କହିଲେ—"ହିଁ, ମୋର ମଧ୍ୟ—"

ଶରଧା ଦେଈ ବାଧା ଦେଇ କହିଲେ—"ତମକୁ ଆଉ କିଛି ପରିଶ୍ରମ କରିବାକୁ ହେବ ନାହିଁ । ଭଗବାନ ସବୁ ଯୋଗାଡ଼ କରି ଦେଇଛନ୍ତି । ତମେ ତ ଆମର ରମା ଝିଅକୁ ଦେଖିଛ—ସେ ପିଲାଦିନରୁ ନବ ସଙ୍ଗରେ ଖେଳୁଥିଲା । ଘର୍ ଲକ୍ଷ୍ମୀ ପ୍ରତିମା । ଯେମିତ ଗୁଣ, ସେମିତ ରୂପ । ଲକ୍ଷ୍ମୀଟି ତ, ହେବ୍ ମାନିବ ଆମ ଘରକୁ ଏକା ! ଅତେମ ତ ଜାଣିଣୀ ଆମର ଗତିମତି, —ଏବେ ତମେ ଯା ଭଲ କହିବ ତାହିଁ ଲାଗେଇ ଦେଲେ ହେଲା ।"

କୈଳାସଚନ୍ଦ୍ର ଆଶା କରି ନ ଥିଲେ, ନବର ବାବାଙ୍କ ବିଶ୍ୱସ୍ତରେ ପତ୍ନୀଙ୍କ ମୁହଁରୁ ଏଥର ସାମାନ୍ୟ ପ୍ରସ୍ତାବଟାଏ ଶୁଣିବେ ବୋଲି । ନବକିଶୋର କଲିକତାରେ ପଢ଼ିବା ଦିନରୁ ସେ ମନେ ମନେ କେତେ କଣ ଭାବୁଥିଲେ, ପୁଅ ବିବାହର କେ ସୁନ୍ଦର ଛବି କେତେ ସେ ମନ ମଧ୍ୟରେ ଆଙ୍କି ରଖିଥିଲେ । ସେ ଭାବୁଥିଲେ, ନବ ପରି ଇଂରାଜୀ-ପଢ଼ୁଆ ବାବୁଙ୍କ କଣ ପାତ୍ରୀ ଅଭାବ ହେବେ ? ଶିକ୍ଷିତ ଜମିଦାର ପାଇବା ଆଶାରେ କେତେ ବଡ଼ ଲୋକ ଆସି ତାଙ୍କର ଅନୁଗ୍ରହ ପ୍ରାର୍ଥନା କରିବେ । ସେ ଚେୟାର ସୁନାଗାରେ ଟିକିଏ ଗୋଡ଼ ଲମ୍ବାଇ ବସିବେ । ପ୍ରଥମେ ପାତ୍ରୀଟି ସୁନ୍ଦରୀ ଏବଂ ଶିକ୍ଷିତା ତ ଥା,

ଦେଖିଥିବେ । ତାପରେ ନବ୍ୟ ପ୍ରଚଳିତ ବିବାହର ସର୍ବ୍ୟତାନୁମୋଦିତ ସମସ୍ତ ଦାବୀ କରିବେ । ବାଇସ୍କଲ୍ ପାଇଁ ନଗଦ ଟଙ୍କା ପୁଣି ଭଲ ହଜାର —ଅଙ୍ଗୁଠି ଘଡ଼ି ଫୁଲପେଣ୍ଟ କେତେ ମିଳେ, ସେ ତ ଅଜଣା ନୁହଁ । ପ୍ରକୃତପକ୍ଷେ ତାଙ୍କର ଏ ସବୁ ଚିନ୍ତନାକୁ ନାପସନ୍ଦ କରି ଦୂରି ଉଡ଼ାଇ ଦେବା କୌଣସି ମତେ ଯୁକ୍ତିଯୁକ୍ତ ନୁହେଁ । ସେ ସବୁ ଓଡ଼ିଆ—ଓଡ଼ିଶାରେ ଜନ୍ମ—ସିନା ଜୀବନରୁ କିନ୍ତୁ ବଙ୍ଗଦେଶରେ କଟି ଅସିଛନ୍ତି । ବଙ୍ଗବାସୀମାନଙ୍କର ଗୁଣ-ଚଳଣି, ସଂସ୍କୃତିରେ ନିଜକୁ ଗଢ଼ିଆସିଛନ୍ତି ମଧ୍ୟ । ଅଣ ବଙ୍ଗବାସୀଙ୍କର ବିବାହରେ "ଡାଉରୀ" ପ୍ରଭୃତି ଦାବୀ ଯେପରି ଲୋଭାଏ ଧନୀକଙ୍କୁ ନିଃସ୍ୱ କରାଇଦେଉଛି, ସେସବୁ ଦେଖି ଦେଖି ସେ ନିଜ ପୁଅର ବିବାହ ପାଇଁ ଅନ୍ୟାୟ କଳ୍ପନା କରି ନାହାନ୍ତି । କେବଳ କେତୁ କହିପାରନ୍ତି, ଉତ୍କଳୀୟ ଘରରେ ବଙ୍ଗାଳୀ ଅନୁକରଣ କରିବା ନିଶ୍ଚୟ ହାସ୍ୟାସ୍ପଦ । କିନ୍ତୁ ସେ ଦୋଷଟା କୈଳାସଚନ୍ଦ୍ରଙ୍କର, ନୁହେଁ—ଉତ୍କଳର । ଉତ୍କଳ ପରଦେଶ ଅନୁକରଣ ପ୍ରିୟ । ସେ କଥାରେ ସନ୍ଦେହ ମଧ୍ୟ । କେତେ ଜଣ ସର୍ବଦ୍ରଷ୍ଟା ଲୁଚ୍ଚାମାନଙ୍କୁ ଲକ୍ଷ୍ୟକଲେ ବର୍ତ୍ତମାନ ନବ୍ୟଶିକ୍ଷିତ ଉତ୍କଳୀୟମାନେ ନିଶ୍ଚୟ ନିଶ୍ଚୟ କହିବେ, "କଲିକତା କୈଳାସଚନ୍ଦ୍ରଙ୍କର ସ୍ୱପ୍ନପୁର କଳ୍ପନା !" କାରଣ ବିବାହରେ 'ଦାବୀ' ସେଗୁଡ଼ା ଉତ୍କଳର ଅସ୍ଥିମଜ୍ଜାଗତ ହେବାକୁ ଆଉ ବେଶି ବିଳମ୍ବ ନାହିଁ ବୋଧହୁଏ ।

ପତ୍ନୀଙ୍କଠାରୁ ଏପରି ଅସଂଗତ ବିବାହ ପ୍ରସ୍ତାବଟା ଶୁଣି କୈଳାସଚନ୍ଦ୍ର ବଡ଼ ବିରକ୍ତ ହୋଇଉଠିଲେ । ତାଙ୍କ କଲିକତାରେ ସାଙ୍ଗକରି କୈଳାସ ଚନ୍ଦ୍ର, ଘଟନାସୂତ୍ରଙ୍କ ପୁଅ ନବକିଶୋର ଘଟନାସୂତ୍ର, ତାଙ୍କ ଯୋଗାଏ ମଫସଲର ରଙ୍ଗ ମନ୍ଦ୍ରାନ୍ତି ତିଅ ଲଜ୍ଜା । ଛି ଛି, ନିତାନ୍ତ ଅସଂଗତ ଏ ପ୍ରସ୍ତାବ ! ବରଂ ଟଙ୍କାରେ, ଯାହା ତୋଳିବାକୁ ପଡ଼ିବ ନାହିଁ—ଏ ସମ୍ବନ୍ଧଟା କରି ନଅଗ୍ରେ ଅବା, ଏଥିରେ ତାଙ୍କୁ ମିଳିବ କଣ ? ରଘୁନାଥଙ୍କର ଚାରି ମାଣ ଭୂସମ୍ପତ୍ତି—ସେଥିରେ ସେ କେଉଁଠାରେ ଯାତ୍ରା ସ୍ତ୍ରୀକନ୍ୟାଙ୍କୁ ଚଳନ୍ତି ! ତାଙ୍କ ଭଳି ତ ଅଳ୍ପ କିଛୁ ରୋଜଗାର ତାଙ୍କର ନାହିଁ । ସେ ନା ଘଡ଼ି ଦେବେ, ନା ସାଇକେଲ, ନା ବାଇସ୍କଲ୍, ନା ଫୁଲପେଣ୍ଟ କେଉଁଠି ଭଲ ଦେଇ ପାରିବେ ? ତିଅଟି ବୁଢ଼ି ନିଜ ଅଳଙ୍କାର, ଶ୍ୱଶୁରଘର ମନ ମୁତାବକ ଦେଇ

ପାରୁଛେ କି ନାହିଁ ସନ୍ଦେହ । କି ଆଶାରେ ଶରଧା ଦେଈ ଏ ପ୍ରସ୍ତାବଟା ଏ କହିପକାଇଲେ । କଣ ଲକ୍ଷଣରେ ସୁନ୍ଦର ରୂପ ଦେଖି ? ଲକ୍ଷ୍ମୀ ଏପରି କି ସୁନ୍ଦରୀ ଯେ ! ନନ୍ଦକିଶୋରଙ୍କ ପରି ବାପଙ୍କୁ ତାଠାରୁ ଅଧିକ ସୁନ୍ଦରୀ କନ୍ୟା ମିଳିବେ । ଯାଉ ? ଯାଉ ଇତରେ ସେ ତ ମାଲିକର ଖର୍ଚ୍ଚ ଚାଷ ବି କରୁ ନାହିଁ ।

ନା, କୈଳାସଚନ୍ଦ୍ର ଏପରି ବିବାହରେ କୌଣସି ମତେ ରାଜି ହେବେ ନାହିଁ । ଗଙ୍ଗାଧର ଭାଇଙ୍କର ଲକ୍ଷ୍ମୀମଣି ସମସ୍ତ ଜାଣି ଦେଲେ ସୁଦ୍ଧା ସେ ଏ ବିବାହରେ ମତ ଦେବେନାହିଁ । ଗଙ୍ଗାଧର ତ ଗାଈଟାଏ ଅନୁଷ୍ଠ । ଶାନ୍ତି-ଲତାକୁ କନ୍ୟାଟାଏ ଆଣି ଏପରି ଗୁଣବନ୍ତ ପୁତ୍ରର ଟେକରେ ଟାଣ ଦେବେ ? ଶରଧାର ପାଇଁ ସେ କନ୍ୟାଟା କଳ୍ପିତ ଚିନ୍ତା । ବିବାହ ତ ଏମନ୍ତର କଥା ନୁହେଁ । ତାପରେ ଶତ୍ରୁତାସୂଚକ ଘର ତ ଆଉରି ଘର ନୁହେଁ—ଖାଲି ପୁରୁଷର ବାହ । ଚିନା ସ୍ୱାର୍ଥରେ ଏତେ ବଡ଼ ଭୁଲରେ କଣ ସେ ଡାକି ନେବାକୁ ଦେବେ ? ନା—କିଛି ନ ବାଲେ ତାହା ହୋଇପାରିବ ନାହିଁ । ଶରଧା ଦେଈ କଣ, ନିଜେ ଲକ୍ଷ୍ମୀଦେବୀ ଯଦି ଆସି ଅନୁରୋଧ କରନ୍ତି, ତଥାପି ନୁହେଁ ।

ସ୍ୱାମୀଙ୍କୁ ନିରୁତ୍ତର ଦେଖି ଶରଧା ଦେଈ କହିଲେ—"ଆଜି ହେଉଛି କଣ ? ତୁମର ମତ କଣ, ସେଇକଥା ହେଉଛି ନା ? ତୁମେ ଆମେ ଯେଉଁଠି ଙ୍କ ବନ୍ଧୁତା, ସେ କଣ ନାହିଁ କାହିଁକି ? ସେ ସେମିତି ଅଭଣର ଲୋକ ନୁହେଁ । ତାରି—" କୈଳାସ ଚନ୍ଦ୍ର ବାଧାଦେଇ କହିଲେ—"ଆହେ ତୁମେ ବୁଝି ପାରୁନା । ଏଇ ସେଇଁ ଭମର କଥା, ମୋତେ ବଡ଼ ଚିନ୍ତା ଲାଗେ । ମୁଁ କଣ କହୁଛି, କଣ ଚାହୁଁଛି, କିଛି ନ ବୁଝି ନ ଶୁଝି ମନକୁ ତୋଟାଏ କଥା କହୁଛ ? ମୁଁ କଣ ତୁମର ମତ ଅଲଗା କରିଦେଉଛି ?" ଶରଧା ଦେଈ ସ୍ୱାମୀଙ୍କର ରକ୍ତ ଚକ୍ଷୁ, ବିକୃତ ମୁଖଭଙ୍ଗୀ ଦେଖି ଟିକିଏ ଶଙ୍କିଗଲେ । ଅଭି-ମାନମୃଦୁ ସ୍ୱରରେ କହିଲେ, "ତୁମେ କଣ କହୁଛ ବୁଝ ।"

"ଆଉ କହିବି କଣ ? ତୁମେ ଯଦି ସବୁ ଦେଖି ଜାଣି ପାରୁଛ ? ମୁଁ ଆଉ କଣ କହିବି ?" ଟିକିଏ ରହିଯାଇ ପୁଣି କହିଲେ—"ଦେଖ, ବାହାଘର କରିବ ଯେ—ଖାଲି ତ ଭୁଲରେ ଭୁଲରେ ଏତେ ବଡ଼ କାମଟା ହୋଇ

ଯିବ ନାହିଁ ! ଖୁବ ଉତ୍ସବର ସୁବିଧା ଅସୁବିଧା ପୁଣି ଦେଖିବାକୁ ହେବ । “ଅରେ ମନୁଷ୍ୟ, ମୂଳ ପଇସା !” ଏତା ଅଳ୍ପସାରେ ବି ପିତୃଶ୍ରାଦ୍ଧ କରିବ ହୋଇପାରୁ ନାହିଁ । ହେବ ତ ହେବ—କିଅ ସୁଅଙ୍କର ବଣ ଦେଖୁଁ ପଳାଇ ଯାଉଛ ?”

ଏଥିଲା ଦେଖି ଆଉ ପ୍ରତିବାଦ କରିବାକୁ ସାହସ କଲେ ନାହିଁ ।

---

## ଅଷ୍ଟମ ପରିଚ୍ଛେଦ

ଯଥାସମୟରେ ଡାକ୍ତର ବାବୁଙ୍କୁ ନେଇ ନବକିଶୋର ପହଞ୍ଚିଲେ । ବକ୍ଷ-ପରୀକ୍ଷା ଯନ୍ତ୍ର ସାହାଯ୍ୟରେ ରୋଗୀକୁ ପରୀକ୍ଷା କରି, ଡାକ୍ତର ବାବୁ କହିଲେ—“ନବାବ ନିମୋନିଆ ହୋଇଛି ସତ୍ୟ, ତଥାପି ଭୟର କିଛି କାରଣ ନାହିଁ । ଦିନ ଦୁଇଦିନ ପରେ ଜ୍ୱର ଛାଡ଼ିଯିବ ।” ରୋଗିଣୀ ଦିନ ଦିନ ହେଲେ ବାହାରକୁ ଯାଇ ନ ଥିଲେ । ପିଠିବାଂଧକ୍ରମରେ ଔଷଧ ବ୍ୟବସ୍ଥା କରି ଦେଇ ସାରେ ଡାକ୍ତର ବାବୁ କହିଲେ—“ମୋ ସଙ୍ଗରେ ଜଣେ ଲୋକ ପଠାନ୍ତୁ ନବ ବାବୁ, ସେ ଔଷଧ ନେଇ ଆସିବ । ପ୍ରତି ଦୁଇ ଘଣ୍ଟାରେ ସେ ଔଷଧ ଖାଇବାକୁ ଦେବେ । ଆଉ ଗୋଟାଏ ଟିଣ ଏକା ହେବ, ସେ ଔଷଧ ଛାତିରେ ଲଗାଇବାକୁ ହେବ । ପ୍ରଥମେ ସେ ଟିଣ ସେକାଇ—।” ନବକିଶୋର କହିଲେ—“କଣ ଏଣ୍ଟିଫ୍ଲୋଜିଷ୍ଟିନ୍ କିଣ (Antiflogis tin) ଦେବେ କି ?”

“ହଁ, Antiflogis tin ଦେବ ! ଆପଣ ତାର ବ୍ୟବହାର ଜାଣନ୍ତି ବୋଧହୁଏ ?”

“ହଁ, ଜାଣେ । ଆପଣ ପଠାଇ ଦେଲେ ମୁଁ ବାନ୍ଧି ଦେବି ।”

ପଥ୍ୟାପଥ୍ୟର ବ୍ୟବସ୍ଥା ଦେଇ ଯିବା ସମୟରେ ଡାକ୍ତର ବାବୁ କହିଲେ—“ଆସୁଛି ନବ ବାବୁ !” କାଲି ସକାଳୁ ମୋତେ ଖବର ପଠାଇ-ବାକୁ ଭୁଲିବେ ନାହିଁ ।”

“ଖବର ପଠାଇବି ନାହିଁ କି—ଆପଣ ଅନୁଗ୍ରହ କରି କାଲି ସକାଳୁ ଥରେ ଆସିବେ । ବର୍ତ୍ତମାନ ଆପଣଙ୍କର ଫିସ୍‌ଟା ନିଅନ୍ତୁ । ମୁଁ ଏକୁଟିଆ

ନେବ । ତାଙ୍କୁ ବୋଧହୁଏ କାହାକୁ ପଠାଇ ପାରିବ ନାହିଁ । କାଲୁ ଆସିବେ; ଭୁଲିବେ ନାହିଁ ।" ପାଞ୍ଚଟଙ୍କିଆ ନୋଟ ଖଣ୍ଡି ହାତରେ ଧରୁ ଧରୁ ଡାକ୍ତର ବାବୁ ହସି ହସି ଉତ୍ତର ଦେଲେ—"ଅଚ୍ଛା, ମୁଁ ଆସିବି ; ଆପଣ କିଛି ଚିନ୍ତାରେ ରହନ୍ତୁ ।"

ରୁଗ୍ଣ ପୁଲୁଅଙ୍କର ଅବସ୍ଥା, ନବକିଶୋରଙ୍କର ଖାଇବା ପିଇବା, ଶୋଇବା ପାଇଁ ଚିନ୍ତିତ ହେବା ପ୍ରଭୃତିରେ ସହର ସମସ୍ତ ଅଣ୍ଟୁ ନାହିଁ । ନବକିଶୋର ସ୍ୱତନ୍ତ୍ର ଲୋକ—ରୋଗିଣୀକୁ ଦେଖାଶୁଣା କରିବା, ଗୋଡ଼-ହାତ ଟିକିଏ ଆଉଁଶି ଦେବା, ପଥ୍ୟ ପାଚନ ଦେବା, ଏ ସମସ୍ତ ବୁଝିବା ପାଇଁ ଲଳିତା ଭଳି ଆଉ କେହି ନାହାନ୍ତି । ସେ'ଥର ସନ୍ଧ୍ୟାବେଳେ ଶରଧା ଦେଈଙ୍କୁ ଦେଖିବାକୁ ଆସି ଏ ସମସ୍ତ ଅସୁବିଧା ବୁଝି ପାରିଲେ । ଯିବାବେଳେ ଲଳିତାକୁ କହିଗଲେ, "ତୋର ଘରେ ତ କିଛି କାମ ନାହିଁ । ତୁ ଏବେ ଏଠାରେ ରହ—ଆଉ କାହିଁକି, ସ୍ୱାମୀଙ୍କର ଦେହ ଭଲ ହେବା ଯାଏ ତୁ ଏଠାରେ ଥା ।" ନବକିଶୋରଙ୍କର ହୃଦୟ ଆନନ୍ଦରେ ନାଚି ଉଠିଲା । ସେ ମନେ ମନେ କହିଲେ, "ସାକ୍ଷାତ୍ ଦେବୀ, ବଞ୍ଚିଗଲି ମନୁଷ୍ୟ !"

ଲଳିତା ନିଜର ଖାଇବା ପିଇବା ଭୁଲି ମନପ୍ରାଣ ଢାଳି ଦେଇ ଶରଧା ଦେଈଙ୍କର ସେବାଶୁଶ୍ରୂଷାରେ ଲାଗିଗଲା । ଏତେ ସେବାଯତ୍ନ ସତ୍ତ୍ୱେ ରୋଗିଣୀଙ୍କର ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଲା । ଡାକ୍ତର ବାବୁ ପ୍ରଥମେ ଯେଉଁ ଦିନ ଆସିଥିଲେ, ତା'ର ଠିକ୍ ଦଶ ଦିନ ପରେ ଅବସ୍ଥା ବଡ଼ ସଙ୍ଗୀନ ହୋଇଉଠିଲା । ରୋଗିଣୀ ଘନ ଘନ ସଂଜ୍ଞା-ଶୂନ୍ୟ ହେବାକୁ ଲାଗିଲେ । ସେଦିନ ଡାକ୍ତର ବାବୁ ଦୁଇ ଥର ଆସି ଇନ-ଜେକ୍‌ସନ୍ ଔଷଧ ଦେଇଗଲେ । କହିଗଲେ, "ଆଉ ଘଣ୍ଟା ଟିକିଏ ଜଗିବାକୁ ହେବ; ଏ ରାତିଟା କଟିଗଲେ କାଲିକି ଆଉ ବଡ଼ ଭୟ ନାହିଁ ।"

ଏସବୁ କଥା ଶୁଣି ଲଳିତା ପୂର୍ବରୁ ବଡ଼ ଭୟ କରୁଥିଲା । ଆଜି ଡାକ୍ତର ବାବୁଙ୍କର ଏପରି କଥା ଶୁଣି ତାର ବକ୍ଷ-ପିଞ୍ଜର ଥରି ଉଠିଲା । ମନେ ମନେ କହିଲା, "ହେ ଭଗବାନ ! ଦୁଃଖୀ ଦୁଃଖ ହର, ଆଜି ରାତିଟା କପରି ଭଲରେ କଟି ଯାଉ । ତୁମେ ସହାୟ ହୁଅ ପ୍ରଭୁ ! ବଡ଼ ବୋଉକୁ ତୁମେ ଶୀଘ୍ର ରୋଗମୁକ୍ତ କରିଦିଅ ।"

ଗୁଡ଼ ବାରଟା ହେବ । ସବୁ ସେତେବେଳେ ପଛୁ ଡାକିଲ, "ଆରେ ନବ, ତୁ ଗଣ୍ଡେ ଖାଇ ଦେଇ ଯା । ତୁ ଖାଇ ସାରିଲେ, ଲଳିତା ଖାଇବ ପରା ? ସେ ଆଜି ବଡ଼ କଷ୍ଟ ପାଉଛି ବାପୁରା ! 'ହେବା ହୋଇ ନାହିଁ, ହୋଇ କହୁ ସକାଳେ ତ କିଛି ଖାଇ ନାହିଁ । ଗୁଡ଼ ଅଧ ହେଲାଣି—ଦେହରେ ତାକୁ ଝୋଳ ମାଡ଼ିଯିବଣି । ଆ, ତୁ ବସିଲ ଗଣ୍ଡେ ଖାଇଦେଇ ଯା ।"

"ମୋର ତ ଦେହକ ହେଉ ନାହିଁ ଏଣା । ମୁଁ ଖାଇବ ନାହିଁ, ତୁମେ ଯୁଦ୍ଧେ ଖାଇ ନିଅ—" ଏହା ଉତ୍ତରୁ ନବକିଶୋର ବିରକ୍ତ ହେଲେ । ସବୁ କହିଲ, "ଆରେ ମୋର ପରା ଅଜି ଏକାଦଶୀ । ତୁ ଆଗ ପଟା ଖାଇ ଯା, ତୁ ନ ଖାଇଲେ ସେ କିଣ ଖାଇବ କି ? କାଲି ତ କହୁ ବାଢ଼ ଥିଲା ନା, ହେଲ ନାହିଁ—ତୁ ଖାଇ ସାରିଲ ପରେ ଅବେଳ ଉପରେ ଯାଇ ଖାଇଲି ।" ନବକିଶୋର ବାରଣ୍ଡାରେ ଉଠିଗଲେ ।

ସବୁ ହାତ ଧୋଇ ଦେଇ ଲଳିତାକୁ ଲକ୍ଷ୍ୟ କରି କହିଲ, "ମୁଁ ଜାଣି ହୋଇ ଅଛିତ, ନବ ଖାଇ ସାରିଲେ ତୁ ଖାଇବୁ । ମୋ ମୁଣ୍ଡଟା ଭାଙ୍ଗିକ ଯାଉ ହେଲାଣି, ମୁଁ ଅଳ୍ପ—।" ଲଳିତା କହିଲ, "ଯା ଅପା, ତୁମେ ଟିକିଏ ସୋଇପଡ଼ିବ । ମୋତେ କିଛି ମାଗିଲେ ତମକୁ ଉଠାଇ ଦେବି । ଗୁଡ଼ଟା ଯାଏ କିଣ ସମସ୍ତେ ଭଳାଘର ହେବା ?" ସବୁ ସେଥିରୁ ପାଲର ଗୋଟାଏ କିଣରେ ସପଟାରେ ଢଳିଗଲ ।

ନବକିଶୋର ଖାଇ ସାରିଲ ବେଳକୁ ଶରଧା ହେଉଛି ଦେହରୁ ଝାଳ ଗାଣି ପଡ଼ ବୋହୁଛି—ଲୋପ ପାଣ୍ଡି ସବୁ ଭିଜିଗଲଣି । ଲଳିତା ଗୋଟାଏ ପଞ୍ଜାମରେ ବାଆଁ ବିଞ୍ଚୁ ବିଞ୍ଚୁ କହିଲ, "ତମେ ସେ ଗୁଡ଼ାର ଖଣ୍ଡି ଆଣି ବୋଉଙ୍କୁ ଆଗ ଦୋହି ଦେବଟି । କାଆଁ ହୋଇଗଲ ଅଛି—ଲୁଣ ବେଢ଼ିଟି ଅଛି ଅଣିଲା, ପୂଜା କରି ସେବିବାକୁ ହେବ ।" ନବକିଶୋର ବୋଉଙ୍କ ଦେହରୁ ଝାଳ ପୋଛି ଦେଇ କହିଲେ, "ତୁ ଖାଇବୁ ଯା । ମୁଁ ଆପାକୁ ଡାକି ଦେଉଛି । ସେ—।"

"ନା, ନା, ଅପାକୁ ଡାକ ନାହିଁ । ସାରା ଦିନସାରା ଖଟିଲଣି ପରିଶ୍ରମ—ସେଥିରେ ପୁଣି ଏକାଦଶୀ ଉପବାସ । ତାଙ୍କର ମୁଣ୍ଡ ବିନ୍ଧୁଛି—ତାଙ୍କୁ ଉଠାଅ ନାହିଁ, ତମେ ନ ପାରିବ ତ ମୁଁ କିଣି ଖୋଜି ଆଣୁଛି ।"

"ଲୁଣ କଥା କହୁ ନାହିଁ ମ । ତୁ କ'ଣ ସେଇ ଗଣ୍ଡାଏ ଖାଇଛୁ ?"

ଲଳିତା ଥରେ ହସିଦେଇ ଗମ୍ଭୀର ହୋଇ କହିଲା, "ଏକାଠି ଭାତରେ ଖାଇବା ବଡ଼ା କେଉଁ ମହାପାପ ନାହିଁ । ତମେ ଥରେ କହ ଦିହ ବନ୍ଧୁତା— ମୋ କଥା ମାନ, ଅଶାନ୍ତି ଆଉ ଦିନେ ଉଠାଅ ନାହିଁ । ତମକୁ ବଳିଷ୍ଠ ହେଉଛି ତ ସେଥିପାଇଁ ଦୋହଲୁଛି ।" ଲଳିତାର ଏପରି ଛାଣି ଛାଣି କଥା ଶୁଣି ନବକିଶୋର ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ । ଏ କ'ଣ ! ସେ ତ ଲଳିତା ମୁହଁରୁ ଏପରି କଥା କେବେ ଶୁଣି ନାହାନ୍ତି । ସର୍ବଦା ଲଜ୍ଜାଶୀଳା ଲଳିତା ମୁହଁରେ, ବିଶେଷତଃ ନବକିଶୋରଙ୍କ ପ୍ରତି ଏପରି କଡ଼ା କଥା କାହିଁକି ? ଅନାହାର, ଅତ୍ୟଧିକ ପରିଶ୍ରମ, ତାପରେ ପୁଣି ଅନିଦ୍ରା, ଏହି ସବୁ କାରଣରୁ ବୋଧହୁଏ ମୁଣ୍ଡ ଗରମ ହୋଇ ଯାଇଛି । ଯାହା ହେଉ, ସେ ବିଷୟ ଭାବିବାକୁ ନବକିଶୋରଙ୍କର ଅବସର କାହିଁ ? ସେ ତତ୍‌କ୍ଷଣାତ୍ ଉଠି ଯାଇ ଲୁଣପିଆଜ ଘେନି ଆସିଲେ । ଲଳିତାର ଆଉ ପ୍ରସ୍ତୁତ ହୋଇ ସାର-ଥିଲା । ସେ ଲୁଣଗୁଡ଼ା ବାଢ଼ି ଦେବାକୁ ଆଗେଇ ଗଲା । ନବକିଶୋର ନିଜ ହାତ କର୍ଷିକୁ ଦେଖାଇ ବୋଉଙ୍କ ପାଦ ଛୁଇଁବାକୁ ଲାଗିଲେ ।

ଠିକ୍ ସେହି ମୁହୂର୍ତ୍ତରେ ଶାରଧା ଦେଈଙ୍କର ନିଦ ଭାଙ୍ଗିଗଲା । ସେ ଆଖି ମେଲି ଚାହିଁଲେ । ନବକିଶୋର ଡାକିଲେ "ବୋଉ ! ବୋଉ !" ଶାରଧା ଦେଈ ଅସ୍ପଷ୍ଟ ସ୍ୱରରେ କହିଲେ "ନବ, ଆ ମୋ ପାଖକୁ ଟିକିଏ ଆ ।" ନବକିଶୋର ମୁଣ୍ଡ ପାଖକୁ ଗଲେ । ଶାରଧା ଦେଈ କହିଲେ "ତୁ ଖାଇଲୁଣି ?"

"ହଁ ।"

ଶାରଧା ଦେଈ ନବକିଶୋରଙ୍କ ମୁହଁକୁ ନିର୍ବାକ୍ କାତର ଭାବରେ କିଛିକ୍ଷଣ ଚାହିଁ ରହିଲେ । ପୁଣି ପଚାରିଲେ—"ବୋହୂ ଖାଇଲାଣି ?" ନବକିଶୋର ଅପ୍ରସ୍ତୁତ ଭାବରେ ଥରେ ବୋଉଙ୍କ ମୁହଁକୁ, ଥରେ ଲଳିତା ମୁହଁକୁ ଚାହିଁବାକୁ ଲାଗିଲେ । ଶାରଧା ଦେଈଙ୍କର ଏପରି ପ୍ରଶ୍ନରେ ଲଳିତା ମଧ୍ୟ କମ ଆଶ୍ଚର୍ଯ୍ୟ ହୋଇ ନାହିଁ । ବୋହୂ କିଏ ? ସେ କିଛି ସମୟ ଧରି ପାଖ ନବକିଶୋରଙ୍କ ମୁହଁକୁ ଜିଜ୍ଞାସୁ ନୟନରେ ଚାହିଁ ରହିଲା । ନବକିଶୋର ଭାବିଲେ, ଏ ନିଶ୍ଚୟ ପ୍ରଳାପ ବକି ଅଛନ୍ତି ବୋଧେ । ଶାରଧା ଦେଈ

ଅଳ୍ପ ପରେ ପଚାରିଲେ, "କରେ କଣ୍ଣ ନାହିଁ କହ ? ବୋହୂ ଖାଇ ନାହିଁ ?" ନବକିଶୋର କହିଲେ, "ହଁ, ତୋର ଦେହ ବର୍ତ୍ତମାନ କିପରି ଲାଗୁଛି ?" ଶାଶୁ ଦେଈ କିଛି ଉତ୍ତର ନ ଦେଇ ବାମପାଖ ଆଡ଼କୁ ମୁହଁ କରି ଶୋଇଲେ । ଲଳିତା ବହୁତ ଚେଷ୍ଟା କରି ଔଷଧ ପାଟିରେ ପିଆଇ ଦେଲା । କିଛିକ୍ଷଣ ପରେ ଶାଶୁ ଦେଈ ନିଦରେ ଶୋଇଗଲେ । ଲଳିତା ଅଗଣାକୁ ଉଠିଗଲା ନାହିଁ ପାଖରେ ବସି ବସି ବାଡ଼ ଗଣିବା ବୋଧ ହେଉଥିଲା । କିଛି ସମୟ ପରେ ନବକିଶୋର ଅଗଣାକୁ ଗଲେ; କହିଲେ "ଲଳିତା ! ତୁ ଯା ଗଣ୍ଡେ ଖାଇଦେବୁ । ଦିନ ତମାମ ଉପବାସରେ ତୋର କଷ୍ଟ ହେଉଥିବ ।" କିନ୍ତୁ ଉତ୍ତର ପାଇଲେ ନାହିଁ । ପୁଣି ଡାକିଲେ, "ଲଳିତା !" ଲଳିତା କାନ୍ଦୁଥିଲା । ଏ କଣ ? ନବକିଶୋର ତା ପାଖରେ ବସିପଡ଼ି ତା ସୁକୋମଳ ଶରୀର ଧରି ଟେକି ଦେଲେ । ତତ୍‌କ୍ଷଣରେ ଝକ୍ ଝକ୍ ଦିଶିଲା ନେତ୍ରକୋଣରେ ମୁକ୍ତାଧାରନିନ୍ଦୀ ଲୁହଧାର ଅଶ୍ରୁ । ନବକିଶୋର ଚମକି ଉଠିଲେ । ତାଙ୍କର ହୃଦୟ ଯେ କପର ବେଦନାରେ ଅଭିଭୂତ, ଆନ୍ଦୋଳିତ ହୋଇଉଠିଲା, ତାହା କଳ୍ପନାରେ ଅନୁଭବ୍ୟ ହେବନି । ସେତେବେଳେ ସେ ଯେପରି ବାତୁଳ ହୋଇ ଉଠିଲେ, ମୂର୍ଚ୍ଛା ମାଆଙ୍କ ମରଣର ଦୁଆରେ ଛିଡ଼ା ହେବାର ଦେଖି ମଧ୍ୟ ତାଙ୍କର ସେପରି ଦୁଃଖପ୍ରବଣ ହୋଇ ନ ଥିଲା । ଲଳିତା ଲାଗି ସିନା ତାଙ୍କର ତୋଟି ଅସହାୟ ବସି ରହିଛନ୍ତି । ଲଳିତା କଣ ନ କରିଛି ? ତାର ଅକ୍ଳାନ୍ତ ପରିଶ୍ରମ ଓ ଅହର୍ନିଶ ସେବା ଶୁଶ୍ରୂଷା ଯୋଗୁଁ ସିନା ସେ ବୋଉଙ୍କୁ ଦେଖିବାକୁ ପାଉଛନ୍ତି । ଲଳିତା ଯେ ଶାଶୁ ଦେଈଙ୍କର ଜୀବନଦାତ୍ରୀ । ସେ କଣ ଏତେ କଠୋର, ନିର୍ମମ, ପାଷାଣ ହୋଇ, ଜୀବନର ଜୀବନଦାତ୍ରୀ ପ୍ରତି କୃତଜ୍ଞତା ପ୍ରଦର୍ଶନ କରିବେ ନାହିଁ ? ତାର ନେତ୍ରରେ ଅଶ୍ରୁବିନ୍ଦୁ ଦେଖି ତାଙ୍କର ଅନ୍ତର୍ଦାହ ଉପସ୍ଥିତ ହେବ ନାହିଁ ? ନବକିଶୋରଙ୍କର ଚକ୍ଷୁ ସ୍ଥିର ହୋଇଗଲା । ନିର୍ବାକ ନିସ୍ପନ୍ଦ ଭାବରେ ସେ ରହିଗଲେ ।

ଅନେକ ପରେ ଚେତନା ଆସିଲା । ଲଳିତାକୁ କୋଳକୁ ଟାଣି ଆଣି ତାର ମସ୍ତକରେ ହସ୍ତ ସଞ୍ଚାଳନ କରୁ କରୁ କହିଲେ—"ଲଳିତା ! କଣ ତୋର ଦୁଃଖ ନାହିଁ କି ? ବୋଉର ସେବାଶୁଶ୍ରୂଷାରେ ଭଲ ତୋର ଶରୀର କିଛି ବୁଝି ପାରୁ ନାହିଁ । ଆଜି ଦିନ ତମାମ ତୁ କିଛି ଖାଇ ନାହୁଁ । ସେତେବେଳେ...!"

ଲଳିତା ତାଙ୍କର ଗଳାରେ ବାହୁଦ୍ୱୟ ବେଷ୍ଟନ କରି ଉଚ୍ଚସ୍ୱରରେ କାନ୍ଦିବାକୁ ଲାଗିଲା । ସେ ଆଉ କିଛି କହିପାରିଲେ ନାହିଁ । ଶତ ଚେଷ୍ଟା କରି ଲଳିତାର କ୍ରନ୍ଦନ ବନ୍ଦ କରିପାରିଲେ ନାହିଁ ମଧ୍ୟ । ତାଙ୍କର ହୃଦୟ ଶତଧା ବିଦୀର୍ଣ୍ଣ ହେବାକୁ ଲାଗିଲା । ସେ ଧୈର୍ଯ୍ୟ ଧରି ନ ପାରି ଲଳିତାକୁ ଆଉ ଟିକିଏ ଜୋରରେ ଟାଣି ଆଣି ହୃଦୟରେ ଜାକି ଧରିଲେ ଏବଂ ଶିଶୁଟି ପରି ବିକି ବିକି ହୋଇ କାନ୍ଦିବାକୁ ଲାଗିଲେ । ଏହିପରି କେତେ ସମୟ ଅତି-ବାହିତ ହୋଇଗଲା, ଜଣା ନାହିଁ । କ୍ରମେ ଉତ୍ତେଜନାର ବେଗ କମିଆସିଲା । ହୃଦୟର ଆବେଗ, ଅସ୍ଥିରତା, ଅଧୀରତା କମି ଆସିଲା । ନବକିଶୋର କହିଲେ, "ମୋ ସୁନା ଲଳିତା, ସତ କହ—ତୋର.....।" ଲଳିତା ତାର କୁସୁମ-ପେଲବ କମନୀୟ କର-ସ୍ପର୍ଶରେ ନବକିଶୋରଙ୍କର ମୁଖ ଚାପି ଧରିଲା । "ଛି, ପିଲାଙ୍କ ପରି କୋଉଠାଏ ପାଗଳପଣ କଣ ?" ନବକିଶୋର ଲଳିତାର ହସ୍ତ ଦୁଇଟି ଜୋର ଧରି କହିଲେ—"ତେବେ କହ ତୋର କି ଦୁଃଖ ?" ଲଳିତା ଈଷତ୍ କାନରେ ଅଶ୍ରୁମୋଚନ କରି କହିଲା, "ତୁମ ପାଖରେ ଥିଲେ ମୋର ଆଉ ଦୁଃଖ କଣ ? ତୁମେ କଣ ଜାଣନା, ତୁମକୁ ଦେଖିଲେ ମୋର ସବୁ ଦୁଃଖ ଦୂର ହୋଇଯାଏ ?"

"ମିଛ କଥା ! ନିତାନ୍ତ ମିଛ କଥା ଏ । ଦୁଃଖ ନ ହେଲେ ଆଖିରୁ ତେବେ କାହିଁକି ପାଣି ବାହାରେ ନାହିଁ ।"

ଲଳିତା ଆଉ କିଛି କହିଲା ନାହିଁ । ତାର ବା ଆଉ କଣ କହିବାକୁ ଥିଲା ? ମିଛ ତ କହୁଛି । ନବକିଶୋରଙ୍କ ବକ୍ଷରେ ମୁହଁ ଲୁଚାଇ ନୀରବ ଭାବରେ ପଡ଼ି ରହିଲା । ନବକିଶୋର ତାର ସୁନୀଳ କୁନ୍ତଳଦାମରେ କର-ସଂଚାଳନ କରୁ କରୁ କହିଲେ—"ତେବେ ତୁ ଏ ପର୍ଯ୍ୟନ୍ତ ମୋତେ ବିଶ୍ୱାସ କରିପାରୁ ନାହିଁ ?"

କିଛିକ୍ଷଣ ଅତିବାହିତ ହୋଇଗଲା । କାହାରି ମୁଖରେ କଥା ନାହିଁ । ଲଳିତା ଭାବୁଥିଲା, ନବକିଶୋର ଆଉ କିଛି ପଚାରିବେ ନାହିଁ—ଅଭି-ମାନରେ ରହିଲେଣି । ସେ ନବକିଶୋରଙ୍କଠାରୁ କେବେ ଅଗାଧ ଅନୁଗ୍ରହ ପାଉଥିଲେ ମଧ୍ୟ, ସେ ସମସ୍ତ ଗୋପନ କରି କହିଲା, "ତୁମେ ମୋତେ ଅବିଶ୍ୱାସ କରୁଛ ?" ନବକିଶୋର ଅନ୍ୟମନସ୍କ ଭାବରେ କହିଲେ—"ଅବିଶ୍ୱାସ କରୁ ନାହିଁ । ତେବେ— ।"

“ବାପ ବୋଉଙ୍କର କଥା ଶୁଣି ମନରେ ବଡ଼ କଷ୍ଟ ହୋଇଥିବ; ସେଥିପାଇଁ ବାହାରକୁ ଚାଲି ଆସିଥିବ । ତା ପରେ...... ।”

“ଲଳିତା, ସତ୍ୟ କହ—ମୋତେ ଭୁଲି ଯିବ ନା ।”

ଲଳିତାର ଉତ୍ପଳାଭ ନୟନଯୁଗଳରୁ ଝରଝର ଧାରରେ ଲୋତକ ବହି ଗଲା । ନବକିଶୋରଙ୍କ ବକ୍ଷସ୍ଥଳରେ ଅଶ୍ରୁମୋଚନ କରି ସେ କହିଲା,—“ଆମେ ସବୁ ପାଖରେ ଥିଲେ ତୋର କି ଚିନ୍ତା । ବାପ ବୋଉଙ୍କ ଆଉ ଯେପରି ହେଲେ...... ।” ଏହି ପର୍ଯ୍ୟନ୍ତ ; ଆଉ ସେ ଅଗ୍ରସର ହୋଇପାରିଲା ନାହିଁ । ଅଶ୍ରୁସିକ୍ତ ନୟନରେ ତାର ଦୁଃଖକାଳିମାଚ୍ଛନ୍ନ ପାଣ୍ଡୁର ମୁଖମଣ୍ଡଳକୁ ନବକିଶୋର ଚାହିଁ ରହିଲେ କେତେକାଳ । କିଛି ପରେ ଲଳିତା ପୁଣି କହିଲା—“କେତେବେଳେ ବାହାର କଣ…କିଛି ଦେଖିବାକୁ…… ।” ତାର ଧୈର୍ଯ୍ୟର ଆଉ ସମ୍ଭାଳନ ନାହିଁ । ଦୁଃଖ-ତରଙ୍ଗାଘାତରେ ଦେହଟି ଅବଶ ହୋଇ ଆସିଲା । ସେ ନବକିଶୋରଙ୍କର ବକ୍ଷଦେଶକୁ ନିଜର ବାହୁବେଷ୍ଟନୀ ମଧ୍ୟରେ ରଖି ଉଚ୍ଚସ୍ୱରେ କାନ୍ଦିବାକୁ ଲାଗିଲା । ଏତେବେଳେ ବୁଝିପାରିଲେ ନବକିଶୋର, ଲଳିତାର ଦୁଃଖ କାହିଁକି ? ଲଳିତା ତାଙ୍କର ବିବାହର ଭାବନାରେ ଏକାନ୍ତ ଦୁଃଖିତା, ବ୍ୟଥିତା ଏବଂ ମ୍ରିୟମାଣା । ନବକିଶୋରଙ୍କର ଅସୀମ ଚିନ୍ତା ହୋଇଆସିଲା । ସେ ଆଦର କରି ତାର ନବନୀତ-କୋମଳ ଶରୀରରେ ହସ୍ତ ସଞ୍ଚାଳନ କରି ସାନ୍ତ୍ୱନା ଦେବାକୁ ଲାଗିଲେ ।

---

## ନବମ ପରିଚ୍ଛେଦ

ସୂର୍ଯ୍ୟ ଅସ୍ତ ହୋଇ ଗଲେଣି । ଧରଣୀବକ୍ଷରୁ ତାଙ୍କର ଶେଷ ରକ୍ତିମ ଛଟାର ମୃଦୁ ହାସ୍ୟ ସମ୍ପୂର୍ଣ୍ଣ ଲିଭି ଯାଇ ନାହିଁ । ଆଉ ଅଳ୍ପ ସମୟ ପରେ ଅନ୍ଧକାର ମାଡ଼ି ଆସିବ ବୋଲି ମନୁଷ୍ୟ, ପଶୁପକ୍ଷୀ ସମସ୍ତେ କାର୍ଯ୍ୟବ୍ୟସ୍ତ । ସତେ ଯେପରି ନୂତନ ଜୀବନ୍ୟାସ ନେଇ ପାଇ ଧରଣୀ ବର୍ତ୍ତମାନ ଜାଗି ଉଠିଛି । ଧରଣୀର ସେହି ମହାଜାଗରଣ ସମୟରେ ନବକିଶୋର ଗୋଟିଏ କ୍ଷୁଦ୍ର ପ୍ରକୋଷ୍ଠରେ

ଗାଇବ କଣ୍ଠନ୍ ସ୍ୱରରେ ପଢ଼ିଚାଲନ୍ତି; ଆଉ ତାଙ୍କ ନିକଟରେ ଲଳିତା ବସି ଅନ୍ୟମନସ୍କ ଭାବରେ ଗୋଟିଏ ପୁସ୍ତକର ପୃଷ୍ଠା ଓଲଟାଇ ଯାଉଛି । ସଂସାରର ଚଞ୍ଚଳତା, ବ୍ୟସ୍ତତା ପ୍ରତି ତାହାର ଦୃଷ୍ଟି ନାହିଁ, ଭ୍ରୂକ୍ଷେପ ନାହିଁ ମଧ୍ୟ । କେତେ ସମୟ ପରେ ଲଳିତା ପୁସ୍ତକ ଉପରେ ଦୃଷ୍ଟି ରଖି କହିଲା— “ଆଜି ଯିବାକୁ କେବେ କହୁଛ ?” ନବକିଶୋର ମୁଖ ଟେକିଲେ । ଧୀର ଏବଂ ମୃଦୁକଣ୍ଠରେ କହିଲେ—“ଶ୍ରୀକୃଷ୍ଣଙ୍କ ବେଣୀ ଦାନ ହେଲେ କଅଣ ହେବ, ପଢ଼ାପଢ଼ି ବନ୍ଦ ଅଛି । ମୁଁ ବାର ଦିନ ପାଇଁ ଆସିଥିଲି, ଏବେର ଦିନ ହୋଇଗଲାଣି । ଅଧିକ ବାବୁ ମୋତେ ଖୁବ୍ ପଢ଼ାପଢ଼ି ଆରମ୍ଭ କରୁ ନ ଥିବେ । ବୋଉର ଦେହ ତ ଭଲ ହୋଇଗଲାଣି; ଖାଲି ଦୁର୍ବଳତା ଅଛି ଟିକେ । ଏହି ‘ଟନିକ୍’ଟା ଅଧିକ ଦିନ ଖାଇଲେ ଭଲ ହୋଇଯିବ । ମୁଁ ଆଉ ଏଠାରେ ବୃଥାରେ ବସି ପଢ଼ାପଢ଼ି ନଷ୍ଟ କରିବି କାହିଁକି ?” ନବକିଶୋର ଏତେଗୁଡ଼ାଏ କଥା କହିଗଲେ । ସେ ସମସ୍ତ ଲଳିତାର କାନକୁ ଗଲା କି ନାହିଁ କେଜାଣି, ସେ ସେହିପରି ପୁସ୍ତକର ପୃଷ୍ଠା ଓଲଟାଇବାରେ ବ୍ୟସ୍ତ ।

କିଛିଏ ପରେ ନବକିଶୋର କହିଲେ, “ଏତେ ଚିନ୍ତା କଣ ? ଆମ ଦେଶର ତ ଏହି ଦୁର୍ଦ୍ଦଶା । ମୁଁ ଦେଖୁଛି, ଉତ୍କଳ-ରମଣୀମାନଙ୍କର ଅବସ୍ଥା କହିବା ଭଳି ନାହିଁ । ପୁରାଣ ଇତିହାସରୁ ଜଣାଯାଏ, ଏ ଦେଶର ରମଣୀମାନେ ଏକେ ସ୍ୱାମୀ, ପୁତ୍ରଙ୍କୁ ଯୋଦ୍ଧା ବେଶରେ ସଜାଇ ସମର ପ୍ରାଙ୍ଗଣକୁ ପଠାଇ ଦେଉଥିଲେ; କିନ୍ତୁ ଆଜି ଆଖିରେ ଦେଖୁଛୁ, ତାର ଠିକ୍ ଓଲଟା । ଏପରି କି, ସନ୍ତାନକୁ ନିଜଠୁ ଟିକେ ବାହାରକୁ ଦୂରର ଅନ୍ତରାଳକୁ ଯିବାକୁ ଦେଇ ନାହାନ୍ତି । ଏ ଦେଶର ଆଉ ମଙ୍ଗଳ ହେବ କଣ ? ଅନ୍ୟ କଥା କଣ କହିବି । ତୁ ଏସବୁ ଶିଖିଛୁ ? ଭଲ ମନ୍ଦ ବୁଝିବାର ଶକ୍ତି ତୋର ଅଛି !” ଲଳିତା ମୁଖ ଟେକିଲା । ଈଷତ୍ ହାସ୍ୟ କରି କହିଲା, “ନା, ଭଲ ମନ୍ଦ ବୁଝିବାର ଶକ୍ତି ଏବେ ପୁରୁଷମାନଙ୍କର ଅଛି !” ସେହି ପଦେମାତ୍ର କଥାରେ ସ୍ୱରର କମ୍ପିତ ଓଷ୍ଠାଧରରେ ମିଳାଇ ଗଲା, ଦାରୁଣ ଦୁଃଖରେ ମସ୍ତକ ନଇଁ ପଡ଼ିଲା । କେତେ କଥାସବୁରେ ପୁସ୍ତକର ପୃଷ୍ଠାକୁ ଲୁଚାଇବାକୁ ଲାଗିଲା । ନବକିଶୋର ଲଳିତାକୁ ନିକଟକୁ ଟାଣିନେଇ କହିଲେ—“ତମର

ନାସ୍ତିକବାଦୀ ବଡ଼ ଦୁର୍ବଳ । ସାମାନ୍ୟ କାରଣରେ ବଡ଼ ଅଥୟ ହୋଇଯାଏ । ହଁ, ତୁ ତୁମ କିଛି ଏପରି ଅବସ୍ଥା ହୋଇଛି ।" ଲଳିତା ନବକିଶୋରଙ୍କର ମୁହଁକୁ ଚାହିଁଲା 'ଶୈତ୍ୟପ୍ରାପ୍ତ ଗାଲ-କମଳ-ଆଖି ପୋଛିଦେଲା । ନବ-କିଶୋର ପଚାରିଲେ "ତୋର କଣ ଡରିବାର ଅଛି ନା କଣ ।"

"ନା, ବିଶେଷ କିଛି କହିବାର ନାହିଁ । ଆଉ ପୁଣି କେବେତ ଆସିବ ?"

"ପୂଜା ଛୁଟିରେ ।"

"ପହଞ୍ଚି ଚିଠି ପଠା ଦେବ ।"

"ନିଶ୍ଚୟ ।"

"ତୁମେ ମୁହଁର କଥାକୁ କାମରେ ଦେଖେଇ ପାରନା । ଚିଠି ଦେବାରେ ବଡ଼ ହେଳା କରୁଛ । ପୁଣି ଗୁରୁ ଦିନରେ ପଠି ଦେବାକୁ ହେବ ଏଥର !"

"ବୁଝିଲି, ହେଉ କଥା ହେଲା । ତୁ କହୁ—"

"ମୋ ମୁଣ୍ଡରେ ହାତ ଦେଇ କହ ଯା ।"

"ହଁ, ଲଳିତା ! ସେ ଗୋଟାଏ କଣ ? ମୁଁ କେବେ ମିଛ କହେ ?" ଲଳିତା ଗଳବଟେ ଅସ୍ପୃଶ୍ୟମାନଙ୍କ କଣ୍ଠ ଅଞ୍ଚଳରେ ବନ୍ଧାଥିବା ଗ୍ରାମଦେବତା-ଙ୍କ ନିର୍ମାଲ୍ୟ ସିନ୍ଦୂର ନେଇ ପ୍ରଣୟୀର ମସ୍ତକରେ ଲଗାଇଦେଲା । କହିଲା—"ଏ ଗ୍ରାମଦେବତାଙ୍କ ପ୍ରସାଦ—ଦେବୀଙ୍କୁ ମନେ ମନେ ପ୍ରଣାମ କର ।" ତାପରେ ସେ ଗଳବସ୍ତ୍ର ହୋଇ ଗ୍ରାମଦେବତାଙ୍କ ଉଦ୍ଦେଶ୍ୟରେ ଦଣ୍ଡ ପ୍ରଣାମ କଲା । ସେହି ସମୟରେ ଅଗଣାରେ ଥାଇ ମା କହିଲେ—"କୋଉଠୁ ଟିଫିନ୍ ଦେଲୁଣି ନା ?" "ମୁଁ ଦେଉ ଅଛି" କହି ଲଳିତା ଉଠିଗଲା ।

× × × ×

ନବକିଶୋରଙ୍କଠାରୁ ସେଦିନ ସେବେଳେ ବିକାଶଚନ୍ଦ୍ର ଶୁଣିଲେ, ଲଳିତା ଯୋଉଁ ବ୍ୟଥା ଦେଇଛି ପ୍ରାଣ ପାଇଛନ୍ତି, ସେ ଅଦ୍ଭୁତ ବିଦ୍ୟା ଶୁଣି, ଗୁଡ଼ ଗୁଡ଼ ଭକ୍ତାଗଣ ଭକ୍ତି ସେବାଶୁଶ୍ରୂଷା କରନ୍ତି , ଧନ ଦାନ ଭାଲ କରି ଘରକୁ ମୂର୍ତ୍ତି ଆଣି ପୂଜା ପାଠ ନାହିଁ, ଘୃଣାରେ, କ୍ରୋଧରେ, ଅନ୍ୟ-ମାନଙ୍କରେ ତାଙ୍କର ମୂର୍ତ୍ତି ବିକୃତ ହୋଇଗଲା । ଗଙ୍ଗାଧରଙ୍କ ପ୍ରତି ତାଙ୍କର ଗୋଟାଏ ନିତାନ୍ତ ଜଘନ୍ୟ ଧାରଣା ଜାତ ହେଲା । ସେ ଭାବିଲେ, "ଛି,

ହେ ଦେବ ମାତୃଭୂମି ତୋର ଭାଗ୍ୟଫଳ ! ତୁ ଗୋଟାଏ ସାମାନ୍ୟ ପ୍ରଲୋଭ-
ନରେ, ଭୁଲି ବଶରେ ବନ୍ଧୁ ଭାବିଲୁ—ଏହି ଗୋଟାଏ ନିତାନ୍ତ ହେୟ
ଆଶାରେ ଅମୂଲ୍ୟଧନକୁ ଭୁଲିଗଲୁ ? ନା ହେଉ ନାହିଁ ତୋର ଅମୂଲ୍ୟ ସମ୍ପ-
ଦକୁ ପଦରେ ଠେଲି ଦେବାକୁ କୁଣ୍ଠିତ ହେଲୁ ନାହିଁ ? ନବ ପ୍ରଲୋଭନରେ
ଏହା ବୁଝିପାରି ତୋ କନ୍ୟାକୁ ଶିକ୍ଷିତ କରିବ, ଏହି ଆଶାରେ ତୁ ନିଜସ୍ୱ ଲଳ-
ନାକୁ ଏତେ ଶୀଘ୍ର ସ୍ୱାଧୀନତା ଦେଉଛୁ । ସ୍ୱଦେଶୀ କନ୍ୟାକୁ ଅନ୍ଦର ଘରେ
ରଖି ବନ ଜଳ ଘୃତ ରକ୍ଷିବା ପରି ଅଳ୍ପ ମଧ୍ୟ ଦେବା ତୋର କ ଦରକାର
ଥିଲା ? ଏ ଗୋଟାଏ ତୋର ନୂତନ ରୋଗର ଘୋର ନିଷ୍ଠୁ । ଏହି ସବୁ
ଭାବ ହୃଦୟରେ ପୋଷଣ କରି ବୋଧହୁଏ ତୁ ନବ ସଭ୍ୟ ଲଳନାଙ୍କୁ ପଞ୍ଚା-
ମୃତ୍ୟୁରେ ସଜ୍ଜା କରିଥିଲୁ । ସେତେବେଳେ ମୁଁ ଅନୁମାନ କରିପାରି ନ ଥିଲି,
ବର୍ତ୍ତମାନ ବୁଝିପାରୁଛି, ତୋର ଭୁଲ କେଉଁଠି ଥିଲା । କୌଶଳରେ
ଶିକ୍ଷା ଦେଇଛୁ ତୁ ଜଳନରେ ଯେତିକି ପାଇଲୁଣି । ନଗ୍ନ ଧନ, କଣକୁ ଅସ୍ୱସ୍ଥ
କରି ସାରି ବର୍ତ୍ତମାନ ଅନ୍ନ ପିଣ୍ଡ ଘୃତ ଭୂଷଣ କଣଙ୍କୁ ଆସ୍ୱସ୍ଥ କରିବାର
ଚେଷ୍ଟାରେ ଅଛୁ । କିନ୍ତୁ ନହେଲେ ରଣିଥା, ଦୈନନ୍ଦିନ ଅଭାବ ପୂରଣ ତୋର
ସେ ମାୟା-ଜାଲରେ ପଡିବାର ଦେଖି ନ ହେବ, ତ ତୋର ଲଳନା ଶୃଙ୍ଖ-
ଳରେ ଭୁଲିବାର ପାପ ନ ହେବ ।"

ପୁଣି କହିଲେ, "ନବ୍ୟା ବୋଧହୁଏ ଲଳନାର ହୃଦୟରେ ମଜ୍ଜି
ଯାଇଛି । ତା' ନ ହେଲେ, ସେ ମୋ ପାଖରେ ତାଙ୍କ ଏତେ ପ୍ରଶଂସା କରନ୍ତି
କାହିଁକି ? ତା ପାଖକୁ ଏତେ ନିବେଦନ କରେ କାହିଁକି ? ସେଦିନ ଏକ ଗାଁରୁ
ଛଟି ଅସିବାର ଶୁଣି, "କଏ ଦେଉଛି ?" ପଚାରିଲେ ଉତ୍ତର ପାଏ,
"ଲଳନା ଦେଉଛି ।" ଏହାର କାରଣ କଣ ? ଲଳନା ପାଖରେ ସ୍ୱାର୍ଥ
ଏତେ ପ୍ରକାର ଆଦାନପ୍ରଦାନ କହିଁବ ? ନା, ନବ୍ୟ ନିଷ୍ଠୁର ସେମାନେ
ଭୁଲିବ ହେଲେଣି । ଏ ଉପାୟରେ ସେ ବରମାନଙ୍କ କବଳରୁ ନବ୍ୟକୁ
ଉଦ୍ଧାର କରିବ ? ନବ୍ୟକୁ ଅଙ୍କ ନିଃଶେଷ କରିଦେବା ଯାଉଛି—ସେ ସେପରି
ଅଛି ଲଳନା ପାଖକୁ ନିବେଦନ ନ କଏ । ହଁ, ଠିକ୍ ହେବ—ତା
ହେଲେ ଦୁହିଁଙ୍କର ଅଳ ପୂର୍ବ ପରି ସମ୍ପର୍କ ରହିବ ନାହିଁ । ଏହା ଛଡ଼ା ତ
ଆଉ ଉପାୟ ନାହିଁ ।" ପୁଣି କହିଲେ, "ନା, ସେଟା ଉଚିତ ହେବ ନାହିଁ ।

ନବ ତ ଅଛି ପିଇ ଜୁବେଁ—ତା ମନରେ ଦୁଃଖ ହୋଇପାରେ । ସେ କରୁଣ ହୋଇ ମୋର ଯତ୍ନ ଅମାନିଆ କରେ ? ଆଉ ଗୋଟିଏ କଥା, ତ କାରଣ ଦେଖାଇ କଚେଷ୍ଟ କରିବ ? ନା, ପ୍ରକୃତ ଯନ୍ତ୍ରଣା ଅଣ ବୁଝିବା ଦର—କାର; କେବଳ ଉପେକ୍ଷାରେ ତ ଭୁଲରେ ହେବ ନାହିଁ । ତେବେ କ ଉପାୟରେ ପ୍ରକୃତ ଯନ୍ତ୍ରଣା ବୁଝାଯିବ ?"

କୈଳାସଚନ୍ଦ୍ର, ଯେତେବେଳେ ଏସବୁ ଭାବିବାକୁ ଲାଗିଲେ, ତାଙ୍କର ମୁଣ୍ଡ ସେତେବେଳେ ଗରମ ହୋଇଉଠିଲା । ସେ ଆଉ ବସି ପାରିଲେ ନାହିଁ । ଆଖି ବୁଜି ଶୋଇ ପଡ଼ିଲେ ।

---

## ଦଶମ ପରିଚ୍ଛେଦ

ଶ୍ୱାସରୋଗଟା ପିଲାଦିନରୁ ଶାରଦା ଦେବୀଙ୍କର ଅଛି । ତେବେ କେବେ କେବେ ଟିକିଏ ବାହାରି ପଡ଼ିଲେ ଯତନ ଚିକିତ୍ସାରେ ଥିଲେ ଭଲ ହୋଇଯାଏ । ଏବେ ଅଠଦିନ ହେବ ସେ ରୋଗଟା ପ୍ରବଳ ହୋଇଉଠିଛି । ତହିଁରେ ପୁଣି ଦୁଇ ଦିନ ହେଲା ଜ୍ୱର ହେଉଛି । ଆଠ ଦିନ ହେବ ଆହାର ନାହିଁ; କେବଳ ପାଣି ଖାଇ ଜୀବନ ରଖିଛନ୍ତି । ଜ୍ୱର ସମୟରେ ଏତେ ଶୋଷ ହେଉଛି ଯେ, ଜଣେ ଲୋକ ମୁଣ୍ଡପାଖରେ ବସି ସବୁବେଳେ ଝିନୁକରେ ଟିକିଏ ଟିକିଏ, ପାଣି ଟୋପାଏ ଦେଉଛି । ଶ୍ୱାସରେ ପଡ଼ ପଡ଼ ଏବେ ତ ଯାଉଛି ; ସେଥିରେ ପୁଣି ଜ୍ୱର ହେବାରୁ ଶାରଦା ଦେବୀଙ୍କର ଆଉ ଅବସ୍ଥା ନାହିଁ । ଡାକ୍ତରମାନେ ଯେ ଦେଖୁଛନ୍ତି, ସେ କହୁଛନ୍ତି, "ସନ୍ନିପାତ ହୋଇଯିବ, ଥଣ୍ଡା ପାଣି ଏତେ ଅଧିକ ପିଇବାକୁ"; କିନ୍ତୁ ସେ ଥଣ୍ଡା ପାଣି ପିଇବାକୁ ଛାଡ଼ି ପାରୁନାହାନ୍ତି । କାଲି ଠାରୁ ତାଙ୍କ ଭଲ ସୁଖ ନାହିଁ । ସକାଳୁ ସନ୍ଧ୍ୟା ସେବାରେ ଭୁଲ ପ୍ରକାର ସମସ୍ତଙ୍କୁ ସନ୍ନିପାତର ଲକ୍ଷଣ ପ୍ରକାଶ ପାଇଛି । ନର୍ସ ଓ ସେବକମାନଙ୍କୁ ଉପଦେଶ ଦେଇ କୈଳାସଚନ୍ଦ୍ର ଶୋଇଲେ ବୈଦ୍ୟ ଡାକି ।

ଯଥାସମୟରେ ବୈଦ୍ୟ, ଡାକ୍ତର ଆସି ଜାଣିଲେ କହିଲେ ସତ୍ୟ କିନ୍ତୁ କପୁରଶ୍ରେ ପ୍ରତ୍ୟାଖ୍ୟାତ ହେଉ ନ ଥିବ ? ଉପଯୁକ୍ତରେ ସମସ୍ତେ

ରୋଗିଣୀର ଆଶା ପରିତ୍ୟାଗ କଲେ । କୈଳାସଚନ୍ଦ୍ର ପୂର୍ବରୁ ଦାନର ସମସ୍ତ ଆୟୋଜନ କରିଥିଲେ । ବ୍ରାହ୍ମଣମାନଙ୍କୁ ଡକାଇ ସଙ୍ଗେ ସଙ୍ଗେ ଦାନକାର୍ଯ୍ୟ ଯଥାବିଧି ସମାଧାନ କରାଇଦେଲେ । କୈଳାସଚନ୍ଦ୍ର ପତ୍ନୀଙ୍କ ମୁଣ୍ଡପାଖରେ ଯାଇ ବସିଲେ । ସେତେବେଳକୁ ତାଙ୍କର ଜ୍ଞାନ ଲୁପ୍ତ ହୋଇଗଲେଣି । ଲଳିତା ଓ ରମାଧର ଶ୍ରଦ୍ଧା ଦେଈଙ୍କ ଦକ୍ଷିଣ ପାଖରେ ବସି, ନୀରବ ଦର୍ଶନ କରୁଛନ୍ତି । ଶ୍ରଦ୍ଧା ଦେଈ ହସ୍ତ-ସଙ୍କେତଦ୍ୱାରା ରମାଧର ଓ ଲଳିତା ଉଭୟଙ୍କୁ ନିକଟକୁ ଡାକିଲେ । ସେମାନେ ନିକଟକୁ ଆସିବାରୁ ରମାଧରଙ୍କ ହସ୍ତ ଉପରେ ଲଳିତାର ହସ୍ତ ସ୍ଥାପନ କରି ଉଭୟ ହସ୍ତକୁ ନିଜର ଦକ୍ଷିଣ ହସ୍ତରେ ଧରିଲେ ଏବଂ ବାମ ହସ୍ତରେ ସ୍ୱାମୀଙ୍କର ହସ୍ତ ଧାରଣ କରି କହିଲେ, "ମୁଁ ଚାଲିଲି; କିନ୍ତୁ ଏ ଲକ୍ଷ୍ମୀ ଠାକୁରାଣୀଟିକୁ ଘରକୁ ଆଣି ପାରିଲି ନାହିଁ—ମୋ ମନର ଆଶା ପୂର୍ଣ୍ଣ ହୋଇପାରିଲା ନାହିଁ ! ତମକୁ ସେ ଭାର ଦେଇ ଯାଉଛି ।" ତା ପରେ ରମାଧର ଓ ଲଳିତା ଉଭୟଙ୍କର ହସ୍ତକୁ ସ୍ୱାମୀଙ୍କର ହସ୍ତ ଉପରେ ସ୍ଥାପନ କଲେ । ଅଭିମାନରେ କୈଳାସଚନ୍ଦ୍ରଙ୍କର ସେତେବେଳକୁ ସର୍ବାଙ୍ଗ ଥରିଉଠିଲାଣି । ସେ ଘୃଣାରେ, ବିରକ୍ତିରେ ମୁଖ ଫେରାଇ ନେଲେ ଅନ୍ୟ ଆଡ଼କୁ । ତାଙ୍କର ସେ ବିରକ୍ତି ବା ଘୃଣାର କାରଣ କେହି ବୁଝିପାରିଲେ ନାହିଁ । ସମସ୍ତେ ଭାବିଲେ, ସ୍ତ୍ରୀଙ୍କର ମୃତ୍ୟୁ ଆସନ୍ନ ଦେଖି ଅତିଶୟ ମର୍ମବ୍ୟଥାରେ ତାଙ୍କର ମୁଖ ଏପରି ବିକୃତ ହୋଇଗଲା ବୋଧ ହୁଏ ।

"ଆଶା ନ ଥିଲା, ଆଜି ମୁଁ ଏପରି ଆନନ୍ଦରେ··· ··· ··· ··· ···।" ଶ୍ରଦ୍ଧା ଦେଈ ଆଉ କହିପାରିଲେ ନାହିଁ; କଣ୍ଠ ରୁଦ୍ଧ ହୋଇଆସିଲା । ସଙ୍ଗେ ସଙ୍ଗେ ଗୋଟିଏ ବଡ଼ ହିକ୍କା ଆସିଲା । କୈଳାସଚନ୍ଦ୍ର ଚାହିଁଲେ, ସ୍ତ୍ରୀଙ୍କର ଚକ୍ଷୁ ଦୁଇଟି ମୃତ୍ୟୁର ସେହି ମୁହୂର୍ତ୍ତ ଚକ୍ଷୁରୁ ଦୁଇଧାର ଲୋତକ ଗଣ୍ଡଦେଇ ବହି ଯାଉଛି । ତାଙ୍କର ସେ ରୂପ ଖୁବ ପରିବର୍ତ୍ତିତ ହୋଇଗଲା । ମୁଖମଣ୍ଡଳରୁ ଘୃଣା, ବିରକ୍ତି, ଅଭିମାନ ସର୍ବ, ସମସ୍ତ ଅପସାରିତ ହୋଇଗଲା । ସେହି ପ୍ରସିଦ୍ଧ ବ୍ୟାରିଷ୍ଟର, କୈଳାସଚନ୍ଦ୍ର, ବେଦାନ୍ତର ଘନଘୋର ଅନ୍ଧକାର ! ଛଳ ଛଳ ନେତ୍ରରେ ସେ ସ୍ତ୍ରୀଙ୍କର ସେହି ଯାତନାକ୍ଲିଷ୍ଟ ଶୀର୍ଣ୍ଣ ବଦନକୁ ଚାହିଁ ରହିଲେ । କେତେକ୍ଷଣ ପରେ ଶ୍ରଦ୍ଧା ଦେଈ ଚକ୍ଷୁ ମିଟିଲେ ।

ସ୍ୱାମୀଙ୍କୁ ଜଳ ଦେଇ ଶୁଙ୍ଘିଲେ ତତ୍କ୍ଷଣ । କୈଳାସଚନ୍ଦ୍ର କହିଲେ, "ଏ କଣ ଶେଷ ଦେଖା ?" ଶରଧା ଦେଈଙ୍କର ମଳିନ ଶୁଷ୍କବଦନ ଉଜ୍ଜ୍ୱଳ ହୋଇ ଉଠିଲା; ଓଷ୍ଠାଧରରେ ଯେପରି ହାସ୍ୟର ତରଙ୍ଗ ଦେଖାଗଲା । ସେ ଧୂଳି ହସ୍ତ ସ୍ୱର୍ଗକୁ ଟେକିଲେ—ବୋଧହୁଏ ପ୍ରଣାମ ଉଦ୍ଦେଶ୍ୟରେ । ଉଦ୍ଦେଶ୍ୟ ସିଦ୍ଧ ହୋଇପାରିଲା ନାହିଁ । ଅବସନ୍ନ ହାତଦୁଇଟି ବକ୍ଷ ଉପରକୁ ଫେରି ପୁଣି ବିଛଣାରେ ପଡ଼ିଗଲା; ଚକ୍ଷୁଦୁଇଟି ଚିରଦିନ ଲାଗି ମୁଦ୍ରିତ ହୋଇଗଲା । କୈଳାସଚନ୍ଦ୍ର ଯେତେ ଡାକିଲେ, ଚିତ୍କାର କଲେ, କିନ୍ତୁ ଉତ୍ତର ପାଇଲେ ନାହିଁ ।

ଶରଧା ଦେଈଙ୍କର ମୃତ୍ୟୁ ହେବାର ଆଜକୁ ୯ ଦିନ ହେଲା । ଦିନ ଯୋଡ଼ାଏ ସମସ୍ତ ହେବ । କୈଳାସଚନ୍ଦ୍ର ସେ ପର୍ଯ୍ୟନ୍ତ ଭୋଜନ କରି ନାହାନ୍ତି । ସେ ବସି ବସି ଭାବୁଛନ୍ତି, "ନରେନ ତ ଆଜି ଆସିବାର କଥା—ଏ ପର୍ଯ୍ୟନ୍ତ ନ ଆସିବା କାହିଁକି ? ସେ ଏକ ଅଜ୍ଞାତ ଆଶଙ୍କାରେ ତାଙ୍କର ହୃଦୟ ଥରି ଉଠୁଛି । ଏପରି ଦଶଥର ଚିଠି ଗଲଣି—ସବୁ ଥର ଏକ ଉତ୍ତର ପାଉଛନ୍ତି, 'ଭୟ ନାହିଁ, ଆଜି ଟିକିଏ ଭଲ ।' ଏବେ ତ ମାତୃବିୟୋଗ ଦୁଃଖ, ତାପରେ ଘରର ଏତେଗୁଡ଼ାଏ କାମ ଏକୁଟିଆରେ କରିବାକୁ ପଡ଼ୁଛି—ସେଥିରେ ପୁଣି ଖାଇବାର ଠିକଣା ନାହିଁ । ହବିଷ୍ୟ ତରକାରୀରେ କ'ଣ ଖାଇବାକୁ ଭଲ ? ନ ଖାଇଲେ ନ ଚଳେ ବୋଲି ସିନା ଖାଇବା ପାଇଁ ବସୁଛି—ନ ହେଲେ କି ଖାଇବା ସେ । ସେ ଆଜି ଚିଠି ପାଇଲା ନାହିଁ । ଯେତେବେଳେ ଘର ଦୁଆରେ ଚାକର ଆସି ପହଞ୍ଚିଲା । କୈଳାସଚନ୍ଦ୍ର ସେଥୁ-ପୂର୍ବ ଦାଣ୍ଡପିଣ୍ଡାରେ ବସି ତାହାର ପ୍ରତୀକ୍ଷା କରୁଛନ୍ତି । ଚାକର ସେ ବାଟେ ଯାଉ ଯାଉ କହିଲା, "ବାବୁ, ମାଆ ତ ହେବାର ହୋଇଗଲେଣି—ବାବୁ ଲେଖନକୁ କିଏ ଆଉ ଲଙ୍ଘିପାରିବ ? ସଦାବେଳେ ବସି ଭାବି ଭାବି ଦେହ ମୂର୍ତ୍ତି ଶୁଖି କଳାକାଠ ହୋଇଗଲଣି । ଭାବିଲେ ଆଉ ଲାଭ କଣ ? ଏଣିକି ନାତିଟିକୁ କହିଲି ଝାଡ଼ିକୁ ନିଜାଇ କରିବାର ଯୋଗାଡ଼ କରନ୍ତୁ ।" କୈଳାସଚନ୍ଦ୍ର ଅନ୍ୟମନସ୍କ ଭାବରେ କହିଲେ, "ହଁ, ଦେଖି ଶୁଣି କରିବାକୁ ହେବ ।"

“ଦେଖିଲେ ତୁମ୍ଭେ ଆଉ କଣ ? ଉମା ମହାନ୍ତିଙ୍କ ପୁଅ ଚଗ୍ର ଠିକ କହିଲେ ! ସେଦିନ ମୁଁ ତ ଗାଁରେ ନ ଥିଲି—ଦେଖି ପାରିଲି ନାହିଁ । ଆହା ନବ ବୋଉ କାନେ...।” ଦେବିଲାସଚନ୍ଦ୍ର ଶଙ୍କାର କରି ଉଠିଲେ—“ଉମା-ଧର ମହାନ୍ତି ଘରେ ମୁଁ କଣ କରିବି ? ସେ ନାଳ ଝିଅଟାକୁ କଣ ଭଲ ଅଛି ? ବାମନ ହୋଇ ଚନ୍ଦ୍ର ଧରିବାର ଆଶା କରୁଛି ! ଜାଣେନା ଏ ଦୈବିଲାସ ସଦାନାୟକ କହନ୍ତି, କୈଳାସ ପଟ୍ଟନା ଏ । ଏ କଣ ସହଜରେ ଟଳିବାର କଥା ? କେଉଁ ଗୁଣରେ ଝିଅ ମୋର ଉଣା କି—ନା ଧନରେ, ନା ମାନରେ, ନା ବଂଶ-ମର୍ଯ୍ୟାଦାରେ ? ସେ କରଣ ବୋଲାଉଛି କଣ ? ତାପରେ କରଣ ଅନେକାଂଶ ହୋଇ ଅଛନ୍ତି ! ସେ କରଣ ହୋଇଥିଲେ ସୁଦ୍ଧା ଝିଅଟାକୁ ଘର ଘରେ ଭଳି ଗ୍ରାମ ବୁଲିବାକୁ ଦେଇଥାନ୍ତା ! ଚୋରମାନଙ୍କର ମହାନ୍ତି ଉପାଧି ଅଛି; ସେମାନେ କରଣ ହେବାକୁ ବସିଲେଣି । ଗୁଣ୍ଡମାନେ ମଧ୍ୟ କରଣ ହୋଇ ଯାଉଛନ୍ତି ! ସେ ଏବେ ତାଙ୍କଠାରୁ କିପରି ବଡ଼ ହେବ, ଏଇ ତ ! ମୋ ସଙ୍ଗରେ ତ ସମାନ ଆସନରେ ବସି ପାରିବ ନାହିଁ । କେଉଁ ଆଶାରେ ସେ ଏଡ଼େ ବଡ଼ କାମଟାରେ ହାତ ଦେବାକୁ ଯାଉଛି । ତାଠାରୁ ହେଉ ସୁନ୍ଦରୀ କନ୍ୟା ମିଳିବ ।” ନାୟକ ଯେଉଁ ଉଦ୍ଦେଶ୍ୟରେ କଥାଟା ଆରମ୍ଭ କରିଥିଲେ, ତାର ଉଦ୍ଦେଶ୍ୟ ସାଧିତ ହେଲା । ସେ ପଟ୍ଟନାୟକଙ୍କୁ ଆଉ କିପରି ଉତ୍ତେଜିତ କରିବା ଅଭିପ୍ରାୟରେ କିପରି ହସି ଦେଇ କହିଲେ, “ଏ କଣ ବାବୁ, ନାନୀଙ୍କୁ ତମେ କଣ କହୁଛ ? ଭାଇରେ ଏ ଗାଁ ଭିତରେ କିଏ ସେ ଅଛି ? ରୂପରେ ଯେମିତି, ଗୁଣରେ ବି ସେମିତି; ଲକ୍ଷ୍ମୀ-ରୂପା ପଢ଼ିଛି, ପାଠ କରୁଛି । ତାର........।”

“ହଁ ହଁ, ଇଂରାଜୀ ପଢ଼ିଛି, ପାଠ୍ କରୁଛି—ମୁଁ ଭଲକରି ଜାଣେ ! ପୁରୁଷମାନଙ୍କ ସାଙ୍ଗରେ ବସିବା ବୁଲିବା, ଏ ସବୁ ମଧ୍ୟ ଶିଖିଛି । ଯା, ଯା, ଆଉ ସେ ସବୁ କଥା ମୋ ପାଖରେ କହ ନା ।” ନାୟକ ଆନନ୍ଦରେ ଫୁଲି ଉଠିଲେ । କହିଲେ, “ବାବୁ ! କନ୍ୟାର କଥା କଣ କହୁଛ—ତମେ କହିବାକୁ ମୁଁ କହୁଛି । ସେ ଯେମିତି ହେଉନା କାହିଁକି, ତା ବାପ ମା ତ ଦର୍ପ କରନ୍ତି । ହେଲେ, ତମେ ଯିବା ଏମିତି କହୁଛ, ନଚେତ୍ ଏତା ଶସ୍ତା ହୋଇଯିବ ତା ହାତରେ ପଡ଼ି । ତାକୁ କିପରି ଅଟକ କରନ୍ତୁ । ନ ହେଲେ, ପରକୁ

ଖଣ୍ଡୁଥିବେ । ଅନ୍ଧକାର ଘୂରୁ ହେଉଛି, କି ଦାଗ କି ସୁଖ ? ପୁଅମାନେ ଆଉ କଣ ବାପମାଙ୍କ କୋଳଚ୍ଛାଇରେ ଅଛନ୍ତି ?" କିଛିଏ ତନ୍ମୟଭାବ ପୁଣି ଆରମ୍ଭ କଲ, "ଏବେ ବଡ଼ ହିଂସାଏ ହେଲଣି ସେ, ତାର କଣ କିଛିଏ ଜ୍ଞାନ-କାଣ୍ଡ ଅଛି ? ଜଳ ଗାଁକୁ ଆସିଲେ ତାର ହେବତଗୋଷ୍ଠ ବାଧ ହୋଇଯାଏ । ଘରେ ମୁଠାଏ ଖାଏ ପିଏ, କୁଳ କରେ ଆଉ ଏଣେତେଣେ ଭ୍ରମନ୍ତ ଘରେ ।" କୈଳାସଚନ୍ଦ୍ର କହିଲେ—"ହଁ, ମୁଁ ସେ ସବୁ ଆଗରୁ ଶୁଣିଛି । ଗଙ୍ଗାଧର କେବେଠୁ ବୁଢ଼ା ଏହିସବୁ କାଣ୍ଡ କରେଇଛି । ସେ ଭାବଛି, ଏଥିପାଇଁ ତାକୁ ଜାଗାରେ ବନ୍ଧେଇ ଦେବ । ମୁଁ ସେ ହୋଇବାକୁ ଦେଉନାହିଁ ଆଉ କିଛି । ତୁ କିଛିଏ ଗଙ୍ଗାଧରକୁ କହୁଦେଲୁଣି, ସେ ଭାଇ ସୁସ୍ଥ ହେଉ । ମିଛରେ ତାହାଙ୍କ ଅପମାନ ଯାଉଛି । ମୋ ପାଖରେ ସେ ସବୁ ହେବଥଣ୍ଡା ଚଳିବ ନାହିଁ ।" ନାକ ଥିଲା କଣ କହିବାକୁ ଯାଉଛି, କୈଳାସଚନ୍ଦ୍ର ଉଠି ପଡ଼ି କହିଲେ, "ତୁ ଯା, ମୋ ନିଦ୍ରା ଲାଗିଲାଣି ।" "ହଉ, ଯାଉ କିଛିଏ ଆସନ ଦେବେ" ବୋଲି ତାକୁ ବିଦାୟ ।

ଅମାବାସ୍ୟା ରାତି, ଘୋର ଅନ୍ଧକାର । ମୁଷଳ ବୃଷ୍ଟି ରାତିସାର ଆକାଶଟାକୁ କଳାକରି ଦେଇଛି । ଘୁଡ଼୍ ଘୁଡ଼୍, ବଜ୍ରର ଗର୍ଜନ, ଝୁଲୁ ଝୁଲୁ ବର୍ଷାର ଧାର । ବିଜୁଳି ଝଲକରେ ଝାପଟି ଝାଳିଦେଲା ଗଳାର ପଥରେ କରଷା ଧାରକୁ ଖୁନ୍ଦି ବସିଛି ଲଳିତା । ସେ ଦିନ ଷଷ୍ଠମେଣ୍ଢାର ଯାତ୍ରା । ଗଙ୍ଗାଧର ଯାଉଛନ୍ତି ଯାତ୍ରାକୁ, ଫେରିଲାବେଳେ ଖଣ୍ଡେ ଲୁଗା ଆଣିଦେବ ବୋଲି । ଲଳିତା ତାଙ୍କର ପଥ ଚାହିଁ ବସିଛି, ନବବଧୂଙ୍କର ସ୍ୱପ୍ନ ଲଗିଚି ଧନ ଖଣ୍ଡେ ଦେଇ ଫେରିବେ ସେ ।

ରାତି ଅଧଟା ହେଲା, ଗଙ୍ଗାଧର ଆସି ପହଞ୍ଚିଲେ । ନୂଆ ଲୁଗା ପିନ୍ଧିବ ବୋଲି ଲଳିତାର ଲୋଭ ଥିଲେ କିଛି ନାହିଁ । ସେ ଜାଣିଥିଲା ଆଗ ପିଠାପଣା ପକାଇ ତାର ଲୁଗା ଖଣ୍ଡେ ଧରି ହେଉଁଛନ୍ତି ଆସି । କହିଲା, "ଅଣ ! ଦେଖ ଦେଖ, ମୋର ନୂଆ ଲୁଗା ।" "ଭଲେ, ବାପା ଆସିଲେଣି କି ?" ବୋଲି ଲଳିତା ଏକ ନିଃଶ୍ୱାସରେ ତାହାଙ୍କ ପାଖରେ ଉପସ୍ଥିତ । ଗଙ୍ଗାଧର ଗଣ୍ଠିରୁ ଜିନିଷସବୁ ବାହାର କରି ଦେଖାଇଲା—ଚାଉଳ, ମାଛ, ପାନଗୁଆ ଇତ୍ୟାଦି । ହାଣ୍ଡି ଘଣ୍ଟ ଥୋଇବା ଦେଖିଲେ, ଲଳିତା କହି

କହିଲେ, "ମୋତେ ଅସୁବିଧା ହେବାରୁ ବଦଳି ନେଇ ଏ ପାଖ ସ୍କୁଲରେ ଦେଇଥିଲି । ବର୍ଷାକ ଏପଟେ, ଆଉ କାଳ ଅଛି ବା !" ଲଳିତା ଆଉ ଠିଆ-ହୋଇ ପାରିଲା ନାହିଁ । କାଂପୁଥିବା ଅଙ୍ଗପ୍ରତ୍ୟଙ୍ଗ ନେଇ ଶୂନ୍ୟହୃଦୟରେ ଫେରିଗଲା, ତାର ଦେହ ଝାଳ, ପାଦ ଟଳୁଛି । ବର୍ଷାର ବିରାମ ନାହିଁ । ପବନ ସାଇଁ ସାଇଁ ଗର୍ଜୁଛି । ଘନଘନ ବିଦ୍ୟୁତ୍‌ଚ୍ଛଟାରେ ଆଖି ଝଲସି ଯାଉଛି—ବଜ୍ରର ଗୁରୁଗମ୍ଭୀର ସ୍ୱନ ଦୂରାନ୍ତରେ ଘନ ଘନ ଶୁଭୁଛି । ଚତୁର୍ଦ୍ଦିଗରେ ଧ୍ୱଂସଲୀଳାର ତାଣ୍ଡବ, ପ୍ରଳୟର ଭୀଷଣ ଉଲ୍ଲାସ ଖେଳ । ଲଳିତା ମୁକ୍ତ ବାତାୟନ ପଥରେ ଶୂନ୍ୟ ଚାହିଁଛି, ଏକ ଦୃଷ୍ଟିରେ ପ୍ରକୃତିର ସେହି ସର୍ବଗ୍ରାସୀ ଶକ୍ତି ଦୃଶ୍ୟକୁ । ଭୟ ନାହିଁ, ଭ୍ରାନ୍ତି ନାହିଁ—ଭ୍ରୂକ୍ଷେପ ମଧ୍ୟ ନାହିଁ । ତାର ହୃଦୟ ମଧ୍ୟରେ ଯେଉଁ ତାଣ୍ଡବ ଚାଲିଛି, ବ୍ୟଥା, ବେଦନା, ବୈରାଗ୍ୟର, ସେଥିରେ ସେ ବାହ୍ୟ-ଜ୍ଞାନଶୂନ୍ୟ । ସେ ଭାବୁଛି, "ଆଜି ରବିବାର । ଏହି ରବିବାର ଦିନ ସେ ତ ଘରକୁ ଫେରନ୍ତି । କିନ୍ତୁ, ଆଜିକୁ ଠିକ୍ ଚାରି ଦିନ ହେଲା । ଖଣ୍ଡିଏ ସୁଦ୍ଧା ଚିଠି ନାହିଁ । ଏହାର କାରଣ କଣ ? ଏଥର ସେ ଗ୍ରାମକୁ ଆସିଥିଲେ, ମୁଁ ଲଜ୍ଜାଳୁଣୀ ମନ ଖୋଲି ଦପଦ କଥା କହିପାରିଲି ନାହିଁ । 'କେମିତି ଅଛ ?' ବୋଲି ପୁଚ୍ଛା ପର୍ଯ୍ୟନ୍ତ ପାରିଲି ନାହିଁ । ସେଥିପାଇଁ କଣ ଅଭିମାନରେ ଚିଠି ପତ୍ର ଦେଉ ନାହାନ୍ତି ? ମୁଁ ଏବେ କଣ କରିବି ? ମୁଁ କଣ ଲଜ୍ଜା ଛାଡ଼ି ତାଙ୍କୁ ଦେଖା କରି ନାହିଁ ? ସେ ତ ମୋ ପାଇଁ ଦୁଇ ଦିନ ଛୁଟିରେ ଆସିଥିଲେ ! ଦୁଇଦିନ ସେବା ଶୈତ ପରେ କୋଉଥିପାଇଁ ଚାଲି ଚାଲି ଫେରିଗଲେ । ଏକାଦଶୀରେ ବନ୍ଧୁବାନ୍ଧବ ଡାକି, ବ୍ରାହ୍ମଣ ଭୋଜନ ଇତ୍ୟାଦି ସଂବାଦକୁ ବାଣିଜ୍ୟ ବାଂଶସ୍ଥ ଗୁଡ଼ିଗୁଡ଼ି ଶୁଣି ଆସିଲି ନାହିଁ । ସ୍କୁଲ ଶେଷ ହେଲାପରେ ଗ୍ରାମସୀମା ପାର ହୋଇଗଲେ । ମୁଁ ଏ ଲଜ୍ଜା ଭିତରେ କପଟ ବା ତାଙ୍କ ପାଖକୁ ଯାଇଥାନ୍ତି ? ଆଜି ସବୁ ଥର ଗ୍ରାମକୁ ଆସନ୍ତି ଯେ, ଆପ ଘରକୁ ଆସି ଥରେ ମୋ ସାମ୍ନାରେ ଦପଦ କଥା ନ କହିଲେ ଅଭିମାନୀ ଲୁଚେ ନାହିଁ ତାଙ୍କ । ଏଥର ଆସିଲେ ଯେ, ଆପ ଦୁଃଖର ପୁଚ୍ଛା ମାତ୍ର କାହାନ୍ତି । ମୋର ତ ଆଦୌ ଅଭିମାନ ଅଣ୍ଟ ନାହିଁ । ସେ ଶୁଣିବା ପରେ ଯାହା କିଛିଏ କ୍ଷଣକ ପାଇଁ ଅଭିମାନ କରିଥିଲେ ସିନା, ତେବେ ସେ କାହିଁକି ଅଭିମାନ କରିବେ ? ତାଙ୍କର ସ୍ୱଭାବ ମୋତେ ବେଶ୍ ଜଣା । ମୁଁ ହେଲେ ଅଭିମାନରେ ଦିନେ

ପର୍ଯ୍ୟନ୍ତ ତାଙ୍କ କଥା ନ କହି ରହିପାରେ; କିନ୍ତୁ ସେ ତ ମୁହଁଫିଟି ସୁଦ୍ଧା କହିପାରନ୍ତି ନାହିଁ । ମୋତେ ଖବର ଦେଖି ସେ କେତେ ଅନୁନୟ ବିନୟ କରନ୍ତି, ମୋଠାରୁ କଥା ପଦେ ଶୁଣିବା ପାଇଁ । ସେ କଣ ଅଭି-ମାନରେ ଏତେ ଦିନ ନୀରବ ରହିପାରିବେ ? କିଏ ଜାଣେ, ଆଉ କହି ...। ତାଙ୍କର ଶରୀର ମା ମଙ୍ଗଳା ସୁସ୍ଥ ରଖିଥାନ୍ତୁ ।" କି ଏକ ଅଜଣା ଆଶଙ୍କାରେ ତାର ମନ ଚଞ୍ଚଳ ହୋଇଉଠିଲା । ଦୁଇ ହାତ ଯୋଡ଼ି ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ସେ ଭକ୍ତିଭରେ ପ୍ରଣାମ କଲା ।

ସୁଧିଆ ଦେଈ ହାଣ୍ଡି ଦେଖା ସରୁ ସଜାଡ଼ି ରଖୁ ରଖୁ କହୁଥିଲେ, "ନବ ତ ଆସିବ କି ଏ ପର୍ଯ୍ୟନ୍ତ ଚିଠିପତ୍ର ଦେଲା ନାହିଁ—ଆଜି କି ପନ୍ଦର ଦିନ ହେଲାଣି ସେ ଯିବାର ?" ଗଙ୍ଗାଧର କହିଲେ, "ହଁ, ପନ୍ଦର ଦିନ ହେବ ନାହିଁ କଣ । କାହିଁକି ଚିଠିପତ୍ର ଦେଉ ନାହିଁ କେଜାଣି ! ମୁଁ ମଧ୍ୟ ଘାଟରୁ ଫେରିଲାବେଳେ ସେଇ କଥା ଭାବୁଥିଲି ।" କଦଳୀ ପେଣ୍ଡାଏ ଧରି ନାତ୍ନୀ ଆସି ସେଇ ସମୟରେ ପହଞ୍ଚିଗଲା । "ଚମ୍ପାକଢ଼ା ପାଚିଲାଣି କି ବଡ଼ବୋଉ ! ମୁଁ ପଞ୍ଚ ଲିବଙ୍ଗ ପତ୍ର ଯେମିତି ଉତ୍ତାପରେ ଘୋଡ଼ାଇ ଦେଇ ଥିଲି ! ଭୁଲିଲି, ଆଜି । ଦେଖେଁ ଶରଧାରେ ସେ କଦଳୀ ପେଣ୍ଡାଏ ଆଣିଛନ୍ତି, ମୁଁ ଯାହା ନିକେଇ ଦେଇ ନ ଆସିଚି, ତାଙ୍କର ଆଜି ଦିଏ ଆଉ ଯେ, ଏ ବଗିଚାରେ ଆସି ନେଇଯିବ ? ଖାଲି ବାଉଁଶଗଣ୍ଡି ଭୁଣ ଭଣ୍ଡା ଖଣ୍ଡେ ?" ପଣିଅଟା ସିଣ୍ଡା ଉପରେ ଥୋଇଦେଇ କଦଳୀତକ ସୁଧିଆ ଦେଈଙ୍କ ହାତକୁ ବଢ଼ାଇ ଦେଲା । ଗଙ୍ଗାଧର କହିଲେ, "ଏ କଦଳୀ ଅଧାରେ ମୁଁ କହୁଁ ମୁହଁ ଦେଇ ନାହିଁ, ତୁ କାହିଁକି ଆଣିଲୁ ? କଦଳୀ ନ ହେଲେ ଆଉ କଣ ଆମର ଚଳ-ଯାଇ ନ ଥାନ୍ତା ? ଭଲ, ଟିକିଏ ବସି ଯା—ପାଣି କାକୁଅରେ ପଡ଼ାମୁଣ୍ଡାରୁ ଦୌଡ଼ ଦୌଡ଼ି ଆସିଚୁ ।" ନାତ୍ନୀ ଟିକେ ବସି କହିଲା, "ହଁ, ଦେଖେ ଖରା ବଢ଼ିଲା ତ ଏ ବେଳ ସକାଳ । ଦିନ ହୁଅନ୍ତେ ଥିଲେ ହିଁ ଜାଣେ ବଡ଼ବୋଉ ! ବର୍ଷା ତ ଏତେଟିକିଏ ହେଲା ।" "ଏଥରଟି ତ ଏଇଠି ଥିଲା—ଖୋଲିବାକୁ ଲାଗିଲା ।" ଏତେ ଦିନ ପରେ ନାତ୍ନୀ ଟିକିଏ ଶୁଭଖବର ପାଇଲା ଗଙ୍ଗାଧରଙ୍କ ଘରକୁ ଆସିବାକୁ । ସେ ଦିନ କୈଳାସଚନ୍ଦ୍ରଙ୍କ କଥା ତାର ମନରେ ପଡ଼ି-ଗଲା । ସେଇ ତାର ଦେହଟି ମନ୍ଦି ହେଲା—କପାଳ ଉପରେ ହାତ ଦେଇ ସେ ବସିରହିଲା

ଜଣୁଦନର ସେ ଅପରାଜିତ କଥାଗୁଡ଼ା । କହିଲା, "ନବ ଭଣ ଏବେ ଶିଟିପରର ଭଲ ନାହିଁ କି ? ସେ ଖଣ୍ଡ ଏକଲୁ ତାହିଁ ମୁଁ ତ ଖିଟି ଅଛିବାର ଦେଖି ନାହିଁ ।" ରମାଧର କହିଲେ, "ନା, ମଠ ଠାରୁ ଗଣପତ୍ ଖିଟି ଦେଇ ନାହିଁ ।" ସୁଯୋଗ ମିଳିଲା ଜାଣିଲୁ । ଆରମ୍ଭ କଲା—"ହଁ, ଆଉ ତାଙ୍କ ଭବ ଖିଟି ପଡ଼ିଲା । ସ୍ୱର-ସିଳନ୍ଧ ଭ ଗଲା ।" ସୁଧିବା ଦେଖି ଅତ୍ୟର୍ଥ୍ୟାନ୍ୱିତ ଭାବରେ ପ୍ରଶ୍ନ କଲେ, "ସ୍ୱର ଶ୍ରେଷ୍ଠ ଗଲା କଣ ? କଣ ହେଲା କି ?" ତାଙ୍କ ମର୍ମାନ୍ତିକ ଦୁଃଖ ଅନୁଭବ କରୁଥିବାର ସ୍ୱର ଭଙ୍ଗୀ ସହକାରେ କହିଲା, "କଣ କହିବି ସେ କଥା । ନବ ବାପ ପାଇଁରେ ପଡ଼ିଲ ଦୁଃଖ ସୁଖ ହେଲା ହେଲା ବେଳେଅଞ୍ଚ ବେଳେ କଥା ହେଲା ।" ସେ ଏହା କୈଳାସ-ଚନ୍ଦ୍ର ଲଳିତାର ବିବାହ ପ୍ରସଙ୍ଗ ନେଇ ଯାହା ଯାହା କହିଥିଲେ, ସେ ସମସ୍ତ ସାଲଙ୍କାରେ ବର୍ଣ୍ଣନା କରିଗଲା । ରମାଧର, ସୁଧିବା ଦେଖି ଉଦ୍‌ବେଗ ଶୁଣି-ଗଲେ କେବଳ; 'ହୁଁ' ବୋଲି ପଦେ ହେଲେ ତାଙ୍କ ମୁଖରୁ ବାହାରିଲା ନାହିଁ । କୁଳବୃଦ୍ଧର ଚିନ୍ତାଶକ୍ତିରେ କଥାଟା ବୋଧଯାଇଛି ଦେଖି, ତାଜୀ ସହଜାନର ଭୁପଞ୍ଚା ଛାଡ଼ିଦେଇ ଗୁଣିଗଲା ।

ପାଖ ଘରେ ବସି ଲଳିତା ସମସ୍ତ ଶୁଣୁଥିଲା । ନବକଣ୍ଠୋଲ୍ଲ ଶବ୍ଦରେ ଏକ ତ ମିଶ୍ରୁଥିଲା, ତା ପରେ ତା ନାମରେ ଏହାପରି ଉଦର୍ଯ୍ୟ ଭୂଷିତ ଦୋଷାରୋପ ଶୁଣି ଦୁଃଖରେ, କ୍ଷୋଭରେ, କ୍ରୋଧରେ, ଅଭି-ମାନରେ, ଅପମାନରେ ତାର ଛାତି ଫାଟିଯିବାର ଉପକ୍ରମ ହେଲା । ବେଣୁ ଯେପରି ସୁତୀକ୍ଷ୍ଣ ଲୌହଶଲାକାରେ ତାର ମସ୍ତକ ଉପରେ ଶତସହସ୍ର, ଆଘାତ କରୁଦେଲା—ସବୁ ତାର ଥରି ଥରି ଦୋହଲିଉଠିଲା । ସେ ଅଚେତନ ଭାବରେ ପଡ଼ିଗଲା । ତାହାର ଶେଷବୃତ୍ତର କୌଣସି କଥା ଶୁଣିବାର ଅବସର ପାଇଲା ନାହିଁ ।

# ଏକାଦଶ ପରିଚ୍ଛେଦ

ଶରଧା ଦେଈଙ୍କ ଦଶାହ ଦିନ ନବକିଶୋର ଯେତେବେଳେ ଘରେ ଆସି ଗୋଡ଼ ଦେଲେ, କୈଳାସଚନ୍ଦ୍ର ତାଙ୍କୁ ସଙ୍ଗେ ସଙ୍ଗେ କାର୍ଯ୍ୟରେ ଲଗାଇ ଦେଲେ । ଖୁବ୍ ଦିନ କାଳ ଏପରି ସ୍ୱଭାବେ କାର୍ଯ୍ୟର ଭାର ତାଙ୍କ ଉପରେ ଲଦିଦେଲେ ଯେ, ସେ ସେପରି ମୁହୂର୍ତ୍ତେ ସୁଦ୍ଧା ଅବସର ନ ପାଇବେ । କୈଳାସଚନ୍ଦ୍ର ଇଚ୍ଛା ଥିଲା ଏପରି କାର୍ଯ୍ୟକ୍ରମ ଅବଶ୍ୟ, କେବଳ ଲଳିତା ସହିତ ପୁନର ସାକ୍ଷାତ ଘଟିବ ନ ଦେବା ଉଦ୍ଦେଶ୍ୟରେ ।

ତୃତୀୟ ଦିନ ପିତାପୁତ୍ର ଉଭୟେ କଲିକତା ପ୍ରସ୍ଥାନ କଲେ । କଲିକତାରେ ପହଞ୍ଚିବାର ପରଦିନ କୈଳାସଚନ୍ଦ୍ର ପୁତ୍ରଙ୍କୁ ପାର୍ଶ୍ୱରେ ବସାଇ ଗଦ୍‌ଗଦ କଣ୍ଠରେ କହିଲେ, "ବାବା ! ତୋର ବୋଉ ଶରଧା ଲାଗି ଶୋକ— ଜଳରେ ଆମକୁ ଭସାଇ ଦେଇ ଚାଲିଗଲା । ମୁଁ ସୁଦ୍ଧା ତୋତେ ବହୁତ ଚେଷ୍ଟାକରିଥିଲୁ । କିନ୍ତୁ କଣ ହେବ ? ତା ଭାଗ୍ୟରେ ନାହିଁ ପୁତ୍ରବଧୂ ଦେଖି ମରି- ବାକୁ ।" ବୃଦ୍ଧଙ୍କର କଣ୍ଠ ରୁଦ୍ଧ ହୋଇଆସିଲା । ସେ ନୀରବରେ ଅଶ୍ରୁମୋଚନ କରିବାକୁ ଲାଗିଲେ । ସେ ଦିନର ଘଟଣା—ଯେଉଁ ଦିନ ନବକିଶୋର ପ୍ରଥମ କଲିକତା ଆସୁଥିଲେ ମାଟ୍ରିକ୍ୟୁଲେସନ ପଢ଼ିବା । ଲଗି, ନବକିଶୋରଙ୍କର ମନେ ପଡ଼ିଗଲା । ଦୋହଳୁଥିବାର ଛଳଛଳ ଆଖି ଦୁଇଟି ତାଙ୍କର ଚକ୍ଷୁ ସମ୍ମୁଖରେ ଝଲସି ଉଠିଲା । ଶରଧା ଦେଈ କହୁଥିଲେ, "ମୋତେ ମାଟି ମୁଠେ ଦେଇ ତୁ ଯେଉଁଠି ଇଚ୍ଛା ଚାଲିଯା ।" ସେ ଆଉ ଧୈର୍ଯ୍ୟ ଧରି ପାରିଲେ ନାହିଁ । ତାଙ୍କର ମାତୃସ୍ନେହ, ମାତୃଭକ୍ତି ଉଦ୍‌ବେଳିତ ହୋଇ ସ୍ରୋତାକାରରେ ବାହାରିବାକୁ ଲାଗିଲା । କୈଳାସଚନ୍ଦ୍ର ପ୍ରକୃତିସ୍ଥ ହୋଇ କହିଲେ, "ବର୍ତ୍ତମାନ ତୁ ମୋର ଏକମାତ୍ର ଆଶାଭରସା । ତୋତେ ଦେଖି ମୁଁ ସମସ୍ତ ଶୋକଦୁଃଖ ଭୁଲି ପାରିବି । ତୋର ଅଧ୍ୟବସାୟ, ଅଧ୍ୟୟନ, ସେବା, ଏହି ମୋର ଏ ଦଗ୍ଧ ପ୍ରାଣକୁ ଶୀତଳ କରିବ ଦିନେ । କହୁ ତୁ ବାପ ମୋ—।" କହି ବିକ୍ଷୁବ୍ଧ ହୋଇଗଲେ ଆଉ କେତେକ କଥା କହିବାକୁ, କଣ୍ଠ-ଦେଶ ଅତିକ୍ରମ କରିପାରିଲା ନାହିଁ । କୈଳାସଚନ୍ଦ୍ର 'ଖଁ ଖଁ' ହୋଇ କାଶିବାର ଛଳନା କଲେ । କଥାର ଅଭିପ୍ରାୟ କିଛି ବୁଝି ନ ପାରି ଏବଂ

ବିଳମ୍ବ ଘଟିବାର ଦେଖି ନବକିଶୋରଙ୍କ ମନ ଚଞ୍ଚଳ ହୋଇଉଠିଲା । ସେ ଉଦ୍‌ବିଗ୍ନ ହୋଇ କହି ଉଠିଲେ, "କଣ କହନ୍ତୁ—ଖୋଲି କରି କହନ୍ତୁ ।" କୈଳାସଚନ୍ଦ୍ର ଅସ୍ଥିର ହୋଇଗଲେ । ତାପରେ ଗଳାଟା ସଫା କରିନେଇ ଦମ୍ଭ ଧରି ଆରମ୍ଭ କଲେ—"ପୁଅ ଯଦି ପିତାର ଅବାଧ୍ୟ ହୁଏ—ଆଜିକାଲି ଯଥାର ଯେପରି ହେଉଛି—।" ଅସଲ କଥାଟା ଜାଣିବାକୁ ନବକିଶୋର ଅତ୍ୟନ୍ତ ଅଧୀର । ସେଥିରେ ପିତାଙ୍କର ଏ ସର୍ବ ମୁଖବନ୍ଧ ତାଙ୍କୁ ବଡ଼ ଅସହ୍ୟକର ବୋଧ ହେଲା । ସେ ଅସହିଷ୍ଣୁ ଭାବରେ କହିଲେ, "ଅସଲ କଥାଟା କଣ କହୁ ନାହାନ୍ତି; ମୁଁ ସେ କଥା ବୁଝିପାରୁ ନାହିଁ ।" କୈଳାସଚନ୍ଦ୍ର ମନେ ମନେ ବଡ଼ ଲଜ୍ଜିତ ହେଲେ; କିନ୍ତୁ ସେ ଭାବ ଗୋପନ କରି ପୁଣି ସାହସ ବାନ୍ଧି କହିଲେ, "ଭଗବାନଙ୍କୁ ମୁଁ ଧନ୍ୟବାଦ ଦେଉଛି, ମୋତେ ଅବଶ୍ୟ ସେପରି ପୁଅ ଦେଇ ନାହାନ୍ତି । ତୋ ବିଷୟରେ ମୁଁ ଏହି କଥା କହୁ ନାହିଁ ଯେ, ସଂସାର କଥାକୁ କହୁଛି । ତେବେ ମୋ ପାଖରେ ତୋତେ ଅନ୍ତ ଗୋଟାଏ ପ୍ରତିଜ୍ଞା କରିବାକୁ ହେବ ।" ଏତିକି କହିଦେଇ କୈଳାସଚନ୍ଦ୍ର ନବକିଶୋର ମୁହଁକୁ ଚାହିଁ ରହିଲେ; ନବକିଶୋର ନିଜର ବିସ୍ମୟରେ ପିତାଙ୍କ ମୁହଁକୁ ଚାହିଁ ରହି ରହିଲେ କେତେ କ୍ଷଣ । ତାପରେ ଦୃଢ଼ସ୍ୱରରେ କହିଲେ—"ପିତା-ଙ୍କର ମଙ୍ଗଳ ବା ମନୋରଞ୍ଜନ କରିବା ଯଦି ଏ ପ୍ରାଣ ବିସର୍ଜନ ଦେବାକୁ ହୁଏ, ତହିଁରେ ମଧ୍ୟ ଏ ସନ୍ତାନ କୁଣ୍ଠିତ ନୁହେଁ । ଆପଣଙ୍କର ପୁତ୍ର ମୂର୍ଖ, ଅଧମ ନୁହେଁ—ଏଣୁ ସେ ବିଷୟରେ ବୁଝାଇବାର ଦରକାର ନାହିଁ । ଶୀଘ୍ର କହନ୍ତୁ, ମୋତେ କଣ କରିବାକୁ ହେବ । ଆପଣଙ୍କ ଚରଣକୁ ଛୁଇଁ ପ୍ରତିଜ୍ଞା କରୁଛି, ଆପଣଙ୍କର ଯାହା ଆଦେଶ ହେବ, ପ୍ରାଣପଣେ ପାଳିବାକୁ କୁଣ୍ଠିତ ହେବି ନାହିଁ ।" କୈଳାସଚନ୍ଦ୍ର ପୁତ୍ରକୁ କୋଳକୁ ଟାଣି ନେଇ ମସ୍ତକରେ ହାତ ବୁଲାଇଲେ । କହିଲେ, "ସେପରି କୌଣସି ଗୁରୁତର କାମ କରିବାକୁ ହେବ ନାହିଁ ଅବଶ୍ୟ । କଣ କି, ଏ ଗାଆଁର ମହାନ୍ତିର ସ୍ୱରୂପ ଦେଖିଲୁ, ସେ ବର୍ତ୍ତମାନ ଆମ ସଙ୍ଗରେ ଚଳିବାକୁ ବସିଛି । ସେ କଣ କରନ୍ତା—କଥାଟା ତା ଝିଅକୁ ଟିକିଏ ରୂପ ଦେଇଛି ବୋଲି ତାର ଅହଙ୍କାର ବଢ଼ି ଯାଇଛି । ହେଉ ବା—ଲୁଚିଛପିରେ କଣ ଜାତି, ଧର୍ମ, କୁଳ, ମାନରେ କଳଙ୍କିତ ହେବାକୁ ହେବ ତୋପରି ଯୋଗ୍ୟପୁତ୍ର ?"

"କାହିଁକି, ଗଙ୍ଗାଧର ମହାନ୍ତି କରଣ ତ ?"

"ହଁ, କରଣ ସେ—କୁ ଯିବ ଦେଖ, ସେ ସବୁ ବୁଝି ନାହିଁ । ପୂର୍ବ ପୁରୁଷରୁ ଆମ ଘରେ ତାଙ୍କର ବଂଶାନୁକ୍ରମିକ ସମ୍ପର୍କ ନାହିଁ । ଆମ ପ୍ରକରଣଙ୍କ ଠାରୁ ସେ—।"

ପ୍ରକୃତରେ ନବକିଶୋର ଜାଣନ୍ତି ନାହିଁ, ଗଙ୍ଗାଧରଙ୍କର ତାଙ୍କର ପ୍ରଭେଦ କଣ । ସେ ଜାଣନ୍ତି ଉଭୟେ କରଣ—ଏକ ଜାତି । ସେ କଥା ଦେଇ କହିଲେ, "କରଣ ଓ କରଣ, ପ୍ରକରଣ, ଆଠକରଣ—ଏ ସବୁ ପୁଣି କାହିଁକି ?"

"ତୁ ଅତି ବଡ଼ଲୋକ ଇଂରାଜୀ ପାଠ ପଢ଼ିଛୁ ବୋଲି କଣ ସେ ସବୁ ଉଠାଇଦେବୁ ? ଯାହା ବାପଅଜା ଆଉ ପୁରୁଷରୁ ଚଳି ଆସିଛି ତା । ମନୁଷ୍ୟ ତ ସମସ୍ତେ ସମାନ—ବ୍ରାହ୍ମଣ, ଶୂଦ୍ର, ଚଣ୍ଡାଳ ସବୁ ଜାତିରେ ଭାଗ ହୋଇଛନ୍ତି କାହିଁକି ? ଯେ ସେ ଗୁଣ ଜାତିକୁ ସ୍ୱୀକାର କରେ, ସୋଟିଏ ଜାତି ପୁଣି ଦାଣ୍ଡରେ ଉପଜାତି—ଏ କଥା କାହିଁକି ସ୍ୱୀକାର ନ କରିବ ? ତୁ ଯଦି ଏତେ ସମାଜସଂସ୍କାରକ ହୋଇଛୁ, ଗଲୁ ଆମ ଉନ୍ନୋଦଆ ହାଡ଼ି ଘର ଖାଇ ଆସିବୁ । ତାହା ହେଲେ ତୋ କଥାକୁ ସମସ୍ତେ ସ୍ୱୀକାର କରିବେ । ଏ ସାହସ ଅଛି ତ ? ଏ ସାହସ ଯଦି ନାହିଁ, ଗଙ୍ଗାଧର ସାଙ୍ଗରେ ବନ୍ଧୁ କରିବାକୁ କିପରି ସାହସ ହେଉଛି ?"

"ମୁଁ ତ ସମାଜ-ସଂସ୍କାର କରିବା ଉଦ୍ଦେଶ୍ୟରେ, କି ଗଙ୍ଗାଧର ସହିତ ବନ୍ଧୁ ସମ୍ପର୍କ କରିବା ଉଦ୍ଦେଶ୍ୟରେ କହୁ ନାହିଁ । ଆପଣ କ'ଣ ବୁଝି ବୁଝାରେ ରାଗି ଉଠୁଛନ୍ତି କାହିଁକି ? ମୋର କହିବାର ଉଦ୍ଦେଶ୍ୟ, ସେ ତ କରଣ, କରଣଙ୍କ ମଧ୍ୟରେ ପୁଣି ଶ୍ରେଣୀବିଭାଗ କଣ ? କରଣ ତ ଗୋଟିଏ ଜାତି ।"

ନବକିଶୋରଙ୍କ ମୁହଁରେ କୈଳାସଚନ୍ଦ୍ର ଭାବିଥିଲେ, ଏ କଥାସବୁ ତାଙ୍କ ଅଜ୍ଞାତ ସିଏ କହୁଛି ଗଙ୍ଗାଧର ପକ୍ଷ ନେଇ ପ୍ରତିବାଦ କରୁଛି । ସେଥି-ପାଇଁ ତାଙ୍କର ସମସ୍ତ ବିରକ୍ତି, ଘୃଣା ନବକିଶୋରଙ୍କ ଉପରେ କେନ୍ଦ୍ରୀଭୂତ ହୋଇଯାଇଥିଲା । ବର୍ତ୍ତମାନ ସେ ଭ୍ରମ ସଂଶୋଧିତ ହେବ । ସହଜ କଣ୍ଠରେ ସେ କହିଲେ, "ପ୍ରକୃତରେ ତୁ ଯଦି ବୁଝିପାରିଲେ, କରଣ ଗୋଟିଏ ଜାତି । ତେବେ ବି ପୂର୍ବରୁ ଗୋଟିଏ ଚଳି ଆସିଛି ଯେ, ସେ ଆମ ଗୋଷ୍ଠୀରେ ବସନ୍ତି

ନାହିଁ । ତାଙ୍କଠାରୁ [ ଅମର ସ୍ୱାଭିମାନ ଆକାଂକ୍ଷୀଙ୍କ ଏ ] ଦେଖି । ତେବେ ଆଜିକାଲି ସଂସାରରେ କଣ ନ ଚଳୁଛି ? ଧନଲୋଭରେ ସମାଜ ଗୁଣବନ୍ତ-ମାନେ ମଦମତ୍ତା ଦାସୀ ନୃତ୍ୟ ଭୁଲିଯାଉଛନ୍ତି । 'ଗୋତ୍ର', 'ଶୁଦ୍ଧ' ଏମାନେ ତ କରୁଣ ହୋଇଯାଉଲେଣି ! କାରଣ ସମାଜ ଧନକୁ ଦେଇ [ ଯେପରି କରି' ପାରୁଛି, ବ୍ରାହ୍ମଣଙ୍କୁ ଯାହା ଶ୍ରେଷ୍ଠ ଆସନ ଦିଆଯାଉଥିଲା, ] ଜଣାଯାଏ କାରଣମାନେ ଏବେ— — ।"

"ସେସବୁ କଥାରୁ କଣ ମିଳିବ ? ଯାହା ହେବାର ହେଉଛି; ତେବେ ମୋତେ ବର୍ତ୍ତମାନ କଣ କରିବାକୁ ହେବ, କହନ୍ତୁ ।"

"ଯାହା କହୁଛି, ତୋର ମଙ୍ଗଳ ପାଇଁ ଅବଶ୍ୟ କହୁଛି । ବର୍ତ୍ତମାନ ତୁମେ ନ ଥାଉଲେ ପରେ ଧନେ ଅବଶ୍ୟ ଭୁଞ୍ଜିବୁ, ପିତା ହୋଇ ମୁଁ ତ ମଙ୍ଗଳକାମୀ । ତୁମ ପିତାର ଆଦେଶ ଏ—ରାମଚନ୍ଦ୍ର ପିତାଙ୍କର ଆଦେଶ ପାଳନ କରିବାକୁ ଯାଇ ରାଜସିଂହାସନ ଛାଡ଼ି ସନ୍ନ୍ୟାସୀ ବେଶରେ ଚୌଦ୍ଦ ବର୍ଷକାଳ ବନବାସ କଷ୍ଟ ସହିଥିଲେ । ତୁ କଣ ଏ ସାମାନ୍ୟ କଥାଟା ପାରିବୁ ନାହିଁ ?" ପିତାଙ୍କର ଏପରି ଅସଂଲଗ୍ନ ଦୀର୍ଘ ଭୂମିକା ଶୁଣି ଶୁଣି ନବକିଶୋର ନିତାନ୍ତ ଅଧୀର ହୋଇପଡ଼ିଲେ । କୌଣସି ଭାବ ଦମନ କରି ହିଁ ଏ କ୍ଷୀଣ ଗଳାରେ କହିଲେ—"କଣ କହନ୍ତୁ !"

"ମୋର ଇଚ୍ଛା, ତୁ ଏଥରଠାରୁ ଆଉ ଲଳିତା ପାଖକୁ ରାତିଅଧରେ ନ ଯାଉ ସେଠିକି ବାହୁଡ଼ିବାର ବନ୍ଦ କରୁଛନ୍ତି ।"

ଉଃ, କି କଠୋର ଆଦେଶ ! ପିତାଙ୍କର ସେହି ପଦକ କଥାରେ କି ଅଶନିପାତର ଭଳି ବଜ୍ର ଥିଲା କେଜାଣି, ସେ ହୃଦୟରେ ସହସ୍ର ନାଗର ଦଂଶନ ଜ୍ୱାଳା ଅନୁଭବ କଲେ । ତତ୍କାଳ ତାଙ୍କର ମସ୍ତକ ଘୂରିବାକୁ ଲାଗିଲା । ଶରୀରର ପଶି ପଶି ପ୍ରତି ଶିରାପ୍ରଶିରାରେ ବହ୍ନିର ଯନ୍ତ୍ରଣା ସେ ଅନୁଭବ କରିବାକୁ ଲାଗିଲେ; ମାତ୍ର କୋଉଁଆଡ଼କୁ ପଳାଇ ପାରିଲେ ନାହିଁ । ଅତ୍ୟଧିକ ଯନ୍ତ୍ରଣାରେ ସେ ଦଣ୍ଡବତ୍ ଜ୍ଞାନଶୂନ୍ୟ ହୋଇଗଲେ । ହାୟ ! ହାୟ ! ପିତା ପୁଣି ପୁତ୍ରପ୍ରତି ଏତେ ନିଷ୍ଠୁର ନିର୍ଦ୍ଦୟ ବ୍ୟବହାର କରିପାରେ ? ଏ ଆଦେଶ ଅନଳ, ନା, ଅନଳଠାରୁ ଅଧିକ ନିର୍ମମ, ବଜ୍ରଠାରୁ ଅଧିକ କଠୋର । ନବକିଶୋରଙ୍କ ରକ୍ତମାଂସ ଶରୀରରେ ସେପରି ଶକ୍ତି ଅଛି କି ଏ ଆଦେଶ

ପାଳନ କରିବାକୁ ? ସେ ମୃତ୍ୟୁକୁ ବରଣ କରିବାକୁ କୁଣ୍ଠିତ ନୁହନ୍ତି । ଏବ ଲକ୍ଷା ଥିବ ମୃତ୍ୟୁଠାରୁ ଅଧିକ କଠିନ ଦଣ୍ଡ ହେବାକୁ—ରାମଚନ୍ଦ୍ରଙ୍କ ପରି ବନବାସୀ ହୋଇଥାନ୍ତି, ନଳ ରାଜାଙ୍କ ପରି ଉଦର ଯନ୍ତ୍ରଣାରେ ଭୋଗୁଥାନ୍ତି । ସେ ବରଂ ଶ୍ରେୟସ୍କର; ଏ ଯେ ଅତ୍ୟନ୍ତ ଅସହ୍ୟ, ହୃଦୟବିଦାରକ । ରାମଚନ୍ଦ୍ର ପିତୃଆଦେଶ ପାଳିଥିବାର ଉଦାହରଣ ଦେଉଥିଲ; କାହିଁ, ସେପରି ଆଦେଶ ତ ମିଳି ନାହିଁ ? ରାମଚନ୍ଦ୍ର ମାନବ ନୁହନ୍ତି; ମହାମାନବ ସେ । ମନୁଷ୍ୟମାନଙ୍କଠାରୁ ତାଙ୍କର ଶକ୍ତି ଅସୀମ, କ୍ଷମତା ଅଦ୍ଭୁତ, ସାହସ ଅଦମ୍ୟ, ଧୈର୍ଯ୍ୟ ଅତୁଳନୀୟ; ତଥାପି ସେ ସୀତାଙ୍କୁ ସଙ୍ଗରେ ନେଇ ବନବାସୀ ହୋଇଥିଲେ । ଦେବକିଶୋର ଜଣେ ସାମାନ୍ୟ ମନୁଷ୍ୟ; ଧୈର୍ଯ୍ୟହୀନ, ଶକ୍ତିଶୂନ୍ୟ । ତାଙ୍କ ପ୍ରତି ଏ ଆଦେଶ, କିପରି ସମ୍ଭବ ହେବ ?”

କେତେ କ୍ଷଣ ପରେ ଦେବକିଶୋରଙ୍କର ଚୈତନ୍ୟ ଆସିଲା । ସେ ମନେ ମନେ କହିଲେ, “ପିତଃ, ଏ ଆଦେଶ ନୁହେଁ—ଅଭିଶାପ । ପୁତ୍ରର ମଙ୍ଗଳ ପାଇଁ ଏ ନୁହେଁ, ସର୍ବନାଶ ପାଇଁ । ପ୍ରାଣ ଦେବାକୁ ପ୍ରସ୍ତୁତ ହେଲି, ତଥାପି ତୁମର ଦୟା ହେଲା ନାହିଁ ! ଅଭିଶାପ ଦେବା ପୂର୍ବରୁ ଥରେ ଭାବିଲ ନାହିଁ କି ସନ୍ତାନକୁ ? କାହିଁ ବୁଝିବ ପିତା, ତୁମେ ପୁତ୍ରର ଅନ୍ତର ବେଦନା ! ଯାବଜ୍ଜୀବନ ଅନାହାରରେ ରହିପାରେ, ଅଗ୍ନିରେ ରହିପାରେ; କିନ୍ତୁ ସେହି ହୃଦୟେଶ୍ୱରୀ ଲଳିତାର ମୂର୍ତ୍ତିମାନ ବିଚ୍ଛେଦ ନବର କିପରି ସହ୍ୟ, କିପରି ଜାଣିବ ତୁମେ ! ବିଚ୍ଛେଦ—ମରୁରେ ଶୁଦ୍ଧ ସ୍ୱୀପ୍ରଣୟ ତୁଲ୍ୟ ଦଗ୍ଧ ପ୍ରାଣର ଏକମାତ୍ର ସାନ୍ତ୍ୱନା ଥିଲା ସେହି ପ୍ରଣୟିନୀ ; ସେଥିରୁ ପୁଣି ବଞ୍ଚିତ ହେବାକୁ ହେବ ? ପିତା ! ଏହି ନିମେଷରେ ମସ୍ତକ ସ୍ୱହତ୍ୟା କରି, ହସି ହସି ବରଣ କରନ୍ତି, କିନ୍ତୁ ହାୟ...।” ଶୋକାକୁଳ ମୁଖ ପଛ କୁଇଁ ତଳାଇ ଯାଇ ତାଙ୍କର ପଢ଼ିବା ଘରେ ଚୌକିଟାଏ ଟାଣିନେଇ ସେ ବସିପଡ଼ିଲେ । ପିତାଙ୍କ ସ୍ୱର ଶୁଣିଲା ପରି ଲାଗିଲା ‘ପୁତ୍ର, ପିତାଙ୍କର ଆଦେଶ-ରୂପ ଅଭିଶାପରୁ ଅବ୍ୟାହତି ପାଇବାକୁ ଚେଷ୍ଟା ? ପୁଣି ଭାବିଲେ, “ପିତା, ପୁତ୍ର ପାଇଁ ଭୀଷ୍ମ ଆଜୀବନ ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରିଥିଲେ । ସେପରି ଆଦେଶ କି ଦେଇ ନାହଁ କି ପିତା ? ଏକ ଖଣ୍ଡ ଦେବା ଆଶା ତ ମୋର ଅନ୍ତରର ଆଶଙ୍କା ନ ଥିବ । ଯଯାତିଙ୍କର ଇଚ୍ଛା ନୁହେଁ, ଜରାଟାକୁ ମୁଁ ସୁଖରେ

ଅଛି ନ ଥାନ୍ତି—ତାର ଜୀବନ ଅବ୍ୟାହତ ରହିଥାନ୍ତା; କିନ୍ତୁ ଯଶସ୍ୱୀଙ୍କ କୁଳପଦ କଥାବାର୍ତ୍ତାରୁ ବଞ୍ଚିତ କରାଇ କି ଲାଭ ହେଲା ପିତା ?” ସେ ଯେତେକ ଭାବିବାକୁ ଲାଗିଲେ, ସେହି ପରିମାଣରେ ଅଧୀର ଅସ୍ଥିର ହୋଇ ଉଠିଲେ । ବହୁ ଆଲୋଚନା ବିବେଚନା ପରେ ସିଦ୍ଧାନ୍ତ କଲେ, ତାଙ୍କର ସମସ୍ତ ଗୁପ୍ତ ଇଚ୍ଛାକୁ ପିତାଙ୍କ ନିକଟରେ ପ୍ରକାଶ କରିବେ । ପରସ୍ପର ହୃଦୟର ବେଦନା ହୋଇଥିବା କଥା ଜାଣି ପାରିଲେ ବା ଶାନ୍ତି ପ୍ରଦାନ ଦେବାକୁ କାରଣ କରନ୍ତୁ ନାହିଁ । କିନ୍ତୁ କପରି କହିବେ ? ବଡ଼ ଲଜ୍ଜାର କଥା ! କହିଲେ ବା ଭାବିବେ କଣ ? ସେ ଲକ୍ଷ୍ମୀଧରଙ୍କ ଜୀବନରେ ଯେ ଦୁଃଖର ସୃଷ୍ଟି କଲେ, ତାଙ୍କର ସେହି ଦେଶରେ ସବୁ କଥାରୁ ବେଶ ଜଣାଯାଉଛି । ଏ କଥା ଶୁଣିଲେ ତାଙ୍କର କ୍ରୋଧାଗ୍ନି ପ୍ରଜ୍ୱଳିତ ହୋଇପାରେ ପିତା । ପୁଣି କହିଲେ : “ନା, ମୁଁ ତ ବାଲ୍ୟକାଳରୁ ପିତାଙ୍କୁ ଦେଖି ଆସିଛି—ସେ କେବେ ହେଲେ ମୋର ଆବଦାର ଅନୁରୋଧ ପ୍ରତ୍ୟାଖ୍ୟାନ କରି ନାହାନ୍ତି । ଯାଉଛି, ଆଜି କହିବି ସେ କ୍ରୋଧରେ ମାରି ଦେବେ । ଲଜ୍ଜା ସହିତ ମୋର କ ସମ୍ଭବ ଜାଣି ପାରିଲେ ସେ ଅବଶ୍ୟ ଶାନ୍ତ ହୋଇଯିବେ ।” ଏହିପରି ନାନା ଚିନ୍ତା, ଚିନ୍ତା ପରେ ହୃଦୟରେ ସାହସ ବାନ୍ଧି ନବକିଶୋର ପିତାଙ୍କ ନିକଟକୁ ଗଲେ । ମାତ୍ର ପିତାଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ତାଙ୍କର ସ୍ୱାଭାବିକ ଉତ୍ସାହିତ ହେଲା । ସେ ପୁଣି ଭାବିଲେ, “ଛି, ମୁଁ କଣ କରିବାକୁ ଯାଉଛି ? ନିଜ ହସ୍ତରେ ନିଜର, ନିଜର ତ କର୍ତ୍ତବ୍ୟ, ଗୁରୁଜନଙ୍କର ଗଳା କାଟିବାକୁ ଚାହୁଁ ? ଏତେ ଦୁର୍ବଳ, ଏତେ ଭୀରୁ, ଏତେ ସ୍ୱାର୍ଥପର ମୁଁ ? ଯେଉଁ ଦେଶର ସାବିତ୍ରୀ ଅବଳାର ଦୁର୍ବଳ ହୃଦୟରେ ଅସୀମ ବଳ ସଞ୍ଚୟ କରି କୃତାନ୍ତଙ୍କୁ ପରାସ୍ତ କରିବାକୁ ସମର୍ଥ ହୋଇଥିଲେ, ସୀତା ରାବଣ ବଧ ନିବାରିବାକୁ ଭୀତ ତ୍ରସ୍ତ ହୋଇ ନ ଥିଲେ, ରାଣୀ ଦୁର୍ଗାବତୀ ଶତ୍ରୁର ଶାଣିତ ଖଡ୍ଗ ତରବାରୀକୁ ନିଜର କୋମଳ ବକ୍ଷରେ ସ୍ଥାନ ଦେଇ ଖଣ୍ଡ ଖଣ୍ଡ କରିବାରେ ଭୀରୁତା ପ୍ରକାଶ କରି ନ ଥିଲେ, ସେହି ଦେଶରେ ଜନ୍ମ ମୋର—ମୁଁ ପୁଣି ଧୃଷ୍ଟ ହୋଇ ଏହି ସାମାନ୍ୟ କଷ୍ଟ ସହି ପାରିବି ନାହିଁ ? କି ମୁଖରେ ଭାରତ ମାତା ପିତାଙ୍କୁ ଅନୁରୋଧ କରିବାକୁ ଯିବି ? ସେ ଯଥେଷ୍ଟ ପ୍ରଦାନ କରିପାରନ୍ତି; କିନ୍ତୁ ମୋ ପକ୍ଷରେ ଏ ଯେ ମହାପାପ ! ପିତୃ ଚରଣ: ଶୁଶ୍ରୂଷା ପ୍ରଧାନ କର୍ତ୍ତବ୍ୟ, ଲଙ୍ଘନ କରିବି କିପରି ? ଶରୀରଂ ବା ପାତୟେୟମ୍, କାର୍ଯ୍ୟଂ ବା ସାଧୟେୟମ୍ ।”

ନବକିଶୋର ପୁସ୍ତକରେ ମନୋନିବେଶ କରି ଲଳିତାର ସ୍ମୃତିକୁ ଭୁଲି ଯିବାକୁ ଇଚ୍ଛା କଲେ । ପୁସ୍ତକ ଅଲମାରୀ ଖୋଲି ଦେଲାପରି ତାଙ୍କର ନଜରରେ ପଡ଼ିଲା ଖଣ୍ଡେ ଧଳା କାଗଜ ଉପରେ । ଖୁବ ଖୋଲି ଦେଖିଲେ ତାଙ୍କର ହାତ ଲେଖା । ପାଠ କଲେ, "ସ୍ନେହର ଲଳିତା !—" ସହସା କୌଣସି ବିପଦ ଦେଖି ପ୍ରାଣୀ ଯେପରି ଭୟରେ ଶିହରି ଉଠେ, ସେ ସେହିପରି ଚମକି ଉଠିଲେ । ସେ କାଗଜ ଉପରୁ ଅନ୍ୟଆଡ଼େ ଦୃଷ୍ଟି ଫେରାଇ ଦେଲେ । ହାୟ ! ଆଉ କି ଆଶା ଅଛି । ସବୁ ଆଶା ଆକାଂକ୍ଷା, ସ୍ନେହପ୍ରୀତି, ମାୟାମମତା ଜଳାଞ୍ଜଳି ଯାଇଛି ପିତାଙ୍କର ସେହି ଅଭିଶାପ-ଗର୍ଭରେ । ଆସିବା ସମୟରେ ଲଳିତା ସଙ୍ଗରେ ଦେଖା ହୋଇପାରି ନ ଥିବା ହେତୁ, କଲିକତାରେ ପହଞ୍ଚିବା ମାତ୍ରେ ଗୋଟି ଖଣ୍ଡେ ଲେଖିବାକୁ ଆରମ୍ଭ କରିଥିଲେ । କେତେ ଭାବୁଛି ମନ, କେତେ ଅନ୍ତରସ୍ଥ ବେଦନାର ଲେଖା, ହୃଦୟର କେତେ ଗୁପ୍ତ କାହାଣୀ ଅଛି ସେଥିରେ । ପ୍ରେମମୟୀ ଲଳିତାକୁ ପ୍ରେମିକର ପତ୍ର, ପ୍ରଣୟିନୀ ନିକଟକୁ ପ୍ରଣୟୀର ପତ୍ର—ପୁଣି ଅନନ୍ତ ବେଦନା-ବୋଳା ବ୍ୟଥିତ ହୃଦୟର ଲେଖା ସେ । ଯାହାକୁ ଶୈଶବାବସ୍ଥାରେ ପୁଷ୍ପ ସୌରଭ ଭରପୁର ପଦ୍ମ ଭଳି ସୌରଭମୟ । ଯାହାର ଉଦ୍ଦେଶ୍ୟରେ ଲେଖା, ସେ ସେ ଲେଖାର ସାକାରତା ସଫଳତା ଉପଲବ୍ଧି କରନ୍ତା, ସେ ତ ସେଥିରୁ ବଞ୍ଚିତ । ନବକିଶୋର ଆଉ ପଢ଼ିବେ କଣ ? ଗୋଟି ଖଣ୍ଡି କାଗଜରେ ଧରି ଭଗ୍ନ ମନରେ ଅଶ୍ରୁମୋଚନ କଲେ । ତାପରେ ଉଠିପଡ଼ି କହିଲେ, "ଛିଃ—ଅସହ୍ୟ, ଅସହ୍ୟ ! ଭୁଲି ଯେ ପାରି ଯାଉଛି ।" ଗୋଟି ଖଣ୍ଡି କାଗଜ ଛିନ୍ନ କରି ଫିଙ୍ଗି ଦେଲେ ।

---

## ଦ୍ୱାଦଶ ପରିଚ୍ଛେଦ

ଲଳିତା ପତ୍ର ଖଣ୍ଡେ ଦେଇ ଉତ୍ତର ଅପେକ୍ଷାରେ ବସି ରହିଲା । ଘଣ୍ଟ ଘଣ୍ଟ ବାଟଚାଲ ଏକ ଗଲା । ପୁଣି ସେହି ରବିବାର—ବାଟ ଖାଲି ! କେବଳ ଶୂନ୍ୟ, ସଞ୍ଜ ହେଲା । ଘଣ୍ଟାକୁ ସମସ୍ତେ ଫେରିଲେ । ଲଳିତାର

ମଧ୍ୟ ଫେରିଲେ; ମାତ୍ର ଚିଠିର ଦେଖା ନାହିଁ । ଲଳିତାର ଦୁଃଖ-କଷ୍ଟ ବଢ଼ିବାକୁ ଲାଗିଲା ବର୍ଷାର ଫୁଲଝୁଲା ନଈ ଖରସ୍ରୋତାଠାରୁ ପ୍ରବଳତର ହୋଇ । ସେଦିନ ରାତିରେ ସେ ଆଉ ଖଣ୍ଡେ ପତ୍ର ଲେଖିଲା ।

ଦିନ ପରେ ଦିନ ବିତିଯିବାକୁ ଲାଗିଲା । ଲଳିତା ଚିଠି ପରେ ଚିଠି ପଠାଇବାକୁ ଲାଗିଲା ; କିନ୍ତୁ ନବକିଶୋରଙ୍କ କୌଣସି ସମ୍ବାଦ ମିଳିଲା ନାହିଁ ।

ସେ ବ୍ୟସ୍ତ ହେଲା । ଭାବନା-ସିନ୍ଧୁର କୂଳ କିନାରା ପାଉନାହିଁ ।

ସେଦିନ ନାନାକଥା ସବୁ ତାର ମନେପଡ଼ିଲା । ସେ ସ୍ଥିର କଲା, କୈଳାସଚନ୍ଦ୍ର ନାନୀ ପାଖରେ ବାପାଙ୍କ ଯେଉଁ ଲୁଗାରେ ଅପମାନିତ କରିଛନ୍ତି ଓ ମୋ ନାମରେ ଯେଉଁ ଅପବାଦ ରଟନା କରିଛନ୍ତି, ସେ ସମସ୍ତ କଥାକୁ ସ୍ବାମୀଙ୍କୁ କହିଥିବେ । ସେଥିପାଇଁ ବୋଧହୁଏ ସେ ଚିଠିପତ୍ର ଦେଉ ନାହାନ୍ତି । ମୋ ପ୍ରତି ତାଙ୍କର ଗୋଟାଏ ନିତାନ୍ତ ଖରାପ ଧାରଣା ଜନ୍ମିଛି ନିଶ୍ଚୟ । ତେବେ ମୁଁ କୁଆଡ଼େ ଏତେ ଖରାପ ହୋଇଛି କାହିଁକି ? ତାଙ୍କର ମନ ଏତେ ଅସ୍ବଚ୍ଛ ମନ ଅଛି—ମୋର ସେ ଦିନ ନାହିଁ ? ତାଙ୍କ ମନରେ ମୋ ପ୍ରତି ଯେଉଁ ଉଦାସ୍ୟ ଭାବ ଜନ୍ମିଛି, ମୁଁ ଏପରି ଅଧୀର ହୋଇ ବାରମ୍ବାର ପତ୍ର ଦେବାଦ୍ବାରା ସେ ଭାବ ତାଙ୍କର ବୃଦ୍ଧିପ୍ରାପ୍ତ ହେବ ସିନା ! ନା, ଆଉ ପତ୍ର ଦେବି ନାହିଁ ; କିନ୍ତୁ ଏହାର ପ୍ରତିଶୋଧ ନେବାକୁ ହେବ । ନିଶ୍ଚୟ ଦିନେ କୈଳାସଚନ୍ଦ୍ରଙ୍କୁ ଏପରି ଶିକ୍ଷା ଦେବି, ଯଦ୍ବାରା ସେ ଜୀବନର ଏହି ଅପଥ ପରନିନ୍ଦାରୂପ ମହାପାପର କଠୋର ପ୍ରାୟଶ୍ଚିତ୍ତ କରିବାକୁ ବାଧ୍ୟ ହେବେ । ଲଳିତା ଏତେଗୁଡ଼ାଏ କଥା ଭାବିଗଲା ସିନା, କାର୍ଯ୍ୟରେ ପରିଣତ କରିପାରିଲା ନାହିଁ । ପର ମୁହୂର୍ତ୍ତରେ ପୁଣି ଅଧୀର ହୋଇଉଠିଲା ନବକିଶୋରଙ୍କର ସମ୍ବାଦ ପାଇବା ପାଇଁ । ନାନୀଠାରୁ କୈଳାସଚନ୍ଦ୍ରଙ୍କର ଷଡ଼ଯନ୍ତ୍ରବାକ୍ୟସବୁ ଶୁଣିଲା ଦିନରୁ ସେ କରିବାର ପ୍ରତିଜ୍ଞା କରିଥିଲା, ନବକିଶୋରଙ୍କୁ ଆଉ ପତ୍ର ଦେବ ନାହିଁ, କି ତାଙ୍କ ବିଷୟରେ ସନ୍ଦେହ ହେଲେ ଭାବିବ ନାହିଁ । କିନ୍ତୁ ସେ ପ୍ରତିଜ୍ଞା ତାର ଜଳ-ରେଖା ପରି ସଙ୍ଗେ ସଙ୍ଗେ ଲିଭିଗଲା । ସେ ନବକିଶୋରଙ୍କୁ ଭଲକରି ଜାଣେ । ସ୍ବାମୀ ଯାହା ଶୁଣି ତାଙ୍କର ମନରେ ଚିନ୍ତା ଜନ୍ମିଛି, ତଥାପି ସେ ଯାହା କହ ବୋଲି

ହେବେନା ହରଷେ, ତାଙ୍କୁ କେବେ ଦେଖି ହେବେ ନାହିଁ । ନବକିଶୋର ତାଙ୍କୁ ଭୁଲି ଭଲ ପାରିବେ, ଏହା ସେ ଅତେବୀ ବିଶ୍ୱାସ କରିପାରୁ ନାହିଁ । ଅନ୍ୟ କୌଣସି କାରଣରୁ ବୋଧହୁଏ ପତ୍ର ଦେଇପାରୁ ନାହାନ୍ତି । ଆଉ ଗୋଟିଏ କଥା ତାର ମନେପଡ଼ିଲା । ସେ ଭାବିଲା, "ଅପମାନ ବା ଅଭିମାନରେ ମୋତେ ଯଦି ପତ୍ର ଦେଉ ନାହାନ୍ତି, ତାଙ୍କ ଘରକୁ ତ ପତ୍ର ଦେଉଥିବେ । ଘର ଅପାଠାରୁ ସମସ୍ତ ଖବର ଜଣାପଡ଼ିବ ।"

ସ୍ୱାଦଶୀ ଚନ୍ଦ୍ର ବାତାୟନରୁ ଉପରେ ବସି ତାଙ୍କର ଶୋଭା-ଉତ୍ସବ ଦେଖୁ ଦେଖୁଛନ୍ତି । ସେ ସୌନ୍ଦର୍ଯ୍ୟ, ସେ ଶୋଭା, ସେ ସୁଷମା ଧରଣୀବକ୍ଷକୁ ରଞ୍ଜିତ କରି ଅଛି ଏବଂ ଅଭିନବ ଶୋଭାସୌନ୍ଦର୍ଯ୍ୟର ସୃଷ୍ଟି କରୁଛି । କେଡ଼େ ସୁନ୍ଦର, କେଡ଼େ ମନୋହର, କେଡ଼େ ମନୋମୁଗ୍ଧକର ସେ ଛବି । ଅଧାଚନ୍ଦ୍ର-ଲୋକ ସମସ୍ତେ ସେ ସୌନ୍ଦର୍ଯ୍ୟରେ ବିଭୋର—ସେ ନବ ମାଧୁରୀ ଉପଭୋଗରେ ଲୁବ୍ଧ ପ୍ରାୟ । ଘର ଅଗଣାରେ ବସି ଏକ ଦୃଷ୍ଟିରେ ଚାହିଁ ରହିଛି, ସେହି ସୌନ୍ଦର୍ଯ୍ୟଭଣ୍ଡାର ଚନ୍ଦ୍ରମଣ୍ଡଳକୁ । ଚନ୍ଦ୍ରଙ୍କର ହସ ହସ ବଦନକୁ ଚାହିଁ ସେ ଭାବୁଛି, "ପ୍ରଭୁ ! ତୁମର ସୃଷ୍ଟି କି ବିଚିତ୍ର ! କାହାକୁ ହସାଉ କାହାକୁ କନ୍ଦାଉଥାରେ ସିଦ୍ଧହସ୍ତ ତୁମେ । ସୁନ୍ଦର ପାଖରେ ଅସୁନ୍ଦର, ସୁଖ ପାଖରେ ଦୁଃଖ, ଆଲୋକ ପାଖରେ ଅନ୍ଧାରକୁ ରଖି ଉଭୟଙ୍କୁ ଏକ ସମୟରେ ଦେଖି-ବାକୁ ବଡ଼ ଭଲପାଅ ତୁମେ । କମଳିନୀ ଯେତେବେଳେ ଆପଣେ ଦ୍ଧ ମେଲି ଫୁଲି ଫୁଲି ହସୁଥାଏ, କୁମୁଦିନୀ ସେତେବେଳେ ଦୁଃଖରେ ମ୍ରିୟମାଣା; ପୁଣି କୁମୁଦିନୀ ଯେତେବେଳେ ହସି ଉଠେ, କମଳିନୀ ଦୁଃଖରେ ଆଖି ବୁଜିଦିଏ । ଏହି ତ ତୁମର ସୃଷ୍ଟି ? ମାନବର କଣ ନାହିଁ ତୁମର ଉଦ୍ଦେଶ୍ୟ ବୁଝିବାକୁ ! ତେବେ ତୁମେ ଯାହା କର, ପ୍ରାଣୀର ହିତ ପାଇଁ—ଏଥିରେ କିଛି ସନ୍ଦେହ ନା ଥିଲେ ଏବା ।" "ଅପା ବସିଛୁ କି ?" କହି ଲଳିତା ଠିଆ ହୋଇଗଲା । ଘର ଜାଣି ପାରିଲା ନାହିଁ ; ସେ ଚିନ୍ତାରେ ମଗ୍ନ । ଲଳିତା ଠିଆହୋଇ ଭାବିଲା, "ଭଉଣୀ କଣ ଆରମ୍ଭ କରିବ ? ଘର ଅପା ଶୁଣି ଅଚ୍ଛା କରିବ କିମ୍ବା ତାହାଙ୍କ ଘର ଅପମାନ ଯଦି କରେ ? କଣ କହିବ, ଆଉ କଣ କହିବ ?" ଘର ଦୃଷ୍ଟି ଫେରାଇଲା । କହିଲା, "ଲଳିତା, କେତେବେଳୁ ଆସିଲୁଣି ?" ଲଳିତା ଶୁଣିପାରିଲା ନାହିଁ । ଘର ତାର ହାତ ଧରି ବସାଇ ଦେଇ ଦେଇ କହିଲା,

"କେତେବେଳକୁ ଆସିଲୁଣି ମ ?" ଲଳିତା ଟିକିଏ ଅପ୍ରତିଭ ହୋଇଗଲା । କହିଲା, "ତମେ ସବୁ ଆକାଶକୁ ଚାହିଁଥିଲ, ମୁଁ ଡାକଟି ଶୁଣିଲି ନାହିଁ । କଣ ବସି ଭାବୁଥିଲ କି ?" ସେ ନିଜର ଭାବ ଗୋପନ କରି ଲଳିତାକୁ ବୁଝାଇବାକୁ କହିଲା, "ମୋତେ ଚନ୍ଦ୍ର କିରଣଟି ଭଲ ଲାଗେ । ଦେଖିଲୁ କି ସୁନ୍ଦର, କି ଶୀତଳ ଲାଗୁଛି !" ଲଳିତାର ହୃଦୟ ଦୁଃଖାନଳରେ ଦଗ୍ଧ ହେଉଛି । ସେ ଚନ୍ଦ୍ର କିରଣର ଶୀତଳତା ବୁଝିବ କାହିଁ ? ସୌନ୍ଦର୍ଯ୍ୟ ଉପଲବ୍ଧି କରିବ କାହୁଁ ? ଅନ୍ୟମନସ୍କ ଭାବରେ କହିଲା, "ହଁ ; ଅପା ତମେ ଏକୁଟିଆରେ ଘରେ ବସି ବସି କଣ କରୁଛ ମ ? ଆମ ଘର ଆଡ଼େ ଏବେ ତ କାହିଁକି ଯାଉନା ?" ସେ ଏ ପ୍ରଶ୍ନର କି ଉତ୍ତର ଦେବ, ହଠାତ୍ ତାର ମନେ ପଡ଼ିଲା ନାହିଁ । ସେ ଭାବିବାକୁ ଲାଗିଲା, "ପ୍ରକୃତରେ ଘର ଛାଡ଼ି କଣ ଲଳିତାଙ୍କ ଘରଆଡ଼େ ଆଉ ଯାଇ ନାହିଁ । ତାହାର କାରଣ, ଶରଧା ଦେଈଙ୍କଠାରୁ ବଳି ସେ ଲଳିତାକୁ ଭଲ ପାଏ । ଶରଧା ଦେଈ ଯେତେବେଳେ ମୃତ୍ୟୁଶଯ୍ୟାରେ ତାଙ୍କର ମନକଥା ଖୋଲି ସମସ୍ତଙ୍କ ସମ୍ମୁଖରେ ସ୍ୱାମୀଙ୍କୁ କହିଲେ ଏବଂ ପୁତ୍ରବଧୂ ପଦରେ ଲଳିତାକୁ ଅଧିଷ୍ଠିତ କରିଦେଇଗଲେ, ତାର ଆନନ୍ଦର ସୀମା ରହିଲା ନାହିଁ । ଅତି ଅଳ୍ପବୟ-ସରେ ତାର ପିତୃବିୟୋଗ, ତାପରେ ପୁଣି ମାତୃବିୟୋଗ—ତା ଉପରେ ଅସହ୍ୟନୀୟ ଦୁଃଖର ଝଡ଼ସବୁ ଲଦିଦେଲେ । ଏତେ ଦୁଃଖରେ ମଧ୍ୟ ତାର ମନ ମଧ୍ୟରେ ଟିକିଏ ଆନନ୍ଦ ଜାତ ହେଲା । ସେ ଭାବିଲା, "ଯାହା ହେଉ, ଲଳିତାକୁ ପାଇଲେ ମାତୃବିୟୋଗ ଦୁଃଖ ପାସୋରି ପାରିବ ।" କିନ୍ତୁ ଦୈବଲୀଳାଚକ୍ର ସେହି ଦିନ ନାକ୍ଷୀ ଅସରେ ଲଳିତାକୁ ଏବଂ ତାର ପିତାଙ୍କୁ ନିତାନ୍ତ ଅକଥ୍ୟ ଭାବରେ ଗାଳି ଦେଲେ, ଆଉ ମଧ୍ୟ ପ୍ରତିଜ୍ଞା କଲେ ଯଦି ନ ବାଳେ ନିଜ ସତ୍ତ୍ୱ ଲଳିତାର ବିବାହ ହୋଇପାରିବ ନାହିଁ , ସେହି ଦିନ ତାର ସମସ୍ତ ଭବିଷ୍ୟତ ଆଶାଲତା ନିର୍ମୂଳ ହୋଇଗଲା । ଏବେ ତ ମାତୃ-ଶୋକରେ ଅଧୀର ଥିଲା, ପିତାଙ୍କର ଏପରି ଅବିମୃଶ୍ୟକାରିତାରେ ସେ ଆହୁରି ଅଧୀର ହୋଇପଡ଼ିଲା । ତା ହୃଦୟରେ ବେଶି ଆଘାତ କଲା କେବଳ ଲଳିତା ଦୁହିଁଙ୍କର ବିଚ୍ଛେଦ-ବେଦନା । ଯଦି ତ ସେ ତାଙ୍କର ଅନ୍ତରର ଗୁପ୍ତ କାହାଣୀ ଜାଣେ ନାହିଁ, ବାଲ୍ୟକାଳରୁ ସେ ଦୁହିଁଙ୍କର କପଟ ମନ

ଗଲେ, ତାହା ତାଙ୍କର ଅବଧାନ ନ ଥିଲା । ସେ କଣ ଭାବୁଥିବା ଭଳି କହିଲେ, "ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ଯେ ବିଚଳିତ ହୋଇଗଲେଣି, ସେ କପରି ଜୀବନର ଯାତ୍ରା ଯନ୍ତ୍ରଣା ସହ୍ୟ କରିପାରିବ ? କିଛି ଗୋଟାଏ କଥା ଶୋଚନୀୟ ଭାଗ୍ୟ ଘଟିବ । ସିଏ ଏ ଅକାଳମୃତ୍ୟୁକରଣ ଯୋଗୁଁ କିମ୍ବା ଜନ୍ମଜନ୍ମାନ୍ତର ମହାପାତକ ଭୁଞ୍ଜିବାକୁ ବାଧ୍ୟ ହେବେ ।" ସେହି ଦିନଠୁ ସେ ଆଉ ରମାଧରଙ୍କ ଘରଆଡ଼େ ଯାଏ ନାହିଁ । ଯିବାକୁ ଇଚ୍ଛା ହେଉଥିଲେ ସୁଦ୍ଧା ବିବେକ ତାର ପାଦକୁ ସେପଟୁ ଟାଣି ଧରେ । କହେ, "କି ଆଶାରେ ତୁ ଆଉ ସେଠାକୁ ଯିବୁ ? ସିଏ ତୋର ସ୍ୱପ୍ନରେ କଣ୍ଟକ ସଜାଇ ଦେଇ ପଥ-ଭୁଲ କରିଛନ୍ତି ।"

ସରୋଜକୁ ନିରୁତ୍ତର ଦେଖି ଲଳିତା କହିଲେ, "ଚୁପ ରହିଲ ଯେ, ଆଶା !" ବେଦନାକ୍ଲିଷ୍ଟ ଦୀର୍ଘ ନିଃଶ୍ୱାସଟିଏ ତ୍ୟାଗ କରି ସରୋଜ କହିଲା, "ଚୁପ ନ ରହି ମୋର ଆଉ କରିବାର କଣ ଅଛି ? ପ୍ରକୃତରେ ଘରେ ସଦାସର୍ବଦା ଭାବ ନାହିଁ, ଅନେକ ସମୟ ଖାଲିଟାରେ ବସି ବସି ଖାଲି ଭାବୁଥାଏ କିନ୍ତୁ ତମ ସବୁ ଅଡ଼େ ଯାଇ ନାହିଁ । ଜାଣିନ ଯେ ଯାଇ ନାହିଁ, ତା ମୁଁ କହି ପାରିବି ନାହିଁ । ମୋର ଭାଗ୍ୟରେ ଏଇ ହେଲେ ହେଲା ନେବ ମନଟା କହ' ଶାସ୍ତ୍ର ହୋଇଗଲାଣି—ମୁଣ୍ଡ ବି ଟିକିଏ ଗଲାଣି । କୌଣସି କଥା ସ୍ମରଣ ରହୁ ନାହିଁ ।"

"ଜାଣିଛ, ତମ ଦେହ କଣ ଖରାପ ଅଛି କି ?"

"ସେ କଥା ମୋର ଜାଣି ! ତାହା ହେଲେ ତ ମୁଁ ବୁଝି ପାରନ୍ତି । ଏ ଯୋଡ଼ା ଜୀବନ କଣ ଜମ ଟାଣ କି ?"

ଏତେ ଦୁଃଖ, ଏତେ ଚିନ୍ତା, ଏତେ ମନସ୍ତାପରେ ଲଳିତା ସେତେ ଦୂର ବିଚଳିତ ହୋଇ ନ ଥିଲେ, ସରୋଜ ଏ ଶେଷ କଥା ଶୁଣିବା ତାଙ୍କୁ ଅତ୍ୟନ୍ତ ବିଚଳିତ କରି ଦେଲା । ସରୋଜ ଅନ୍ତରର କଥାଟି ତାଙ୍କ ଅନ୍ତରତମ ପ୍ରଦେଶରେ ଆଘାତ କଲା । ସେ ଭାବିଲେ, "ଆହା ! ମୁଁ ଜାଣିକି ଏଠାକୁ ଆସିଲି ? ଅଯଥା ଆଶା ମନରେ ଦେଇ କଷ୍ଟ ଦେଲି ! ଜୀବନର ଆରମ୍ଭରେ ସ୍ୱାମୀବିୟୋଗ, ତା ପରେ ମାତୃବିୟୋଗ ; ବାସ୍ତବିକ ସବୁ ଆଘାତ ବଡ଼ ଦୁଃଖଦ ।"

ଲଳିତାକୁ ବିମର୍ଷ ଦେଖି ସର ଅପ୍ରତିଭ ହୋଇପଡ଼ିଲେ । ସ୍ନେହସିକ୍ତ କଣ୍ଠରେ କହିଲେ, "ଓଃ! ତୋର ଉତ୍ସାହ ବାହୁଡ଼ି କି ? ସବୁ କାହିଁ ?" ଲଳିତା କହିଲା । "ଦେଖୁ କାହିଁ ମୋର ଏ ଦୁଃଖ ଅବସାନ; ସେ ଚୋରାବାଲି ଅଟକ ମାଇଲ ହେଇ ଗଲାଣି ସେ, ଛଅଟି ଘଣ୍ଟା—।"

ଲଳିତା ଏତେବେଳେ ଯାଇ କୂଳକିନାରା ପାଇଲା । ସ୍ନେହୀ ଅଭିଭାବକଟିଙ୍କୁ ତାର ଅନ୍ତର ଗଭୀର ବେଦନା ଶୁଣିଲେ ଯେପରି ସେହି ସାନ୍ତ୍ୱନା ଦ୍ୱାରା ଉଦ୍‌ବୁଦ୍ଧ ହୋଇଗଲେ, ଲଳିତା ସେହିପରି ତାର ସମସ୍ତ ଦୁଃଖ, ଦୈନ୍ୟ, ବିସ୍ମୃତ ହୋଇ ଆନନ୍ଦରେ, ଆବେଗରେ ଫୁଲିଉଠିଲା । ସରଙ୍କୁ କଥା ଶେଷ କରିବାକୁ ଅବସର ନ ଦେଇ କହିଲା, "ସିଏ ଭଲରେ ଅଛନ୍ତି ନା ? କେବେ ଚିଠି ଦେଇଛନ୍ତି ?" ଲଳିତାର ଏ ପ୍ରକାର ଉତ୍‌କଣ୍ଠିତ ସ୍ୱରରେ ଅଯଥା ପ୍ରଶ୍ନ କରିବା ଶୁଣି, ତାର ମନୋଗତ ଭାବ ବୁଝିବାକୁ ସରଙ୍କ ବିଳମ୍ବ ହେଲା ନାହିଁ । କହିଲେ, "ହାଁ, ସେ କଣ ଏ ଚର୍ଚ୍ଚିତ ଚିଠି ଦେଇଛନ୍ତି କି ? ସେହି କଥା କହୁଛି ପରା ।" ଲଳିତା ବଡ଼ ଆଶାଭରା ପ୍ରାଣରେ ଉତ୍‌ପ୍ରସ୍ତ କମ୍ପନରେ ମୁହଁ ଉଠାଇଥିଲା ସର ମୁହଁକୁ, ଜନକକିଶୋରଙ୍କର ଶୁଭସମ୍ବାଦ ପଦେ ଶୁଣିବ ବୋଲି । ତତ୍‌ପରବର୍ତ୍ତିରେ ଯାହା ଶୁଣିଲା, ତାର ଆଶା ଆକାଂକ୍ଷା ସମସ୍ତ ଛିନ୍ନଭିନ୍ନ ହୋଇ ଦୁନିଆ-ଢାଙ୍କଣରେ ଦେଖି ଯେତେ ବିଳୀନ ହୋଇଗଲା । ଏବେ ସେଥିରୁ ସେ ହିମାଳୟର ଉଚ୍ଚତମ ଶିଖର ପ୍ରଦେଶରୁ ଭୂପୃଷ୍ଠରେ ଖସିପଡ଼ିଲା ! ହଠାତ୍‌ ତାର ବାକ୍‌ସ୍ଫୂର୍ତ୍ତି ହେଲା ନାହିଁ । କିଛିକ୍ଷଣ ପରେ କମ୍ପିତକଣ୍ଠରେ କହିଲା, "ଚିଠି ଦେଇ ନାହାନ୍ତି ? ତେବେ ସେ ହେଲେ ଚିଠି ଖଣ୍ଡେ ଦେଇନାହାଁନ୍ତି ଆଉ !"

"ମୋର ଏତେ ଦୂର ମନ ବ୍ୟସ୍ତ ହେବାର କାରଣ କଣ କି ? ଜଣେ କାହିଁକି, ଦୁଇଖଣ୍ଡ ଚିଠି ଦେଲଣି—ତାର ଉତ୍ତର ନାହିଁ ।"

ଉଭୟେ ନୀରବ । ପ୍ରାୟ ଅର୍ଦ୍ଧଘଣ୍ଟା ପରେ ଲଳିତା ନୀରବତା ଭଙ୍ଗ କରି କହିଲା, "ସେ ପତ୍ର ବସାରେ ନାହାନ୍ତି କି କଣ ? ସିଏ କୋଉଁଠି ଅଛନ୍ତି ? ତମେ ବାପାଙ୍କ ଠାଁଇକୁ ପତ୍ର ଦିଅ ।"

"ହଁ, ମୁଁ ସେହି କଥା ଭାବୁଛି । କାଲି ବାପାଙ୍କ ପାଖକୁ ଖଣ୍ଡେ ଚିଠି ଦେବି, ଜଣାଇବି ।"

× × ×

କଲିକତାରୁ ଚିଠି ଆସିଛି, ବଡଭଉଣୀଙ୍କ ହାତ ଲେଖା 'ନୁହେଁ । କୈଳାସଚନ୍ଦ୍ର ଲେଖିଛନ୍ତି ସବୁ । ପଢ଼ିବା ସମ୍ବନ୍ଧରେ କେତେକ ଉପଦେଶ ଆଦେଶ ପୂର୍ଣ୍ଣ ଲେଖା । ଶେଷରେ ଲେଖା ଅଛି, "ତୁ ନାନା ବିଷୟରେ ଖୁବ ବ୍ୟସ୍ତ ହେବୁ ନାହିଁ । ସେ କହି ଅଛୁ, ତାର ପଢ଼ା ପଡ଼ି ରହି ଥିବାରୁ ଚିଠି ପତ୍ର ଦେବାକୁ ଅବସର ପାଏ ନାହିଁ । ତାଙ୍କୁ ଚିଠି ଦେବାକୁ ଆଶା କରିବୁ ନାହିଁ । ତୁମର ଏଣିକି ପନ୍ଦର ଦିନ ମୋତେ ଚିଠି ଲେଖୁଥିବୁ ।" ଅନ୍ୟାନ୍ୟ ଦିନ ପରି ଲଳିତା ସେଦିନ ସନ୍ଧ୍ୟାବେଳେ ତାର ଘରେ ଆସି ଘରକୁ ଫୁଲିଗଲା । ସତ୍ୟ ଚିଠିଖଣ୍ଡି ତା ହାତକୁ ବଢ଼ାଇ ଦେଇ କହିଲା—"କଲିକତାରୁ ଆଜି ଚିଠି ଆସିଛି ।" ଲଳିତା ପାଠ କଲା । ପରେ ଅଭିମାନର ସ୍ୱରରେ କହିଲା "ପଢ଼ାପଢ଼ିର ଏତେ ଭିଡ଼ ଯେ, ଚିଠି ଖଣ୍ଡିଏ ଲେଖିବାକୁ ବେଳ ହେଉ ନାହିଁ ?" ଲଳିତା ସ୍ୱରର ଅଭିଳରେ ବେଦନାର ଗୋଟିଏ ଚାପା ନିଃଶ୍ୱାସ ତ୍ୟାଗ କରି କହିଲା, "ଅସମ୍ଭବ ନୁହେଁ ଯେ, ଭାଉଜଙ୍କ ଗୋଟିଏ ନାତୁଣୀ ଜନ୍ମିଥିବା ପାଇଁ ସେଥିରେ ପୁଣି ବହି ଗୁଡ଼ା ଖୁବ୍ ବଡ଼ ବଡ଼—ସମସ୍ତ ଅସୁବିଧେ... ।"

"ଯା, ଯା, ଆଉ ତାଙ୍କୁ ସେକଥା କହନ୍ତୁ ଯେ, ସେ କଷ୍ଟ କରିବ । ମୋତେ କଣ ଏତେ ଝିଅ କରି ପାରନ୍ତୁ ? ଇଂରେଜୀ ଓ ଅଙ୍କ ପଣ୍ଡିତ୍ ବୋଲି, ନା କଣ ?" ସତ୍ୟ ସାମାନ୍ୟ କଥାରେ ଲୁଚିଯାଏ । ଚିଠି-ପାଇଲାବେଳୁ ନବ ଆଉ ବାପା ବୁଝିଙ୍କ ଉପରେ ତାର ଖୋଲାପଣ ଥିଲା । ବର୍ତ୍ତମାନ ଲଳିତା ନବର ପକ୍ଷ ସମର୍ଥନ କରୁଥିବାର ଦେଖି, ସେ ରାଗର କିଛି ରାଗ ଲଳିତା ଉପରେ ପଡ଼ିଲା । କିନ୍ତୁ କଥାଟା ଅଧିକ ବଢ଼ିବା ସଙ୍ଗେ ସଙ୍ଗେ ତାର ମନେ ପଡ଼ିଗଲା, ଲଳିତା ମନରେ ବାଧା ହେବ ସତ୍ୟ । ମନିରେ ସେ ସ୍ୱର ପରିବର୍ତ୍ତନ କରିବାକୁ ଯାଇ ଅର୍ଥାତ୍ ସହଜ ଗଳାରେ କଥାଟା କହିବାକୁ ଚେଷ୍ଟା କରି ଗୋଟିଏ କମ୍ପ୍ରଭଲମାନର ସ୍ୱର ବାହାରିଲା । ସେ ଅଶ୍ରୁଭିଜା ସ୍ୱର ଶୁଣିବାରେ ଲଳିତା ନ ହସି ରହି ପାରିଲା ନାହିଁ । କହିଲା, "ସେ ଚିଠି ନ ଦେଲେ ନାହିଁ, ମା ମଙ୍ଗଳା ତାଙ୍କୁ କଲମ ଦେଇ ରଖିଥାନ୍ତୁ ।"

"ହଁ, ଆଉ କଏ କଣ ଶୋଧୁଛୁ କ ! କଷ୍ଟ ହେଉଥିଲେ ତାଙ୍କ ସଦ୍‌ବ୍ୟବହାର ସେ କରିବେ ।" ଦରିଦ୍ର ବ୍ୟକ୍ତି ବହୁମୂଲ୍ୟ ରତ୍ନ ପ୍ରାପ୍ତ ହେଲେ ଯେପରି ଆନନ୍ଦିତ ହୋଇଥାଏ ଏବଂ ପର ମୁହୂର୍ତ୍ତରେ ଦୈବ ଘଟଣାରେ ରତ୍ନପ୍ରାପ୍ତିର ସେ ଆନନ୍ଦଟିକ କେଉଁଆଡ଼େ ମିଳାଇଯାଏ, ଲଳିତା ବର୍ତ୍ତମାନ ସେହିପରି ନବକିଶୋର ମୁଖ ଅନ୍ତରୁ ଶୁଣି ଆନନ୍ଦିତ ହୋଇ ଉଠିଲା; ପୁଣି ପରକ୍ଷଣରେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲା । "ତାର ପତ୍ନୀ ପ୍ରତି ଏତେ ଅନୁରାଗ ଥିବାରୁ ପତ୍ର ଦେବାକୁ ସେ ଅବସର ପାଏ ନାହିଁ । ତୁ ତାଠାରୁ ଆଉ ଚିଠି ପାଇବାର ଆଶା କରନ୍ତୁ ନାହିଁ"—ଏହାର ଅର୍ଥ କଣ ? ତାର ମନଟା ଲିଞ୍ଚପଞ୍ଚ ହେବାକୁ ଲାଗିଲା । ସେ ବୁଝିଲା,—ଏଥିରେ ହୈମାବତୀଙ୍କର ହାତ ଅଛି ନିଶ୍ଚୟ । ସେ ତାଙ୍କୁ ବାରଣ କରିଥିବେ କିମ୍ବା ଏପରି ସ୍ୱଭାବରେ କିଛି କହିଥିବେ, ଯଦ୍ଦ୍ୱାରା ସେ ପତ୍ର ଦେବାକୁ କୁଣ୍ଠିତ । ତେବେ ତାଙ୍କଠାରୁ ଆଉ ପତ୍ର ଆଶା କରିବା ବୃଥା । 'ଦ୍ୱିଜ, ପତ୍ର ନ ଦେଉନ୍ତୁ; ସୁଖରେ ଥାନ୍ତୁ ।' ସେ ଆଉ ଭାବି ପାରିଲା ନାହିଁ । ଦୁଇହାତ ଯୋଡ଼ି ଦେବାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲା ।

---

## ତ୍ରୟୋଦଶ ପରିଚ୍ଛେଦ

ଦୁଃଖରେ, ଦୁର୍ଦ୍ଦିନରେ ଲଳିତାର ଧନସ୍ତୁ ଦେଖି ହେବାକୁ କେହି ନାହିଁ । କେବଳ ସେ ଅପର ଧନଶୂନ୍ୟ ବହାଇବ, ତାର ଉପାୟ ଖୋଜିବାକୁ ଲାଗିଲା । ଘରେ କଷ୍ଟ ହେଲେ ଗୋଟାଏ କାର୍ଯ୍ୟ ଥାନ୍ତା । ସାରା ଏନଟା ଧରି ବସିବ କେତେ ? ଗଳିଆ ବା, କଣ୍ଟର ସଂଖ୍ୟା ତ ଅଙ୍ଗୁଳି ଅଗରେ । ନବକିଶୋର ତ ନାହାନ୍ତି ଯେ ଦୁଆଉଛ ଆଣି ଯୋଗାଇବେ । ଖାଲିଟାରେ ବସି ରହିବାକୁ ନାନା ଚିନ୍ତା ଦୁଃଖ ଦିନ ମନକୁ ଅସ୍ଥିର କରି ପକାଉଛନ୍ତି । କିଛି ନା କିଛି ଗୋଟାଏ କାର୍ଯ୍ୟରେ ନିଯୁକ୍ତ ହେଲେ ଅନେକଟା ଦୁଃଖର ଲାଘବ ହୁଅନ୍ତା । ବହୁ ଚିନ୍ତା ପରେ ସେ ସ୍ଥିର କଲା, ଚର୍ଖାକୁ ତ ପ୍ରତ୍ୟେଦିନ ସକାଳେ ଘଣ୍ଟାଏ ଦୁଇଘଣ୍ଟା ଚଳାଇବ, ସେଥିସହିତ ସମୟଟାକୁ ଆଉ କିଛି ସର୍ବ କରିଦେବ । ଦିନସାରା ସମସ୍ତ ସମୟ ଅତିବାହିତ କରିବ ସେହି କାର୍ଯ୍ୟରେ । ତା ହେଲେ ମନର କିଛି ପରିବର୍ତ୍ତନ ଆସିବ ନିଶ୍ଚୟ । ଲଳିତା ତାର

କଳ୍ପନାକୁ କାର୍ଯ୍ୟରେ ପରିଣତ କଲେ । ସେଥିରେ ସେ ଯେପରି ଆନନ୍ଦିତ, ଗଙ୍ଗାଧର ଓ ରାଧିକା ଦେବୀ ସେତିକିର ଆନନ୍ଦିତ । ସତ୍ୟ ମହାନ୍ତି ଓ ବାଳକ ଗଣ୍ଡୀର ସାଥୀ । ସେ ମଧ୍ୟ ତାଙ୍କ ସଙ୍ଗରେ ପଢ଼ିବାକୁ ଆରମ୍ଭ କଲା । ନୂତନ ଶିକ୍ଷା ତୁଲନିଟି ପାଇଁ ଲକ୍ଷ୍ମୀ ତାର ବର୍ଣ୍ଣିତ୍ୟରେ ଲଗିଗଲେ— ନବକିଶୋରଙ୍କର ମଧ୍ୟମପୁତ୍ର ପ୍ରତି ଉକ୍ତ ଭଲ ।

ସବୁ କଳ୍ପନାକୁ ଏପରି ଗୋଟାଏ କାର୍ଯ୍ୟ କରିବାର ଇଚ୍ଛା କରୁଥିଲେ । ମାତ୍ର ସୁଯୋଗ ଓ ସୁବିଧା ନ ପାଇ କାର୍ଯ୍ୟରେ ପରିଣତ କରିପାରୁ ନାହିଁ । ତାର ଇଚ୍ଛାମତ କାର୍ଯ୍ୟଟି ଆଜି ଲକ୍ଷ୍ମୀ କରିପାରିଛି ଶୁଣି ଅସୀମ ଆନନ୍ଦ ଅନୁଭବ କଲେ ସେ । କହିଲେ, "ମୁଁ ଏଇ କଥା ଦିନେ ରଘୁକୁ କହୁଥିଲି, ସେ ହିଁ କରିଥିଲା । କେତେଟା ବଡ଼ ଭଲ ଧରିଣବ । ତାର ବି ଏ ବୟସରେ ଭଲ ମନ । ମୁଁ ଆଜି ଯାଇକି ତାକୁ କହିବି । ତୁଅ ପିଲ ଯୋଗାଡ଼-କରି ଭାର ତା ଉପରେ ।"

"ତା ହେଲେ ତ ଭଲ ହୁଅନ୍ତା । ମୁଁ ଆଜି…।"

"ଅଚ୍ଛା, ବେଶି ପିଲ ହେଲେ ତ ଏ ଘରେ ଥାନ ହେବ ନାହିଁ ।"

"ନାହିଁ ତ ? ତମ ବଗିଚା ତ ଖାଲି ପଡ଼ିଛି । ସେଇଠି ସ୍କୁଲ ହେବ ।"

"ହଉ, ମୁଁ ଯାଉଛି ଉଲଟେ ରଘୁକୁ ଡାକି ଆଣିବି ।"

ରଘୁ ମନମୋହନ ପଟ୍ଟନାୟକଙ୍କ ମଧ୍ୟମ ପୁଅ । ସେ ଏମ୍, ଏ, ପାସ୍ କରି ଘରେ ବସିଛି ଭଲ ବର୍ଷ ହେବ । ଅନ୍ୟ ତୁଳନି ସ୍ୱଭାବ ଘର ଚାକିରି ଲୁହେଁ । ସେ ଫୁଲପାଞ୍ଚିଆ ହୋଇ ଦେଖି ଭୁଲି ଚାଲି ଯାଏ । ତେଲେ, କେତେଟା ବଡ଼ ବୁଦ୍ଧିମାନ ଓ ସତ୍ୟବାଦୀ । ତାର ଆଉ ଗୋଟିଏ ଭଲ ଗୁଣ ଏଇ ଯେ, ଗ୍ରାମର ଭାଇମାନଙ୍କର ଉନ୍ନତି ନିମନ୍ତେ ସେ ଦିନରାତି ଭାବୁ-ଥାଏ । କୌଣସି ଗୋଟାଏ ନୂତନ କାର୍ଯ୍ୟ ହେଲେ ତ ତାର ଅଗ୍ରୀଅ ଅଧିଆ । ସଂସ୍ଥାପିତ ହେଉ, ସେଥିପାଇଁ ସେ ଆଗ ଅଗ୍ରଣୀ ଭାବରେ ପଡ଼ିବ । ମେଳାମହୋତ୍ସବ ହେବ, ଚାନ୍ଦା ଆଦାୟ କରିବା ଭାର ତାରି ସମ୍ପର୍କ ଛାଡ଼ି ହେବ, ଯୋଗସ୍ଥ ଖୋଲା ହେବ—ଏ ସବୁ ବିଷୟରେ ସେ ଅଗ୍ରଣୀ । ସବୁଟାକୁ ସ୍କୁଲ କରିବା କଥା ଶୁଣି, ତାର ଯୋଗ ଉଠେ ଲଗି ନାହିଁ ।

ଯାଉ ଯାଉ ହୁଏ ସେ ସମସ୍ତଙ୍କୁ ବୁଝାଇବାକୁ ଲାଗିଲା ହିଁ, ଧନ୍ଦଣୀମାନଙ୍କୁ ଚଳାଇବା ଲାଗି । କେତେକ ତାର କଥା ଶୁଣି ସ୍ୱତଃ ପ୍ରଦାନ କଲେ। କେତେକ ଉପହାସରେ କଥାଟାକୁ ଉଡ଼ାଇଦେଲେ । କେହି କେହି ଲଳିତା ନାମ ଶୁଣି ଭର୍ତ୍ସନା କରିବାକୁ ଭୁଲିଲେ ନାହିଁ । ଯାହା ହେଉ, ତାର ଅଧୈର୍ଯ୍ୟ ହେବାର ଶାସ୍ତ୍ର ନୁହେଁ । ସେ ଚୁପି ଚୁପି ସମସ୍ତ ଅପମାନ ଭର୍ତ୍ସନା ସହ୍ୟ କଲା, ସତର ଦିନ ଧାଇ ଅକ୍ଲାନ୍ତ ପରିଶ୍ରମରେ ଦଶଟି ସ୍ତ୍ରୀ ଯୋଗାଡ଼ କଲା ।

ଗ୍ରାମରେ ସୃଷ୍ଟି ଏକ ନୂତନ ସମାଲୋଚନାର ସ୍ରୋତ ବହିବାକୁ ଲାଗିଲା । ଲଳିତା ସମସ୍ତଙ୍କର ତ ଚକ୍ଷୁଶୂଳ । ସବୁ ଅପେକ୍ଷା ସ୍ରୋତର ଗତି ତାହାର ଅଙ୍ଗକୁ ହେଲା ବେଶି । କାହାରି କହି ବୁଲେଇ, "ଏ ଲଛିବୁଲି ବୁଝେଁ ସେ, ଯାଇ ଆସି ଏ ଯୁଗରେ କଏ ଦିଶ ଭଳ କି? କଥା ପଦେ ତ ଖଣ୍ଡାଇବ ନା, ତନା ନାକରେ କେଶଗାଛ ଗାଉଁବ କଏ ମ? ଅଳ୍ପ ବୟସରେ ଭଣ ଉପର ସ୍ୱରୂପ ନାହିଁ, ଏ ଗାଁ ଲୋକଙ୍କ ଆଖିରେ ଧୂଳି ଦେବାକୁ ବସିଛି? ନବା ଲ ଅଜ ଗାଁ ମାନ୍ଦ ନାହିଁ କ ଶଟିପଡ଼ର ଦଳ ନାହିଁ, ତା ବାପର ଯାହିଁ ଭୁଗ ବାପ ହେଉ, ସେ ଧନ ମୋ ପିଲେହୁ ଖାଇଁ ହୋଇ-ଗଲା ପରା ! ଯାହାଠେଇଁ ବଳେ ବଳେ ବଢ଼ିମାଣ ହେଉଥିଲେ, ସେ ତ ଖବୁଥିଲା ନାହିଁ, ସେଠାରୁ ବାହାରିଲା ଲଛିବୁଲ ବାହାନାରେ ଉଠ ଅଛି ଗାଲରେ ଚଢ଼ାଇବାକୁ । ଏଟା ତ ଚେମ୍ବୁରିବଥ ଚୋରା—ଶାଠ ଛନ୍ଦ ଚଢ଼ା ଚୋରା ହୋଇ ବୁଲୁଛି । ମାଉସୀ ତା କଥାରେ । ଲଛିବୁଲର ଅର୍ଥ ଏଇଥି ।" ଶନା ମା କହୁଛି, "ଝିଅ ଗୋ, ଏ ସଭାଟା କାହିଁକି ତା ଥାନରେ ବାଇ ହେଲଣି? ସେ କଣ ସ୍ୱାମୀ ମନ୍ତ୍ର କହୁଛି କି? ଏ କି ଠାକୁ ଘର ହୋଇଯିବ ଭଣା ଜାଣେ !" ଇତ୍ୟାଦି ଇତ୍ୟାଦି । ଗାଁର ମୁଖିଆ ମୁଖିଆ ଲୋକମାନେ ସେଥିରେ ଏକମତ ହେଲେ ।

ସୁନ୍ଦରୀ ଶୁଣିଲା ଧନଠାରୁ ସମ୍ପଦ ଦେଖିବାର ଗୋଟାଏ ଶକ୍ତି ହୋଇଛି । ସେ ଭାବେ, "ଏ ଚୋରାଟା ମିଛରେ କାହିଁକି ଏଥିରେ ମାତିଲା ! ସମସ୍ତେ ତ ଆମକୁ ଅଶରଣ—କଏ କେତେ କଥା କହିବେ !" ହେଲେ, ଲଳିତା ମୁହଁ ଉପରେ କେହି କିଛି କହନ୍ତି ନାହିଁ । ଶରଧା ଦେଖିବାର ମୁହଁ

ଧନକୁ ସେ ଦେଖି ଆସୁଛନ୍ତି, ଲଳିତାର ଅବସ୍ଥା କପରି, ସବୁ ଜାଣନ୍ତି । ପୁଣି ମଣ୍ଟୁ ତାର ସେ ଦୁଷ୍ଟ ଦୁଷ୍ଟ ମୁହଁ ଆଉ ନାହିଁ । ତା ଉପରେ କୈଳାସବାବୁଙ୍କର ବ୍ୟବହାରରେ ସେ ଅତ୍ୟନ୍ତ ଖୁସି ହୋଇଛି । ଏବେ ତ ତାର ମନକଷ୍ଟ, ତା ଉପରେ ପୁଣି କଷ୍ଟ ହେବ, ଏହା ଭୟରେ ସେ କିଛି କହିପାରନ୍ତି ନାହିଁ; କିନ୍ତୁ ଏ ସମାଲୋଚନା ସବୁ ଶୁଣି ତାଙ୍କର ଆଉ ଧୈର୍ଯ୍ୟ ଅଣ୍ଟିଲା ନାହିଁ । ସେ ସ୍ୱାମୀଙ୍କ ସହିତ ଏକମତ ହେଲେ, କାରଣ ଲଳିତା ସେ ସ୍କୁଲ କାର୍ଯ୍ୟରୁ ଶାନ୍ତ ହେବ । "ଗାଁ ପିଲାଏ ପଢ଼ିଲେ କେତେ, ନ ପଢ଼ିଲେ କେତେ ? ଆମର କଣ ଅଛି ? ଭୁଷାଁଟାରେ ଘିଅ ଖାଇ ଘୋଡ଼ା ଆଗରେ ଦେଉଁଥିବା କାହିଁକି ! ସେଥିରେ ପୁଣି ଯାବତ ଲୋକ ଯେତେ ସବୁ ବଡ଼ ବଡ଼ କଥାମାନ କହୁଛନ୍ତି । ନା, ଆମର ସେଥିରେ ଦରକାର ନାହିଁ । ଯେତିକି ହେଲା ସେତିକି ।" ଗଦାଧରଙ୍କର ଗୃହିଣୀ, ସେ ଯାହା ଏକ ବର୍ଣ୍ଣିତା କଲେନ୍ତି, ଏଣୁ ବାଧାଶବ୍ଦ ସତ୍ତ୍ୱ ସମାଲୋଚନା ତାଙ୍କୁ ସେଥିରୁ ଉଦ୍ଧାର କରିପାରେ ନାହିଁ । ସେ ସ୍ତ୍ରୀଙ୍କର କଥା ଶୁଣି ଟୋକାଏ ଅବଶ୍ୟ ହସ ହସି କହିଲେ, "ବାର ଲୋକେ ବାର କଥା କହୁଛନ୍ତି, କହନ୍ତୁ । ଏ ତ ଆଜି ନୂଆ ନୁହେଁ । ଚିକ୍କୁ ଧନକୁ କିଏ ଆଣୁଛନ୍ତି । ଏତେ ଯେ ସହୁପାରୁ, ଏତକ କାହିଁକି ସହି ପାରିବ ନାହିଁ ? ଲଳିତା ଯାହା କରୁଛି, ବଡ଼ ଭଲ କାର୍ଯ୍ୟ କରୁଛି । ମୁଁ କହୁଛି, କାରଣ ସେ କାର୍ଯ୍ୟଟିକୁ, ସେ ସ୍କୁଲକୁ ଅତ୍ୟନ୍ତ ବୁଝି କରିବାକୁ ହେବ । ମୁଁ କହି ଦେଉଛି, ଏ ବିଷୟରେ ଲଳିତାକୁ କୌଣସି କଥା କହିବ ନାହିଁ ।"

ବୃଦ୍ଧା ଦେଖିଲେ ଯେ, ଗଦାଧର ବଡ଼ ଏକଜିଦିଆ ଲୋକ । ସେ ଯାହା ଉଚିତ ମନେ କରନ୍ତି, ସ୍ୱୟଂ ଶଙ୍କର ହେଲେ ସୁଦ୍ଧା ତାଙ୍କୁ ସେଥିରୁ ଟଳାଇ ପାରିବେ ନାହିଁ । ସାରା ସଂସାରଟା ଯଦି ତାଙ୍କର ବିପକ୍ଷ ହୁଏ, ତଥାପି ସେ ନିଜ ଉଦ୍ଦେଶ୍ୟ ଅନୁସାରେ ଇଚ୍ଛାମତ କାର୍ଯ୍ୟ କରିଯାନ୍ତି । ବର୍ତ୍ତମାନ ତାଙ୍କର ଦୃଢ଼ ସ୍ୱର ଶୁଣି ବୃଦ୍ଧା ଦେଇ ପ୍ରତିବାଦ କରିବାକୁ ସାହସ କଲେ ନାହିଁ । ମନେ ମନେ ଏତିକି କେବଳ କହିଲେ, "କଳି କଥାଟି ତମକୁ ସୁନ୍ଦର !"

ସେହି ଦାଇଁ ପିଲାଙ୍କୁ ନେଇ ସ୍କୁଲ କାର୍ଯ୍ୟ ଆରମ୍ଭ ହେଲା । କ୍ରମଶଃ ସ୍କୁଲର ଛାତ୍ରୀସଂଖ୍ୟା ବୃଦ୍ଧି ହେଲା; ସେଥିପାଇଁ ଉଦ୍ଧୁ ସାହାଯ୍ୟକାରିଣୀ ଚେଷ୍ଟା କରୁଥାଏ ।

ସ୍କୁଲ ହେବାର ସୁବିଧା ଥିବ ନାହିଁ, କୈଳାସଚନ୍ଦ୍ର ବଳବନ୍ତଙ୍କୁ ସରଳ ଗୋଟିଏ ଚିଠି ଲେଖିଲେ—"ମୁଁ ଶୁଣୁଛି, ଘର ଝିଅ ସାଙ୍ଗରେ ଏଣେ ସବୁ ପଡ଼ାରେ ତୁ ଗୋଟାଏ ସ୍କୁଲ ଖୋଲିଛୁ। ଘର ଝିଅର ପୁସ୍ତକ ମୋତେ ଭଲଲାଗେ ନାହିଁ—ପିଲାଦିନରୁ ବାପ ମା'ଙ୍କ ହାତରେ ସେ ସ୍ୱଭାବ ଅଭ୍ୟସ୍ତ ଯାଉଛୁ। ଏହା ଖାଲିଘରମାନଙ୍କ ତାର ସଙ୍ଗ ସଦ୍ଭାବନା କରନ୍ତୁ। ଯଦି ସେ ସ୍କୁଲ ଖୋଲିଛୁ, ସେଥିପାଇଁ ମୋତେ ତ ସନ୍ଦେହ ଥିବାର ନାହିଁ—ମୋର ଜାଣିବାମତରେ ତୋର ଏତେ ବଡ଼ ଗୋଟାଏ କାର୍ଯ୍ୟ କରିବାପାଇଁ ବୁଦ୍ଧିବଳ ଅଛି। ସେଥିପାଇଁ ସହରରେ ମୁଁ ସେପରି ଶୁଣିବାକୁ ପାଉଛି, ତୁ ସେ ସ୍କୁଲ ସମ୍ପର୍କରେ ନାହୁଁ, ଓ ଆମଘରେ ସେ ସ୍କୁଲ ହେଉନାହିଁ।" ଏହା ପାଠ କରି ସରଳ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲା। ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ବୋଧ ହେଲା, ଏ ଖବର ବାପାଙ୍କ ପାଖକୁ କିପରି ଗଲା। ବହୁତ ଭାବି ଚିନ୍ତି ସ୍ଥିର କଲା, "ଏ ନିଶ୍ଚୟ ଆମର ହିତଚିନ୍ତକଙ୍କର କାର୍ଯ୍ୟ। ସେହିମାନେ ସ୍କୁଲ କରିବା ପ୍ରସ୍ତାବ ଶୁଣି କାହିଁକି—ବୋଧହୁଏ ଭାବିଥିଲେ ଓ ଲଳିତା ନାମରେ ନାନା କୁତ୍ସା ରଟନା କରିବାକୁ କୁଣ୍ଠାବୋଧ କରୁ ନ ଥିଲେ, ସେହିମାନେ ତାଙ୍କର ଅଭିଯୋଗକୁ ରଖିବାକୁ ବାପାଙ୍କର ସାହାଯ୍ୟ ନେଉଛନ୍ତି। କିନ୍ତୁ, ବାପାଙ୍କର ଯେତେବେଳେ ଇଚ୍ଛା ନୁହେଁ, ନିଶ୍ଚୟ ସେଥିରୁ ବଞ୍ଚିତ ହେବାକୁ ହେବ। କିନ୍ତୁ ଲଳିତାକୁ ଏସବୁ କଥା କହିବ କିପରି? କିଣ କରି ସ୍କୁଲରେ ଯୋଗ ଦେବ ନାହିଁ?" ତାର ମନ ବଡ଼ ଅଧୀର ଅସ୍ଥିର ହୋଇ ଉଠିଲା। ଲଳିତା ବିଷୟ ଶୁଣି ବାପାଙ୍କ ଉପରେ ତାର ବଡ଼ ଘୃଣା ହେଲା। ଆହା! ଲଳିତା ସାକ୍ଷାତ ଦେବୀପ୍ରତିମା; ତା ନାମରେ ଏପରି ଅପବାଦ—"ସେ ପିଲାଦିନରୁ ଖରାପ ଦଶାରେ ଯାଉଛି!" ଏ କଦର୍ଯ୍ୟ ଧାରଣା ପିତାଙ୍କର। ଯାଁ ଘରେ ପିଲାଦିନରୁ ଯଦି କେହି ଭଲ ଦଶରେ ନ ରହିଥାଏ, ତେବେ ଏଇ ସେହି ଲଳିତା। ସେ ସତ୍‌ପଥରେ ଚାଲିଲେ, ତାର କପାଳରେ କଣ ଦୁଃଖ ଭୋଗ? ତାର ଚକ୍ଷୁ ଲୋତକରେ ପୂର୍ଣ୍ଣ ଆସିଲା। ସେହି ସମୟରେ ପହଞ୍ଚି, ଲଳିତା କହିଲା, "ଆହା! କଣ ଭାବୁଛ ମ ବସି? ମୁଁ ଆଜି ହେଲା ଆସି ଠିଆ ହେଲିଣି, ସେତେବେଳୁ ଏକ ଧ୍ୟାନରେ କଣ ଭାବୁଛ?" ସରଳ ଉତ୍କଣ୍ଠିତ ଲୋତକପୂର୍ଣ୍ଣ ଆଖି ଆଉ ବାଧାକୁ ମାନିଲା ନାହିଁ। ସେ ଫୁଲି

ସ୍କୁଲ ଭାଙ୍ଗିବାକୁ ଲାଗିଲା ! ସହସା ସବୁ ଏପରି ଭାବରେ ଦେଖି ଲଳିତା ଆଶ୍ଚର୍ଯ୍ୟ ହୋଇଗଲା । କ୍ଷଣକ, ବୋଧ ହୁଏ ଅତୀତ ଘଟଣାର ପାଠଶାଳାକୁ ମନରେ ପଡ଼ି ବାର୍ଯ୍ୟ ଆଗତ ଜୀବନର ସୁପ୍ତ ବେଦନାରାଶିକୁ ସଚେତ, ସଜାଗ କରି ଦେଉଛି—ତା ବେଶୀରୁ ଏପରି ଅଧୀର ହୋଇ ପଡ଼ିଛନ୍ତି । ତାଙ୍କ ନାରୀ ହୃଦୟ ସମବେଦନାରେ ଭରିଗଲା । ସେ ମଧ୍ୟ ପର ସନ୍ତାନ ଅଶ୍ରୁ ବିସର୍ଜନ କରିବାକୁ ଲାଗିଲା ! କ୍ଷଣିକ ପରେ ସବୁ କହିଲା, "ଲଳିତା ! ବାପା ଚିଠି ଦେଇଛନ୍ତି—ଆମ ଘରେ ଆଜି ସ୍କୁଲ ହେବ ନାହିଁ । ମୁଁ ବଡ଼ ଆଶ୍ଚର୍ଯ୍ୟ ହେଉଛି, ସେ ଏ ଖବର ପାଇଲେ କିପରି ?" ଲଳିତା ଅବିଚଳିତ କଣ୍ଠରେ କହିଲା, "ଏଥିରେ ଆଶ୍ଚର୍ଯ୍ୟର କଥା କଣ ଅଛି ? ସ୍କୁଲ ହେଲା ଦିନରୁ ମୁଁ ଅନୁମାନ କରୁଛି, ଦିନେ ଏହିପରି ଗୋଟାଏ କିଛି ଘଟିବ ବୋଲି । ଆଜି, ସ୍କୁଲ ନ ହେଲା ନାହିଁ । ତମେ କାନ୍ଦୁଛ ଏଥି ପାଇଁ ?" ଗୋଟାଏ ଭାଲୁଲ୍ୟବ୍ୟଞ୍ଜକ ହସ ସେ ହସିଲା । ଏଥିରେ ତ ଦୁଃଖ କଥା କିଛି ନାହିଁ । କିନ୍ତୁ ସେଇଁମାନେ ଏତେ ବାଧା ଦେଉଛନ୍ତି, ସେମାନେ କଣ ବୁଝୁଛନ୍ତି, ଏପରି କରିବାଦ୍ୱାରା ଲଳିତା ତାର ସଙ୍କଳ୍ପରୁ ବିଚ୍ୟୁତ ହେବ ? ଅସମ୍ଭବ । ସ୍କୁଲରୁ ଯେପରି ଦୁଇଟି ପିଲାଙ୍କୁ ନେଇ ଆମର ସେ ଛୋଟ ଘରଟିରେ ସ୍କୁଲ ହୋଇଥିଲା, ସେହିପରି ହେବ । କ୍ଷତି କଣ ? ତଦ୍ୱାରା ଗ୍ରାମର ବା ସ୍ତ୍ରୀ ସମାଜର କିଛି ଉନ୍ନତି ହେଉ ନ ହେଉ, ମୋର ଅନ୍ତତଃ ଉପକାର ହେବ ତ ! ଗୋଟାଏ ସାମାନ୍ୟ ରମଣୀର ବିରୁଦ୍ଧରେ ଗ୍ରାମ ଗୋଟାକ ଠିଆ ହୋଇ ମଧ୍ୟ ତାକୁ ସଙ୍କଳ୍ପଚ୍ୟୁତ କରିପାରିଲେ ନାହିଁ, ସେ ଶତ ବାଧାବିଘ୍ନ ସତ୍ତ୍ୱେ ନିଜର ଅଭୀଷ୍ଟ ସାଧନ କରିପାରିଲା—ଏହି ବିଜୟ ଗର୍ବରେ ମନକୁ ସାନ୍ତ୍ୱନା ଦେଇ ପାରିବି ତ ? ତା ପରେ ସେହି ଦୁଇଟି ପିଲାଙ୍କଦ୍ୱାରା ଗ୍ରାମର ବା ସ୍ତ୍ରୀସମାଜର ଉନ୍ନତି ନ ହେବ କାହିଁକି ? ସେମାନେ ଶିକ୍ଷିତା ହେଲେ ଦିନେ ସେମାନଙ୍କ ମନରେ ଏହିପରି ସତ୍‌ଚିନ୍ତା କଣ ଉଦୟ ହୋଇପାରିବ ନା ? ତମେ ଆଉ, ଦୁଃଖ କର ନା । ସ୍କୁଲ ଆରମ୍ଭ ଦିନ ଠାରୁ ଗ୍ରାମରେ ଯେପରି ସମାଲୋଚନାର ସୃଷ୍ଟି ହେଉଛି, ମୁଁ ଜାଣି ପାରୁଛି ତମେ ସେଥିରେ ବିଚଳିତ ହୋଇପଡ଼ିଛ । କିନ୍ତୁ ସେପରି ଅଧୀର ହୋଇ ପଡ଼ିବା ଉଚିତ ନୁହେଁ । ଦେଖୁନା, ମୋର ସମାଲୋଚନା, ନିନ୍ଦାବାଦ,

ଅପବାଦ, ଅପମାନ—ଏସବୁକୁ କଣ ଭୟ ଅଛି ? ପିଲାଦିନରୁ ଶୁଣି ଶୁଣି ସହି ସହି ହୋଇଛି ମୋର ସୁଧି ଗଲାଣି । ସେ ସବୁ ମୋର ଭୂଷଣ ହୋଇଗଲେ ତଲେ । କିନ୍ତୁ, ସେ ସବୁରୁ ଅଉ କଣ ମିଳିବ ? ମୁଁ ଭାଗ୍ୟଠାରୁ ପୂର୍ବ ଜନ୍ମ ପାପରେ ଭୁଲ କରିଛି । ତମେ ବୃଥାରେ ଆସି ସେସବୁ କଥାରେ ଯୋଗ ଦିଅ ନାହିଁ ।"

ଲଳିତା ଚୁପ୍ ରହିଗଲା । ସେ କଣ ଉତ୍ତର ଦେବ, କିଛି ଭାବି ନ ପାଇ ଘରଭିତରେ ପଶିଗଲା ।

---

## ଚତୁର୍ଦ୍ଦଶ ପରିଚ୍ଛେଦ

ଦେବଗୁହାର ଶୃଙ୍ଗ ଶୃଙ୍ଗ କନ୍ୟାକର ପରି ବାହି ଯାଉଅଛି । ଶରଧା ତେଲି ମରିବାର ଅନେକ ବର୍ଷ ହୋଇଗଲାଣି । ସୁଦୀର୍ଘ ଅନେକ ବର୍ଷ ପରେ କୈଳାସଚନ୍ଦ୍ର ଗ୍ରାମରେ ପଦାର୍ପଣ କରିଛନ୍ତି । ଅମାବାସ୍ୟାରେ ଚନ୍ଦ୍ର ଦେଖିଲା ପରି ଘରର ଆନନ୍ଦର ସୀମା ନାହିଁ । ପିତାଙ୍କର ପଦ-ପ୍ରକ୍ଷାଳନ ଲାଗି ପାଣି ଦେଉଁ ଦେଉଁ କହୁଛ, "ନବ ଆହୁଁ ବାପା, ବାହାରେ କେଉଁଠି ଅଛୁ, ନା ଜାଣିବାରୁ ଆସି ନାହିଁ ?" କୈଳାସଚନ୍ଦ୍ରଙ୍କର ଜାଣିବାରୁ ଗ୍ରାମକୁ ଆସିବା ଏଥର ନୂତନ କଥା ନୁହେଁ । ସେ ଯେତେବେଳେ ଘରେ ଗୋଡ଼ ଦିଅନ୍ତି, ସବୁର ଦୈନ୍ୟଦୁଃଖ ତାଙ୍କର ହୃଦୟକୁ ସନ୍ତୁଷ୍ଟ କରି ପକାଏ, ଯନ୍ତ୍ରଣାରେ ତାଙ୍କର ହୃଦୟ ଭାଙ୍ଗିଯାଏ, ସଙ୍ଗେ ସଙ୍ଗେ ଆଖି ଦୁଇଟି ମଧ୍ୟ ଅଶ୍ରୁ ହୋଇଉଠେ । ଏଥର ଜନ୍ମ ସରକୁ ଦେଖି ତାଙ୍କର କପାଳ ଗୋଟାଏ ହାସ୍ୟ ଭାବ ଦେଖା-ଗଲା । ସେ କ୍ଷଣେ ସବୁକୁ କୁଟିଳ ପ୍ରଶ୍ନ କରିବା ଓ ଉତ୍ତରର କଥା, ସବୁ ପ୍ରଶ୍ନର ଉତ୍ତରରେ ମୁହଁ ହସିଲାଭଳି ସୁନ୍ଦର ସ୍ୱରରେ କହିଲେ, "କାହିଁକି ? ତା ଲାଗି ଏଠାରେ କେଉଁ କାମ ବାକି ପଡ଼ିଛି କି ?" ସବୁ ଆଶ୍ଚର୍ଯ୍ୟ ହୋଇଗଲା । ମନେ ମନେ ଭାବିଲା, ଟେଣ୍ଡ୍ରାନ୍ତ ହେଉଛି ବାପା ବୋଧହୁଏ କିଛି ବୋଧ କରୁ ନାହାନ୍ତି ।

ଅତଃପରସ୍ୱରେ ଅଭ୍ୟାହତ ନେଇ କାଳ କୈଳାସଚନ୍ଦ୍ର ଯୋଗଶାସ୍ତ୍ରୀ ହେଲେ । କଦ୍ରୁଦେବୀ ଏକାକୀ ଆସିବାରୁ କେତେବେଳେ ଶୁଣି ନାହିଁ ।

ଶାନ୍ତିଦେବୀଙ୍କର ଶାନ୍ତ ଶୀତଳ କାନ୍ତକୋମଳ ପରଶ ନ ଲଭିଲେ ସେ କାହାରିକୁ ତାଙ୍କର ସୁଶୀତଳ ଅଙ୍କରେ ସ୍ଥାନ ଦିଅନ୍ତି ନାହିଁ । କୈଳାସ ଚନ୍ଦ୍ରଙ୍କୁ ଶାନ୍ତିଦେବୀ ଅନୁକୂଳ ନ ହେବାରୁ ନିଦ୍ରା ଦେବୀ ମଧ୍ୟ ଆଜି ଆଖିରେ ଚୁମ୍ବିଲେ ନାହିଁ । ସେ ଶଯ୍ୟାରେ ଏକା କହିବାକୁ ଲାଗିଲେ, "ଶିଶୁଙ୍କ ମଧ୍ୟ-ପାଦ ଯାହା କହିଲେ, ସେ କଥା କୌଣସିମତେ ଅବିଶ୍ୱାସ କରାଯାଇ ପାରେ ନା । ସେ ପୁରୋହିତ—ଶୁଦ୍ଧ ବ୍ରାହ୍ମଣ, ମିଛ ବା କହନ୍ତେ କାହିଁକି ? ରତ୍ନାଧର କଷ୍ଟକୁ ସେହି ଆଶାରେ ଝିଅଟିକୁ ଏ ପର୍ଯ୍ୟନ୍ତ ଘରେ ରଖିଛି । ସେ ଯେପରି ସମୁଦ୍ରସ୍ଥ ଜଳପ୍ରବୃତ୍ତିର ଲୋକ, ଯଦି ସେ କୌଶଳରେ ତାର ଅଭୀଷ୍ଟ ସିଦ୍ଧ କରିପାରିବ, ଏଥିରେ ସନ୍ଦେହ କଣ ? ମୁଁ କେତେ ବାର ଲକ୍ଷ୍ୟ କଲିଣି, ରତ୍ନାକର ପ୍ରସଙ୍ଗ ଉତ୍ଥାପନ କଲାମାତ୍ରେ ନବାର ମୁହଁ ଶୁଖିଯାଏ— ସେ କିପରି ବିମର୍ଷ ହୁଏ । କହେ, "ସେ କଥା ବାଞ୍ଛିମାନ କାହିଁକି ? ତାହାର ସମ୍ବନ୍ଧ ଅଛି ।" ଏହାର କାରଣ କଣ ? ପୁରୋହିତଙ୍କର ଅନୁମାନ ଠିକ । ମୁଁ ଜାଣିପାରୁଛି, ତାଙ୍କଠାରେ ଦୈବୀଶକ୍ତି ଅଛି; ତା ନ ହେଲେ ସାଂସାରିକ କଥା ସବୁ କିପରି କହି ଦିଅନ୍ତେ । ଯାହା ହେଉ, ଗୋଟାଏ ଉପାୟରେ ସେ ଟୋକା ଏକରକମ ଜବତ୍ ହେଲାଣି । ଏ ବର୍ଷର ଶେଷଭାଗର ବିବାଦ ତ କମ୍ କରିବି—ଏବେ ଏକ ନୂତନ ଉପାୟରେ ହିଆଦ୍ୱାରା ସବୁକୁ ହାତ କରିବାକୁ ହେବ । ଆଜ ଏହେ ଦେଶୀ ବୋଲିଗଲେ ଯେ, ସ୍କୁଲଟାଏ କରି ବାଳକମାନଙ୍କୁ ଇଂରାଜୀ ପଢ଼ାଇ ଦେଲେ ଦେଶର ଉନ୍ନତି କରି ପକାଇବେ । ବାଜଦିଅ ଦୁହେଁ ମିଳି ଦେଶଟାକୁ ସ୍ୱର୍ଗକୁ ଟେକି ଦେବେ ପରା ! ଦେଖିଦେବା ଗାଧି ଅଜି ଶୁଙ୍କର ପ୍ରାଣ କାନ୍ଦଉଠିଲା, ଆଗକୁ କୋଉଠିଥିଲେ କାହିଁକି ? କାହିଁ କାହିଁ, ତମର ସେ ଯୋଜନାରେ କୈଳାସ ଆସ୍ଥାନ ନ ଥିଲନ୍ତି କାହା । ନବସନ୍ନ୍ୟାସୀ ବେଶ ଛଡ଼ିଦିଅ । ସଜା ହେବାକୁ ଯାଇ ବେଶିଗୁଡ଼ାଏ ମଲିକା ବୋଲି ହେଉଛ କାହିଁକି ?" ଟିକଏ ଉଠି ପୁଣି ଶୋଇଲେ, "ସନ୍ତାନକୁ ଦେଖିଲେ ମୋର ଦ.ଦ ଜଳଯାଉଛି । ଏବେ କେତେ-ଦିନ ହେବ ଯଦଡ ସେ ସ୍କୁଲରେ ଯୋଗଦେଇ ନାହିଁ; ତଥାପି ତାର ସାଙ୍ଗ ତ ଛାଡ଼ି ନାହିଁ । ତାକୁ ଦେଖେ ନ ଦେଖିଲେ ସୁହବା ଅନ୍ଧକାରମୟ ଲାଗେ ଅଖିରେ । ସେ ଶ କଣ୍ଠ ଜାଣୀ ନ ?" କୈଳାସଚନ୍ଦ୍ର, ସୁବଚନା—ସିନ୍ଧୁର

ଖଡ଼ଗକୁ ପଡ଼ିଲେ—ମନ୍ଦିର ବାହାର କଣରେ କଣ ତାର ଖଡ଼ରେ ଅଛି । କିନ୍ତୁ ସେ ତ ଅତଳସ୍ପର୍ଶୀ ବିଶ୍ୱାସଘାତ ମହାପିଣ୍ଡ ! ଯେତିକି ଯେତିକି ଖଡ଼ଗକୁ ପଢ଼ିବାକୁ ଲାଗିଲେ, ସେତିକି ସେତିକି ବାଧା ପାଇବାକୁ ଲାଗିଲେ । ପ୍ରତିହଂସାର ଲେଲିହାନ ହୋମାନଳ ତାଙ୍କ ବକ୍ଷ ବିଦଗ୍ଧ କରି ଜଳିଉଠିଲା । କିଛିକ୍ଷଣପରେ ଉନ୍ମତ୍ତବତ୍ ଚିତ୍କାର କରିବାକୁ ଲାଗିଲେ—"ପ୍ରତିହଂସା—ପ୍ରତିହଂସା—ପ୍ରତିହଂସା !"

କୈଳାସଚନ୍ଦ୍ର ଭକ୍ତିଯୋଗରେ ଯେତେବେଳେ ନିମଗ୍ନ ଥିଲେ, ସରୁ ସେହି ସମୟରେ କହିଲା, "ବାପା ! କବକୁ ଆଣିଲ ନାହିଁ କାହିଁକି !" କୈଳାସଚନ୍ଦ୍ର ଈଷତ୍ ହସି ଅପ୍ରସାଦବ୍ୟଞ୍ଜକ ସ୍ୱରରେ କହିଲେ, "ସେ ଆସିଲେ କେତେ, ନ ଆସିଲେ କେତେ ? ସେ ତ ଆଉ ମୋ କୋଳରେ ନାହିଁ । ବାପ ବୋଲି ଡାକି ମାନମହତ ରଖିବ କି ! ଏ ତ କଳିକାଳ, ଯେଉଁ ମାଟିରେ ସେଇଁ ଚଳିବା । ଅଜବାଣ ଛୋଟାଏ କଣ ଜାଣନ୍ତା ଗୁରୁଜନ ମାନିବାକୁ ! ଯାହା ମନକୁ ଯାହା ପାଇବ, ସେ କରିଯାଉଛି ।" ପିତାଙ୍କର ଏ ସର୍ବ ଭୂମିକାରେ ସରୁ ବୋଧ କଳଗଳ୍ପ । ସମ୍ପଦାକୁ ଶୁଣିବାକୁ ତାର ଆଉ ଧୈର୍ଯ୍ୟ ଅଛି ନାହିଁ । ସେ ଉତ୍କଣ୍ଠିତ ହୋଇ ପଚାରିଲା "କାହିଁକି, କଣ କଲା ସେ ?" କୈଳାସଚନ୍ଦ୍ର ଉତ୍ତର ଦେଲେ ନାହିଁ । ଭକ୍ତିଯୋଗରେ ଅଧିକତର ମନୋଯୋଗୀ ହେଲେ । ଯେପରି ସେ ବିଷୟରେ ସେ ନିତାନ୍ତ ବୀତଶ୍ରଦ୍ଧ, ପ୍ରକାଶ କରିବାକୁ ନିତାନ୍ତ ଅନିଚ୍ଛୁକ, ଏହିପରି ଭାବ ପ୍ରକାଶ କରିବାକୁ ଲାଗିଲେ । ଗଭୀର ଦୁଃଖ ଓ ଘୃଣାରେ ଅପାଦମସ୍ତକ ଥରିଉଠୁଛି ସତେ ଯେପରି ! ଏବଂବିଧ ଦୃଶ୍ୟରେ ସରୁ ଅଧୀରଚିତ୍ତ ସ୍ତବ୍ଧ ହୋଇ ପିତାଙ୍କ ମୁହଁ ଅଣଚାଶକଡ଼ ଅସ୍ଫୁଟ କଣ୍ଠରେ କହିଲା, "କଣ ବାପା ?"

"କଣ ଆଉ ? ସେ ଗୋଟାଏ ବଙ୍ଗାଳୀ ଘରେ ବାହା ହେଲା ସେ, ମୋତେ ପଦେ ହେଲେ ପଚାରିଲା ନାହିଁ । ଚୁପ୍‌ଚାପ୍ ବାହା ହେଲା—"

"କି ଜାତି ସେ ବଙ୍ଗାଳୁଣୀ ?"

"ସେ କଣ ଜାତି ଗୋତ୍ରରେ ଅଛି ଯେ, କି ଜାତି ?"

"ଜାତିରେ ନାହିଁ, ସେଇ...... ।"

"କେଉଁ ଅଜ୍ଞ କଣ ? ସେ କଣ ଆଜି ଅଜ୍ଞ ଭାବରେ ମିଶିବ ? ବଙ୍ଗାଳୀ ଜାତି କଣ ଓଡ଼ିଆ ହୋଇଗଲେ ? ତାର ବ: ଏ: ପାସକଲା ଝିଅକୁ ଓଡ଼ିଶା ଦେଶକୁ ଗ୍ରହଣ କରିବ ? ତାର ବୋଲ୍ଲି ଶିଖିବ ତା ମଙ୍ଗଳ ଚାହିଁବ ? ସେ ତ ଅମଦେଶ ମାଲିକଙ୍କର ପରିବାରରେ ଲୁଚି ରହିଥିବା ନୁହେଁ ଯେ, ତାକୁ ଯାହା କହିବ, ସେ ମାନିବ। ସେ ତ ଆସିଥିବ ପେଟଭରି ଖାଇ, ମନକଲେ ଏ ଓଡ଼ିଆକୁ ଦର୍ପ ପଢ଼ାଇଦେବ ସେ।"

"ସେ ବରସ୍ତୀ ଅଣଓଡ଼ିଆକୁ ବାହା ହେଲା, ଉଦେ......।"

"କି ଅଜ୍ଞ କଥା କହୁଛ ମୋତେ। ବାପ ବୋଲି ମାନିଲେ କିଏ ? ମାନିଲେ ଠାକୁର, ନ ମାନିଲେ କୁକୁର। ଯେ ଅମାନିଆ ହେଲା, ତାକୁ ତ ଦେବତା ଡରନ୍ତି।"

ସବୁ ଅଜ୍ଞ ଶୁଣିପାରୁ ନାହିଁ। ତାର ମସ୍ତକରେ ବଜ୍ରପାତ ହେଲା। ନବ, ମାଲିକ 'ମ' କହେ ନା। କି ସୁନ୍ଦର ବୁଦ୍ଧିମାନ ପିଲାଟା। ସେ ଅଜ୍ଞ କଲିକତା ଯିବାରେ ଯାଇ ଏତେ ବଡ଼ ଚାକିରିଟାଏ କଣ କରିବ। ସବୁ ତାକୁ ପୁଅଠାରୁ ବଳି ବେଳେ ଅଦରରେ ବଢ଼ାଇ ନାହିଁ। ପିଲାଟି ଧନକୁ ଦେଖେ ଅର୍ଜନ ସ୍ପୃହା ନାହିଁ ତାର। ସେ ଅତି ପାଠ ପଢି ଶିକ୍ଷିତ ହୋଇ ଏଇଥି ଲାଗି ? ଅଥାକୁ ଚିହ୍ନେ ପରୁଚରେ ନାହିଁ ? ଲଳିତାର ସୌମ୍ୟ ମୂର୍ତ୍ତି ସବୁ ଆଖିରେ ନାଚିଉଠେ। ଆହା। କି ସୁନ୍ଦର କଳ୍ପନା ଜଗ ନଥିଲା ସେ। ବାପା ତାର ସେଦିନ ଯେଉଁ କଷ୍ଟର ପ୍ରକାଶ କଲେ—"ନବକୁ ଭଙ୍ଗ କରିଥିଲା ପରରେ ବିବାହ ଦେବି ନାହିଁ," ସେଥିରେ ସେ ଯତେଷ୍ଟ ହୋଇଥିଲା ସତ୍ୟ ତଥାପି ତାର ହୃଦୟର କୋଣଟିଏ କଣରେ କ୍ଷୁଦ୍ର ଆଶାଟି ଅନ୍ଧକାରରେ ମଣି ସଦୃଶ ଏ ପର୍ଯ୍ୟନ୍ତ ଜଳୁଥିଲା। ବୋଧ ହୁଏ ସେ ବେଳେ ସମସ୍ତେ ଦେଖିପାରିଥାନ୍ତି। ବାପା ବାପମୃତ୍ୟୁରେ ସିଏ ଏପରି ଦୁଃଖ ପ୍ରକାଶଟାଏ କରିବସିଲେ; ସତେ କଣ ବୋଝର ଶେଷ କଥାଟି ରଖି-ନଥାନ୍ତେ ? ନବୁ, ଆସ୍ତୁ ଦୁର୍ଦ୍ଦେବ। ଏ କଣ ହେଲା ? ଲଳିତା ଦେଖେ ଭୁଲିପାଏ ନବକୁ। ସେ ଏ କଥା ଶୁଣିବ କଣ ହେବ ? ତାର ଭୁକ୍ତ ଶାନ୍ତିପିକ ହିନା। ଲଳିତାର ଭବିଷ୍ୟ—ଦୁର୍ଦ୍ଦଶାରେ ତାର ହୃଦୟ ଅତି ଉତ୍କଣ୍ଠ ଜୀବନମୟ ଅର୍ଦ୍ଧ ହୋଇଥିଲା। ସେ ଚୁପ୍ ହୋଇ ବସିଗଲା। କଥାଟା

ସବୁ ଝୁଲପୁଟରେ ବେଦଣ୍ଡ ଦେଖି କୈଳାସଚନ୍ଦ୍ର ମନେ ମନେ ଗୋଟାଏ ପେଶାଦାର ଦସ୍ୟୁ ବୃତ୍ତି ମୂର୍ତ୍ତି ଦୃଷ୍ଟି ଦେଲେ; ତଥାପି ସୁନ୍ଦରୀ ବନ୍ଦାଇବା ପାଇଁ ଆଶୁରି ଚେଷ୍ଟା କଣ କରିଗଲେ । କିନ୍ତୁ ସେଥିରୁ ଗୋଟିଏ ବର୍ଣ୍ଣ ସୁଦ୍ଧା ସ୍ୱରର ବର୍ଣ୍ଣ—ତୁଳିକାରେ ଫୁଟି ପାରିଲା ନାହିଁ ।

କୈଳାସଚନ୍ଦ୍ରଙ୍କ ଦେଖା କରିବାକୁ ଗାଁରୁ ବହୁତ ଲୋକ ଆସି ଭିଡ଼ ହେଲେ । କଲିକତାର ଖବର ପଚାରିବାରେ ସେ ଅନେକ ଜବାବ ଦଣ୍ଡାଲୁଣୀ ବିବାହ କଥା କହିପକାଇଲେ । ତାଙ୍କ ସଙ୍ଗରେ ପୁଣି ନାନା ଅଶ୍ଳୀଳ ଭାଷାରେ ଗାଳିଦେବାକୁ ଛାଡ଼ିଲେ ନାହିଁ । କଥାଟା କ୍ରମେ ବ୍ୟାପକ ହୋଇଗଲା । ସେ ଶୁଣିଲା, ସେ ଜଣକୁ ଛି ଛି ମାର ମାର କଲା । ଲୋକ ସମାଜରେ ନାନା ସମାଲୋଚନା ମଧ୍ୟ ଚାଲିଲା । ସେ ସମସ୍ତ ଲେଖି ପୁସ୍ତକର କଳେବର ବୃଦ୍ଧି କରିବା ଅପେକ୍ଷା ପାଠକମାନେ ଅନୁମାନ କରିନେବା ଭଲ ।

ଜନତା ସ୍ୱପ୍ନ—ବଞ୍ଚିତ ସ୍ୱପ୍ନ । ତାର ଭୁବନାର ଅନ୍ତ ନାହିଁ, ଆଦି ନାହିଁ, ଶେଷ ନାହିଁ, ଉତ୍ସ ନାହିଁ— ସିନ୍ଧୁ ପରି ବିସ୍ତୃତ ଶୂନ୍ୟ, ଶୂନ୍ୟ ପରି ଅସୀମ, ଅନନ୍ତ । ନବକିଶୋର ବିଶ୍ୱ ହୋଇଗଲା ଗୃହଲକ୍ଷ୍ମୀ ତାର ମନେ ହେଲା, ଯେମିତି ସେ ଦେଖୁଛି ପାହାଡ଼ର ପାଦତଳରେ ଅଜଣା ଏକ ସ୍ୱପ୍ନପୁରୀକୁ ଗତ ହୋଇଛି । ଦାବାଗ୍ନିର ଲେଲିହାନ ଶିଖା ଭିତରେ, କି ପାତାଳର ବାସୁକି ଗହ୍ୱରରେ, କି ଉତ୍ତାଳ ତରଙ୍ଗମାଳା-ବିକ୍ଷୋଭିତ ମହାସିନ୍ଧୁର ବିସ୍ତୃତ ବକ୍ଷ ଉପରେ, କେଉଁଠାରେ ସେ ଅଛି ଜାଣିପାରୁ ନାହିଁ । ସଂଜ୍ଞାଶୂନ୍ୟା ହୋଇ ସେ କେତେ କ୍ଷଣ ପଡ଼ିରହିଲା । ଯେତେବେଳେ ତାର ସଂଜ୍ଞା ଫେରିଲା, ସେ ଶୁଣିଲା—"କଣ ? ସେ ଗୋଟାଏ ଦଣ୍ଡାଲୁଣୀକୁ ବାହା ହେବେ ? ଗାଁକୁ ଆଉ ଆସିବେ ନାହିଁ ?" ମର୍ମାନ୍ତିକ ବେଦନା ଅନୁଭବ କରୁଥିଲେ ସୁଦ୍ଧା ତାର ଶୀର୍ଣ୍ଣ ଅଧର ପ୍ରାନ୍ତରେ କ୍ଷୀଣ ହାସ୍ୟରେଖା ଫୁଟି ଉଠିଲା । "ଏ କଣ ସମ୍ଭବ ହୋଇପାରେ ? ସେ ପୁଣି ବାହା ହେବେ ? ପୁଣି ଗୋଟାଏ ବାହା ହେଲେ କଣ ? କେତେ କେତେ ଲୋକ ତ ବାହା ହୁଅନ୍ତି ? ସେଦିନ ସତ୍ୟ ମୋ ସଙ୍ଗରେ ତାଙ୍କର ବିବାହ ହୋଇସାରିଛି । ଶରୀରର ବିବାହ ହୋଇ ନାହିଁ ସିନା, ଆତ୍ମାର ତ ବିବାହ ହୋଇସାରିଛି । ଶରୀରର ବିବାହକୁ

କଣ ଭବାନ୍ତ କହନ୍ତି ? ନା, ତାଙ୍କ ପକ୍ଷରେ ଆଉ ଭବାନ୍ତ ଯେ ଅସମ୍ଭବ । କିନ୍ତୁ କୈଳାସଚନ୍ଦ୍ର ଏ କଣ କହୁଛନ୍ତି ?" ସେ ଆଉ ଶୁଣି ପାରିଲେ ନାହିଁ । ମୂର୍ଚ୍ଛାଗତ ହୋଇ ପଡ଼ିଲେ । ଅକସ୍ମାତରେ ନସ୍ତ୍ରକଗଣଙ୍କୁ ହେତନ ଚେତନଶୂନ୍ୟ କରିଦେବାକୁ ଲାଗିଲା । ତାର ଲୁହଧାର ଭିତରେ ସେମିତି ଜଣା-ଯିବ ପ୍ରସାରିତ, ତାହାଁକୁ କାହିଁ କେତେକ ଲୁହରେ ପଡ଼ାକୁ କହୁଥିଲେ ସେ ଅନନ୍ତ ସମୁଦ୍ରର ଅନ୍ତ ପାଉଛନ୍ତି ସତ୍ୟ ! ।

---

## ପଞ୍ଚଦଶ ପରିଚ୍ଛେଦ

ଆଜକୁ ଅତିକ୍ରାନ୍ତ ବର୍ଷ ହୋଇଗଲା, କୈଳାସଚନ୍ଦ୍ରଙ୍କ ସହିତ ସାକ୍ଷାତ ହୋଇ ନାହିଁ । ଅନେକ ବର୍ଷ ତଳେ ସେ ପିତାଙ୍କ ନିକଟରେ ପ୍ରତିଶ୍ରୁତ ହୋଇଥିଲେ, ଲକ୍ଷ୍ମୀଙ୍କୁ ଆଉ ଘର ଦେଖିବ ନାହିଁ ବୋଲି । ତାପରେ କଣ ହେଲେ, ଆସନ୍ତୁ ପ୍ରିୟ ପାଠକ ପାଠିକାଗଣ, ଦେଖି ଆସିବା ।

ସୂର୍ଯ୍ୟ ସେତେବେଳେ ଦିନସାରା ଭ୍ରମଣର କ୍ଳାନ୍ତି ଦୂର କରିବା ପାଇଁ ପଶ୍ଚିମ ଦିଗ୍‌ବଳୟ କୋଣରେ ଗଙ୍ଗାସ୍ନାନକୁ ବାହାରିଛନ୍ତି । ସେଥିପାଇଁ ପ୍ରକୃତି ଆୟୋଜନ କରିଛି । ସୁବିସ୍ତୃତ ଗଙ୍ଗାବକ୍ଷରେ ଆକାଶ ପରି ଧୂଳିଧୂସର ତୋରଣ ସଜା ହୋଇଛି—ଚିତ୍ରିତ ଧଳା ଅସଂଖ୍ୟ ମେଘଖଣ୍ଡମାନଙ୍କରେ; ଆଉ ତହିଁରେ ବହୁ ବର୍ଣ୍ଣରଞ୍ଜିତ ସୁଦୃଶ୍ୟ ପତାକାମାନ ଫର ଫର ଉଡ଼ୁଛି । ଘାଟର ଦୁଇକୂଳ ପାଖବାଲୁକାମାନଙ୍କରେ ସ୍ନାନର ଚୌକି ଏ ଘାଟକୁ ଘର ସାଜୁଛି ନବ ଗର୍ବଙ୍କୁ ଲାଗି । ସୂର୍ଯ୍ୟ ସେଥି ବାଟରେ ଅବତରଣ କରିବେ ପରା । ଗଙ୍ଗାଦେବୀ ନିଜେ ଯୋଗାଡ଼ ଅପୂର୍ବ ସାଜରେ ସୁସଜ୍ଜିତ ହୋଇ ତାଙ୍କର ପ୍ରତୀକ୍ଷା କରୁଛନ୍ତି ବୃକ୍ଷାବଳୀର ସୁଷମାରେ ପକ୍ଷୀଶ୍ରେଣୀର ମନୋହର ଗୀତ ପ୍ରସ୍ତୁତ ଏ ଧ୍ୱନି ।

ସେଠି—ସୂର୍ଯ୍ୟାସ୍ତକାଳୀନ ଶିଖର ଦେଖିଲି ଦ୍ୱାର ପଣ୍ଡା ତାଙ୍କର ବହୁମୂଲ୍ୟ ରତ୍ନଖଚିତ ବସନାଞ୍ଚଳ ଧରି ଚିତ୍ର ମହାଶିଳ୍ପୀ ବର୍ଣ୍ଣନ ପବନ ସ୍ମରଣରେ । କି ସୁନ୍ଦର, କି ମନୋହର, କି ଅପୂର୍ବ ଦୃଶ୍ୟ ସେ । ନଦୀକୂଳରେ ଅସଂଖ୍ୟ

ନରକାଗ୍ନି ଏକଜିତ । ସମସ୍ତଙ୍କର ପିପାସିତ ଦୃଷ୍ଟି ସେହି ଦୃଶ୍ୟରେ କେନ୍ଦ୍ରୀଭୂତ ! ଦୁଃଖ ନାହିଁ, ଚିନ୍ତା ନାହିଁ, ଗ୍ଲାନି ନାହିଁ—ଆନନ୍ଦମଦୋତ୍ସବର ମାଦକତାରେ ସମସ୍ତେ ମଜ୍ଜିଅଛନ୍ତି । ମାନବର କର୍ମକ୍ଳାନ୍ତ ଦୁଃଖମୟ ଜୀବନରେ ଏହି ତୋଷାଏ ସୁଖ ମୁହୂର୍ତ୍ତ—ମାତ୍ରେଦ୍, ଯୋଗ ! ସେଥିରେ ଦୁଃଖ ଭୁଲି ଆନନ୍ଦ ଅନୁଭବ ନ କରିବ କିଏ ? ମଦ୍ୟଂଶୋଷ୍ଣ-ସମ୍ପଦର ଏହାହିଁ ଅନ୍ତରାଳ ପେଟିକା । ଦୁଃଖୀର ଦୁଃଖ ହରେ, ରୋଗୀର ରୋଗଯନ୍ତ୍ରଣା ନାଶକରେ, ତାପୀକୁ ସାନ୍ତ୍ୱନା ଦିଏ ଏବଂ 'କାଙ୍ଗାଳକୁ ଧନାଢ୍ୟର କଷ୍ଟରୁ ବଞ୍ଚିତ କରେ । ଦୁଃଖୀ ନବକିଶୋର ପ୍ରକୃତିର ସେହି ପବିତ୍ର ପ୍ରାଣମୟ ଦୃଶ୍ୟ ଅବଲୋକନରେ ଅଶାଗତ ଆନନ୍ଦ ଅନୁଭବ କରୁଅଛନ୍ତି । ସେ ବଡ଼ ପ୍ରକୃତିପ୍ରିୟ । ଶୋଭେଇ-ଯୋଗଶାରେ ସେ ଟିକିଏ ଏହି ଦୃଶ୍ୟ ବହୁବାର ଦେଖିଅଛନ୍ତି । କିନ୍ତୁ ହାୟ, ବର୍ତ୍ତମାନ ସେ ଯେ ଏକା । ଆଉ ତାଙ୍କର ସେହି ପ୍ରାଣାଧିକା ଲଳିତା ! ବୃନ୍ଦାବନରେ ଝାଟି-ମାଟିଥିଲେ ସୁଦ୍ଧା ଯାହାର ମନ ତୃପ୍ତ ହୁଏ ନାହିଁ, 'ଶଠିପତି ସେବାରେ ବଡ଼ ତେଜ କରୁଛ' ବୋଲି କହେ, ସେ ଯାର୍ ଦୁଇମାସ ଧରି ପତ୍ର ନ ପାଇ କି ବେଦନା ଅନୁଭବ କରୁ ନ ଥିବ ! ହାୟ......ନା, ପିତୃ ଆଦେଶ ଶିରୋଧାର୍ଯ୍ୟ ।...."କିନ୍ତୁ ଲଳିତା, ତୋର ନାରୀହୃଦୟ ଏତେ ଦୂର ନିର୍ମମ ହେଲା କପରି ?......" ନା ମୁଁ ଭ୍ରାନ୍ତ । ଗାଁରେ ପୁଣି ସମ୍ବେଦନା ଉଠିବା ତ ଅସମ୍ଭବ ନୁହେଁ । ତାକୁ ଅବଶ୍ୟ ଦେବାକୁ କିଏ ଅଛି ? ଲଳିତାକୁ ପତ୍ର ଦେବା ପିତା ଅନ୍ୟାୟ; ରାଣ୍ଡାବାଙ୍କ ପାଖକୁ ଖଣ୍ଡେ ପତ୍ର ଦେଲେ ନିଶ୍ଚୟ ପ୍ରକୃତ ତଥ୍ୟ ଜଣାପଡ଼ନ୍ତା । ନା, ଆମର କୌଣସି ଜବାବ ନ ଦେବା ବରଂ ଶ୍ରେୟଃ ... ...।

ପଥରେ ଗୋଟିଏ ରମଣୀମୂର୍ତ୍ତି ନବକିଶୋରଙ୍କର ଦୃଷ୍ଟି ଆକର୍ଷଣ କଲା । ରମଣୀଟି ଯୁବତୀ; ବୟସ ୧୮ କିମ୍ବା ୨୦ ଭିତରେ । ସୁନ୍ଦରୀ; ଖୁବ୍ ସୁନ୍ଦରୀ । ପରିଧାନ ବସ୍ତ୍ର ଶୁଭ୍ର ବନାରସୀ ସିଲ୍କ୍ ଶାଢ଼ୀ, ନାଲିରଙ୍ଗର ଧଡ଼ିଟି ଫୁଲ ପାଖୁଡ଼ା ମଧ୍ୟରେ ନଦୀ ବାହୁଡ଼ିଲା ପରି ସେହି ମଞ୍ଜିରୁ ଦୁଇଙ୍କର କରୁଛି । ତରୁଣର ସୁବର୍ଣ୍ଣ ହାର ସୁଶୋଭିତ । ଗଳାରୁ ଝିଲ୍ ମିଲ୍ ଚାନ୍ଦମି-ରଙ୍ଗର ଯାକେଟ୍ ଚକ୍ ଚକ୍ ହୋଇ ତାହାର ସୌନ୍ଦର୍ଯ୍ୟକୁ ଅଧିକ ବଢ଼ାଉ

ଦେଇଛନ୍ତି । ଅର୍ଦ୍ଧାବୃତ ମସ୍ତକର କୁଞ୍ଚିତ କେଶଦାମ ସନ୍ଧ୍ୟାକାଶର ନୀଳା-
କାଶକୁ ଉପହାସ କରି ବାୟୁଲହରୀରେ ନାଚି ଉଠୁଛି । ସୁବର୍ଣ୍ଣ ଦର୍ପଣ
ପରି କପାଳ, ଶତଦଳତୁଲ୍ୟ ଦୀର୍ଘ ନୟନଯୁଗଳର ଅପୂର୍ବ ଶୋଭା, ଗଣ୍ଡଯୁଗଳ
ବାଳସୂର୍ଯ୍ୟାଭା ସ୍ୱର୍ଣ୍ଣଅଙ୍ଗେ ବନ୍ଦୀ ହୋଇ ରମଣୀର ରମଣୀୟ ମୁଖମଣ୍ଡଳର
ଶୋଭାକୁ ଶତଗୁଣ ବଢ଼ାଇଦେଉଛି । ବୈଦୂର୍ଯ୍ୟଖଚିତ ଅଳଙ୍କାରରେ ଝଲକ ଦଶିଛି
ରୂପସୀର ବିମ୍ବାଧର-ସ୍ମିତ-ଅଧରରେ ଫୁଟେଇ ଉଷ୍ଣର ଅମୃତବୋଳା
ହସଟି ! ନବକିଶୋର ଠିଆ ହୋଇଗଲେ । ତାଙ୍କର ଆଖି
ସ୍ଥିର ହୋଇଗଲା । ଏ ଯେ ସୌଦାମିନୀ ! ବନ୍ଧୁବରର ଘରଣୀ ସୌଦା-
ମିନୀ ! ନବକିଶୋର ସୌଦାମିନୀଙ୍କୁ ତ ବହୁବାର ଦେଖିଛନ୍ତି, ଆଳାପ
କରିଛନ୍ତି; କିନ୍ତୁ ଅପରୂପ ତ ସେ ଦିନେ ଦେଖି ନାହାନ୍ତି । ଏତେ-ସୁନ୍ଦରୀ
ସେ ଥିଲେ କାହିଁ ? ଏ ପରିବର୍ତ୍ତନ କିପରି ହେଲା ତାର ? ସୌଦାମିନୀଙ୍କୁ
ସେ ଆଖି ପୂରାଇ କେବେ ଦେଖି ନାହାନ୍ତି । ସେ କୌଣସି ସ୍ତ୍ରୀକୁ ମନୋ-
ଯୋଗ ଦେଇ ଦେଖନ୍ତି ନାହିଁ । ସେଥିକୁ ସେ ଅନୁଚିତ ଓ ନୀଚର
ଦୁର୍ବଳତା ମନେ କରନ୍ତି । ଯଦିଓ ସୌଦାମିନୀ ତାଙ୍କର ବନ୍ଧୁଙ୍କର
ପତ୍ନୀ, ଅନେକ ଥର ସେ ତା ସହିତ ଆଳାପ କରିଛନ୍ତି କେତେଥର
ବହୁବାର କଥା ହେଇ, ତଥାପି ତାର ମୁହଁକୁ କିନ୍ତୁ କେବେ ହେଲେ
ମନୋଯୋଗ ସହକାରେ ଚାହିଁ ନାହାନ୍ତି ।

ନବକିଶୋର ଏତେ ଦିନ ପରେ ସୌଦାମିନୀଙ୍କୁ ସୂକ୍ଷ୍ମଦୃଷ୍ଟିରେ
ଦେଖିବାର ସୁଯୋଗ ପାଇଲେ । ଦେଖିଲେ, ଲଳିତାର ଅଧର ପରି ଅଙ୍କୁର
ଗୋଟିଏ ସୁନ୍ଦର ଅଧର ମଧ୍ୟ ଲାଗିଛିରେ ଅଛି । ସୌଦାମିନୀ ହୃଦୟରେ
ସୌଦାମିନୀର ରୂପ ଝଲସି ଉଠିଛି । ବାଃ, କି ସୁନ୍ଦର ଦେଖାଯାଉଛି !
ଲାବଣ୍ୟରେ ଢଳ ଢଳ ହୋଇଛି ସତ ! ଆଖି ଫେରାଇ ଦେଖିଲେ । ବନ୍ଧୁ
ସୁନ୍ଦରୀ; କିନ୍ତୁ ସହସା କି ଏକ ଅଶାନ୍ତିରେ ତାଙ୍କର ହୃଦୟ ଥରି ଉଠିଲା ।
ଆଖି ଲେଉଟି ଆସିବାକୁ ଚାହୁଁ ନାହିଁ; ସ୍ଥିର ଭାବରେ ଠିଆ ହୋଇ ରହିବାକୁ
ହୃଦୟରେ ବଳ ନାହିଁ । ସେ ପଞ୍ଚ ପ୍ରୟୋଜନୀୟ ଚେଷ୍ଟାରେ ଅବଶ ଶରୀରଟାକୁ
ଟାଣିନେଇ ଅପରାଧୀ ପରି ଧୀର ଧୀର ପଳାଇଗଲେ ।

ସୌଦାମିନୀ ଅତୁଲ ବାବୁଙ୍କର ସାନ ଭାଇ ପ୍ରମଥ ବାବୁଙ୍କର ଝିଅ । ସେ ମେଡ଼ିକାଲରେ ପଢ଼ନ୍ତି । ବର୍ତ୍ତମାନ ସେ ଫୋର୍ଥଇଅର (Fouth year)ର ଛାତ୍ରୀ; ଆଉ ଛ ମାସ ପରେ ଫାଇନାଲ୍ ଦେବେ । ନବକିଶୋର ମେଡ଼ିକାଲରେ ଭର୍ତ୍ତି ହେଲା ବେଳେ ସେ ସେକେଣ୍ଡ ଇଅର (2nd year)ର ଛାତ୍ରୀ ଥିଲେ । ଫାଷ୍ଟ ଇଅର ଛାତ୍ରଙ୍କୁ କିଏ ଚିହ୍ନେ, କିଏ ବା ତାଙ୍କର ଖବର ରଖେ ? ସୌଦାମିନୀ ନବକିଶୋରଙ୍କୁ ଚିହ୍ନିଲେ, ଅତୁଲ ବାବୁଙ୍କର ଶଳା ବୋଲି ପରିଚୟ ପାଇଲେ—ସେ ଯେତେବେଳେ ସେକେଣ୍ଡ ଇଅରରେ ପ୍ରଥମ ସ୍ଥାନ ଅଧିକାର କଲେ ।

ସୌଦାମିନୀର ଯେଉଁ ଦିନ ନବକିଶୋରଙ୍କ ସହିତ ପ୍ରଥମ ସାକ୍ଷାତ ହେଲା, ସେଦିନ ସ୍ୱଚ୍ଛା ତାଙ୍କର ବି ଯୋଗରେ ଯାଉଥିଲା ଦେଖାଣି, ଆଖି ଦୁଇଟା ଆଉ ନବକିଶୋରଙ୍କ ଉପରୁ ଫେରିବାକୁ ଚାହିଁଲେ ନାହିଁ । ମନ-ମୀନଟା ପୁଣି ତାଙ୍କର ରୂପ-ସାଗରର ଯେଉଁ ଅତଳ ଗର୍ଭରେ ବୁଡ଼ି ରହିଗଲା । ଏତେ ରୂପ ? ପୁରୁଷର ପୁଣି ଏତେ ରୂପ ? ସୁବର୍ଣ୍ଣ-ବର୍ଣ୍ଣିତ କନ୍ଦର୍ପ କଣ ଅକସ୍ମାତ ଦେବ ମନ୍ଦିରରେ ଆସି ଅବତୀର୍ଣ୍ଣ ହେଲେ କି ? ଏହି ନବବାବୁ କ୍ଲାସରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ! ହଁ, କହିବାର କଥା ଏଇ । ରୂପକୁ ଗୁଣ ନ ଥିଲେ ସେ କଣ ମନୁଷ୍ୟରେ ଲେଖା ? ସୌଦାମିନୀର ଛାତିଟା ଧାଉଁଧାଉଁ ହୋଇଗଲା । ସେହି ଦିନୁ ତାଙ୍କର ଜୀବନ ସୋତାଏ ପରିବର୍ତ୍ତନ ଘଟିଗଲା । ସେ ନିଜେ ମଧ୍ୟ ତାହା ଲକ୍ଷ୍ୟ କରି ପାରିଲେ; କିନ୍ତୁ କାରଣଟା ବୁଝି ପାରିଲେ ନାହିଁ । ବୁଝିବାକୁ ବହୁତ ଚେଷ୍ଟା କଲେ—ବହୁତ ଭାବିଲେ ସେ ବିଷୟରେ; କିନ୍ତୁ ସେ ଦିଗଟା ଏକାଠି ଅନ୍ଧାର—କୃଷ୍ଣାଷ୍ଟମୀର ଘନ କାଦମ୍ବ-ଢକା ଅମାବାସ୍ୟା ଅପେକ୍ଷା ଅନ୍ଧାର ।

ସୌଦାମିନୀ ନବକିଶୋରଙ୍କୁ ଯେତେ ଦେଖିଲେ, ତାଙ୍କର ସ୍ପୃହା ସେତିକି ବଢ଼ିବାକୁ ଲାଗିଲା । ଥରେ ଅଧେ ପ୍ରବୃତ୍ତି ମନବୋଧ କରି ଦେଖି ନେଲେ ତାଙ୍କର ଯିବାଆସିବା ସେମିତି ଥାଉ ! ଯଥା । କିନ୍ତୁ ମନ ଯେ ଆଉ ତୃପ୍ତ ହେଉ ନାହିଁ । ମନ କହୁଛି; ଆହୁରି ଦେଖିବାର ଅଛି, ଏତିକରେ ତ ତୃପ୍ତି ଆସିବ ନାହିଁ । ସେ ଦେଖୁଛନ୍ତି, ପ୍ରତିଦିନ ଦେଖୁଛନ୍ତି—ଦିନରେ ଦଶ

ବାର ଦେଖାଉଛନ୍ତି; କିନ୍ତୁ କାହିଁ ? ତୃପ୍ତ ହେଉନାହିଁତ ମନ । 'କବିଙ୍କ' ବାଣୀର ନିଶ୍ଚୟ ସାର୍ଥକତା ଅଛି—

“ସୁନ୍ଦରେ ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେ ତେବେ ତୃଷା ରହିଥାଏ ।”

ସୌଦାମିନୀ କେତେ ଆଶାରେ କେତେ ଚେଷ୍ଟା କରିଛନ୍ତି, ସ୍ୱାମୀ ପୁତ୍ରର ମିଳନ ହେଲେ, ସୁଖସ୍ୱପ୍ନ କଥା ତାଙ୍କ ମୁହଁରୁ ଶୁଣିବେ, ତୃପ୍ତି ଆଣିବ ସେ । ଯାତନା ଭୋଗୁଛନ୍ତି ସେଥିପାଇଁ; କିନ୍ତୁ ତାଙ୍କର ମନୋରଥ ପୂର୍ଣ୍ଣ ହୋଇଛି କି ? ସେଦିନ ନବକିଶୋର ଆନାଟମିର (anatomy) ମୋଟାଏ ବହି ବୁଝିବା ଲାଗି ସୁରେନ୍ଦ୍ରଙ୍କୁ ପାଖକୁ ଯାଇଥିଲେ । ସୁରେନ ଭଲ ଭାବେ ବୁଝାଇ ପାରିଲେ ନାହିଁ । ସୌଦାମିନୀ ମଝିକୁ ଆସି ବୁଝାଇ ଦେଲେ । କିନ୍ତୁ ବିଜ୍ଞାନ ଶାସ୍ତ୍ରରେ ଜାଣିଲେ କଣ ? ନବକିଶୋର ସେମାନଙ୍କ ପରି ତାଙ୍କୁ ମୁହଁ ଖୋଲି ଆଦରରେ ସବୁ ଶୁଣିଗଲେ—ତାର ମୁହଁକୁ ଥରେ ମୁଖ ତୋଳି ଚାହିଁଲେ ନାହିଁ, କି କୃତଜ୍ଞତା ଜ୍ଞାପନ ସୂଚକ ପଦେ କଥା ବି କହିଲେ ନାହିଁ । ପୁରୁଷ ଜାତି । କଣ ଏତେ ଅକୃତଜ୍ଞ ! ଏତେ ଦୁର୍ବଳ ସେ ? ମୋଟାଏ ନାରୀର ମୁହଁକୁ ଚାହିଁବାର ସାହସ ମୁଦ୍ଧା ନାହିଁ ! ସୌଦାମିନୀ ସେଥିରେ ନିରାଶ ନ ହୋଇ ଆଉ ଦିନେ ସୁରେନ, ଜ୍ୟୋତି, ଅମିୟ ଓ ନବକିଶୋର ପ୍ରଭୃତି ସ୍ତ୍ରୀଶିକ୍ଷା ବିଷୟରେ ତର୍କ କରୁଥିବା ବେଳେ ମଝିକୁ ଯାଇ ତାଙ୍କ ପକ୍ଷରେ ଯୋଗ ଦେଇଛନ୍ତି । ଖାଲି ତାହା ନବକିଶୋରଙ୍କ ସମସ୍ତ କଥାରେ ସମର୍ଥନ କରିଛନ୍ତି ମଧ୍ୟ । କିନ୍ତୁ ନବକିଶୋର ଧନ୍ୟବାଦ ତାଙ୍କ ଆଡ଼କୁ ଦୃଷ୍ଟି ଫେରାଇଲେ ନାହିଁ ମୁଦ୍ଧା । ଏତେ ଉପେକ୍ଷା ! ଏତେ ଅପମାନ ! ଏତେ ଅହଙ୍କାର ! ସୌଦାମିନୀଙ୍କର ବଡ଼ ଅସହ୍ୟ ହେଲା । ସେ ଭାବିଲେ—“ଛି, ଏ କି ହୃଦୟହୀନ ମନୁଷ୍ୟଟା ! ମୁଁ ନ ଜାଣି କେତେ ବଡ଼ ଆଶା କରିଥିଲି !” ଏମିତି ସେ କେତେ ଭାବୁଛନ୍ତି; କିନ୍ତୁ ସେ ଭାବନାରେ ତାଙ୍କର ମନ ମାନି ନାହିଁ । ପରକ୍ଷଣରେ ପୁଣି କେତେ ଶେଷ ମାଗି ତନ୍ତ୍ର କେତେକରେ ଲାଜ ଦେଇଛନ୍ତି; ପୁଣି ଭାବୁଛନ୍ତି—“ନବକିଶୋର ହୃଦୟହୀନ, ଶଠ, ଅଭଦ୍ର—କିଏ କହେ ଏ କଥା ? ନା, ସେ ସଚ୍ଚରିତ୍ର, ଭଦ୍ର, ହୃଦୟବାନ—ଦେବତା ସେ । ଭକ୍ତ ମନ କୋଉ ଦେବତା ଅନ୍ୱେଷଣ

ହେଲେ, ସେଥିପାଇଁ କଣ ଦେବତାଙ୍କର କଥା ଭାବିବାକୁ ହେବ ? ସେ ଯେ ନନ୍ଦନର ପାରିଜାତ—ମାନବକୁ ଦୁର୍ଲଭ ନୁହେଁ କି ?" ସୌଦାମିନୀ କେବଳ ସ୍ୱପ୍ନ ସୃଷ୍ଟିରେ ଭଲ ଭଲ କଥା ଦେଖିଥାନ୍ତି—ପ୍ରକୃତରେ ନବକିଶୋର ଦେବତା । ମନୁଷ୍ୟଠାରୁ ତାଙ୍କର ପ୍ରଭେଦ ବହୁତ । ସେ ତାଙ୍କ ଘରରେ ବହୁତ ମନୁଷ୍ୟ ଦେଖିଥାନ୍ତି—ବିଭିନ୍ନ ଜାତିର, ବିଭିନ୍ନ ଧର୍ମର, ବିଭିନ୍ନ ରକମର; କିନ୍ତୁ ସେମାନେ, ଆଉ ନବକିଶୋର—ଆକାଶ ଅବନୀ ପ୍ରଭେଦ, ସ୍ୱର୍ଗ ନରକର ବ୍ୟବଧାନ ।

ଦୁଇବର୍ଷ ପରେ ସୌଦାମିନୀଙ୍କର ବାସନା ଆଜି ପୂର୍ଣ୍ଣ ହୋଇଛି—ଶୁଭଦୃଷ୍ଟିର ମିଳନ ହୋଇଛି । କିନ୍ତୁ ଆଉ ଗୋଟାଏ ଅସ୍ତ୍ର ରହିଗଲା—କଥା ପଦେ ଶୁଣିପାରିଲେ ନାହିଁ ।

ସେଦିନ ନିମନ୍ତ୍ରଣ ରକ୍ଷା କରିବାକୁ ସନ୍ଧ୍ୟା ସମୟରୁ ଅତୁଳ ବାବୁ ଯାଇଥାନ୍ତି ସୁରେଶ ବାବୁଙ୍କ ଘରକୁ । ତାଙ୍କର ଫେରିବାକୁ ରାତି ଏଗାରଟାରୁ କମ ନୁହେଁ । ନବକିଶୋର ହସ୍ତପଦ ଧୌତ କରି ପଢିବାକୁ ବସିଲେ; କିନ୍ତୁ ପାଠପଢ଼ା ଆଦୌ ହେଉ ନାହିଁ । ବହିର ଅକ୍ଷରଗୁଡ଼ିକ ଉପରେ ଢ଼ଳ ଢ଼ଳ ଦିଶୁଛି ସୌଦାମିନୀର ମୁହଁଟି । ଆହା କି ସୁନ୍ଦର ମୁହଁଟି ସତେ ତାର ! ଏତେ ସୁନ୍ଦର ମୁହଁକୁ ନବକିଶୋର ଲଜ୍ଜା କରି ଦୁଇବର୍ଷ କାଳ ଭୁଲି ନାହାନ୍ତି ? କଳ୍ପନ୍ତୁଲ ଦେଖିଛନ୍ତି ସେ । ସେହିପରି ଗୋଟିଏ ମୁହଁର ଅନ୍ୱେଷଣରେ କେତେ ଅସହ୍ୟ ଦିନର ଅଶ୍ରୁ-ତର୍ପଣରେ ସେ କଟାଇ ନାହାନ୍ତି ? ଆଉ ଗୋଟିଏ ପଦ୍ମିନୀ—ଅତି ପବିତ୍ର ମୂର୍ତ୍ତି ଦିଶିଥିଲା । ନବକିଶୋର ଦୁଇଟି ସୁନ୍ଦର ମୂର୍ତ୍ତି ଏକ ସ୍ଥାନରେ ଦେଖିବାକୁ ପାଇଲେ । କେଉଁଟି ଅଧିକ ସୁନ୍ଦର ? ମନେ ମନେ ତୁଳନା କଲେ । ଛି, କାହା ସହିତ କାହାର ତୁଳନା ? ପଦ୍ମ ସଙ୍ଗେ ଟୋକସୁଆର ତୁଳନା ? ଚନ୍ଦ୍ର ସହିତ ଜୁଳୁଜୁଳାର ତୁଳନା ? ସିନ୍ଧୁ ସହିତ ସରୋବରର ତୁଳନା ? ବଡ଼ ଲଜ୍ଜା ହେଲା ତାଙ୍କର । ଲଳିତା ସହିତ ସୌଦାମିନୀର ତୁଳନା ! ଛି, ନିତାନ୍ତ ଅସଙ୍ଗତ । ନିଜ ଉପରେ ତାଙ୍କର ବଡ଼ ଅଭିମାନ ଜାତ ହେଲା । ଏତେ ଦୁର୍ବଳ ଅଧମ ଅଧମ ସେ ! ଲଳିତା ସହିତ ସୌଦାମିନୀକୁ ଏକାସନରେ ବସାଇଛନ୍ତି ? ଲଳିତା ସୁଶୀତଳ ଜ୍ୟୋତ୍ସ୍ନାମୟୀ ଶରତର କୌମୁଦୀ—ଆଉ ସୌଦାମିନୀ ? ସେ

ଅଙ୍ଗପ୍ର ଜ୍ୱାଳାମୟୀ ଜ୍ୱଳନ୍ତ ଲୌହ ଖଣ୍ଡ । ଲଳନା ବୃଦ୍ଧାସିଙ୍କ, ଯୁବାସିଙ୍କ, ସବୁ ଦୃଷ୍ଟି ଲୋଲୁପ—ସେ ମ୍ଳାନମୁଖୀ ଶକୁନ୍ତଳା ପର୍ଯ୍ୟନ୍ତ ଅପରିଚିତା । ଲଳନା ଝରଣା, ସେ ସାଗର—ଲଳନା ଦେବୀ, ସୌଦାମିନୀ ମାନବୀ । ତେବେ ଅନ୍ୟାୟ କ କରୁଛନ୍ତି ସେ ! ଦେବୀ ପାଖରେ ମାନବୀର ସ୍ଥାନ କାହିଁ ?

“କି ନବବାବୁ ! ଆପଣ ସ୍ୱଦେଶୀ–ସ୍ୱରାଜ୍ୟ ଖଣ୍ଡ ଏକଗୁଆ ଭଲ ନେଲେଣି ଯେ । ଅଳ୍ପଦିନ ପରେ କଲେଜର ଛାତ୍ରଦଳ ଲିଡରଟା ପାଲଙ୍କ ହିସ୍ସେ ଜାଣନ୍ତୁ ” କହି, ଗଙ୍ଗାଧର ଷ୍ଟାଚୁରେ ଦାମିନୀଙ୍କ କଥାଳାପରେ ଦେଇ ସୌଦାମିନୀ ପାଖି ଆସିଲେ । ନବକିଶୋର ଚମକି ଉଠିଲେ । ଏ କିଏ ? ସୌଦାମିନୀ ଯେ ଆସି ହାଜର ! ଏ କଥାକୁ ଜାଣିଲେ ସେ କଣ ତୋଷାମୋଦ କରୁଛନ୍ତି ବୋଲି ? ଗଙ୍ଗା କୂଳରେ ବୁଲୁଥିଲା ବେଳେ କଣ ଲକ୍ଷ୍ୟ କରି ଥିଲେ କି ! ବଡ଼ ଅଦ୍ଭୁତ ତ ! ନବକିଶୋର କିଛି ସଙ୍କୁଚିତ ହୋଇଗଲେ, କିନ୍ତୁ ସେ ଭାବ ଗୋପନ କରି କହିଲେ, “ଆସନ୍ତୁ—ଆସନ୍ତୁ । ଅତୁଲ ବାବୁ ନିମନ୍ତ୍ରଣ ରକ୍ଷା କରିବାକୁ ନରେଶ ବାବୁଙ୍କ ଘରକୁ ଯାଇଛନ୍ତି । ଏଣୁ ମୋ ବୁଲିବାକୁ ମନ ଲଗିଲା ନାହିଁ ଯେ ... ... ।” କଥାଟାକୁ ବଦଳାଇ ଦେବା ଅଭିପ୍ରାୟରେ ସୌଦାମିନୀ କହିଲେ, “ସେ କଣ ଫିଜିଓଲୋଜି ( Physiology ) ପଢ଼ୁଛନ୍ତି ?” ନବକିଶୋର କହିଲେ ‘ହଁ’ ।

“ଏଥର ସର୍ଜରୀ ମେଡାଲଟା ( Surgery Medel ) କିନ୍ତୁ ଆପଣଙ୍କର ।”

ଆତ୍ମପ୍ରଶଂସା ଶୁଣି ନବକିଶୋର କିଛି କୁଣ୍ଠିତ ହୋଇ କହିଲେ, “ସେ ଧାରଣା ଆପଣଙ୍କର ...।” ସୌଦାମିନୀ ହସି ହସି କହିଲେ, “ଆପଣ ଲୁଚାଇବାକୁ ଚେଷ୍ଟା କରୁଛନ୍ତି କାହିଁକି ? ଆପଣ ନିରହଙ୍କାରୀ ହୋଇ ପାରନ୍ତି; କିନ୍ତୁ ସତ୍ୟଟାକୁ ମୁଁ ଗୋପନ ରଖିପାରେ ନା ! ନରେନ ବାବୁ ଆମ ଘରେ ଯେତେବେଳେ ସର୍ଜରୀ ପଢ଼ାଇବାକୁ ଆରମ୍ଭ କରନ୍ତି, ଅନେକ ସମୟ ତାଙ୍କର ଆପଣଙ୍କ ପ୍ରଶଂସା ଗାନରେ କଟିଯାଏ । ସେ ସବୁଦିନେ ତ କହନ୍ତି, ସର୍ଜରୀ ମେଡାଲଟା ଆପଣଙ୍କର ଥୁଆ ! ଆମର ଫୋର୍ଥ ଇଅର ଷ୍ଟୁଡେଣ୍ଟ ପ୍ରାୟ ସମସ୍ତେ ଅପଣଙ୍କୁ ଡର କରି ଯାନ୍ତି । ମୁଁ ସ୍ୱୀକାର କରି କହୁଛି, ଆପଣଙ୍କ ପରି ସୁଶୀଳ ମେଧାବୀ ଛାତ୍ର ଖୁବ୍

ବମ୍ ଦେଖାଯାନ୍ତି । ଅମୀୟ ବାବୁ ତ ବହୁବାର ଆମ କ୍ଲାସରେ କହିଛନ୍ତି, ତାଙ୍କର ଦୃଶ୍ୟ' ପଦର ବର୍ଣ୍ଣ ଶୃଙ୍ଖଳା ଭିତରେ ସେ ଆପଣଙ୍କ ପରି ସ୍ପଷ୍ଟତେଜ ଆଜି ଜଣେ ଦେଖି ନାହାନ୍ତି । କାଲି ଆପଣଙ୍କ କଥା ବାହୁଡ଼ି କହୁଥିଲେ । ସେ ଆପଣଙ୍କୁ ଦେଖିବାଲାଗି ବଡ଼ ଆଗ୍ରହ ପ୍ରକାଶ କରିଛନ୍ତି ।" "ଏ— ଏ କଣ ସବୁ ସତ୍ୟ ? ଜିତେନ ବାବୁ ମୋର ଏତେ ପ୍ରଶଂସା କରନ୍ତି ? ଭୋଳିଥା ଉପର ଦିନମାନେ ମୋତେ ଭୁଲିଯାନ୍ତି ? ଅମୀୟ ବାବୁ ବୁଢ଼ା ହେଲେଣି, ପୁଣି ଭୁଲିଥା ବାହାର ସ୍ନିଗ୍ଧ ଲୋକ ସେ—ତାଙ୍କ ମୁହଁରେ ମୋର ପ୍ରଶଂସା ! ବଡ଼ ଆଶ୍ଚର୍ଯ୍ୟ କଥା । ସୌଦାମିନୀ କଣ ମୋତେ ଛଳିଯାଏ ? ହିଁ, ଭଲ ପାଏ ବୋଲି ସିନା ତା' ବାପାଙ୍କ ପାଖରେ ମୋ' କଥା କହୁଥିଲା । ଭାରି ବାପା ବା ବଡ଼ ଭଲ ଲୋକ ଦେଖୁଛି । କନ୍ୟାଠାରୁ କଣ ନାପାଦ ଶୁଣିଲେଣି ତାଙ୍କର ମୋଠାରେ ଶ୍ରଦ୍ଧା ବୋଲିଗଲା—ଦେଖିବା ପାଇଁ ଅଗ୍ରହାନ୍ୱିତ ହୋଇ ଉଠିଲେ । ଦେଖିଲେ କେତେ ଆଦର ନ କରିବେ ! ପ୍ରକୃତରେ ସୌଦାମିନୀ ବଡ଼ ବୁଦ୍ଧିମତୀ, ଚତୁରୀ । ଏପରି ଲୋକ ସହିତ ମୁଁ ବନ୍ଧୁତା ସ୍ଥାପନ କରିପାରି ନାହିଁ ଅଚଯାଏ ?" ନବ-କିଶୋର ଏହିପରି କେତେ କଣ ଭାବୁଥିବା ବେଳେ ସୌଦାମିନୀ ସ୍ମିତ ହାସ୍ୟରେ ପ୍ରଫୁଲ୍ଲ ଭିଙ୍ଗିମା ଜଳ କହିଲେ—"ଆପଣ ଦୁଃଖିତ ହେଲେ କି ? କ୍ଷମା କରିବେ । ସତ କଥା । ମୋ ପେଟରେ ରହେ ନାହିଁ, ଅଗତ୍ୟା କହି ଦେଉଛି ସବୁ ।" ନବକିଶୋର ଈଷତ୍ ହାସ୍ୟ କରି କଣ କହିବାକୁ ଉଦ୍ୟତ ହେଉଥିଲେ, ସେ ପୁଣି କହିଲେ—"ଆଜି କହିବାର ବେଳ ଅବ-ଶେଷ ନାହିଁ—ଶୀଘ୍ର ପ୍ରସ୍ତୁତ ହୁଅନ୍ତୁ । ବାପା କେତେ ଶୁଣି ବସିଛନ୍ତି—ଅଙ୍କ ଆସରରେ ଆପଣଙ୍କର ନିମନ୍ତ୍ରଣ । କାଲିଠାରୁ ଏ କାର୍ଯ୍ୟର ଭାର ବାପା ମୋ ଉପରେ ଦେଇଛନ୍ତି । ପାଞ୍ଚଟା ବେଳେ ଆପଣଙ୍କୁ ଖୋଜିଲି, ପାଇଲି ନାହିଁ; ଶୁଣିଲି, ଗଙ୍ଗାଆଡ଼େ ବୁଲି ଯାଇଛନ୍ତି । ଗଙ୍ଗା କୂଳରେ ମଧ୍ୟ ବହୁତ ଖୋଜିଲି । ସେଠାରୁ ବଙ୍କିମ ପାର୍କକୁ ଗଲି । ସେଠାରେ ନ ପାଇ ପୁଣି ଗଙ୍ଗାଆଡ଼େ ଯାଉଛି, ଆପଣ ଫେରୁଥିବାର ଦେଖିଲି । ସେତେବେଳେ ଆପଣ କପାଳ ଚିନ୍ତିତ ଥିଲା ଯଦି ଜଣା ଯାଉଥିଲା; ସେଥିପାଇଁ କିଛି କହି ପାରିଲି ନାହିଁ । ନିମନ୍ତ୍ରଣ କଥା ଏ ପର୍ଯ୍ୟନ୍ତ ଆପଣଙ୍କୁ ଜଣାଇ ନାହିଁ—

ବାବା ଶୁଣିଲେ ବିରକ୍ତ ହେବେ ବୋଲି, ତାଙ୍କୁ ଲୁଚି ଲୁଚି ପଳାଇ ଆସିଛୁ । ହେମା ବାବୁ ମୋ ସଙ୍ଗରେ ବର୍ତ୍ତମାନ ଅସନ୍ତୁଷ୍ଟ । କଣ କରିବି ? ଏ ଅପରାଧଟା ମାର୍ଜନା କରିବେ ।"

ନବକିଶୋର ସୌଦାମିନୀର ମୁହଁକୁ ଚାହିଁ ରହିଲେ । ତାଙ୍କୁ ଏ ସମସ୍ତ ସ୍ୱପ୍ନ ପରି ବୋଧ ହେଲା । "ଦେବୀ ନାହିଁ, ସାକ୍ଷାତ ନାହିଁ, କୁଣ୍ଠା ତଥା ସଙ୍କୋଚରେ ନିମଜ୍ଜିତ । କି ମହତ । କି ଉଦାର ! ଧନ୍ୟ ସୌଦାମିନୀର ପିତା ! ଧନ୍ୟ ସୌଦାମିନୀ ! ଯାହା ଦୋଷରେ କେତେ କେତେ ଦୋଷୀ ହେବାର କାରଣରେ କ୍ଷମାପ୍ରାର୍ଥନା କରିବା ତ ଅଳ୍ପ ଗୁଣୀଗରିମାର ପରିଚୟ ନୁହେଁ । କି ଲଳିତ ମିଷ୍ଟ ବାକ୍ୟ । ସତେ ଯେପରି କେତେ କେତେ ସୁଧା ଝରି ଆସୁଛି ଏ । ସ୍ତ୍ରୀଜାତିର ଅଳଙ୍କାର ଯିବା ଏଗୁଡ଼ାକ । ଏହି ମାନେ ତ ଦେବୀ । ନାରୀଙ୍କର ଚରମ ପରିଣତି ସ୍ୱର୍ଗର ପାରିଜାତ ଯିବା । ଏପରି ସ୍ତ୍ରୀର ଚରଣ-ରେଣୁକୁ ସ୍ପର୍ଶ ଯୋଗ୍ୟ କିଏ ?" ନବକିଶୋର ଆଉ ଭାବି ପାରିଲେ ନାହିଁ । ତାଙ୍କର ମୁଣ୍ଡ ଘୂରିଗଲା । କପାଳ ଭୋଳମାଣ୍ଡଅ ଧରୁଥିଲେ । ସେ ଅବସ୍ଥା ପ୍ରକାଶ କରି ତୋଷାନ ଯାଇ ।

"ଆଜି ଭଲ ଅଛନ୍ତି କି ? କଣ ଭଲ ଅଛି ?"

"ହଁ ବହୁତ ଅଛନ୍ତି ଅଛି ।" କଥା ସଙ୍ଗେ ସଙ୍ଗେ ବିହ୍ୱଳତାରେ ଘୁଞ୍ଚି ସୌଦାମିନୀ ଘୁଞ୍ଚି ଗଲେ । ଉତ୍ତରରେ ମୃଦୁ ହସଟିଏ ହସି ଦେଲେ ନବକିଶୋର ।

---

## ଷୋଡ଼ଶ ପରିଚ୍ଛେଦ

ନବକିଶୋର ଆଉ ସୌଦାମିନୀଠାରୁ ଦୂରରେ ଦୂରରେ ରହନ୍ତି । ଉଭୟଙ୍କ ମଧ୍ୟରେ ବାଧ୍ୟତା ବେଶ ଜମିଗଲାଣି । ସୌଦାମିନୀର ବାବା ପ୍ରମଥବାବୁଙ୍କ ସହିତ ନବକିଶୋରଙ୍କର ମଧ୍ୟ ଘନିଷ୍ଠ ପରିଚୟ ହୋଇ ଗଲାଣି । ପ୍ରମଥ ବାବୁ ନବକିଶୋରଙ୍କୁ ବଡ଼ ସ୍ନେହ-ଦୃଷ୍ଟିରେ ଦେଖନ୍ତି । କି ବାତ୍ସଲ୍ୟପୂର୍ଣ୍ଣ କଥା, କି ମିଷ୍ଟ ବ୍ୟବହାର ତାଙ୍କର । ବଡ଼ ଅମାୟିକ ଲୋକ ସେ ।

ନବକିଶୋର ତାଙ୍କୁ ଯେପରି ସ୍ନେହ ଓ ଯତ୍ନ କରନ୍ତି; ସେହିପରି ମଧ୍ୟ ମନୋ-ରମାଙ୍କର ବଡ଼ ବାଧ୍ୟ ହୋଇ ପଡ଼ନ୍ତି । ତାଙ୍କର କୌଣସି କଥାରେ ପ୍ରତି-ବାଦ କରିପାରନ୍ତି ନାହିଁ ; ବରଂ ଦେବାଦେଶ ପରି ତାଙ୍କର କଥା ସବୁ ଶିରୋଧାର୍ଯ୍ୟ କରି ନଅନ୍ତି ।

ନବକିଶୋର ବଡ଼ ଆଶା କରିଥିଲେ, ପୂଜାଛୁଟିରେ ଘରକୁ ଯିବେ । ସ୍ୱର୍ଗ ଧନସ ଧରି ଶପଥ ଦେଇ ନାହାନ୍ତି, କି କୌଣସି ଖବର ଦେଇ ନାହାନ୍ତି; ସେଥିପାଇଁ ଲଳିତାଠାରୁ ଦୋଷ ମାଗିନେବେ । ସେ କଣ କ୍ଷମା ଦେବେ ନାହିଁ ? ପିତାଦେଶ ପାଳନ କରି କଠିନ ହୃଦୟକୁ ପାଷାଣଠାରୁ ଅଧିକ କଠିଣ କରିପାରୁଛନ୍ତି, ମର୍ମନ୍ତୁଦ ବେଦନାକୁ ମରମରେ ଚାପି ରଖି କର୍ତ୍ତବ୍ୟ ସାଧନ କରି ପାରୁଛନ୍ତି, କେତେ ଭୀଷଣ ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରୁଛନ୍ତି, ଲଳିତା ଶୁଣିଲେ ବରଂ ଖୁସି ହେବ—କେତେ ପ୍ରଶଂସା କରିବ । କିନ୍ତୁ ହାୟ, ନବକିଶୋରଙ୍କର ସେ ସୁଖସ୍ୱପ୍ନ ସବୁ ଭାଙ୍ଗିଗଲା ପିତାଙ୍କର ପତ୍ରେ ଲେଖାଥିଲେ । "ଏ ପୂଜା ଛୁଟିରେ ଘରକୁ ଯାଇ ଅକାରଣ ପଢ଼ାଟାକୁ ନଷ୍ଟ କରିବାକୁ ବାହାରିବ ? ଏହିଠାରେ ରହି ଅତୁଳ ବାବୁଙ୍କ ସଙ୍ଗରେ ଲେଖାପଢ଼ି କର ।" ପିତାଙ୍କର ଏହି ଉପଦେଶରୁ ଉଦ୍ଦେଶ୍ୟଟା ଜଣା-ପଡ଼ିଗଲା । ନବକିଶୋର ଆଉ ପ୍ରତିବାଦ କଲେ ନାହିଁ । ଯା ହେଉ, ସେ ଛୁଟିଟା ନିତାନ୍ତ ଅଶାନ୍ତିରେ କିମ୍ବା ଦୁଃଖରେ କଟି ନାହିଁ ତାଙ୍କର ସୌଦାମିନୀ ଲାଗି । ସୌଦାମିନୀଙ୍କର ଅକପଟ ବନ୍ଧୁତା, ସରଳ ମିଷ୍ଟ ବ୍ୟବ-ହାରରେ ସେ ଲଳିତାର ବିଚ୍ଛେଦ-ବେଦନାକୁ ଗ୍ରାହ୍ୟ କରି ନାହାନ୍ତି ।

ପୂଜାର ଧୂମଧାମ ଲାଗିଗଲା । କର୍ତ୍ତବ୍ୟରେ ଲାଗିପଡ଼ିଲେ ସମସ୍ତେ ପୁଣି ନୂତନ ତେଜ ନୂତନ ଉତ୍ସାହରେ । ସମସ୍ତଙ୍କ ମଧ୍ୟରେ ନବକିଶୋର ମଧ୍ୟ ନିଜକୁ ଭୁଲାଇ ରଖି କର୍ତ୍ତବ୍ୟ ପଥରେ ଧାଇଁଲେ । ଶୁଭ୍ର ଶୁଭ୍ର କୁଞ୍ଜଲତା ରଙ୍ଗ ବେରଙ୍ଗର ସବୁ ଝକାଝକ କରି ଥାଇଁ ଅସିଲା ଶ୍ରୀକୃଷ୍ଣ-ଲୀଳା, ଗୋଟାଏ ବଡ଼ ଲୀଳାଟେଙ୍ଗା ଶୁଣାଯାଏ ତୁଳିଳ ତୁଲାର । ପ୍ରକୃତିରାଣୀର ସୌନ୍ଦର୍ଯ୍ୟପ୍ରକାଶ ହୋଇଗଲା । ସୌନ୍ଦର୍ଯ୍ୟପ୍ରିୟ ଦର୍ଶକମାନେ ଦିବାରାତ୍ରି ବସି ସୌନ୍ଦର୍ଯ୍ୟର ଉପାସନା କରୁଥିଲେ, ସେମାନେ ସମସ୍ତେ ଆନନ୍ଦ ହେଲେ । ଜଗତର ଶିଷ ଲୁଟିଗଲା । ସମସ୍ତ ବାଣୀ ବିଜୁଳିନ ବର୍ଣ୍ଣନୀୟ ହୋଇପଡ଼ିଲା । ଶାର-

ଗୃହିଅଟେ ପ୍ରଳୟ ଅଗ୍ନିର ତାଣ୍ଡବ ଲୀଳା ଲଗିଗଲା । ସମସ୍ତେ ଆତ୍ମରକ୍ଷା କରିବାରେ ତତ୍ପର ହୋଇ ଉଠିଲେ । କର୍ମଶେଷଙ୍କୁ ଅବସର ମିଳିଲା । ନବକିଶୋର ପ୍ରତୀକ୍ଷା କରିଅଛନ୍ତି, ଆଜି କୌଣସି ଛୁଟିରେ ଘରକୁ ଯିବେ ନାହିଁ । ପୂଜାଛୁଟିରେ ତ ତାହା ଅନୁମତି ଦେଲେ ନାହିଁ; ଗ୍ରୀଷ୍ମଛୁଟିରେ କଅଣ ଅନୁମତି ଦେବେନି ? ତାଙ୍କର ଇଚ୍ଛା କରୁଅଛେ ତାଙ୍କ ମନରେ କଷ୍ଟ ହେଉ ନାହିଁ କି ସେ ଆଉ ଗ୍ରାମକୁ ଯିବେ ? କିଏ ଅଛି ଗ୍ରାମରେ ତାଙ୍କର ? ସ୍ନେହମୟୀ ଜନନୀ, ଯାହାର ପ୍ରତ୍ୟେକ ରକ୍ତବିନ୍ଦୁରେ ତାଙ୍କର ଶରୀର ଗଠିତ, ସେ ତ ନାହାନ୍ତି — ଆଉ କିଏ ଅଛି ! ସତ ଅଟ, ଆଜି ଲଳିତା ଏବଂ ସୁଲକ୍ଷଣଙ୍କ ପାଇଁ ତାଙ୍କର ଗ୍ରାମକୁ ଯିବାର ଇଚ୍ଛା କି ? ଲଳିତା ପାଇଁ ତ ଏବେ ବାଣ୍ଡ ; ବାସ ସବୁ ଅଛ । ସେ ନିଜର ପାଡ଼ାଙ୍କୁ ଶିକ୍ଷାଦାନପାଇଁ ସ୍କୁଲ ଗଢ଼ିପାରିବ, ସେ କଣ ଏଇ କେତେଟା ବର୍ଷ ଅଗାଙ୍କୁ ଭୁଲି ପାରିବ ନାହିଁ ? ନା, ସେ ଗ୍ରାମକୁ ଯିବେ ନାହିଁ । ସିତାଙ୍କର ମନରେ ସନ୍ଦେହ ହେବେ ନାହିଁ କି ?

ଅଶାନ୍ତ ଶାନ୍ତିର ମଧ୍ୟଦେଇ ଗ୍ରୀଷ୍ମଛୁଟି କଟିଗଲା । ସୌଦାମିନୀ ବର୍ତ୍ତମାନ ନବକିଶୋରଙ୍କର ବଡ଼ ଆପଣାର, ବଡ଼ ଆଦରର, ବଡ଼ ପ୍ରିୟ । ଦୁହେଁ ଦୁହିଙ୍କର ସ୍ନେହ-ଧନରେ ଧନୀ । ଘଣ୍ଟିକି ବାଳେଇବ ଜଗତ ବ୍ୟବଧାନ ଯେପରି ବୋଧ ହେଉଛି । ସୌଦାମିନୀ ବର୍ତ୍ତମାନ ଛାତ୍ରୀ ନୁହନ୍ତି—ଡାକ୍ତରୀ ପାସ୍ କରି ଘରେ ବସିଛନ୍ତି । ଏବେଣ ସଙ୍ଗ ତାଙ୍କର ଛୁଟି । ସେ ପ୍ରାୟ ଅଧିକାଂଶ ସମୟ ନବକିଶୋରଙ୍କ ସଂଗରେ କଟାଉଛନ୍ତି । ଦେ ଦୁହିଙ୍କର ଛାୟା ନାସ୍ତା ସ୍ପଷ୍ଟ କହୁଥିଲେ ତଳେ । ତଥାପି ତା ଭିତରେ ଗୋଟାଏ ଅତି ସାମାନ୍ୟ ଚଳନ୍ତ ସଂସ୍କାର ମହାଶିଶୁର ଦଶଗ୍ରୀ ବ୍ୟବଧାନରେ ଅଣି ଥୋଇ ଦେଇଛି । ନବକିଶୋରଙ୍କ ହୃଦୟର ଅନ୍ତରତମ ପ୍ରଦେଶରେ ଲୁକ୍କାୟିତ ରହିଛି ନିତାନ୍ତ ଅଜାଣତରେ ଅବାସ୍ତବ ଆବରଣରେ. ଗୋଟାଏ ‘ପ୍ରେମ-ଗୁହାଣି ।’ ଏତେ ସୌହାର୍ଦ୍ଦ, ଏତେ ଘନିଷ୍ଠତା, ଏତେ ମିଳାମିଶା, ଏତେ ଦେଖାଶୁଣା—ତଥାପି କିଏଣ ଥାଇ କାଣଙ୍କର ଅଲକ୍ଷ୍ୟରେ ପ୍ରେମ ଗୁହାଣିରେ ଗୁହଁ ବାକୁ ବଡ଼ ଲାଳାୟିତ, ବଡ଼ ଉଚ୍ଛ୍ୱସିତ, ବଡ଼ ଅଧୀର ! ନବକିଶୋର ସୌଦାମିନୀଙ୍କ ଯେତେବେଳେ ପ୍ରେମ ଗୁହାଣିରେ ଗୁହଁ ଲେ ସ୍ପୃହା ତୃପ୍ତ ନ ହୋଇ ସଦାସର୍ବଦା ସେହିଠାରୁ ଖାବରେ ପ୍ରେମର ପ୍ରେମର

ବୁଝିବାକୁ ଇଚ୍ଛା କରନ୍ତି । ଇଚ୍ଛାକରନ୍ତି କଣ, ସ୍ୱତଃ ତାଙ୍କର ଆଖିଟା ଚାଲିଯାଏ ସେଆଡ଼େ ଅନେକ । ତାହାର ଅର୍ଥ କଣ ? ତାହାର ଅର୍ଥ ବଡ଼ କଠିନ, ବଡ଼ ଦୁର୍ବୋଧ । ନବକିଶୋର ଶତଚେଷ୍ଟା କରି ବୁଝି ତାହାର ଅର୍ଥ ଆବିଷ୍କାର କରିପାରି ନାହାନ୍ତି । ନିଜର ଦୁର୍ବଳତା ସେ ବୁଝିପାରୁଛନ୍ତି । ସେଥିପାଇଁ ସେ ବଡ଼ ଅନୁତପ୍ତ, ବଡ଼ ଦୁଃଖିତ ଓ ଲଜ୍ଜିତ । ଝିଅକୁ ନିଜେ ମଧ୍ୟ କେତେ ଥର ଡାକି ପଠାନ୍ତି ସେଥିପାଇଁ । ସନ୍ଧ୍ୟା ଆଗତ ପ୍ରାୟ । ନବକିଶୋର ବିଛଣାରେ ପଡ଼ି ଭାବୁଛନ୍ତି, "ପିତା ଯାହା କହୁଥିଲେ, ସେ କଣ ସତ୍ୟ ? ଲଳିତା କୁଳଟା, କଳଙ୍କିନୀ—ଦୁଷ୍ଟର ପାପସ୍ପର୍ଶରେ ନାରୀତ୍ୱକୁ ବଳି ଦେଇଛି । ସମାଜକୁ ଧୋକା ଦେଇଛି !" ତାଙ୍କର ମନ ପୁଣି ବିଦ୍ରୋହୀ ହୋଇ ଉଠିଲା । କଏ କହୁଛି—ଲଳିତା କୁଳଟା ? କଏ କହୁଛି, ଲଳିତା କଳଙ୍କିନୀ ? ଅସମ୍ଭବ—ଅସମ୍ଭବ । ଲଳିତା ଅକଳଙ୍କ—ସ୍ୱଚ୍ଛ, ଅତୁଳନ ପବିତ୍ର, କୌମୁଦୀ ପରି ବିମଳ । ଅଦୃଷ୍ଟରେ ପୁଣି କଳଙ୍କ ଅଛି କାହିଁ ? ତେବେ ? ଏ ପିତାଙ୍କର ଦୁରଭିସନ୍ଧି ନିଶ୍ଚୟ । ସେ ତା ଉପରେ ଅସନ୍ତୁଷ୍ଟ । ସେଦିନ ପ୍ରତ୍ୟକ୍ଷ କରିଥିବାକୁ ନବକିଶୋର କଣ ତାହାର ପ୍ରମାଣ ପାଇ ନାହାନ୍ତି ? ଦୁର୍ଘଟଣାରେ ଘରକୁ ଯିବାପାଇଁ ଅନୁମତି ମିଳିଲା ନାହିଁ କାହିଁକି ? ସେଥିରୁ କଣ ସେ ବୁଝିପାରି ନାହାନ୍ତି ? ଏ ଭାବର ଗୋଟାଏ ନୂତନ ପ୍ରକାରର ଷଡ଼ଯନ୍ତ୍ର ନିଶ୍ଚୟ । ପିତାଙ୍କ ଉପରେ ତାଙ୍କର କ୍ରୋଧାନଳ ଧୂ ଧୂ ହୋଇ ଜଳିଉଠିଲା । ମନ ହେଲା ବର୍ତ୍ତମାନ ସେ କୈଳାସଚନ୍ଦ୍ରଙ୍କୁ ଦେଖିପାରନ୍ତେ ସାମନାରେ—କହନ୍ତେ, କାହିଁ ଦେଖାଇ ଦିଅ ମୋତେ ଲଳିତା କେଉଁଠି କୁଳଟା ହୋଇଛି । କିନ୍ତୁ ପିତା ସେ ; କଣ କହିବେ ? ଦୈନ୍ୟଦଗ୍ଧ ଚିତ୍ତ ଅଜଗର ପରି ସେହି ବିଛଣାରେ ପଡ଼ି ସେ ଗର୍ଜିବାକୁ ଲାଗିଲେ । ଲଳିତାର ନିର୍ମଳ ଲଳିତ ମୂର୍ତ୍ତି ତାଙ୍କର ଆଖି ଆଗରେ ଝଲସି ଉଠିଲା । ସେ ଆଉ ଧୈର୍ଯ୍ୟ ଧରିପାରିଲେ ନାହିଁ । ଗୁରୁଜନଙ୍କୁ 'ଡେପ୍ଟି ଉଷ୍ଣପ୍ରାଣ' ହେବାର ବାହାରିବାକୁ ଲାଗିଲେ ।

× × × ×

ଦିନ ଦଶଟା ହେବ । ନବକିଶୋର ସ୍କୁଲକୁ ବାହାରିଛନ୍ତି । କାମିଜଟା ପିନ୍ଧି ପିନ୍ଧି ବାପାଙ୍କର ଖଟ ଉପରେ ବସିଥିବା ଗୋଟାଏ

ଖୋଲୁଥାନ୍ତି ତାଙ୍କର ଦୃଷ୍ଟି ଆକର୍ଷଣ କଲା । ଲଳିତାଙ୍କ ହସ୍ତାକ୍ଷର ! ସେ କୌତୂହଳୀ ହୋଇ ଚିଠିଖଣ୍ଡି ପଢ଼ିବାକୁ ଆରମ୍ଭ କଲେ । ପ୍ରଥମରେ "ପ୍ରାଣମୁଣ୍ଡାଇ" ଲେଖା ଦେଖି ତାଙ୍କର ହୃଦୟ ଭିତରଟା କିପରି କମ୍ପି ଉଠିଲା । ସ୍ୱାମୀର ଖବର କିଛି ଜାଣି ପାରିବେ ବୋଧେ ! ଆବେଗରେ ପାଠ କରିବାକୁ ଲାଗିଲେ । ଏ କଣ ? ଚମକି ଉଠି ଚିଠିଟାକୁ ଖଣ୍ଡେ ଦୂରକୁ ଫିଙ୍ଗିଦେଲେ । ପଦାତଳେ ନାଗ ସାପଟାଏ ଦେଖିଲେ କେହି ଏତେ ଭୀତ ହେବ ନାହିଁ ବୋଧହୁଏ ! ସେ ନିଜର ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ଆଖି ଦୁଇଟାକୁ ଖୁବ ଭଲକରି ରୁମାଲରେ ପୋଛି ଦେଇ ଚିଠିଖଣ୍ଡି ଉଠାଇ ଆଣି ଭଲ କରି ଦେଖିଲେ । ଅବିକଳ ସେହି ଲେଖା । ଶେଷରେ ଅଛି—"ଆପଣଙ୍କର, ଦାମିନୀ ।" ଏ ତ ଦାମିନୀ ପଟ୍ଟନାୟକଙ୍କର ଲେଖା । ସେହି ମିଛ ଲେଖିଲେ କାହିଁକି ? ତେବେ କଣ ଏ ସତ ? ଲଳିତାର ବିବାହ ହୋଇ ସାରିଛି ? "ଅଚିରାତ୍ ପାଶେ ସବୁ କଥା ଲେଖୁଛି ଭଳି ଲାଗୁଛି । ଲଳିତାକୁ କଲ୍ୟାଣପୁରରେ ବାହା କରି ଦେଇଛନ୍ତି ।" ବାପା ମାଆ କହୁଥିଲେ, ସେ ନିଶ୍ଚୟ ସତ୍ୟ କଥା; ମୁଁ ବୃଥାରେ ତାଙ୍କ ଉପରେ ଦୋଷାରୋପ କରୁଥିଲି । ଲଳିତା ବାହା ହୋଇଛି ? କଲ୍ୟାଣପୁରରେ ବାହା ହୋଇଛି ?" ତାଙ୍କର ମୁଣ୍ଡ ଥିରା ହେଲା ନାହିଁ । ସେ ଭିତରୁ କବାଟ ବନ୍ଦ କରି ତାଙ୍କ କୋଠରୀରେ ଶୋଇ ପଡ଼ିଲେ । ସେହି ଲଳିତା—ଯାହାକୁ ସେ ହୃଦୟ ଉଜାଡ଼ି କରି ସମସ୍ତ ପ୍ରେମ, ପ୍ରୀତି ଢାଳି ଦେଇଛନ୍ତି, ସେ ଆଜି କଲ୍ୟାଣପୁରରେ ବଧୂ ହେଲାଣି ପୁଣି ସ୍ୱାମୀର ପାପ ପୁଣ୍ୟରେ ପଡ଼ି ନାରୀଙ୍କର ଅପମାନନା କରି କଳଙ୍କିନୀ, କଳୁଷିତ ହୋଇ ? "ନାରୀ ବିଶ୍ୱାସଘାତିନୀ, ପ୍ରତାରକ, ପିଶାଚୀ । ତାହାର ସରଳ ହାସ୍ୟରେ ଏପରି ପ୍ରାଣଧ୍ୱଂସୀ ଗରଳ ପୁଣି ଲୁକ୍କାୟିତ ଥାଏ, ନିର୍ବୋଧ ପୁରୁଷ ତାହା ବୁଝିପାରେ ନାହିଁ । ନାରୀର ତରଳ କଣ୍ଠସ୍ୱରରେ ଏପରି ଶକ୍ତିଶାଳୀ ଶକ୍ତି ଛପି ରହିଥାଏ, ଅଜ୍ଞ ପୁରୁଷ ତାହା ଦେଖିପାରେ ନା । ନାରୀକୁ ଅବଳା କହନ୍ତି । ଅବଳା ପୁଣି ଏପରି ଦୁଃସାଧ୍ୟ ସାଧନ କରିପାରେ, ନିଶ୍ଚୟ ପୁରୁଷ କଳନାରେ ଧରା ପଡ଼ିପାରେ ନା । ସେ ମାୟାବୀ, ଛଳକାରିଣୀ । ଅନ୍ତରରେ ରୌରବ ରଖି ଉପରେ ସୁଧା ସିଞ୍ଚନ କରିବା ଜାଣେ, ମୂର୍ଖ ନର

ତାର ସଜ୍ଞ ସ୍ୱଚ୍ଛା ଅନୁମାନ କରିପାରେ ନାହିଁ—ତାର କୁହୁକରେ ଭୁଲିଯାଏ। ଓଃ, ମୁଁ କି ଭୁଲ କରିଥିଲି ! ସେ ମାୟାବିନୀ କୁହୁକିନୀର କି କୁହୁକରେ ପଡ଼ିଥିଲି ଏତେ ଦିନ ଯାଏ। ମୋର ମୋହ ଆଜି ଘୁଞ୍ଚିଛି, ଚକ୍ଷୁ ଆଜି ଫିଟିଛି। ଧାରଣା ଥିଲି, ନାରୀ ସରଳା—ନିଷ୍କପଟ ଛଳନାରେ ନାରୀକୁ ଦେବୀ ଜ୍ଞାନ କରୁଥିଲି। କିନ୍ତୁ ନା, ଆଜି ନା।" ତାଙ୍କର ହୃଦୟ ହୁତା-ଶନରେ ପୋଡ଼ିଯିବାକୁ ଲାଗିଲା। ମସ୍ତକରେ ଶତ ବୃଶ୍ଚିକର ଦଂଶନ ଜ୍ୱାଳା ଅନୁଭବ କରି ସେ ଉଠି ଚାଲିଗଲେ।

× × × ×

ଗୋଧୂଳି ଅସ୍ତପ୍ରାୟ। ଶରତ୍ର ଘନ କଳା ଜଳଦ ସମ୍ପ୍ରଦାୟ ଆକାଶଟାକୁ ଢାଙ୍କି ପକାଉଛି। କେଉଁଠି ବଣ କୋଇଲି ହଠାତ୍ କୁହୁକ ଦେଇ ଆସି ନୂଆ ମଧୁରତାର ସୃଷ୍ଟି କରୁଛି। ବଣ ବାଟରୁ ସନ୍ଧ୍ୟା ହେବାକୁ ବସିଲା। ଗୋଧୂଳି ଗଗନ ବନ୍ଧୁ ଅଳସ ବାଆଁଶ ଝରକା ବାଟେ ଦେଇ କେତେବେଳେ ସୌଦାମିନୀଙ୍କର ସ୍ୱର୍ଣ୍ଣ-ଶରୀର-ଖାନକୁ କମ୍ପାଇ ଦେଇ ପଳାଇ ଯାଉଛି। ଲଜ୍ଜାବତୀ ଗୋଲାପ ବୋଧ ହୁଏ ତାଙ୍କ ସଙ୍ଗରେ। ହାରମୋନିୟମର ସ୍ୱର ଲହରୀ, ଆଉ ସ୍ୱଳ୍ପ ସ୍ୱରର ମୃଦୁ ଭାବର ମଧୁର ସଙ୍ଗରେ ସୌଦାମିନୀ ଗାଉଥିଲେ। ସେ ହାରମୋନିଅମରେ ସ୍ୱର ମିଳାଇ ଗାଉଛନ୍ତି—

କହୁଛେ ମୁଁ ତ ବହୁତ କଥା ଫିଟାଇ ହୃଦୟ ଦ୍ୱାର ଗୋ
ଅନ୍ଧ ହେଲାରେ ଦେଖିଛୁ ଲାଜ ବାରୁ ସେ ଛନ୍ଦକ ପାଉ ଗୋ ।୦।

ଜନକ ଜନନୀ ବାନ୍ଧବ
କି ଅବା କୁଳ ଗଉରବ

ସକଳ ତେଜିଛୁ ସେ ରୂପେ ମଜିଛୁ ସେହୁ ମୋ ଗଳାର ହାର ଗୋ ।

ଭୁଲିଛି ନିଜକୁ ମୂଳକେ
କି ମନ୍ତ୍ରରେ ମୁଁ ଗୋ ଚଳକେ

ପ୍ରେମିକର କିଏ ସେ ଅଛି ଜଗତେ ସମ୍ମାନ କେ ଦେବ ତାର ଗୋ ।

ସଙ୍ଗୀତର ତାଳେ ତାଳେ ସୁଧା ଝରାଇ ଯାଉଛି, ପ୍ରତି ଅକ୍ଷରେ ଅକ୍ଷରେ ହୃଦୟର ଅଭିବ୍ୟକ୍ତି ଫୁଟି ଉଠୁଛି। ନରକିଶୋର ବସି ଶୁଣୁଥିଲେ—

ଅନୁଭବ ହୋଇ ଶୁଣୁଥିଲେ । ସଙ୍ଗୀତ ଶେଷ ହେଲା । ସୌଦାମିନୀ ହାର-ମୋନିୟମଟା ଭୂଇଁକୁ ଠେଲି ଦେଇ ପିଆନୋ ପାଖେ ବସିଲେଣି , ନବକିଶୋରଙ୍କ ଜଣା ନାହିଁ । ତାଙ୍କ କାନରେ ବାଜୁଛି—"ନପୁରେ ମୁଁ ତ କହୁଛି କଥା ... ---।" ସେ ଭାବୁଥି, ବିମୋହିତ ! କି ସୁନ୍ଦର ଲଳିତ ମିଷ୍ଟ ସ୍ୱର । ଏହି ତାଙ୍କର ସୌଦାମିନୀ କଣ୍ଠରେ ସଙ୍ଗୀତ ଶୁଣିବା ପ୍ରଥମ । ଗାନର କି ଚମତ୍କାରି ଭାବ ! ସ୍ୱର ସହିତ ଭଙ୍ଗୀ ଜଣାଇ ଦେଉଛି ଚେତନା ନିତାନ୍ତ ସତ୍ୟ ଘଟଣାଟା ଏ । ବାସ୍ତବିକ ନାରୀ ପକ୍ଷରେ ଏତେଟା ସମ୍ଭବ କିପରି ! ନାରୀଙ୍କି ଏତେ ବଡ଼ ତ୍ୟାଗ ସ୍ୱୀକାର କରିପାରେ । ଅହା, ନାରୀ କି ସରଳ ! ତାର ସମସ୍ତ ଶରୀରଟା ସରଳତାରେ ଗଢ଼ା ଏକା ; ଆଜି ଗୋଟିଏ ନାରୀମୂର୍ତ୍ତି ନବକିଶୋରଙ୍କର ମାନସ-ପଟରେ ଉଦିତ ହୋଇଛି । କିବା ଏକ ବିଷମ କଥା । ଲଳିତାକୁ ବାଲ୍ୟକାଳରୁ ସେ ଦେଖି ଆସୁଛନ୍ତି—ସମସ୍ତ ବାଲ୍ୟ ସ୍ମୃତି ତାଙ୍କର ଗୋଟିଏ ଗୋଟି ହୋଇ ମନରେ ପଡ଼ୁଛି । ଲଳିତାର ଏହିପରି ସରଳତାରେ ପରେ ସେ ବିମୋହିତ ହୋଇ-ଥିଲେ, ସେଥିପାଇଁ ତାଙ୍କର ହୃଦୟ-ସର୍ବସ୍ୱ ଅର୍ପଣ କରିଛନ୍ତି କିନା ; କିନ୍ତୁ ହାୟ, ଆଜ ସେହି ଲଳିତା ବିଶ୍ୱାସଘାତିନୀ, ତାଙ୍କର ଗଳାରେ ଛୁରି ଦେଇଛି । କିପରି ସେ ଆଉ ପୁଣି ବିଶ୍ୱାସ କରିବେ ନାରୀ ସରଳା ବୋଲି ? ନାରୀ ପ୍ରତି ଘୃଣାରେ ତାଙ୍କର ମୁଖ ବିକୃତ ହୋଇଗଲା । ଛି, ସେ କେବେ ବଡ଼ ଭୁଲ କରୁଛନ୍ତି ! ନାରୀ ସର୍ବନାଶୀ ପିଶାଚୀ । ଏଣୁଆଡ଼କର ଗଭୀରତମ ପୃଷ୍ଠ ହେଉଛି ନାରୀ । ସୌଦାମିନୀର ସୁନ୍ଦର ରୂପ ତାଙ୍କ ଆଖିରେ କିପରି ଭୂଷିତ କରାଇବାର ଦର୍ଶିଲା ! ଘୃଣାରେ ତାଙ୍କର ମୁହଁଟା ସ୍ୱତଃ ଅନ୍ୟଆଡ଼େ ବୁଲିଗଲା । "କି ନବବାବୁ, ଗାନଟା ପସନ୍ଦ ହେଲା ନାହିଁ ବୋଧ ହୁଏ ?" କହି ସୁମଧୁର ହାସ୍ୟଛଟାରେ ସୌଦାମିନୀ ଘର ଉଜ୍ଜ୍ୱଳ କରିଦେଲେ । ନବକିଶୋରଙ୍କ ମୁହଁର ମିଳିଲା ନାହିଁ । କଣ କହିବେ, ଭାବୁଛନ୍ତି । ସୌଦାମିନୀ ହସି ହସି କହିଲେ, "ଅସନ୍ତୁ ଅଛ ଉତ୍ତେଜନ ଗର୍ଜନ ପିବା ।" ସେ ପ୍ରତିବାଦ କରି-ପାରିଲେ ନାହିଁ । କିପରି ବା ପ୍ରତିବାଦ କରନ୍ତେ ? କି ସୌନ୍ଦର୍ଯ୍ୟପୂର୍ଣ୍ଣ ଲଳିତ ସ୍ୱର ! ତାହା ଶ୍ରବଣରେ ଜଡ଼ ପଦାର୍ଥ ମୁଗ୍ଧ ପ୍ରାଣ ହୋଇ ଉଠିବ ପରା—ସେ ତ ମନୁଷ୍ୟ, ରକ୍ତମାଂସର ଶରୀର ତାଙ୍କର—ଯୁବକର ହୃଦୟ

ସୃଷ୍ଟି ବାୟୁ ପରି ଚଞ୍ଚଳ, ଅଶ୍ରୁଭରା ମନ ପ୍ରଖର । କେଉଁ ହୃଦୟ ଦେଇ ସେ ଏବେ ନିଷ୍ଠୁର ହୋଇପାରିବେ କହନ୍ତୁ ?

ଧୂପର ବାସ୍ନା ସାଙ୍ଗ ହେଉ ଝିଲମିଲ ଜୋଛନା ଧୀରେ ବାହାରୁଛି । ଉପବନଟି ସତେ ଯେମିତି ଧଳା ଶାଢ଼ୀ ଖଣ୍ଡେ ପିନ୍ଧିଛି । ନାନାଜାତି ଫୁଲଗଛରୁ ଶୀତଳ ପବନ ବହି ମହକାଇ ଥାଇ ଥାଇ ଧୀର ଯାଉଛି କେଉଁ ଦୂରଦେଶକୁ । ଅଳସ ହେଉଛି ସେହି ବାୟୁ ପ୍ରବାହରେ ବସାଇ ଦେଇ ପଥର-ବେଞ୍ଚଟି ଉପରେ ବସିଛନ୍ତି ସୌଦାମିନୀ ଆଉ ନବକିଶୋର । କେତେକ୍ଷଣ ନୀରବରେ ଅତିବାହିତ ହୋଇଗଲା ପରେ ସୌଦାମିନୀ କହିଲେ, "ଆଚ୍ଛା ନବବାବୁ, ସତ କହନ୍ତୁ ଆପଣ ରାତ୍ରିସାରା କଣ ଚିନ୍ତା କରୁଛନ୍ତି ?" ବଡ଼ ମୁସ୍କିଲ କଥାପାଇ । କଣକ ଚିନ୍ତାରେ ଅଳ୍ପ କିଛିକର ଯାଏ ଉତ୍ତର ଦେବେ ? "ସତ କହନ୍ତୁ" ମାନେ କ'ଣ ? ସେଇଠା ଯଦି ଅପ୍ରକାଶ୍ୟ ହୋଇଥାଏ ? ଏ ପ୍ରଶ୍ନଟା ତ ଠିକ୍ ହେଲା ନାହିଁ । ନବକିଶୋର କ ଉତ୍ତର ଦେବେ ? ସତ କଥାଟା କହିବାକୁ ଇଚ୍ଛା ହେଉ ନାହିଁ; ମିଛ କହିଛନ୍ତି କପରି ?

"କିଛି ଆପତ୍ତି ଅଛି କହିବାରେ ? ଯଦି ସେପରି କିଛି... ।"

ନବକିଶୋର ବାଧା ଦେଇ କହିଲେ "ନା, ଆପତ୍ତି ଯଦିଓ ନାହିଁ, ଆପଣଙ୍କର ଶୁଣି ଲାଭ ନାହିଁ ବୋଲି ମୋର ମନେ ହୁଏ ।"

"ଲାଭ ଯେଉଁଠି ନାହିଁ, କ୍ଷତି ହେବାର ତ ସମ୍ଭାବନା ନାହିଁ ?"

"ହଁ, କ୍ଷତି ନାହିଁ ସତ୍ୟ କଥା...... ।" ନବକିଶୋର ଟିକିଏ ହସି ଦେଇ କହିଲେ, "ତେବେ ଶୁଣନ୍ତୁ । ମୁଁ ଭାବୁଛି ନାଗକନ୍ୟା ସମ୍ବନ୍ଧରେ ।..."

ସୌଦାମିନୀଙ୍କର ଅନ୍ତର ଆନନ୍ଦରେ ନାଚି ଉଠିଲା । ସେ କୌତୁହଳାକ୍ରାନ୍ତ ହୋଇ ପଚାରିଲେ, "କଣ ନାଗକନ୍ୟା ସମ୍ବନ୍ଧରେ ଭାବୁଛନ୍ତି ?"

"ପରମେଶ୍ୱର ନାଗକନ୍ୟାଙ୍କୁ ସୃଷ୍ଟି କରିଛନ୍ତି ଯେ, ଜଗତର ମଙ୍ଗଳ ପାଇଁ ନା ଅମଙ୍ଗଳ ପାଇଁ ?"

"ହୁଁ ।"

ନବକିଶୋର କହିବେ କହିବେ ହୋଇ ଆଉ କିଛି କହିପାରିଲେ ନାହିଁ । ତାଙ୍କର ଗଳା ପାଖରେ ସବୁକଥାଗୁଡ଼ାକ ଅଟକି ଗଲା ଯେମିତି ।

"ଚୁପ ରହିଲେ ଯେ ?"

ନବକିଶୋର ଉତ୍ତେଜିତ ହୋଇ ଆରମ୍ଭିଲେ—"ମୁଁ ଦେଖୁଛି, ନାରୀ ହିଁ ଅମଙ୍ଗଳର ମୂଳ, ଅନିଷ୍ଟର ଆକର, ଧୂମକେତୁ ସଦୃଶ । ନାରୀ ସୃଷ୍ଟିଟା ନ ଥିଲେ ସଂସାର ଏତେ ବେଦନା ଯାତନା ଶୋକ ଦୁଃଖ ନିର୍ଯ୍ୟାତନରେ ପୂର୍ଣ୍ଣ ହୋଇ ନ ଥାନ୍ତା । ନାରୀହିଁ କେବଳ ଦୁଃଖର କାରଣ । ସେ ସ୍ୱାର୍ଥୀ ସର୍ବଗ୍ରାସୀ ଶତ୍ରୁବଳରେ ସୁଖର ଅସ୍ତିତ୍ୱ ଲୋପ କରିବାକୁ ସର୍ବଦା ଚେଷ୍ଟିତ । ମୁଁ ମନେ କରେ, ନାରୀ କେବଳ ସବୁ ଜାତିର, ସମାଜର, ଦେଶର ଅଧଃପତନର ମୂଳଭିତ୍ତି । ନାରୀ ଯୋଗୁଁ...... ।"

ଦେବୀଦାସିଙ୍କର ମୁହଁଟା ଫିକା ପଡ଼ିଗଲା । ଅସୁସ୍ଥ ଚେହେରାରେ ନବକିଶୋର ତାହା ଲକ୍ଷ୍ୟ କରିପାରିଲେ ନାହିଁ । ସେ ବାଧା ଦେଇ କହିଲେ, "ଏପରି ଭୁଲ ବୁଝିଛନ୍ତି ନବ ବାବୁ, ଭୁଲ ବୁଝିଛନ୍ତି । ନାରୀ ସୃଷ୍ଟି ନ ଥିଲେ ସଂସାରଟା ନ ଥାନ୍ତା ବୋଧହୁଏ । ଯେଉଁ ଦିନ ଧରଣୀରୁ ନାରୀ ସୃଷ୍ଟି ଲୋପ ହେବ, ସେହି ସେହି ମୁହୂର୍ତ୍ତରେ ଧରଣୀ ନିଶ୍ଚୟ ପାତାଳଗାମୀ ହେବ । ନାରୀ ସକଳ ଜାତିର, ସମାଜର, ଦେଶର ପ୍ରାଣ—ପଞ୍ଜରର ଅସ୍ଥି । ନାରୀଠାରେ ନାରୀତ୍ୱ, ମାତୃତ୍ୱ ବୋଲି ଯେଉଁ ଦୁଇଟି ଶବ୍ଦ ଅଛି, ଜାଣନ୍ତି ତାହା କଣ ? ମାତୃତ୍ୱର ଆଦର୍ଶରେ ପୁରୁଷର ପ୍ରାଣ ଗଠିତ ହୁଏ କି ? ମାତୃ ଶବ୍ଦ ନ ଥିଲେ ପୁରୁଷ ସୃଷ୍ଟି ଜଗତରେ ସମ୍ଭବ ହୋଇଥାନ୍ତା କି ? ଯେ ନାରୀର ଅବମାନନା କରେ, ସେ ମାତୃତ୍ୱର ଅପମାନନା କରେ । ଯେ ମାତୃତ୍ୱର ଅବମାନନା କରେ, ସେ କୃତଘ୍ନ ସ୍ୱାର୍ଥ, ଅଧମ ନୁହେଁ କି ? ଜାଣନ୍ତି ନାହିଁ, ନାରୀତ୍ୱର ମହିମା ଦେଖାଇ ଯାଇଛନ୍ତି ସାବିତ୍ରୀ, ବେହୁଲା ପ୍ରଭୃତି ରମଣୀମାନେ, ଯାହାଙ୍କର ନାମ ଆଜି ପୁରୁଷସମାଜର ସ୍ମରଣୀୟ । ନାରୀର ନାରୀତ୍ୱ ନିକଟରେ ପୁରୁଷର ସମସ୍ତ ବଳଦର୍ପ ଗର୍ବଅହଙ୍କାର ବୁଦ୍‌ବୁଦ୍ ପରି ମିଳାଇ ଯାଏ—ଅକୁଣ୍ଠ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୁଏ । ଆଉ ମାତୃତ୍ୱ ନିକଟରେ ସ୍ୱତଃ ତାର ମସ୍ତକ ନଇଁପଡ଼େ । ସ୍ନେହ, ଶ୍ରଦ୍ଧା, ପ୍ରୀତି, ପବିତ୍ରତାର ପୂର୍ଣ୍ଣମୟୀ ପ୍ରାଣମୟୀ ରୂପରେ ପୁରୁଷ ନିଜକୁ ସମ୍ପୂର୍ଣ୍ଣ ନଇଁପାରି ମାତୃକୋଳରେ ଆଶ୍ରୟ ଗ୍ରହଣ କରି ଆତ୍ମରକ୍ଷା କରେ । ସତ୍ୟ ନୁହେଁ କି ଏ କଥା ନବ ବାବୁ ?"

ନବକିଶୋରଙ୍କର ଉତ୍ତର ଦେବାକୁ ସାହସ ବଳାଇଲା ନାହିଁ । ଏତେ ବଡ଼ ସତ୍ୟଟାକୁ ମିଥ୍ୟାର ଆବରଣରେ ଲୁଚାଇବେ କିପରି ? ତଥାପି ସେ ଶଙ୍କିତ ହୃଦୟରେ ସାହସ ବାନ୍ଧି କହିଲେ, "ହଁ, ସତ୍ୟ ବୋଲି ସ୍ୱୀକାର କଲ୍ୟ କିନ୍ତୁ ସେହି ନାରୀ ନରକର ଦ୍ୱାର, ସର୍ବନାଶିନୀ—ଏ କଥା ମଧ୍ୟ ଆପଣ ସ୍ୱୀକାର କରିବେ । ଉଦାହରଣ ସ୍ୱରୂପ—"

"ଉଦାହରଣ ଦେବାର ଦରକାର ନାହିଁ, 'ମୁଁ ଆପଣଙ୍କର ମନୋଗତ ଭାବ ବୁଝିପାରୁଛି । ଦେଖନ୍ତୁ ଅନେକ ଅନାଚାର, ଦୁନୀତି, ପାପପୁଣ୍ୟ, ସୁଖଦୁଃଖ—ଏସବୁ ପରସ୍ପର ଲାଗାଲାଗି ହୋଇ ରହିଛନ୍ତି । ଭଲ ପାଖରେ ମନ୍ଦ ନ ଥିଲେ ଭଲର ମାହାତ୍ମ୍ୟ କେହି ବୁଝନ୍ତେ ନାହିଁ, ମନ୍ଦର କୁତ୍ସିତା ଉପଲବ୍ଧି କରନ୍ତେ ନାହିଁ । ସେହିପରି ଦେବୀ ରାକ୍ଷସୀ ଯୋଡ଼ାଏ ଅତି ନିକଟ ସମ୍ପର୍କରେ ଥିବାକୁ । ନାରୀଠାରେ ନାରୀତ୍ୱ ଅଛି, ମାତୃତ୍ୱ ଅଛି—ଦେବୀତ୍ୱ, ରାକ୍ଷସୀତ୍ୱ ମଧ୍ୟ ଅଛି । କିନ୍ତୁ—"

"ସେଇଁଠି ଦେଖନ୍ତୁ, ନାରୀର ରାକ୍ଷସୀତ୍ୱରୁ ସକଳ ଅନିଷ୍ଟର ସୂତ୍ରପାତ, ଅଧଃପତନର ଆରମ୍ଭ ।"

"ବେଶ୍, ମୁଁ ତାହା ସ୍ୱୀକାର କରୁଛି; କିନ୍ତୁ ସେ କାହାପାଇଁ ? ସେ କଣ ନାରୀର ଦୋଷ ? ପୁରୁଷ ସେ ତାର ପଥପ୍ରଦର୍ଶକ । ଗାଁ କହନ୍ତୁ, ସମାଜ କହନ୍ତୁ, ଦେଶ କହନ୍ତୁ, ଏ ସବୁର ନିୟାମକ କିଏ ? କର୍ଣ୍ଣଧାର କିଏ ? ପୁରୁଷ ସେ ସବୁର ହର୍ତ୍ତାକର୍ତ୍ତା ବିଧାତା । ସେ ରାଜ୍ୟରେ ତାର ଏକାଧିପତ୍ୟ ସାମ୍ରାଜ୍ୟ । ନାରୀର ସ୍ଥାନ ନାହିଁ ସେଠାରେ; ନାରୀ ସେଠାରେ ମୂକ, ବଧିର ଏବଂ ଅନ୍ଧ । ସତ, ଶାସ୍ତ୍ର ଗଢ଼ିବା, ଭାଙ୍ଗିବା—ପୁଣି ଗଢ଼ି ପୁଣି ଭାଙ୍ଗିବା ଏ ସମସ୍ତ ପୁରୁଷ ହାତରେ । ନାରୀର ଶାସନଭାର ପ୍ରକୃତ ଉଦ୍ଧାରକର୍ତ୍ତା କଣ ଦେଖୁଛନ୍ତି ପୁରୁଷ । ନାରୀ... ।" ପରେ ନବକିଶୋରଙ୍କ ମୁଣ୍ଡ ଗୋଳମାଳ ହୋଇଯାଉଥିଲା । ସୌଦାମିନୀ ଏ କଥା ସବୁ ଅନ୍ତରରେ ପଶିପାରୁ ନ ଥିଲା । ସେ ଗୃହିଣୀ ଥିଲେ, ଗୌରବ ଗର୍ଜନ ସାଥୀ । କହିଲେ "ମୁଁ କିନ୍ତୁ ନାରୀ ଜାତିକୁ ବଡ଼ ଘୃଣା କରେ ।"

ସୌଦାମିନୀ କ୍ରୋଧରେ ଫୁଲି ଉଠିଲେ । କହିଲେ, "ପ୍ରତ୍ୟକ୍ଷ କେବଳ ଭୂତ ବିଚାର । ସେ ବ୍ୟକ୍ତିଗତ ବିଷୟରେ ମୋର କହିବାର କିଛି ନାହିଁ ।

କିନ୍ତୁ ଆପଣ ଧୀରସ୍ଥିର ଚିତ୍ତରେ ଭାବି ଦେଖିବେ, ନାରୀର ସରଳ ଅନ୍ତଃକରଣରେ କୁତ୍ସିତ ଶଇତାନୀ ପ୍ରବୃତ୍ତି ଜଗାଇ ଦେଉଛି କିଏ ? ପୁରୁଷ ନାରୀର ସର୍ବନାଶ କରୁଛି । ସେ ନାରୀକୁ ସ୍ୱେଚ୍ଛାଚାରୀ ପିଶାଚୀ ପ୍ରେତନୀ କରି ଗଢ଼ୁଛି ! ପୁରୁଷ ଦୋଷ ନାରୀ ଅଙ୍ଗ ଜଗତ ଚକ୍ଷୁରେ ଦୃଶ୍ୟ, ନାଚ !"

ଅର୍ଦ୍ଧରଜନୀ । ଜଗତ ସୁଷୁପ୍ତିରେ ମଗ୍ନ । ନବକିଶୋରଙ୍କର ସେ ପର୍ଯ୍ୟନ୍ତ ପଲକ ପଡ଼ି ନାହିଁ । ତାଙ୍କର ଅନ୍ତରରେ ଖାଲି ବାଜି ଉଠୁଛି ସୌଦାମିନୀଙ୍କର ସେହି ଶେଷ କଥାଟି—"ନାରୀକୁ ସ୍ୱେଚ୍ଛାଚାରୀ ପିଶାଚୀ କରି ଗଢ଼ୁଛି ପୁରୁଷ ।" ସୌଦାମିନୀ ଯାହା କହିଲେ, ବାସ୍ତବିକ ତ; ଗୋଟିଏ ବର୍ଣ୍ଣ ହେଲେ ଭୁଲ ନାହିଁ । କିନ୍ତୁ, କେତେ ଦୂର ସରଳ ନ ଥିଲା ସେ ! ବର୍ତ୍ତମାନ କିନ୍ତୁ ସ୍ୱେଚ୍ଛାଚାରିଣୀ—କାହାପାଇଁ ? ମୁଁ ଯଦି ତାଙ୍କୁ ପୂର୍ବ ପରି ପଦ ଦେଇ-ଥାନ୍ତି, ମୋ ହୃଦୟରେ ତାର ସ୍ୱର୍ଣ୍ଣ ସିଂହାସନ ସ୍ଥାପିତ ହୋଇ ସତର୍କ କରାଇ ଦେଇଥାନ୍ତି, ତେବେ...... ! ବାପା ଯଦି ମୋତେ ଘରଦେବାକୁ କଷ୍ଟ ଗ୍ରାମକୁ ଯିବାକୁ ନିଷେଧ କରି ନ ଥାନ୍ତେ...... । ଏ କାହାର ପୁରୁଷର ଦୋଷ—— । ନାରୀ ନ ଥିଲେ ସଂସାର ନ ଥାନ୍ତା—ଏ କେଡ଼େ ସତ୍ୟ କଥା ? ସୌଦାମିନୀ ! ସୌଦାମିନୀ । ତମେ କେଉଁ ସେହି ନାରୀ, ଯାହାର ଅଭାବରେ ଧରଣୀ ପାତାଳଗାମୀ ହେବ ? ଯାହାର ଅନୁଭୂତିମାନରେ ପ୍ରେମ, ପ୍ରୀତି, ସ୍ନେହ, ଶ୍ରଦ୍ଧା ହୃଦୟରୁ ଅନ୍ତର୍ହିତ ହୋଇଯାଏ, ତମେ କଣ ସେହି ଦେବୀ !

---

## ସପ୍ତଦଶ ପରିଚ୍ଛେଦ

ଅବଶ୍ୟ ବର୍ଷା ହୋଇ ଛାଡ଼ିଯାଇଛି । ଆକାଶ ଏ ପର୍ଯ୍ୟନ୍ତ ମେଘାଚ୍ଛନ୍ନ । ବାୟୁ ଟିକିଏ କମ୍ପନ ଥିବାରୁ ନିକଟରେ ବର୍ଷାର ସମ୍ଭାବନା ନାହିଁ । ତଥାପି ଆଗ୍ନେୟଗିରିରୁ ଅଗ୍ନିଉଦ୍ଗିରଣ ହେବା ପୂର୍ବରୁ ତାହାର ମନ୍ଦ୍ର ନିନାଦ ଯେପରି ଲୋକମାନଙ୍କୁ ଅଗ୍ନ୍ୟୁଦ୍ଗିରଣର ସୂଚନା ଦିଏ, ମେଘର ଘଡ଼ ଘଡ଼ ଶବ୍ଦ ସେହିପରି ଅଦ୍ଭୁତ ବାତ୍ୟାଭିତରେ ପ୍ରବଳ ବର୍ଷା ହେବ ବୋଲି ଜଣାଇ ଦେଉଛି । କେବଳ ଦୂର ପ୍ରହରକୁ ବାକି ଅଛି; କିନ୍ତୁ କଳାବାଦଲର ପ୍ରଥମ

ସଂସାରଟାକୁ ଯେତ ଯେତ ଜାଣିଲେଣି ସୁଅବାସ୍ତବକୁ ଆସିପାରୁ ନ ଥିବାରୁ ସନ୍ଧ୍ୟା ହୋଇଗଲା ପରି ଜଣାଯାଉଛି ।

ପର ଦେହ' କଳିଦା-କଳା ଅକାଶକୁ ଶୂନ୍ୟ ବାହାର କୁଠୀରଟିରେ ଖଟଉପରେ ବସିଛି । ତା ହୃଦୟର କୋଣଟି ସେମିତିପରି ଘନ କୁହୁଡ଼ିରେ ଘୋଟା । ତାର ବାଲ୍ୟ କାଳର ସମସ୍ତ ଘଟଣା ଏକ ଏକ ହୋଇ ମନରେ ଜାଗିଉଠୁଛି । ଜଣକ ତାହାର ଭାଗ୍ୟ-ଦୋଷରୁ ଅଲ୍ପ ଜଣେ ଅପରିଚିତ ଲୋକର ଭାଗ୍ୟ ସହିତ ଛନ୍ଦାହୋଇ—ସେ ଯାଇ ତାର ଘର ଦୁଆରାରେ ଲାଗିପଡ଼ିଲା । ଜଣକ ଦୁଃଖ ତାର ଭାଗ୍ୟ-ପରିବର୍ତ୍ତନ ଘଟିଲା—ପିଲାଳିଆକୁ ଡେଇଁ ସେ ଯୌବନ ଆସିଲା । ନବକିଶୋର ଦେଦେଖ ଦେଖେ ନିଜ ଲୋକ ଗିଳିଦିଏ । ସେ ମା ପରି ତାର ସାବଧାନ ଅର୍ଜନ ସବୁ ଉଲ୍ଲୁକୁ ଖାଣି ଫଟାଇ ତାକୁ ମନୁଷ୍ୟ କରିଛି । କେତେ ସବୁ ନାହିଁ ଭାବୁ ସେ । ନବକିଶୋର ଲାଗି ସେ କି ସ୍ୱାର୍ଥତ୍ୟାଗ କରିନାହିଁ । କିନ୍ତୁ ସେ ବର୍ତ୍ତମାନ କଣ କଲା ? ଏହୁ କଣ ତାର ପ୍ରତିଦାନ ? ଶେଷରେ କେଉଁ ଦୂରଦେଶରେ ନିଜର କ୍ଷୁଦ୍ର ସ୍ୱାର୍ଥଟି ନେଇ ଆନନ୍ଦରେ ରହିଲା—ପଛ କୋଣକୁ ଥରେ ଫେରିଚାହିଁଲା ନାହିଁ । ଏତେ ସ୍ୱାର୍ଥପର ସଂସାରଟା । ଏତେ ଅକୃତଜ୍ଞ ମନୁଷ୍ୟଗୁଡ଼ା । ଆଜି ମୁଁ ନବକିଶୋର ଚିନ୍ତାରେ ତା ଆଖିରେ ଥଳକ ପଡ଼ୁ ନାହିଁ, କିନ୍ତୁ ସେ ମହାଆନନ୍ଦରେ କାଳ ଯାପନ କରୁଛି । ଥରେ ହେଲେ ଭୁଲି ନାହିଁ କେଉଁଠି ଜଣେ ତାର ଆପଣାର ଲୋକ କେଉଁ ଦୂର ଦେଶରେ ପଡ଼ିଛି ବୋଲି । ସେ ମଲା କି ରହିଲା, ତାର ଖବର ବୁଝା ନେଲା ନାହିଁ । ନିଜର ପୁଅ ହୋଇଥିଲେ କଣ ଏମିତି ବ୍ୟବହାର କରିଥାନ୍ତା ? ତାର ସ୍ନେହମୟୀ ଜନନୀଙ୍କର କଥା ମନେ ପଡ଼ିଲା । ନବକିଶୋର ମାଙ୍କ ପାଇଁ ବା କଣ କରିଛି ? ସେ ନିଜେ ବା କଣ କରିପାରିଲା ? ଶ୍ରଦ୍ଧା ଦେଖି ତାକୁ ଲଜ୍ଜା ଲାଗିଲା—କେତେ କଷ୍ଟ ଭୋଗି ଭୋଗି ଗଲେ ନାହାନ୍ତି ସେ । ସେ କଣ କରିଛି ସେଥିପାଇଁ ? ସେ ତାର ସ୍ୱାର୍ଥଟି ନେଇ ବେଳେ ରହିନାହିଁ କି ? ସେ କେବେ ଯେତ ମାଙ୍କ ସଙ୍ଗରେ ନିଜର ଦେହକୁ ମାଟିରେ ମିଶାଇ ଦେଇଥାନ୍ତା, ତେବେ ତାଙ୍କ ଦାନର ଉପଯୁକ୍ତ ପ୍ରତିଦାନ ହୋଇଥାନ୍ତା କି ? ନା, ସେଥିରେ ତାଙ୍କର ବେଦନା ଯାତନାର କଣ ଲାଘବ ହୋଇଥାନ୍ତା ? ତେବେ ଏ ସଂସାରର ନିୟମ ଏହିପରି—କେହି କାହାରି ଦାନର ପ୍ରତିଦାନ କରିପାରେ ନାହିଁ ।

ଅଛା । ମା ତାର ମଲଲା ପୁଅଟିକୁ ନେଇକି କେତେ ଶୋକ ନାହାନ୍ତି ? ଅର୍ଦ୍ଧ ଉନ୍ମନ ଅବସ୍ଥାରେ ଦିନ ଦିନ କେତେ କଟାଇ ଘରି ନାହାନ୍ତି । ତାଙ୍କ ମନେ ପଡ଼ିଲା—ମରିବା ପୂର୍ବରୁ ବୋଉ ତାର ଲଳିତାକୁ କପାଳ ପିତାଙ୍କ ହସ୍ତରେ ଅର୍ପଣ କରି ଦେଇଥିଲେ । ତାଙ୍କର ଗୋଟାଏ ବାସନା ଅପୂର୍ଣ୍ଣ ରହିଯାଇଥିଲା ବୋଲି ସେ ବାସନା ପୂର୍ଣ୍ଣ କରିବାର ଭାର ପିତାଙ୍କୁ ଦେଇ ଯାଇଛନ୍ତି । କିନ୍ତୁ ଦିନ କଣ କଲେ କହିଲା ? ମାତାଙ୍କର ଅନ୍ତିମ ଆଦେଶକୁ ପଦରେ ଠେଲିଦେବ ? ଦୁଃଖରେ ତା'ର ହୃଦୟ ଫାଟିଯିବାକୁ ଲାଗିଲା । ସଙ୍ଗେ ସଙ୍ଗେ ଆଉ ଗୋଟିଏ ମୂର୍ତ୍ତି ତା'ର ନୟନାଗ୍ରେ ଦେଖାଦେଲା । ଲଳିତା—ଆହା ବେଚାରୀ ଦୁଃଖିନୀ ! ବୋଉ ତାକୁ ପ୍ରାଣଠାରୁ ବଳି ଭଲ ପାଉଥିଲେ । ସାକ୍ଷାତ୍ କରୁଣାର ଅବତାର ସେ । ତା ହୃଦୟ କି ଅପୂର୍ବ ଉପାଦାନରେ ଗଢ଼ା । ସେ ନିଜକୁ କେତେ ଭଲ ପାଏ । ଏ ଟୋକାଟା ଏତେ ମୂର୍ଖ ! ସେପରି ଦେବୀକୁ ଚିହ୍ନିଲା ନାହିଁ । ଅହା, କଞ୍ଚିଆମନ ତା'ର କେଡ଼େ ଦୁଃଖ ନ ହେବ । ସମବେଦନାରେ ତା'ର ଚକ୍ଷୁ ଛଳଛଳ; ସେ ଆଉ ସ୍ଥିର ପାରିଲା ନାହିଁ ।

"କଣ ଭାବୁଛ କି ଅପା ?" କହି ଲଳିତା ଠିଆ ହୋଇଗଲା । ସରି ମୁହଁରେ କଥା ନାହିଁ । ଲଳିତା ଆଗ୍ରହରେ ସେହିଆ ବୋଲି କହିଲା, "ଏକୁଟିଆ ବସି ଭାଇ କିଛି ନାହିଁ ନା କଣ ? ଏ କଣ ? କାନ୍ଦୁଛ ଅପା ? ତମର ସ୍ୱପ୍ନରେ ଏକ କଥା ଥିଲା ନାହିଁ । ସେ ତ ବିଦେଶରେ ଚାକିରି କଲେ. ବାରମାସ ଯାକ ସ୍ତ୍ରୀ ଘରେ ରହିବେ କାହିଁକି ? ସହିତେ ମହିରେ ତ ଆସୁଛନ୍ତି, ସ୍ୱାମୀଙ୍କୁ ଭୁଲୁଛନ୍ତି—ଅଦେଖା ନ ଆସନ୍ତି କି, ତେମ ଚିନ୍ତା କରନ୍ତି, ଦୁଃଖ କରନ୍ତି । କାଲି ସେ ଘର ଛାଡି ଗଲେ କି ନାହିଁ, ଅଛ ତମର କାନ୍ଦଣା ! ଛି, ଏମିତି ହେଲେ ଲୋକେ କହିବେ ! ସବୁ ଥାଉ ତ ଭାଗିବା ଦରକାର ।" ଲଳିତା ପଣତ କାନରେ ସରୁର ଆଖି ପୋଛିବାକୁ ଲାଗିଲା । ସରି ଏତେବେଳ ଯାଏ ଶାରଦା ଥିଲା । ଆଉ ସମ୍ଭାଳି ପାରିଲା ନାହିଁ । ଲଳିତାକୁ କୋଳକୁ ଟାଣି-ନେଇ ଝର ଝର ଲୋତକଧାରରେ ବକ୍ଷ ଭିଜାଇ ବାଷ୍ପରୁଦ୍ଧ କଣ୍ଠରେ କହିଲା, "ବାପା ଗଲେ, ମୁଁ ଦୁଃଖ କରୁ ନାହିଁ । ତୋର ଦୁଃଖ ମୋ କଲିଜା ଫଟାଇ ଦେଉଛି । ମୁଁ କଣ ଜାଣିଥିଲି, ସେ ଟୋକାଟା ଏମିତି ଭୁଲରେ ହାତ ଦେବ

ହୋଇ !" ଆଉ କିଛି ପାରିଲା ନାହିଁ । ଲଳିତାର ମଧ୍ୟ ଶୁଣିବା ଭରସାର ନ ଥିଲା । ସେଦିନ କଥାରୁ ସେ ସମୁଦାୟ ଘଟଣାଟି ବୁଝିନେଲା । ସେଇଁ ପ୍ରଶ୍ନର ସଦୁତ୍ତର ପାଇବା ଲାଗି ସର ଆପା ନଳିନୀଙ୍କୁ ଅସିଥିଲା, ସେ ନ ସମ୍ଭୁଣୁ ଭାଇ ଉତ୍ତର ମିଳିଗଲା । ସତେ ନଳିନୀଙ୍କ ଆଜି ଲଳିତାର ନ ଡ଼କି ? ସାନନା ଭିତରେ ତାର ହୃଦୟ ଖଣ୍ଡ ଖଣ୍ଡ ହୋଇ ଫାଟିବାକୁ ଲାଗିଲା । ସେ ସରର ଅଶ୍ରୁସିକ୍ତ ମୁହଁକୁ ଚୁମି କାତର-କଣ୍ଠରେ କହିଲା—"ଆପା !" ତେଣିକି ଆଉ କହିପାରିଲା ନାହିଁ ; ସର-କୋଳରେ ମୁହଁ ଲୁଚାଇ ଫୁଲି ଫୁଲି କାନ୍ଦିବାକୁ ଲାଗିଲା । ଉଭୟେ ମର୍ମନ୍ତୁଦ ବେଦନା ଅନୁଭବ କରୁଥିଲେ ; କିନ୍ତୁ ପ୍ରକାଶ କରିପାରୁ ନାହାନ୍ତି, କି କେହି କାହାରିକୁ ସାନ୍ତ୍ୱନା ଦେବାକୁ ସମର୍ଥ ହୋଇପାରୁ ନାହାନ୍ତି ।

"ହୃଦୟେଶ୍ୱର ! ତମେ କାହିଁ କରୁଛ ? କାହିଁ ଥାଉ—ଅଛ କଣ ? ଆଜି ତମର ସେ ସ୍ୱାଧୀନତା ତ ସୁଖ ସୁଖ ଧରି ଚାଲିଅଛୁ । ତମର ବା ଦୋଷ କଣ ? କିନ୍ତୁ ଏ ଅଭାଗିନୀକୁ ପଦେ ହେଲେ ପଚାରିଲ ନାହିଁ ? ଭୁଲି ଯାଇ ହୋଇଗଲ, କେଉଁ ପଣ ମୁଖା ଦେଲ ନାହିଁ ? ଏ ହତଭାଗିନୀର ସ୍ମୃତିକି କଣ ଚିରଦିନ ଲାଗି ହୃଦୟରୁ ପୋଛିଦେଲ ?" ଆଜି ଲଳିତାର ହୃଦୟ ଆଉ ଲଜ୍ଜାସଙ୍କୋଚ ମାନିଲା ନାହିଁ । ସ୍ୱତଃ ହୃଦୟର ଅବରୁଦ୍ଧ ଦ୍ୱାର ଉନ୍ମୁକ୍ତ ହୋଇଗଲା । ସେ ସରକୁ ଲକ୍ଷ୍ୟ କରି କହିଲା, "ମୋ ପରି ପୋଡ଼ା-କପାଳୀ ଏ ପୃଥିବୀରେ ଆଉ କିଏ ଅଛି ?" ସର କି ଉତ୍ତର ଦେବ ? ମସ୍ତକ ଅବନତ କଲା । ଲଳିତା ଅଶ୍ରୁମୋଚନ କରି କହିଲା, "ଖାଲି ଦୁଃଖ ସହିବାକୁ ଯେପରି ମୋର ଜନ୍ମ ।" ସର ତାକୁ ଆଦରରେ କୋଳକୁ ଟାଣିନେଇ କହିଲା, "ତୋର ଏ ଦୁଃଖ କଣ ବେଶି ? ମୋର ଦୁଃଖ ତୁ ଜାଣୁ ? ମୋତେ ଯେତେବେଳେ ପନ୍ଦରବର୍ଷ, ମୁଁ ସେତେବେଳେ ସ୍ୱାମୀ··· ।" ଟିକିଏ ପରେ ନିଜକୁ ସମ୍ଭାଳି ନେଇ ପୁଣି କହିଲା, "ତୋର ଏକା ନୁହେଁ—ସ୍ତ୍ରୀ ଜନ୍ମଟା ଦୁଃଖମୟ । ସ୍ତ୍ରୀମାନଙ୍କର ଜନ୍ମ କେବଳ ଦୁଃଖକଷ୍ଟ ଭୋଗ କରିବାକୁ ।"

"ଏତେ ଦୁଃଖ କଷ୍ଟ ସହି ବଞ୍ଚି ରହିବାଠାରୁ ମରଣ ଢେର ଭଲ ଆପା । ଏ ଜୀବନରେ ଆଉ କି ଲାଭ ?"

ତାର ମୁଣ୍ଡରେ ହାତ ବୁଲାଇ ବୁଝାଇ ସବ କହିଲା, "ଛି, ସେ ଗୋଟାଏ କଣ ? ଯେଉଁ ଦିନ ମୋ ହାତରୁ ଶଙ୍ଖା, ହାତ ଓଟାଇ ନେଲେ, ମୁଣ୍ଡରୁ ସିନ୍ଦୂର ପୋଛି ପକାଇଲେ, ସେଦିନ ମୁଁ ଟିକେ ଏହିପରି ଭାବିଥିଲି । ଲଜ୍ଜା କରୁଥିଲି ମନ ପାରୁଥାନ୍ତି । ସେପରି ସୁବିଧା ମଧ୍ୟ ଯଥେଷ୍ଟ ଥିଲା । ବାଧା ଦେବାକୁ କେହି ନ ଥିଲେ; କିନ୍ତୁ ଗୋଟାଏ କଥା ଭାବି ମନ ପାରେ ନାହିଁ । ମୁଁ ମୂର୍ଖ ବୋଲି ମୋ କଥାକୁ ଉଡ଼ାଇ ଦେବନା । ଟିକିଏ ଭାବି ଦେଖିଲୁ, ମୁଁ ଯାହା କହୁଚି, ତାହା ଠିକ୍ କି ଭୁଲ । ଅସଲ ଏଇ ଯେଉଁ ଦେବତାଙ୍କି—ଦେବ ଗଢରେ ପୂଜି ଆସୁଛ, ଏହାର ସୃଷ୍ଟିକର୍ତ୍ତା କିଏ ? ଭଗବାନ ସୃଷ୍ଟି କରିଛନ୍ତି କି ? ଏସବୁ ସୃଷ୍ଟି କରିବାରେ ତାଙ୍କର କିଛି ନା କିଛି ଗୋଟାଏ ଉଦ୍ଦେଶ୍ୟ ଅଛି ନିଶ୍ଚୟ । ସେଇ ପ୍ରଭୁ ସୃଷ୍ଟି କରୁଛନ୍ତି, ସେଇ ପ୍ରଭୁ ନଷ୍ଟ କରୁଛନ୍ତି—ସେଇ ଜନ୍ମଦାତା, ସେଇ ମରଣଦାତା । ଜନ୍ମ କରିବାରେ ଯେପରି ତାଙ୍କର କିଛି ନା କିଛି ଉଦ୍ଦେଶ୍ୟ ଅଛି, ମାରିବାରେ ମଧ୍ୟ ସେହିପରି କିଛି ଉଦ୍ଦେଶ୍ୟ ଅଛି । ମନୁଷ୍ୟ ଇଚ୍ଛାରେ କିଛି ହୋଇ ପାରେ ନା । ସୁଖଦୁଃଖ ଜନ୍ମମୃତ୍ୟୁ ସବୁ ତାଙ୍କର ହାତରେ । ତାଙ୍କର ସୃଷ୍ଟି-କୌଶଳ ବୁଝିବାର କ୍ଷମତା ମନୁଷ୍ୟର ନାହିଁ । ତେବେ କାହିଁକି ତାଙ୍କର ଇଚ୍ଛା ବିରୁଦ୍ଧରେ ଆମେ ଗୋଟାଏ କାମ କରିବାକୁ ଯିବା ? କୌଣସି କାର୍ଯ୍ୟ କରି ବସିଲେ ସୁଦ୍ଧା ଯଦି ତାଙ୍କର ସେ କାର୍ଯ୍ୟରେ ଅନିଚ୍ଛା ଥାଏ, ତେବେ ସଫଳକାମ ହୋଇପାରିବା କି ? ସବୁ ସେହି ପରମ ପିତାଙ୍କର ଇଚ୍ଛାରେ ନିର୍ଭର । ତୋର କଷ୍ଟ ସହିବା ଯଦି ତାଙ୍କର ଅଭିପ୍ରେତ ହୁଏ, ତୁ ସହସ୍ର ଚେଷ୍ଟା କଲେ ସୁଦ୍ଧା ଅନ୍ୟଥା କରି ପାରିବୁ କି ? ସେମିତି ଭାବୁଥାଏ ଭଲ ନା । ସେହି ଭଗବାନଙ୍କ ଠାରେ ଲକ୍ଷ୍ୟ ରଖ, ତାଙ୍କୁହିଁ କେବଳ ଧ୍ୟାନ କର । ସେ ନିଶ୍ଚୟ ଜଗତର ଡାକ ଶୁଣିବେ, ଦୁଃଖୀର ଦୁଃଖ ମୋଚନ କରିବେ ।"

ଲଳିତା ବହୁତ ବୁଝିଲା—ଧନମଣି ବସି ବୁଝାଇଲା । ମନ୍ଦାକିନୀଙ୍କ ତୁଚ୍ଛ-ପ୍ରଚେଷ୍ଟ କଲା; କିନ୍ତୁ ମନ ପାରିଲା ନାହିଁ । ମରିଗଲେ କଣ ତାର ବାସନା ପୂର୍ଣ୍ଣ ହେବ ! ଯାହା ଲାଗି ସେ ମରିବାକୁ ବସିଛି, ତାହା କଣ ହସ୍ତଗତ ହେବ ତାର ! ମରିଗଲେ ଯଦି ସେ ତାର ଇପ୍ସିତ ଧନ ଲାଭ କରନ୍ତା,

ତେବେ ସେ କଷ୍ଟରେ ଏତେ ଭୁଲିବାକୁ ସମର୍ଥା ନାହିଁ । ମଣିଷ ଗଲେ ଆପଣା ମନ ପୂର୍ଣ୍ଣ ହେବା ନାହିଁ ; ବଞ୍ଚିଥିଲେ ତେବେ ହେଲେ ତାର ପୂର୍ଣ୍ଣ ହେବାର ଆଶା ଥାଏ । ଆଶା ବୈତରଣୀ, ତାର ଶେଷ ନାହିଁ ! ସେ ସେହି ଆଶାରେ ଆଶାନ୍ୱିତା ହୋଇ ମୃତ୍ୟୁ ସଂକଳ୍ପରୁ ବିରତ ହେଲା । କହିଲା, "ସେ ଯାହା ହେଲେ, ଦୂରରେ ; କିନ୍ତୁ ସୁଖୀ ହୋଇ ଥିବେ ତ ! ସେ ଯଦି ସୁଖରେ ଅଛନ୍ତି, ତେବେ ମୋର ଆଉ ଦୁଃଖ କଣ ? ନାରୀର କର୍ତ୍ତବ୍ୟ, ସ୍ୱାମୀଙ୍କୁ ସୁଖୀ କରିବା, ସ୍ୱାମୀଙ୍କର ସୁଖୋତ୍ପାଦନ ଲାଗି ସର୍ବଦା ଚେଷ୍ଟିତ ହେବା । ସ୍ତ୍ରୀର ଜନ ପରଶ୍ରମରେ ଯଦି ଚେଷ୍ଟାରେ ଆତ୍ମା ଯଦି ଘଟିଥାଏ, ସ୍ୱାମୀ ଯଦି ସୁଖୀ ହୋଇଥାନ୍ତି, ତେବେ ସ୍ତ୍ରୀର ଅଶ୍ରୁ ଝରିବାର କାରଣ ତ କିଛି ନାହିଁ । ନା, ଆଉ ସେ କଷ୍ଟରେ ଝୁରିବ ନାହିଁ । ପରମେଶ୍ୱର ତାଙ୍କୁ ଚିରଦିନ ସୁଖରେ ରଖିଥାନ୍ତୁ ।"

---

## ଅଷ୍ଟାଦଶ ପରିଚ୍ଛେଦ

ସେଦିନ ବୃଦ୍ଧା ଦେଈ ମଧ୍ୟାହ୍ନ ଭୋଜନ ପରେ ପିଣ୍ଡାରେ ବସି ଗାଉ-ଥାନ୍ତି, ଗଣ୍ଠି ସାଙ୍ଗ ହୁଅ ସାବି ସଙ୍ଗେ ପରୁ ଛୁଟି ଆସିଲା । ତା ପଛରେ ପ୍ରୌଢ଼ା, ଯୁବତୀ, ବାଳିକା ଆଦି ଛ ସାତ ଜଣ ଆସି ଅଟିଲେ । ସେ ବୃଦ୍ଧା ଦେଈଙ୍କ ଗୋଡ଼ ଦୁଇଟି ଧରି ବାହୁନିବାକୁ ଆରମ୍ଭ କଲେ—

"ସାତ ସମୁଦ୍ର ଦରିଆ ପାରି ଲୋ ମାଉସୀ ମୋର
କେଉଁଠାରୁ କେବେ ନ ଆସେ ଫେରି ଲୋ ମାଉସୀ ମୋର ।
ଏତେ ପିଡା ଗଲ ହୋଇ ଦୂରର ଲୋ ମାଉସୀ ମୋର
କାହିଁକି ନିଷ୍ଠୁର ହେଲ ଏଥର ଲୋ ମାଉସୀ ମୋର ।

* * *

ପାଣୀର ବାହାଘର ଆଉ ଗଣ ଦିନ ଅଛି । ଦେଶାଚାର ପ୍ରଥାନୁଯାୟୀ ସେ ଗାଁ ଆଖ ଭଉଣୀ ମାଉସୀ, ପିଉସୀ, ସଖୀ ସଙ୍ଗାତମାନଙ୍କଠାରୁ ମେଲାଣି ନେଉଛି । ତାର କରୁଣ ରୋଦନରେ ବୃଦ୍ଧା ଦେଈଙ୍କର ଆଖି ଓଦା ହୋଇ—

ଗଲା । କିଛିକ୍ଷଣରେ ସେ ଭାବ-ଭୁଜଙ୍ଗମର ଦୃଷ୍ଟାମୁଖୀ କରି ବିଦାୟ ହେଲେ । ତା ସଙ୍ଗରେ ସାହିର ଅନ୍ୟାନ୍ୟ ସ୍ତ୍ରୀମାନେ ମଧ୍ୟ ବିଶ୍ରାନ୍ତ ହୋଇଗଲେ । ସୁଧବା ଦେଈ ତୁଚ୍ଛ ଘର ଏକୁଟିଆ ପିଣ୍ଡା ଉପରେ ବସି ରହିଲେ । ଲକ୍ଷଧାର ଚିନ୍ତା ତାଙ୍କର ହୃଦୟକୁ ଅଧିକାର କଲା । କେତେ ବଡ଼ ଆଶା ତାଙ୍କର ବିଫଳ କରି ନବକିଶୋର ବିଳାତରେ ରହିଲେ । ଆଜି ତ ଆଶା ନାହିଁ; ତେବେ ସେଇଠି ହେଲେ ଯେତେ ଶୀଘ୍ର ପାରନ୍ତି, ଉପାୟ ଦେବେ ଲଗା । ସୁନ୍ଦର ଝିଅ—ଆଜି କେତେ କାଳ ବର କଣରେ ବାନ୍ଧି ରଖିବେ ? ସେହି ସମୟରେ ଗଙ୍ଗାଧର ବାବୁ ଆଖି ମଳି ମଳି ଆସି ଦୁଆରେ ଠିଆ ହୋଇ ଅଳସ୍ୟଟାଏ ଛାଡ଼ିଲେ । ସୁଧବା ଦେଈ ଅନୁଯୋଗ ସ୍ୱରରେ କହିଲେ "ତୁମେ କଣ ଘରର ଖବର ଆଜି କିଛି ବୁଝିବ ନାହିଁ ?" ଗଙ୍ଗାଧର ବିସ୍ମୟ-ବିସ୍ଫାରିତ ନୟନରେ ପତ୍ନୀଙ୍କୁ ଚାହିଁଲେ । ସୁଧବା ଦେଈ ବେଦନାପୂର୍ଣ୍ଣ ସ୍ୱରରେ ପୁଣି କହିଲେ, "ଝିଅଟିକୁ ଆଉ କେତେ ଦିନ ଘରେ ବସାଇବ, କହିଲ ?" ଗଙ୍ଗାଧର ଉଦ୍ଦେଶ୍ୟହୀନ ଭୂଇଁ ଚାହିଁଲେ । ଦୀର୍ଘ ନିଶ୍ୱାସଟାଏ ଛାଡ଼ି ଦେଇ କହିଲେ, "କଏ ଜାଣିଥିଲା...... ।"

ସୁଧବା ଦେଈ ବାଧା ଦେଇ କହିଲେ, "ସେ ସବୁ ମନରେ ପକାଇ ଲାଭ କଣ ? ଯୋଉଁ ଗଲା ତା'ଶାର ଆଉ କ ଉପାୟ ? ଏବେ କଥା ଗଲାଣି—ଝିଅର ତ ଅନ୍ୟ ବାଟ ଦେଖିବା ଦରକାର ।"

ଗଙ୍ଗାଧର ସ୍ଥିର ହୋଇ ଦଣ୍ଡେ କାଳ ବସିଗଲେ । ତା'ପରେ କହିଲେ, "ତମେ ବୁଝିବ, କଣ ମୁଁ ନିଶ୍ଚିନ୍ତରେ ବସିଛି ! କଣ କରାଯାଏ; ସେ ବାହାର ଘରର କଥା କହୁଛି । କପାଳ ଦେଇ ସବୁ ।"

"କପାଳ ଦେଇ ସବୁ ହେବ—ତେବେ ତ ଉଦ୍‌ଯୋଗ କରିବା ଦରକାର । ଘର ଭିତରେ ତୁମେ ହୋଇ କପାଳ ଆଉଁଷି ବସି ରହିଲେ, କଏ କଣ ଆସି ବାଟରେ ଦୁଆରେ ଦେଇଯିବ ?"

"ମୋ କଥା ଉଦ୍ଦେଶ୍ୟହୀ ତମେ ବୁଝିପାରୁ ନା, ଏସବୁ ହେଉଛି ଦେଶ । ଆଜିକାଲି ତ ବରଣ କୁଳର ଭ୍ରମ ଦେଖୁଛ, ଘରେ ଘରେ ବାପ ମାଙ୍କ ଦାବି ନ ଥାଉ, ବାହାରେ ସ୍ୱଳ୍ପ ଚାକିରିର ସୀମା ନାହିଁ । ଭିତରେ ଯାହା ଥାଉ, ବାହାରଟା ସଫା ରଖିବାକୁ ହେବ । ସେଥିପାଇଁ ତ ବରଣ କୁଳର ମର୍ଯ୍ୟାଦା । କିନ୍ତୁ ଦମରେ ଟଙ୍କା ପାଉଣ ନ ହେଲେ ତ ନ ହୁଏ ।"

"ଆମର ସେ ଭୂମିକୁ କିଏ ମିଳିବ ? ଯାହାର ଯାହା ଇଚ୍ଛା ସେ ତାହା କରିବ ନା !"

"କିନ୍ତୁ ଦାଣ୍ଡଲୋକେ କଣ କହିବେ ?"

"ଆଉ କହନା କହନା ସେ କଥା ! ଦାଣ୍ଡଲୋକେ ! ଦାଣ୍ଡଲୋକେ ତ ଅଛନ୍ତି ଶତବର୍ଷ ହେଲା କହି ଆସୁଛନ୍ତି । କହନ୍ତୁ, ସେମାନେ କଣ କେବେ ନା କେବେ ? ତାଙ୍କ କଥାରେ ଯାଏ ଆସେ, ଏବେ କେତେ !"

ଗଙ୍ଗାଧର ଟିକିଏ ଚିନ୍ତା କଲେ । କହିଲେ, "ହଉ, ଆସନ୍ତା ମାର୍ଗଶି-ରରେ ସେ କୌଣସିମତେ ଉଠାଇ ଦେବା, ହେଲା ?" ଶାରଦାଦେବୀ ଖୁସି ହୋଇ ସେ ସ୍ଥାନ ତ୍ୟାଗ କଲେ ।

ଲଳିତା ବଗିଚାରେ ଫୁଲ ତୋଳୁ ତୋଳୁ ଯେତେବେଳେ ହଠାତ୍ ତାର ଶାସ୍ତ୍ରୀୟ ବେହାଲାର ବାଜାର କରୁଣ ସୁର ବାଜି ଉଠିଲା । ସେ ସାରାର ଜନ୍ମର କାରଣ ମଧ୍ୟ ବୁଝିପାରିଲା । ମନେ ପଡ଼ିଲା ତାର ଜଗତର କଥା । ତାକୁ ମଧ୍ୟ ଦିନେ ଏହି ଦଶା ଭୋଗ କରିବାକୁ ହେବ । କିନ୍ତୁ...... ଠିକ୍ ସେତିକିବେଳେ ଗଙ୍ଗାଧର ଆଉ ଶାରଦା ଦେଈଙ୍କର କଥାବାର୍ତ୍ତା ତାର କାନରେ ପଡ଼ିଲା । ସେ ଉତ୍କର୍ଣ୍ଣ ହୋଇ ସମସ୍ତ ଶୁଣିଲା । ପିତାଙ୍କର ଶେଷ ନିଷ୍ପତ୍ତିରେ ତାର ଦେହଟା କମ୍ପି ଅବଶ ହୋଇଥିଲା । କୌଣସି ଶବ୍ଦ ଶୁଣିଲେ ପ୍ରାଣୀ ଯେପରି ସହସା ମୂର୍ଚ୍ଛିତ ହୋଇଯାଏ, ସେ ସେହିପରି ଚୈତନ୍ୟ ହରାଇ ପଡ଼ିରହିଲା ।

ଲଳିତା ଚିନ୍ତିତ ହୁଏ ଏମିତି ଦିନ ଗଲା, ସେ କାହାକୁ କିଛି ଜଣାଇ ପାରିଲା ନାହିଁ । ବୋଉଙ୍କୁ ସମସ୍ତ କଥା ଖୋଲି କହିବ, ସେ ନିଶ୍ଚୟ ତାର କଥା ଶୁଣିବେ । ଜନ୍ମଦାତ୍ରୀ ହୋଇ କନ୍ୟାର ଦୁଃଖ ବୁଝିବେ ନାହିଁ ତ ଆଉ କିଏ ବୁଝିବ ? କିନ୍ତୁ କହି ପାରିଲା ନାହିଁ । ତାର ଭୟ ହେଲା, ଯଦି ସେ ଏ କଥାକୁ ସାମାନ୍ୟ ଭାବି ଉପହାସରେ ଉଡ଼ାଇ ଦିଅନ୍ତି । "ଅବିବାହିତା କନ୍ୟାର ସ୍ୱେଚ୍ଛାଧୀନତା ନାହିଁ" ଏହି ମୂଳ କଳରେ ଯଦି ତାଙ୍କର ଉଦ୍ଦେଶ୍ୟ ସାଧନରେ ତତ୍ପର ହୁଅନ୍ତି, ତେବେ ଉପାୟ କଣ ? କଥା ସାଥିରେ ତ ନ ପାରି ଜୀବନ ହେବ ସିନା । ନା, ଏ ଉପାୟରେ ଅଗ୍ରସର ହୋଇ ପାରିବ ନାହିଁ । କେବଳ ଉପାୟ, ଯାହାଙ୍କ ପାଖରେ ଆତ୍ମସମର୍ପଣ କରିଛି,

ତାଙ୍କର ପଦପ୍ରାନ୍ତରେ ରଖି ତାଙ୍କର ଭକ୍ତି ଅର୍ପଣ କରିବା । ତାଙ୍କର ଅନୁକମ୍ପା ବିନା ଉଦ୍ଧାରର ଅନ୍ୟ ଉପାୟ ନାହିଁ ।

କ୍ରମେ ବିବାହ ଲଗ୍ନ ପାଖେଇ ଆସିଲା । ଆଉ ଦୁଇଦିନ ମାତ୍ର ବାକି । ଗଙ୍ଗାଧର ଆୟୋଜନରେ ଲାଗିପଡ଼ିଲେ । ଶିବଧାନେଶ୍ୱରଙ୍କର 'ଗୋଡ଼ ତଳେ ଭୂଇଁ ନାହିଁ । ଏତେ ଦିନ ପରେ ତାଙ୍କର ବାସନା ସଫଳ ହେବ । ସେଇମାନେ ଲଳିତା ନାମରେ ଅଜସ୍ର ଦୁର୍ନାମ ଗାଇ ବୁଲୁଥିଲେ, ଆଜି ତାଙ୍କରି ଆଖି ଉପରେ ସଗର୍ବରେ ନାଗରା ବଜାଇ ସେହି ଲଳିତା ସାଧ୍ୱୀ ଏହି ସତ୍ୟବାନଙ୍କୁ ବରଣ କରିବ । ସେହି କଥା ହିଂସୁକମାନଙ୍କର ମୁହଁ କାଳି ଲେପିଦେବ । କନ୍ୟାର ସୌନ୍ଦର୍ଯ୍ୟ କଳ୍ପନାରେ ତାଙ୍କର ମନ ପୂର୍ଣ୍ଣ ହୋଇଛି । ବିବାହ ଦିବସ ଯେତିକି ଆଗେଇ ଆସୁଛି, ତାଙ୍କର ଆନନ୍ଦ ସେହି-ପରିମାଣରେ ବୃଦ୍ଧି ହେଉଛି । କିନ୍ତୁ ଲଳିତାର ବୃଦ୍ଧି ହେଉଛି ଦୁଃଖ କୋଣରେ ଲୁଚି ରହୁଥାଏ ।

ସୁପ୍ରଭା ଦେବୀ ସବୁବେଳେ କାର୍ଯ୍ୟବ୍ୟସ୍ତ । ତମୀ ତାଙ୍କୁ ସାହାଯ୍ୟ କରିବାରେ ଲାଗିଯାଇଛି । ଗୋଟିଏ ଯୋଗୀ ଆସି ଦୁଆରେ କେନ୍ଦରା ବଜାଇ କିଛି ଭିକ୍ଷା ପ୍ରାର୍ଥନା କଲା ସେହି ସମୟରେ । ସୁପ୍ରଭା ଦେବୀ ଜାଣନ୍ତି ଲଳିତା ତାର ଘରଟିରେ ଶୋଇଛି । ସେ ଲଳିତାକୁ ଉଦ୍ଦେଶ୍ୟ କରି କହିଲେ, "ମାଆ ଯା, ମୁଁ ଯାଇ ପାରୁନାହିଁ, ଗଣ୍ଡେ ଭିକ ଦେଇ ଆସିଲୁ ।" କିନ୍ତୁ ପ୍ରତ୍ୟୁତ୍ତରରେ ଲଳିତାର ସ୍ୱର ସୁଦ୍ଧା ଶୁଣିବାକୁ ପାଇଲେ ନାହିଁ । ଆଉ ଥରେ କହିଲେ; କିନ୍ତୁ ଉତ୍ତର ନାହିଁ । ନିଜେ ଯାଇ ଘରେ ପଶିଗଲେ । ଦେଖିଲେ ଲଳିତା ନାହିଁ । ଭାବିଲେ ବୁଲିଯାଇଥିବ ଅବା କୈଳାସଚନ୍ଦ୍ରଙ୍କ ଘର ଆଡ଼େ । ସନ୍ଧ୍ୟା ହୋଇ ଆସିଲା । ଲଳିତାର ଦେଖା ମିଳିଲା ନାହିଁ । ତମୀ ଗଲା ତାର ଅପାକୁ ଖୋଜିବାକୁ । ସନ୍ଧ୍ୟା ହେଲା । ତମୀର ଦେଖା ନାହିଁ, ନା ଲଳିତାର ମଧ୍ୟ ଦେଖା ନାହିଁ । ସୁପ୍ରଭା ଦେବୀ ମନେ ମନେ ଶଙ୍କିତ ହୋଇ ସ୍ୱାମୀଙ୍କୁ ଜଣାଇଲେ ।

ଗଙ୍ଗାଧର ବାଁ ବାହାରକୁ ଗଲେ—ଉଦ୍ଦେଶ୍ୟ ଲଳିତାକୁ ଖୋଜିବା । କିନ୍ତୁ କେବଳ ସମାଲୋଚନାରୁ ରକ୍ଷା ପାଇବାକୁ ତମୀକୁ ଖୋଜୁଥିବାର ପ୍ରକାଶ କଲେ । ତମୀକୁ ପାଇଲେ । ତାହାଠାରୁ ବୁଝିଲେ, ସେ ଗାଁପାଖ

ଦର୍ପଣର ଝୁଲଝଣି, ଅପାକୁ ପାଇ ନାହିଁ । ଗଙ୍ଗାଧରଙ୍କ ମୁଣ୍ଡ ବୁଲାଇ ଦେଲା । ସେ ଧଡ଼ଣ୍ଡେ ଠିଆ ହୋଇଗଲେ । ତାପରେ ଦୌଡ଼ି ଯାଇ ତାଙ୍କ ଗାଡ଼ିଅରେ ପଶି ଖୁବ୍ ଜୋରେ ଚଳାଇନେଲେ । ସ୍ୱାମୀଙ୍କର ହଠାତ୍ ଏପରି ଗାଡ଼ିଅ ନେବା ଦେଖି ଓ ଚମ୍ପାଠାରୁ ଲଳିତାର କାହୁଁଥିବା ଖବର ଶୁଣି ସୁଧା ଦେଇ ବୋଲାଙ୍କ ପରି ବସିପଡ଼ିଲେ—ତାଙ୍କ [ପାଟିରୁ କଥା ବାହାରିଲା ନାହିଁ ।

ଗ୍ରାମକଡ଼ରେ ସମସ୍ତ ସନ୍ଦେହ ସ୍ଥାନମାନ ଖୋଜିସାରି ଗଙ୍ଗାଧର ସେହି ସମୟରେ ତାଙ୍କର ଶ୍ୱଶୁରାଳୟକୁ ଦୌଡ଼ିଲେ । ସେଠାରୁ ବିଫଳ-ମନୋରଥ ହୋଇ ତାଙ୍କର ନିକଟ ଦୂର ଯେତେ ସେଇଁଠି ବନ୍ଧୁବାନ୍ଧବଙ୍କର ଘର, ସମସ୍ତ ଖୋଜିଲେ—କେଉଁଠି ପାଇଲେ ନାହିଁ । ଦ୍ବିପ୍ରହର ବେଳ ଘରକୁ ଫେରିଆସିଲେ । ସେତେବେଳକୁ ଦିନ ଦୁଇଟା ହେବ ଭୁଲ ଦିନ ଧରି ଉପବାସ । ସେଥିରେ ପୁଣି ପଥଶ୍ରାନ୍ତ—ବଡ଼ କ୍ଳାନ୍ତ ବୋଧ ହେଲା । ସେ ଆଲମାରିରୁ ଲୁଗାଖଣ୍ଡେ ଟାଣିନେଇ ଖୋଲିଦେଲେ । ସଙ୍ଗେ ସଙ୍ଗେ ଲୁଗା ଭାଜରେ ଖୋଷା ଏ ବଡ଼ ଜିନିଷ ତାଙ୍କର ଦୃଷ୍ଟି ଆକର୍ଷଣ କଲା । ଯିଟା ଦେଖିଲେ, ଦୁଇ ଖଣ୍ଡ କାଗଜ—ଖଣ୍ଡେ ଲଫାପାରେ ବନ୍ଦ ଅଛି, ଅନ୍ୟ ଖଣ୍ଡେ ଗୁଡ଼ା ହୋଇଥିବା ଖୋଲା କାଗଜ । ଲଫାପା ଉପରେ ଲେଖା ଅଛି, "ଶ୍ରୀଯୁକ୍ତ କଳାକଣେର ପଣ୍ଡିତସ୍ୱାମୀ ।" ହସ୍ତାକ୍ଷର ଦେଖି ଚମକି ଉଠିଲେ । ଏ ଯେ ଲଳିତାର ହସ୍ତାକ୍ଷର ! ଖୋଲା ଚିଠି ଖଣ୍ଡ ପଢ଼ିବାକୁ ଆରମ୍ଭ କଲେ—

"ପୂଜ୍ୟପାଦ ପିତୃଦେବ ମହୋଦୟ,

ଶ୍ରୀଚରଣେ ପ୍ରଣମେତ୍

ପିତଃ—

ଆପଣଙ୍କର ଅଭାଗିନୀ କନ୍ୟା ଆଜିଠାରୁ ଚିରମାତ୍ର ସ୍ନେହବନ୍ଧନ ଛିନ୍ନ କରି ଜନ୍ମଭୂମି ପରିତ୍ୟାଗ କରୁଛି । ସେଥିପାଇଁ ଆପଣ ଚିନ୍ତିତ ହେବେ ନାହିଁ । ବୋଉ ବଡ଼ ଅଧୀର ହୋଇପଡ଼ିବେ । ଆପଣ ତାଙ୍କୁ ସାନ୍ତ୍ୱନା ଦେବେ । ଏ ଅଭାଗିନୀକୁ ଭୁଲିଯିବେ ।

ଆପଣ ଭଲଦେଇଛନ୍ତି ସତ, କର୍ମଦାତା ବିଧାତା । ମୁଁ ମୋର କର୍ମ-ଫଳ ଭୋଗ କରିବି । ସେଥିଲାଗି ଦୁଃଖିତ ହେବା ଆପଣଙ୍କର ଉଚିତ ନୁହେଁ ।

ମୁଁ ଯେ କି ସ୍ୱଦେଶୀୟରେ ଯାଉଛି ଓ କେଉଁଠାକୁ ଯାଉଛି, ତା କହିପାରିବ ନାହିଁ । ତେବେ ଏତିକି ଜାଣିଥାନ୍ତୁ, ଆପଣ ଏ ପତ୍ର ପାଠ କଲାବେଳେ ମୁଁ କଣ୍ଟକ କୌଣସି ଦୂର ଦେଶରେ ଥିବି । ମୋତେ ଆଉ ଖୋଜିବେ ନାହିଁ ।

ମୋର କପାଳ ସୌଭାଗ୍ୟ ଜନ୍ମ ପୂର୍ବକାଳ କହୁ ନାହିଁ । ଅବଜ୍ଞାକୃତା କନ୍ୟା ପିତାମାତାଙ୍କ ପାପପୁଣ୍ୟର ସମଭାଗୀନୀ, ଏହା ପୁରାଣ-ପ୍ରସିଦ୍ଧ । ଆପଣଙ୍କର ସେହି ପୁଣ୍ୟବଳରେ କେଉଁ ଦିନ ଯେବେ ଆସି ଚରଣ ବନ୍ଦନା କରିବି, ତାହା ଦୟାମୟ ଭଗବାନଙ୍କୁ ଗୋଚର । ଏଥି ସଙ୍ଗେ ଥିବା ଗହଣାଗଣ୍ଠି, ଯେପରି ଅଛି, ସେହିପରି ଯତ୍ନରେ ରଖିଥିବେ । ଆପଣଙ୍କର ପୁତ୍ରବଧୂ ଯେତେବେ ସ୍ୱଗୃହକୁ ଆସିବେ, ତାଙ୍କୁ ଦେବେ । ମୋର ଏହି ଶେଷ ନିବେଦନଟି ଭୁଲିବେ ନାହିଁ, କି ଅନ୍ୟଥା କରିବେ ନାହିଁ । ଇତି ।

ଆପଣଙ୍କର ସ୍ନେହପାଳିତା କନ୍ୟା
ଅଭାଗିନୀ ଲଳିତା ”

ଗଦାଧର ବଡ଼ ଚତୁର ଲୋକ । ସମସ୍ତ ଘଟଣା ଆନୁପୂର୍ବିକ ହୃଦୟଙ୍ଗମ କରି ନେଇ ପତ୍ନୀଙ୍କୁ ସାନ୍ତ୍ୱନା ଦେଲେ । ସଧବା ଦେଖି ହିଁ ଏ ଅଶ୍ରୁସ୍ରା ହୁଅନ୍ତେ ଗଦାଧର ସଙ୍ଗେ ସଙ୍ଗେ ବର ଘରକୁ ଖବର ଦେବାକୁ ଦୌଡ଼ିଲେ ।

---

## ଊନବିଂଶ ପରିଚ୍ଛେଦ

ନବକିଶୋର, କଳ୍ପ ଅତୁଲ ବାବୁଙ୍କ ସହିତ କଥୋପକଥନ କରୁ କରୁ ଖେଦଗ୍ରସ୍ତ ମାର୍କେଟରୁ ଆସି ପ୍ରମଥ ବାବୁଙ୍କ ଗୃହ ନିକଟରେ ପହଞ୍ଚି ଗଲେଣି, ତାଙ୍କୁ ଜଣା ନାହିଁ । ବାଦ୍ୟାଳାପ ହେବା ଜଣ କୌଣସି ସ୍ତ୍ରୀକଣ୍ଠର ମଧୁର ସଙ୍ଗୀତଲହରୀ ସେମାନଙ୍କର ଶ୍ରୁତିଗୋଚର ହେଲା । ନବକିଶୋର କହିଲେ, "ଏ ତ ସୌଦାମିନୀଙ୍କର ସ୍ୱର ପରି ଶୁଭୁଛି ।" ଅତୁଲ ବାବୁ ଥରେ ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କରି କହିଲେ, "ଆମେ ଯେ ତାଙ୍କର ଦୁଆରେ ଆସି ପହଞ୍ଚିଗଲେଣି । ଅସ୍ତୁ, ଗୋଟିଏ ଗାନ ଶୁଣିଯିବା ।" ନବକିଶୋର ଅନିଚ୍ଛା ପ୍ରକାଶପୂର୍ବକ କହିଲେ, "ବାଲିମାନଙ୍କ ପ୍ରଶଂସା କଣ ପାଶୋର ହୋଇଗଲ ?

ପୂର୍ବ ମୁହୂର୍ତ୍ତରେ କୁତୂହଳ ଜାଗୁଥିଲେ, ଅନ୍ଧକାର ଭ୍ରମଣ ଏଣିକରେ ଶେଷ କରି ମିଉଜିଅମ ଯିବା ଭାବିବାକୁ ହେବ। ପୁଣି ଏ ସନ୍ଧ୍ୟାଟିକୁ କାହିଁକି ? ଯମୁନା ସେ ମୁଣ୍ଡ ଉପରେ। ଆଜି......"

"ଅଚ୍ଛା, ମୋହନୀ ଗାନ ଶୁଣିବାରେ ବେଶି ସମୟ ନଷ୍ଟ ହେବ ନାହିଁ ତ।"

"ବେଶ୍, ଏଇଠାରେ ଶୁଣିବା। ସେଠାକୁ ଗଲେ କିଛିଟା ବିଳମ୍ବ ହେବ।"

ଭୁବନବନ୍ଧୁ ରାସ୍ତା ଉପରେ ଠିଆ ହୋଇ ରହିଲେ। ଶୁଣାଗଲା—

"ସେଦିନ ମୁଁ ଗୋ ଏଇ ଗବାକ୍ଷରେ ନୀରବେ ଚାହିଁଛି ବସି
କେତେ ଥର ରୂପ ଗୁଞ୍ଜନ ଆସି ପ୍ରାଣବୀଣା ଯାଏ ଛୁଇଁ।
କେତେ ମଧୁ କଣ୍ଠ ଗାଇଛି ତ ପାଖି
ଗନ୍ଧ ଫିକା-ବଧୂ କେତେ ଗୀତ ଗାଇ
କେତେ ପ୍ରଭାତର ମୃଦୁ ତରଳ କିରଣ ଚୁମ୍ବି ଯାଇଛି ପୁଣି ଆସି।
ଫୁଲ୍ଲ ମନେ ଭୁଲି ଭୁଲି ମଧୁକର
ଚୁମ୍ବି ଯାଇ କେତେ ଫୁଲର ଅଧର
କେଉଁ ରସ ପ୍ରକୃତ ବୁଝିନ ତ ନାହିଁ ମୋ ହୃଦ ବେଦନାରାଶି।"

ଭୁବନବନ୍ଧୁ ସେଇଠାରେ କ୍ଷଣେ ଠିଆ ହୋଇ, ଗୃହାଭିମୁଖରେ ଫେରିଲେ। ଏଥିମଧ୍ୟରେ ଜଣେ ବନ୍ଧୁ ସହିତ ଓ ସହଯାତ୍ରୀ ବନ୍ଧୁରେ କେତେକ କଥାବାର୍ତ୍ତା ହେଲା; କିନ୍ତୁ ନବକିଶୋର ପୂର୍ବ ପରି ସେ କଥାରେ ମନୋନିବେଶ କରିପାରିଲେ ନାହିଁ। ତାଙ୍କର କାନରେ ବାରମ୍ବାର ବାଜୁଥିଲା ସୌଦାମିନୀର ସେହି ଗାନଟି — "ସେଦିନର ମୁଁ ଗୋ ଏଇ ଗବାକ୍ଷରେ ନୀରବେ ଚାହିଁଛି ବସି।"

× × × ×

ଅତୁଳ ବାବୁ ଦେଖିଲେ, ସେ ଯଦିଓ ତାଙ୍କ ସହିତ କଥାବାର୍ତ୍ତାରେ ଯୋଗ ଦେଉଛନ୍ତି, କିନ୍ତୁ ଅନ୍ୟମନସ୍କ ଭାବରେ—ଅଜାଣତରେ। ତାଙ୍କର କୌଣସି କଥା ଧ୍ୟାନ ଯାଉ ନାହିଁ। ବନ୍ଧୁଙ୍କର ଅବସ୍ଥା ଏପରି ଅନ୍ୟମନସ୍କ ଦେଖି ଅତୁଳ ବାବୁ କହିଲେ, "କି ନବବାବୁ, ଆଜି ଆପଣଙ୍କୁ କଣ କିଛି

ଅନ୍ୟମନସ୍କ ଦେଖୁଛି । କିନ୍ତୁ ଅସୁଖ ବୋଧ ହେଉଛି କି ?” ନବକିଶୋର ଅପ୍ରତିଭ ହୋଇପଡ଼ି କହିଲେ, “ନା ।”

“କିନ୍ତୁ ଆପଣଙ୍କ...... ।”

“ମୁଣ୍ଡଟା ଟିକିଏ ଭାରି ଭାରି ଲାଗୁଛି ।”

“ଲଳିତା ସୁନ୍ଦରୀ ମନରେ ପଡ଼ିଗଲେ ପରା । ଯାଃ—ଆପଣ ବଡ଼ ଅବ୍ୟବସ୍ଥିତ ଚିତ୍ତ, ମୁଁ ଦେଖୁଛି । ସେ ଗତ କଥାରୁ ପୁଣି ଆଲୋଚନା କାହିଁକି ? ଯାହା ଗୁଲିଗଲା, ତାହା ଗଲା । ଆପଣଙ୍କର ଶୈଶବ ଅତିକ୍ରମ କରିଛି ଯାଉଛି ବର୍ତ୍ତମାନ ଭୁଲିଲେ, ଚିନ୍ତା କଲେ ଆଉ ଫଳ ଫେରି ପାଇବେ ? ତେବେ ବୃଥା କେବେ ସେ ଗତ ବିଷୟ ଲାଗି ଅନୁଶୋଚନା କାହିଁକି ? ମନୁଷ୍ୟ ଜୀବନରେ କେତେ କେତେ ଘଟଣା ଘଟି ଯାଉଛି, ତାର ଇୟତ୍ତା ନାହିଁ । ସେଥିପାଇଁ ସାମାନ୍ୟ କଥା ନେଇ ସର୍ବଦା ନିଜକୁ ଯନ୍ତ୍ରଣା ଦେବା ଅବିମୃଷ୍ୟକାରିତାର କାର୍ଯ୍ୟ ନୁହେଁ କି ?”

ଅତୁଲ ବାବୁ କେତେ କଣ କହିଗଲେ । ପ୍ରତିବାଦ କରିବାକୁ ନବକିଶୋର ସାହସ କଲେ ନାହିଁ । ସେ ଲଳିତା ବିଷୟରେ ଖୁବ୍ ଜାଣନ୍ତି, ଏହି ସତ୍ୟ କଥାଟା କହିପାରିଲେ ନାହିଁ । କିପରି କହିବେ ? ଯଦି ପ୍ରଶ୍ନ ଉଠେ, ‘ଲଳିତା ବିଷୟ ଯଦି ନୁହେଁ ତ ଆଉ କାହାର ବିଷୟ ନେଇ ଚିନ୍ତା’ ତେବେ ସେ କି ଉତ୍ତର ଦେବେ ?

ସେଦିନ ରାତିରେ ନବକିଶୋର ଯେତେବେଳେ ଶଯ୍ୟା ଆଶ୍ରୟ କଲେ, କିଏ ତାଙ୍କ କାନ ପାଖରେ ବସି ଗାଇବାକୁ ଲାଗିଲା—‘ସେତୁପରି ମୁଁ ଗୋ ଏହି ସଂସାରରେ କାହିଁକି ରହିଛି ବସି...।’ ଗୀତଟା ବାସ୍ତବରେ ବଡ଼ ହୃଦୟସ୍ପର୍ଶୀ । ଅନ୍ତରର ନିଭୃତତମ ପ୍ରଦେଶରେ ସଞ୍ଚିତ ନିତାନ୍ତ ସତ୍ୟ କଥାଟା ହୃଦୟର ଆବେଗରେ, ଭାବର ଉଚ୍ଛ୍ୱାସରେ ଗୀତରୂପେ ପ୍ରକାଶ ପାଇଛି । ସତ୍ୟ କଥାଟାକୁ ଛନ୍ଦୋବଦ୍ଧାକାରରେ ଯୋଡ଼ି ରଖିବା ବାସ୍ତବିକ ମନୁଷ୍ୟର ସାଧ୍ୟାତୀତ । ସୌଦାମିନୀ ଗୀତ ଲହରୀରେ ଜଗତକୁ ତାର ହୃଦୟ ଖୋଲି ଦେଖାଇ ଦେଉଛି; କିନ୍ତୁ ତାହା ଶୁଣୁଛି କିଏ—ବୁଝୁଛି ବା କିଏ ? ନିଷ୍ଠୁର ଦୁନିଆ ତାର ହୃଦୟର ଦୁଃଖରାଶି ବୁଝୁ ନାହିଁ, ସେ ଠିକ୍ ଅନୁଭବ କରିଛନ୍ତି । ସୌଦାମିନୀ ! ତୁମେ କାହାର ଅପେକ୍ଷା

କରୁଛ ? କିଛି ଶବାଗ୍ର ପଥରେ ଗୃହ ବସିଛ ? କେତେ ଖସ୍ ବର୍ଷା ଶୀତ ସହୁ ସହୁ ଏକଧାରରେ କାହାର ଆଶାରେ ଧୀରସ୍ଥିର ରହୁଛ ? ଏତେ ଦିନ ପରେ ନବକିଶୋର ତୁମ ହୃଦୟର ଗଭୀର ଦୁଃଖ ବୁଝି ପାରୁଛି । ଏତେ ଦିନଯାଏ ଯାହା ଅନୁମାନ କରୁଥିଲା, ଆଜ ତାହା ହୃଦୟଙ୍ଗମ କରି ପାରିଛି । ତୁମେ ଦୁଃଖୀ, ତୁମର ଅଭାବ ଅଛି—ସେ ଅଭାବ ପୂରଣ ଲାଗି ତୁମେ ସର୍ବଦା ଅସ୍ଥିର; ଏହା କେଣ ବୁଝି ପାରୁଛି । କିନ୍ତୁ ସେ ଅଭାବ କଣ ? ତାହା କଣ ନବକିଶୋରଦ୍ୱାରା ପୂରଣ ହୋଇପାରେ ? ଯଦି ତାହା ହୁଏ, ତେବେ ନବକିଶୋର ପ୍ରାଣ ସମର୍ପଣ କରିବାକୁ ଲେଶମାତ୍ର ଦ୍ୱିଧା କରିବ ନାହିଁ । ଦୁଃଖିନୀ କଣ, ଅଭାଗିନୀ କଣ, ଖୋଲି କହିବ କି ?

ନବକିଶୋର ଆଜ ମେଡିକେଲ ସ୍କୁଲର ଛାତ୍ର ନବକିଶୋର ନୁହନ୍ତି, ବର୍ତ୍ତମାନ ତାଙ୍କ ନାମ ପୂର୍ବରେ ଡାକ୍ତର ଶବ୍ଦର ଯୁକ୍ତ ହେଲାଣି । ଅତୁଲ ବାବୁ ମଧ୍ୟ ସେଥିରୁ ବଞ୍ଚିତ ନୁହନ୍ତି ।

ପାସ୍ କରିବାର ଅଳ୍ପଦିନ ମଧ୍ୟରେ ନବକିଶୋର କେମ୍ପବେଲ ମେଡିକେଲ ସ୍କୁଲରେ ଡିମନଷ୍ଟ୍ରେଟର (Demonstrator) ଚାକିରି ପାଇଲେ ।

ଅତୁଲ ବାବୁଙ୍କୁ ଚାକିରି ମିଳିଥିଲେହେଁ ସେ ସ୍ୱତନ୍ତ୍ର ଏକ ଡାକ୍ତରଖାନା ଖୋଲିବା ଉଦ୍ଦେଶ୍ୟରେ ତାହା ପ୍ରତ୍ୟାଖ୍ୟାନ କଲେ ; ସୌଦାମିନୀ ତ ବହୁ ଆଗରୁ ପାସ୍ କରି ଘରେ ବସିଥିଲେ । ତାଙ୍କର ଚାକିରି କରିବାର ପ୍ରୟୋଜନ ମଧ୍ୟ ନ ଥିଲା । କିନ୍ତୁ ସେ ପିତାମାତାଙ୍କର ଅନିଚ୍ଛାସତ୍ତ୍ୱେ ନବକିଶୋର ଚାକିରି ପାଇବାର ଏକ ସପ୍ତାହ ପରେ ସେହି କେମ୍ପବେଲ ମେଡ଼ିକେଲରେ ଚାକିରି ଗ୍ରହଣ କଲେ ।

ପୁତ୍ରର କୃତିତ୍ୱ ସୌଭାଗ୍ୟ ଦେଖି କୈଳାସଚନ୍ଦ୍ରଙ୍କର ଆନନ୍ଦ ହୃଦୟରେ ଧରୁ ନାହିଁ । ନବକିଶୋର କିନ୍ତୁ ମନ୍ତ୍ରମୁଗ୍ଧବତ୍ କାର୍ଯ୍ୟ କରିଯାଉଛନ୍ତି—ତାଙ୍କ ମନରେ ଆନନ୍ଦ ନାହିଁ, ଉତ୍ସାହ ନାହିଁ, ସୁଖ ନାହିଁ, ଶାନ୍ତି ନାହିଁ । ଛାତ୍ର ଜୀବନଠାରୁ ଶିକ୍ଷକ ଜୀବନ ତାଙ୍କୁ ବଡ଼ ଦୁର୍ବହ ଦୁଃଖମୟ ବୋଧ ହେଉଛି । ସର୍ବଦା ତାଙ୍କର ଯେପରି କଣ ଗୋଟାଏ ବଡ଼ ଅଭାବ ଅନୁଭୂତ ହେଉଛି । ଅପୂର୍ଣ୍ଣ ବାସନା ଗୋଟାଏ ତାଙ୍କର

ଯତ୍ନେ ଯତ୍ନେ ଯାହା ଗଢ଼ି ତୁଲିଛନ୍ତି । ସେ ସେହି ଅଶାନ୍ତିର ପ୍ରେମର ବହ୍ନି ଜ୍ୱାଳାରେ ଦହି ଦହି ଯାଉଛନ୍ତି ।

ଘୁଚି ସାନ୍ଧ୍ୟା ହେବ, ପ୍ରମଥ ବାବୁ ଇଜି ଚେୟାରରେ ବସିଛନ୍ତି । ପାଖରେ ଅଳ୍ପ ଗୋଟିଏ ଚୌକିରେ ନବକିଶୋର ବସି ଖବରକାଗଜ ପାଠରେ ମନୋନିବେଶ କରିଛନ୍ତି । କାରଣ ସେ ବୁଝିଛନ୍ତି, ଆଖି ଟେବୁଲ ଉପରେ ଥୋଇଦେଲେ । ପ୍ରମଥ ବାବୁ ଗୋଟିଏ ବହି ଉଠାଇ ନେଇ କହିଲେ, "ଏ ଉଅ ନବକିଶୋର ।" ନବକିଶୋର ଦନା ଆଗ୍ରହରେ ସେ ବହି ଉଠାଇ ନେଲେ । ସେ ପାନ ଶେଷ ହେଲା—କାରଣ ଶୂନ୍ୟ ବହି ଭିତରେ ଦେଖି ଭୃକୁଟି । ନବକିଶୋର ରୁମାଲରେ ମୁହଁଟା ପୋଛି ନେଇ ପୁନଃ ସମ୍ବାଦପତ୍ର ପାଠରେ ମନ ଦେଲେ । ପ୍ରମଥ ବାବୁ ଗଳାଟା ସଫା କରି କହିଲେ, "ନବକିଶୋର, ବହୁଦିନ ହେଲା ଗୋଟାଏ କଥା କହିବାକୁ ମନସ୍ଥ କରିଛି କିନ୍ତୁ କହିପାରୁ ନାହିଁ ।" ନବକିଶୋର କାଗଜ ଉପରୁ ମୁହଁ ଉଠାଇ କହିଲେ, "ମୁଁ ପାଖରେ ପିତାଙ୍କର ଏତେ ସଙ୍କୋଚ କାହିଁକି ? କଣ କହନ୍ତୁ ।" ପ୍ରମଥ ବାବୁ ହସି ହସି କହିଲେ, "ସଙ୍କୋଚ ନୁହେଁ ଯେ, ସୁଯୋଗ ପାଇ ନ ଥିଲି । କଣ କି—ମୁଁ ମନେ କରେ ସୌଦାମିନୀ ସହିତ ତୁମର ବିବାହ ହେଲେ ଉଭୟଙ୍କର ଜୀବନ ନିଶ୍ଚୟ ସୁଖମୟ ହୁଅନ୍ତା ।" ନବକିଶୋର ଆଶ୍ଚର୍ଯ୍ୟ ହୋଇଗଲେ । ଏ କଣ ? ସ୍ୱପ୍ନ ନା ସତ୍ୟ ? ସୌଦାମିନୀ ସହିତ ନବକିଶୋରଙ୍କର ବିବାହ ? ଯେଉଁ କଥା ଭାବିବାକୁ ସୁଦ୍ଧା ଉପଜା କୁଣ୍ଠିତ ହୁଏ ! ଆଜି ପ୍ରଭୁ ଭଗବାନଙ୍କର କଣ ଏତେ ଦୟା ? ଈଶ୍ୱର କଣ ଏତେ ଶୀଘ୍ର ପ୍ରସନ୍ନ ହୁଅନ୍ତି ? ସୌଭାଗ୍ୟର ଏତେ ତଥାପି ପୁଣି ଭାଗ୍ୟ ପରିବର୍ତ୍ତିତ ହୁଏ ? ନବକିଶୋର ନିଜର କାନ ଦିଟାକୁ ବିଶ୍ୱାସ କରିପାରିଲେ ନାହିଁ । ସେ ଭାବିଲେ, ପ୍ରମଥ ବାବୁ ଅନ୍ୟ କଣ କହୁଥିବେ, ତାଙ୍କର ଶୁଣିବାରେ ଭୁଲ ହୋଇଛି ବୋଧହୁଏ ; କିନ୍ତୁ ସେତିକି-ବେଳେ ପ୍ରମଥ ବାବୁ ଅତି ମୃଦୁକଣ୍ଠରେ କହିଲେ "ଚିନ୍ତା କରିବାର କିଛି କାରଣ ନାହିଁ ବାବା ! ସଂସାର-ସମସ୍ୟା ବଡ଼ ଜଟିଳ ସମସ୍ୟା । ଓଃ ଜୀବନ ତୁମକୁ ଯାହା ସହିତ କଟାଇବାକୁ ହେବ, ଯାହାର ଭଲମନ୍ଦ ଫଳ ତୁମକୁ ହିଁ ଭୋଗ କରିବାକୁ ହେବ, ସେଥିରେ ତୁମର ସ୍ୱାଧୀନ ଇଚ୍ଛା ମତ ଆବଶ୍ୟକ ।

ତାହାର କ୍ରୋଧ ଅନୁରୋଧରେ ପଡ଼ି ନିଜର ଜୀବନକୁ ଅଶାନ୍ତିମୟ କରିବା ଉଚିତ ନୁହେଁ । କଣ ବୁଝିଲ ମୋ କଥା, ନବକିଶୋର ? ଏ ଜୀବନରେ ଲୋକାପବାଦକୁ ଉପେକ୍ଷା କରି ପ୍ରକୃତ ସତ୍ୟ ଉପରେ ଚଳି-ବାକୁ ହେବ !"

ନବକିଶୋର ଶୁଣାଇ ଗୂଢ଼ ଭାବରେ ପାଇଲେ । ତାଙ୍କର ଶୁଷ୍କ ଶୀର୍ଣ୍ଣ ହୃଦୟ ସରସ ସତେଜ ହୋଇଉଠିଲା । ସେ ଯଥାସାଧ୍ୟ ଅନ୍ତରର ସେ ଆନନ୍ଦକୁ ଗୋପନ ରଖି କହିଲେ, "ମୋ ବିବେଚନାରେ ଆପଣ ଏ ସମ୍ବନ୍ଧରେ ତାଙ୍କ ସହିତ ପରାମର୍ଶ କଲେ ଭଲ ହୁଅନ୍ତା । କାରଣ ସେ..."

"ଚିରଞ୍ଜୀବୀ ହୁଅ ବାବା ! ଉପଯୁକ୍ତ କଥା । ବୃଦ୍ଧଜନଙ୍କର ଅଭିମତରେ ଯେଉଁ କାର୍ଯ୍ୟଟି କରାଯାଏ, ତାହା ତାଙ୍କର କଲ୍ୟାଣରେ ଚିର-ସୁଖପ୍ରଦ ହୁଏ । ଅଚ୍ଛା, ସେ କଥା ମୁଁ ବୁଝିବି ।" ତା ପରେ ଆଉ କେତେକ କଥା-ବାର୍ତ୍ତା ପରେ ନବକିଶୋର ଘରକୁ ଗଲେ । ସେ ଦିନ ରାତିରେ ତାଙ୍କର ନିଦ୍ରାଦେବୀଙ୍କ ସହିତ ସାକ୍ଷାତ୍ ହେଲା ନାହିଁ । ପ୍ରମଥ ବାବୁଙ୍କର ସେହି ନୂତନ ପ୍ରସ୍ତାବରେ ଭବିଷ୍ୟତର କେତେ ରଙ୍ଗିନ୍ କଳ୍ପନା କରୁ କରୁ ରାତି ପ୍ରଭାତ ହୋଇଗଲା ।

ଗବାକ୍ଷ ପଥଦେଇ ବାଳସୂର୍ଯ୍ୟର କୋମଳ ଲୋହିତ କିରଣ ଯେତେବେଳେ ଅର୍ଦ୍ଧାବୃତ ମସ୍ତକର ସୁନୀଳ କୁନ୍ତଳଦାମରେ ଲୁଚକାଳି ଖେଳ ଖେଳିବାକୁ ଆରମ୍ଭ କଲା, ସୌଦାମିନୀଙ୍କର ସେତେବେଳେ ତନ୍ଦ୍ରା ଭଗ୍ନ ହେଲା । ସେ ଉଠି ଦେଖିଲା, ନିକଟରେ ମାୟା ଦଣ୍ଡାୟମାନା । ମାୟା ତାଙ୍କ ଘରର ଦାସୀ, ସୌଦାମିନୀଙ୍କର ପ୍ରିୟସଙ୍ଗିନୀ । ସେ ହସି ହସି କହିଲା, "ଆଜି ଜେମାଦେଈଙ୍କର ସୁପ୍ରଭାତ । ମତ୍ସ୍ୟପୁରର ରାଜପୁତ୍ରଙ୍କ ସନ୍ଦେଶ ନେଇ ସ୍ୱୟଂ ମାୟା ଉପସ୍ଥିତ । ରାଜପୁତ୍ର ଏଥର......"

ସୌଦାମିନୀ କ୍ରୋଧ-କମ୍ପିତ ନେତ୍ରଦ୍ୱୟୀ ସହଭାବରେ ଗମ୍ଭୀର ସ୍ୱରରେ କହିଲେ, "ମାୟା !" ମାୟା ତାର କୌଣସି ପ୍ରତ୍ୟୁତ୍ତର ନ ଦେଇ, ଏକ ନିଃଶ୍ୱାସରେ କହିଯିବାକୁ ଲାଗିଲା—"କାଲି ରାତିରେ କୈଳାସଚନ୍ଦ୍ରଙ୍କ ସହିତ ବାବୁଙ୍କର ବହୁତ କଥା ହେଲା, ବହୁତ ଯୁକ୍ତିତର୍କ ଚାଲିଲା । ଖାଇଲା-ବେଳକୁ ଦୁଇଟା ବାଜିଯାଇଥିବ ପରା ! ଶେଷରେ ସ୍ଥିର ହେଲା ଯେ, ପ୍ରିୟ

ହେବ, ଯୁଗଳ ମିଳନ ସ୍ଥିର ହେଲା—ରାଧାକୃଷ୍ଣଙ୍କ ହେଉ ସ୍ଥିର ହେଲା।" ସୌଦାମିନୀ କପଟ କୋପରେ ଫୁଲି ଉଠି, ଅପାଧାନ ଶବ୍ଦଟିକୁ ବହୁଗୁଣ ଅଣି ମାମୁଙ୍କୁ ଆଘାତ କରିବାକୁ ଉଦ୍ୟତ ହେଉଥିଲେ, ମାମୁ ସେଥିପ୍ରତି ଭ୍ରୂକ୍ଷେପ ନ କରି, "ଆଜି ଦିନ ସାର୍ଥକ ରହିଲ ବାହାଘର। ନବଘନ-କୋଳରେ ସୌଦାମିନୀଙ୍କର ସ୍ଫୁରଣ ହେବ—ଆଜି ସପ୍ତଦଶ ପରେ। ଏତେ ଦିନ ସ୍ୱର୍ଗ ସନ୍ଧ୍ୟା-ଦେବୀ, ଏ ବହୁଗୁଣ ଉପହାର କେବେ? ନା, ନା; ଏ ଶରୀରକୁ ସେ ସାବକାଶ ଭାଇଟି ହୁକୁମ ହେଉ—" କହି ଦୌଡ଼ି ପଳା-ଇଲେ! ସୌଦାମିନୀ ସେହିଠାରେ ଠିଆ ହୋଇ ଶୁଣିଲେ, "ସତେ! ବିବାହ ସ୍ଥିର ହୋଇଗଲା। ନବ ବାବୁ ଖୁସି ହେଲେ ତା ହେଲେ।"

---

## ବିଂଶ ପରିଚ୍ଛେଦ

କୈଳାସଚନ୍ଦ୍ରଙ୍କ ପାଖରେ ପ୍ରମଥ ବାବୁ ଯେତେବେଳେ ନବ-କିଶୋରଙ୍କ ସହିତ ସୌଦାମିନୀର ବିବାହ ବିଷୟ ଦୀର୍ଘ ଭୂମିକା ସହ ଆରମ୍ଭ କଲେ; କୈଳାସଚନ୍ଦ୍ରଙ୍କ ଉତ୍ତର ଦେବେ, ପ୍ରଥମେ ସ୍ଥିର କରିପାରିଲେ ନାହିଁ। କିନ୍ତୁ ଏ ଉତ୍ତରତଃ କରି କହିଲେ, "ମୋତେ ବର୍ତ୍ତମାନ ଖୁବ୍ ବାକୁ କିଛି ସମସ୍ତ ଦିଅନ୍ତୁ—ପରେ ଏହାର ସଦୁତ୍ତର ଦେବି।" ପ୍ରମଥ ବାବୁ ପୂର୍ବରୁ ସୌଦାମିନୀ ଓ ନବକିଶୋର ଉଭୟଙ୍କର ମତ ଜାଣନ୍ତି। ସେ କୈଳାସଚନ୍ଦ୍ରଙ୍କୁ କହିବାକୁ ଅବସର ନ ଦେଇ କହିଲେ, "ଆପଣ ତ ଜାଣନ୍ତି, ମୋର ପୁତ୍ର ସନ୍ତାନ ନାହିଁ। ଏକମାତ୍ର ସୌଦାମିନୀ—ସେହି ପୁତ୍ର, ସେହି କନ୍ୟା। ମୋର ତା ଆଉ ଉତ୍ତରାଧିକାରୀ କିଏ ଅଛି? ସେ ଅନ୍ତାଳି ଏ ସମସ୍ତ ସ୍ଥାବରାସ୍ଥାବର ସମ୍ପତ୍ତିର ଅଧିକାରୀ ହେବେ। ନବକିଶୋର ବୋଧ ହୁଏ ଏ ପ୍ରସ୍ତାବ ଅଗ୍ରାହ୍ୟ କରିବେ ନାହିଁ। କେବଳ ଆପଣ ସମ୍ମତି ପ୍ରଦାନ କଲେ ହେଲା।"

ପ୍ରମଥ ବାବୁ ଆହୁରି ଅନେକ କଥା କହିଲେ। ସେ ସମସ୍ତ କଥା କିନ୍ତୁ କୈଳାସଚନ୍ଦ୍ରଙ୍କର କର୍ଣ୍ଣସୀମା ସ୍ପର୍ଶ କରିପାରିଲା ନାହିଁ। ସେ ଯେତେବେଳେ ଶୁଣିଲେ—ସେ ଅନ୍ତାଳି ଏ ସମସ୍ତ ସ୍ଥାବରାସ୍ଥାବର ସମ୍ପତ୍ତିର ଅଧିକାରୀ ହେବେ,

ଅନ୍ୟ କୌଣସି କଥା ଶୁଣିବା ତାଙ୍କର ଦରକାର ନ ଥିଲା । ପ୍ରମଥ ବାବୁଙ୍କର ସମ୍ପତ୍ତି ତ କମ୍ ନୁହେଁ—ବାଇଶି ଅଯୁତ ପାଞ୍ଚ/ହଜାର ଟଙ୍କା । କାହାକୁ ମିଳେ ? କୈଳାସଚନ୍ଦ୍ର ଜୀବନରେ ଏପରି ସୁଯୋଗ ପାଇବେ, ପୂର୍ବରୁ କେବେ ସ୍ୱପ୍ନ ସେ କଳ୍ପନା ତାଙ୍କ ହୃଦୟରେ ସ୍ଥାନ ପାଇ ନ ଥିଲା । "ଏ ସୁଯୋଗ କି ଛାଡ଼ିବାର ? ସିଦ୍ଧିଦାତାଙ୍କ କଲ୍ୟାଣ ଆଜି ପୂର୍ବଜନ୍ମର ସଞ୍ଚିତ ପୁଣ୍ୟବଳରୁ ହୃଦୟରୁ—ଅଜ୍ଞାତ ସିନା ଆଜି ଆସିଲେ ! ଏ କଳ୍ପନା ସତ୍ୟରେ କେତେକ କେତେ ବଡ଼ ଲୋକ କାହାନ୍ତି—ନଗରଶୋଭାଠାରୁ ଶିକ୍ଷିତ ଉପଯୁକ୍ତ ବାନ୍ଧ କେତେ କାହାନ୍ତି—ବଙ୍ଗାଳ ପେରହ୍ମା ବଡ଼ ବଡ଼ ସିଭିଲିଅନ୍ କେତେ କାହାନ୍ତି; ତଥାପି ନଗରଶୋଭାଠାରେ ପ୍ରମଥ ବାବୁଙ୍କର ଏତେ ଶ୍ରଦ୍ଧା କାହିଁକି ! ଏ କି ଶ୍ରଦ୍ଧା ନୁହେଁ—ଦେବତାଙ୍କର ଅନୁଗ୍ରହ ବୋଲିବାକୁ ହେବ । ହେଲେ ... ... ...ଧନଲୋଭରେ ଜାତି ହରାଇବାକୁ ହେବ ସିନା ! ଯାଉ କଣ ? ଜାତି ଧର୍ମ, ଜାତି ସ୍ୱର୍ଗ, ତମ୍ଭେତ ବସି ହେଉଥିଲେ ବା ଲଭ୍ୟ କଣ ? ଯେଉଁମାନେ ଜାତି ଜାତି ସଦା ସର୍ବଦା ଚିତ୍କାର କରି ନିଜକୁ ବଡ଼ ପ୍ରମାଣିତ କରୁଛନ୍ତି, ସେମାନଙ୍କର କଣ ଅଧିକ ହେଉଛି ? ମୁଁ ଯଦି ଆଜି ସେହି ଜାତି ଧରି ଏ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରେ, କେହି ମୋର ସେ ସାଧୁ କର୍ମ ଲାଗି ପୁରସ୍କାରସ୍ୱରୂପ କଣ ଦେଇ ପକାଇବ କି ? ନା, ସାଙ୍ଗେ ଜାତି—ପ୍ରମଥ ବାବୁଙ୍କର ସମ୍ପତ୍ତି ନିକଟରେ ଜାତିର ମୂଲ୍ୟ ନିତାନ୍ତ କମ୍ !

"କରଣ, ବାମ୍ଭଣ ମଧ୍ୟରେ ପ୍ରଭେଦ କଣ ? ଏକ ଜାତି ବୋଲି ହେଲେ ଚଳେ । କେବଳ ପାର୍ଥକ୍ୟ ଏତିକି କରଣ ଓଡ଼ିଆ, ବାମ୍ଭଣ ବଙ୍ଗାଳୀ ! ଆମର ଜନ୍ମ ଓଡ଼ିଶାରେ—ତାଙ୍କର ଜନ୍ମ ବଙ୍ଗରେ । ହେଲେ, ଏହି ଭାରତବର୍ଷରେ କୁଆଡ଼କୁ ଜନ୍ମ ତ ? ଭାରତବାସୀ ମାନେ ଏକ ମାତାର ସନ୍ତାନ; ତଥାପି ଲୋକାଚାର ଗୋଟିଏ ଅଛି ତ—କେତେ ଲୋକ କେତେ ପ୍ରକାର କହିବେ । କହିଲେ କହନ୍ତୁ । ସମସ୍ତେ ଛିଣ୍ଡି ଦିଅନ୍ତୁ, ମୁଣ୍ଡ କାଟି ଦିଅ ? ଏତେଗୁଡ଼ା ସମ୍ପତ୍ତି ଛାଡ଼ିଦେବା କୌଣସିମତେ ଉଚିତ ନୁହେଁ । ଘରେ ଅଛି କଣ ଅଛି ? ସବୁଦିନ ତ ବର୍ଷେ ହେଲା ଉପାସ ଚାଲିଛି । ତାପରେ ସମ୍ପତ୍ତି ବୋଲି ଘରବାଡ଼ି ମିଶି ଟଙ୍କା ପାଞ୍ଚଶହର ହେବ । ସେତକ ବନ୍ଧକ ବନ୍ଧାଦେଇ । ଆଜି ଗ୍ରାମକୁ ନ ଗଲେ ହେବନି । ସେଠାକୁ ଗଲେ ସିନା କଣ

କହିବ, କୈଳାସଚନ୍ଦ୍ର ମହାନନ୍ଦ ଧନଲୋଭରେ ଶେଷଭାଗକୁ କାଳ ହରଣ କରିଲେ । ଗ୍ରାମର ସମ୍ପର୍କ ଆଜଠାରୁ ଛୁଟାଇ ଦେବାକୁ ହେବ ।"

କୈଳାସଚନ୍ଦ୍ରଙ୍କର ବନ୍ଧୁଜନର ଗୋଟାଏ ପୁରୁଣା କଥା ମନରେ ପଡ଼ିଲା । ଦିନେ ଗରଧା ଦେଖି ଲଜ୍ଜା ସହ୍ୟ କରିବ ବାହାରେ ଦେବେ ବୋଲି ପ୍ରସ୍ତାବ କରିଥିଲେ । ସେଦିନ କୈଳାସଚନ୍ଦ୍ର ମନେ ମନେ କେତେ କଥା ଭାବିଥିଲେ । ପୁଣି ବାହାରର କି ସୁନ୍ଦର କଳ୍ପନାକୁ କରିଥିଲେ ମଧ୍ୟ । ଆଜ ତାହା କାର୍ଯ୍ୟରେ ପରିଣତ ହେବାକୁ ବସିଛି—ଯାହା କଳ୍ପନା କରି-ଥିଲେ, ତାହିଁରୁ ବଳି ସହସ୍ର ଗୁଣ ବର୍ଦ୍ଧିତ ହୋଇ । ତାଙ୍କର ହୃଦୟ ଆନନ୍ଦରେ ନାଚି ଉଠିଲା । ସେ କାଳ ବିଳମ୍ବ ନ କରି ପ୍ରମଥ ବାବୁଙ୍କର ପ୍ରସ୍ତାବକୁ ମହାପ୍ରସାଦ ତୁଲ୍ୟ ଗ୍ରହଣ କରିନେଲେ ।

ନବକିଶୋର ଯେତେବେଳେ ଶୁଣିଲେ ଚିରଦିନ ଲାଗି ତାଙ୍କୁ ଜନ୍ମଭୂମିର ମାୟା ତ୍ୟାଗ କରିବାକୁ ହେବ, ତାଙ୍କର ମନ ଚଞ୍ଚଳ ହୋଇଉଠିଲା । ଅଦୃଷ୍ଟର ସଙ୍ଗୀତଟି କାନରେ ବାଜିଲା, "ସକଳ ଦେଶର ସେରା ସେ ଯେ ଆମାର ଜନ୍ମଭୂମି ।" ସୋଦର ସୋଣାରୁ ମନୋହର ଦୃଶ୍ୟସବୁ ତାଙ୍କର ଚକ୍ଷୁସମ୍ମୁଖରେ ନାଚିଗଲା । ଗ୍ରାମର ପ୍ରତ୍ୟେକ ଗଳି, ରାସ୍ତା, ପୋଲ, ବଣି, ଗଛପତ୍ର ସବୁ ସୁନ୍ଦର—ସବୁ ନୂତନ ପରି ପ୍ରତୀୟମାନ ହେଲା । ଗ୍ରାମର ପ୍ରତ୍ୟେକ ଅଣୁପରମାଣୁରେ ଯେପରି ତାଙ୍କର କେତେ ମଧୁମୟ ସ୍ମୃତି ଜଡ଼ିତ ଅଛି । କିପରି ସେ ଚିରସୁନ୍ଦର ସ୍ମୃତିସବୁକୁ ଚିରଦିନ ଲାଗି ଭୁଲି-ଯିବେ ? ବଡ଼ ଅଧୀର ହୋଇ ଉଠିଲା ମନ ତାଙ୍କର । ଭାବିଲେ—"ପିତାଙ୍କଠାରୁ ଅନୁମତି ନେଇ ବିବାହ ପୂର୍ବରୁ ଥରେ ଗ୍ରାମକୁ ବୁଲି ଆସିବେ । କଲିକତା ଯିବା ପରେ—ଦେଖା ହେବ ତ, ଦୁଇପଦ କଥା କହି-ପାରିବେ ତ—କୈଶୋରଦାସଙ୍କୁ ଦେଖି ଆସି ପାରିବେ ତ ? ତାପରେ କାକା, ଖୁଡ଼ୀ—ସେମାନଙ୍କର ସ୍ନେହ ଆଦର କି ସହଜରେ ଭୁଲିବାର ? ତାଙ୍କର ସେ ନିଷ୍କପଟ ସ୍ନେହାଦର ଜୀବନସାରା ଏ ବା କିଏ ଦେଇ ପାରିବେ ? କେବଳ ଶେଷ ଥର ପାଇଁ ସେମାନଙ୍କୁ ଥରେ ଦେଖି ଆସିବେ ନାହିଁ, ପରେ କିଛି ଅସିବେ ନାହିଁ ? ଏତେ ଅନୁଚିନ୍ତା ନବକିଶୋର ।

ନବକିଶୋର ଗ୍ରାମକୁ ଫିରିବାର ସଙ୍କଳ୍ପ କରି ସିନ୍ଧାଙ୍କୁ ଜଣାଇଲେ । କୈଳାସଚନ୍ଦ୍ରଙ୍କୁ ଲକ୍ଷଣାର ନିରୁଦ୍ଦେଶ ଖବର ଅବଗତ ନ ଥିଲା । ସେ ଏଥର ଯାଏ କିଛି ଆପତ୍ତି କଲେ ନାହିଁ । ନବକିଶୋର ଦୁଇ ଦିନ ଛୁଟି ନେଇ ଜନ୍ମଭୂମି ଅଭିମୁଖରେ ଯାତ୍ରା କଲେ ।

ସନ୍ଧ୍ୟା ହେବାକୁ ଅଳ୍ପ ସମୟ ଅଛି । ମେଘ ଝିପି ଝିପି ବୁନ୍ଦା ଝାଡୁଛି । ବୃଦ୍ଧା ଦେଈ ପିଣ୍ଡା ଉପରେ ବସିଛନ୍ତି—ସତେ ଯେପରି କାହାର ଧାଡ଼ି ଗଣିବାରେ ନିବିଷ୍ଟମନା । ଚମ୍ପା ପଧାନସାହିକୁ ଖେଳିବାକୁ ଯାଇଥିଲା । ଦୌଡ଼ି ଆସି କହିଲା, "ବୋଉ, ନବ ଭାଇ...।" ବୃଦ୍ଧା ଦେଈ ଚମକି ଉଠିଲେ । ନବକିଶୋର ବ୍ୟାଗଟି ପିଣ୍ଡା ଉପରେ ଥୋଇ ଦେଇ ତଳେ ମୁଣ୍ଡ ଲଗାଇ ପ୍ରଣାମ କଲେ । ବୃଦ୍ଧା ଦେଈ ତାଙ୍କର ବାମ ହସ୍ତଟିକୁ ନିଜର ଦୁଇ ହସ୍ତରେ ଦୃଢ଼ଭାବେ ଧରି କାନ୍ଦିବାକୁ ଲାଗିଲେ । ନବ-କିଶୋର ବଡ଼ ଆଶ୍ଚର୍ଯ୍ୟ ବୋଧକଲେ । ସେ ଖୁଡ଼ୀଙ୍କ କନ୍ଦନର କାରଣ ବୁଝି ନ ପାରି ମନେ ମନେ ବିରକ୍ତ ହେଉଥିଲେ ହେଁ କିଛି ନ କହି ରହି ପାରିଲେ ନାହିଁ । ଗଙ୍ଗାଧର ଘର ଭିତରୁ ଆସି ଦେଖିଲେ, ନବକିଶୋର ଓ ବୃଦ୍ଧା ଦେଈ ଉଭୟଙ୍କ ଚକ୍ଷୁରେ ପାଣି । ସେ ବୃଦ୍ଧା ଦେଈଙ୍କୁ ସାନ୍ତ୍ୱନା ଦେଇ ସ୍ଥାନାନ୍ତରକୁ ନେଇଗଲେ ।

ଜଳଯୋଗର ବ୍ୟବସ୍ଥା ପରେ ନବକିଶୋର ସ୍ଥିର ହୋଇ ବସନ୍ତେ ଗଙ୍ଗାଧର ତାଙ୍କ ଘର ସମସ୍ତ ଦୁଃଖକାହାଣୀ କହିବସିଲେ । ସେ ଯେତେ-ବେଳେ ଶୁଣିଲେ, ସୁନ୍ଦରମଣି ହେଉଛି ଲକ୍ଷଣା ସ୍ୱ-ଇଚ୍ଛାରେ ଗୃହତ୍ୟାଗ କରିଛି । ସେ ବର୍ତ୍ତମାନ ନିରୁଦ୍ଦେଶ—ତାର କୌଣସି ଖବର ଜଣା ନାହିଁ, ତାଙ୍କର ମୁଣ୍ଡ ବୁଲିବା ହେଲା । ସେ ଦୁଇ ବର୍ଷ ତଳେ ବନନେଶୀ ଟେନାସୁଦଙ୍କର ଯେଉଁ ପତ୍ର ଦେଖିଥିଲେ, ସେଥିରେ ଲେଖା ଥିଲା-'ଗ୍ରାମବାସୀମାନେ ସମସ୍ତ କଥା ଗୋପନ ରଖି ଦୁଲଣା ଲକ୍ଷଣାକୁ କଲ୍ୟାଣପୁରରେ ବିବାହ ଦେଇ-ଛନ୍ତି, ସେ ତେବେ ମିଥ୍ୟା କଥା ? ଏପରି ମିଥ୍ୟା-ପତ୍ର ହେବାର ଅର୍ଥ କଣ ?

ଦୁଇଁ ଶୁଣିଲେ, ସେ କଲିକତାରେ ମୋଟାଏ କଙ୍ଗାଳୁଣୀକୁ ବିବାହ କରିଥିବା କଥା ଶୁଣିଥିଲେ, ତାଙ୍କ ଯେବେ ଗଙ୍ଗାଧରଙ୍କୁ ଆଉ ବାଃ ଡାକୁ

ହୋଇ ନାହାନ୍ତି । ନାନାପ୍ରକାର ଲୁପ୍ତଭାଷ ବହୁଛନ୍ତି । ସ୍ୱାମୀ ଦେଇଛନ୍ତି କଥା ଅଛି—ସେ ଲୁପ୍ତଭାଷ ହସ୍ତରେ ଫୁଲ ବର୍ଷ ହେଉଛି ଦାଣ୍ଡଦୁଆର ମାଡ଼ ନାହାନ୍ତି । ନବକିଶୋର ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ପିତା ତାଙ୍କର ଏ କଥା ପୁଣି କହିବା କରୁଛନ୍ତି—ଏହାର ଅର୍ଥ କଣ ? ଉଦ୍ଦେଶ୍ୟ କଣ ? ସେ କିଛି ବୁଝିପାରିଲେ ନାହିଁ । ପତ୍ନୀସଜ୍ଜିତ ଲଳିତାର ସେହି ପତ୍ରଖଣ୍ଡି ବ୍ରହ୍ମ ଶତରୁ ବାହାର କରି ଗଙ୍ଗାଧର ନବକିଶୋରଙ୍କ ହାତକୁ ବଢ଼ାଇ ଦେଲେ । କହିଲେ, "ଲଳିତା ମୃତ୍ୟୁ ଭୋଗ କରିବା ପରେ ଏ ପତ୍ର ଖଣ୍ଡି ପାଇଛି ।" ନବକିଶୋର ପତ୍ରଖଣ୍ଡି ହାତରେ ଧରି କଲ୍ପନାତୀତ ସୁଖ ଅନୁଭବ କଲେ । ଲଳିତାର ପତ୍ର—ସ୍ନେହମୟୀ ଲଳିତାର ପତ୍ର । ଦୀର୍ଘ ଚାରି ବର୍ଷ ପରେ ଆଜି ଲଳିତାର ପତ୍ର ଖଣ୍ଡେ ନବକିଶୋର ପ୍ରାପ୍ତ ହେଲେ । ସେ ଚକ୍ଷୁବିଶ୍ୱକୁ ଥରେ କୁଞ୍ଚିତ କଲେ, କିଛିରେ ଆଖି ଦେଖୁ ପଡ଼ି କି ନାହିଁ । ଗଙ୍ଗାଧର ସେତେବେଳକୁ ସେ ସ୍ଥାନ ତ୍ୟାଗ କରିଥିଲେ । ନବ—କିଶୋର ପତ୍ରକୁ ନେଇ ପ୍ରଥମେ ଓଷ୍ଠ ସ୍ପର୍ଶ କଲେ । ତା ପରେ ହୃଦୟରେ କ୍ଷଣକାଳ ରଖିଥାଇ ବକ୍ଷସ୍ଥରେଣ ଉନ୍ମୋଚନପୂର୍ବକ ପାଠ କରିବାକୁ ଆରମ୍ଭ କଲେ ।

"ଜୀବିତେଶ !

ଅଭାଗିନୀର ସାଷ୍ଟାଙ୍ଗ ପ୍ରଣିପାତ ଗ୍ରହଣ କରିବେ !

ବାଲ୍ୟକାଳରୁ ମୁଁ ତୁମକୁ ସ୍ୱଦେବତାରୂପରେ ଦେଖି ଆସୁଥିଲି ଏବଂ ତୁମକୁ ଅର୍ପଣ କରି ମୋର ଜୀବନଟି ଗଢ଼ିବାର ବାସନା ଥିଲା ; କିନ୍ତୁ ଜାଣି ନ ଥିଲି, ଦିନେ ତୁମେ ମୋର ପ୍ରାଣର ଅଧୀଶ୍ୱରରୂପେ ପୂଜିତ ହେବ । କେବଳ ଜାଣିଥିଲି, ତୁମେ ପ୍ରଭୁ—ମୁଁ ଦାସୀ । ଏହି ପ୍ରଭେଦ ଥିଲା ତୁମର ମୋର ଆଉ କି ପ୍ରଭେଦ, ତାହା ମୋର ଜ୍ଞାନ ନ ଥିଲା । ତଥାପି ତୁମକୁ ମୁଁ ଦିନେ ହୃଦୟେଶ୍ୱରରୂପେ ପୂଜା କରିବି, ଏ କଥାକୁ କ୍ଷଣକ ପାଇଁ ହୃଦୟରେ ସ୍ଥାନ ଦେଇ ନ ଥିଲି । ଯେଉଁ ଦିନ ମୁଁ ତୁମକୁ ପୁରସ୍କାର ପ୍ରାର୍ଥନା କରିବାକୁ ଯାଇଥିଲି, ସେ ଦିନ ମଧ୍ୟ ମୋର ମନରେ ସେପରି କୌଣସି ବାସନା ନ ଥିଲା; କିନ୍ତୁ ତୁମେ ଯେତେବେଳେ ମୋ କଥାର ଭାବାର୍ଥ କରି ଅଯାଚିତ ଭାବରେ ମୋତେ ତୁମର ହୃଦୟ ଦାନ କଲ, ସେହି ଦିନଠୁ,

ସେହି ମୁହୂର୍ତ୍ତରୁ ମୁଁ ଜାଣିଲି, ତୁମେ ମୋର ହୃଦୟ-ରାଜ୍ୟର ଏକମାତ୍ର ଅଧୀଶ୍ୱର । ସେହି ଅବଧି ମୁଁ ତୁମକୁ ପ୍ରାଣଦେବତା ରୂପେ ପୂଜା କରି ଆସୁଛି ।

ଏତ ବାଲ୍ୟକାଳରୁ ତୁମ ପ୍ରତି ମୋର ସ୍ନେହମମତା ଥିଲା ସତ; ମାତ୍ର ସେ ପର୍ଯ୍ୟନ୍ତ ଦେବତାରୂପେ ହୃଦୟରେ ସ୍ଥାନ ଦେଇ ନ ଥିଲି, ସେ ପର୍ଯ୍ୟନ୍ତ ତୁମର ବିଚ୍ଛେଦ ବେଦନା ସୁଖେ ଦୁଃଖେ ସହ୍ୟ କରି ଯାଉଥିଲି; କିନ୍ତୁ ଯେଉଁ ଦିନ ମୋର ଏ ଜୀବନକୁ ତୁମର ଚରଣ ତଳେ ବିକ୍ରୟ କରି-ଦେଲି, ସେହି ଦିନଠାରୁ ମୋ ଉପରେ ମୋର କୌଣସି ଅଧିକାର ରହିଲା ନାହିଁ । କିନ୍ତୁ ମୁଁ ଅସ୍ଥିରଭାବେ ରହି ପାରିଲି ନାହିଁ । ତୁମ ବିନା ସଂସାରର ଆଉ କୌଣସି ପଦାର୍ଥ ମୋର ଦୃଷ୍ଟିଗୋଚର ହେଉ ନାହିଁ । ତୁମ ବିରହରେ ମୁଁ ଯେ କି କଷ୍ଟ ଅନୁଭବ କରେ, ତାହା ପ୍ରକାଶ କରିବାକୁ ମୋର ଶକ୍ତି ନାହିଁ । ତୁମେ ଗ୍ରାମ ଛାଡ଼ିବାର ଅଳ୍ପ ଦିନ ବର୍ଷ ହୋଇଗଲାଣି । ଏତେ-ଦିନଯାଏ ମୁଁ କିପରି ଭାବରେ ଦିନ କଟାଇଛି, ତାହା ସର୍ବାନ୍ତର୍ଯ୍ୟାମୀ ପରମେ-ଶ୍ୱରଙ୍କ ବ୍ୟତୀତ ଆଉ କେହି ଜାଣନ୍ତି ନାହିଁ ବୋଧହୁଏ । ଆଉ ଏଣିକି ମୁଁ ସହ୍ୟ କରି ପାରୁ ନାହିଁ । ମୋର ଏତେଦୂର ଦୁର୍ଭାଗ୍ୟ, ଆଜିଯାଏ ତୁମର କୌଣସି ଖବର ବୁଝି ପାରିଲି ନାହିଁ । ସେଥିପାଇଁ ତୁମକୁ ମୁଁ ଦୋଷ ଦେଉ ନାହିଁ । ଯାହା ଘଟିବାର ଥିଲା ଘଟିଯାଇଛି ।

କିଛି ଦିନ ପରେ ଆଜି ମୁଁ ଦୃଢ଼ସଂକଳ୍ପ ହୋଇ ତୁମ ଉଦ୍ଦେଶ୍ୟରେ ଜନ୍ମଭୂମି ତ୍ୟାଗ କରୁଛି । ତୁମେ ମୋତେ ଭୁଲିଯାଅ—ନ ପଶ୍ଚାତ୍‌ଗ୍ରହଣ ନ କର; କିନ୍ତୁ ମୁଁ ତୁମ ବ୍ୟତୀତ ଆଉ କାହାରିକୁ ଜାଣେ ନାହିଁ । ମୋର ଏହି ସଂକଳ୍ପ ଯଦି ଦୟାମୟ ପରମେଶ୍ୱର ସଫଳ କରନ୍ତି, ତେବେ ଏ ପତ୍ରର ଆଉ ଆବଶ୍ୟକ ହେବ ନାହିଁ କି ତୁମେ ଏ ପତ୍ର ଦେଖିବାକୁ ପାଇବ ନାହିଁ । ଯଦି ଈଶ୍ୱରଙ୍କର ଇଚ୍ଛା ଅନ୍ୟ ପ୍ରକାର ଥାଏ, ତେବେ ଏ ପତ୍ରଖଣ୍ଡିକରୁ ସମସ୍ତ ବିଷୟ ଅବଗତ ହେବ । ଯଦି ଏ ପତ୍ର ମୋର ଶେଷ ପତ୍ର ହୁଏ, ତେବେ ତୁମେ ଦୁଃଖିତ ହେବ ନାହିଁ । ମୋର ଭାଗ୍ୟାନୁସାରେ ମୁଁ ଫଳ ଭୋଗ କରିବି । ତୁମେ ମୋ ପାଇଁ ବିଚଳିତ ହୋଇ ତୁମର ସୁନାର ସଂସାରକୁ ତୁଚ୍ଛା କରିବ ନାହିଁ । ତୁମେ ସୁଖୀ ହେଲେ ମୁଁ ତୁମର ସେହି ସୁଖର ନିଶ୍ଚୟ ସମଭାଗିନୀ ହେବି । ମୋର ଏହି ଶେଷ ଅନୁରୋଧ, ଯଦି ତୁମର ମୋଠାରେ

'ମାୟା, ମମତା, ସ୍ନେହ ଆଦି, ସେତେବେଳେ ତୁମେ ତୁମର ଜୀବନକୁ କଦାପି ଦୁଃଖମୟ କରିବ ନାହିଁ । ଅଭାଗିନୀ ଲଳିତାର ଶେଷ ନିବେଦନ ରକ୍ଷା ତ ହେବ ନାହିଁ । ତୁମେ ସୁଖପାତ୍ର, ଲଜ୍ଜା ପରିହାର ହୋଇ ମୁଁ ଏପରି ଲେଖିଲି; କିନ୍ତୁ ପତ୍ରଟିର ପ୍ରତି ମୋର ହୃଦୟ–ବେଦନା ଜାଣନ୍ତୁ । ଦିବାନିଶି ମୁଁ ସେହି ପ୍ରଭୁଙ୍କର ଚରଣ ତଳେ ପ୍ରାର୍ଥନା କରୁଛି—ମୋର ହୃଦୟେଶ୍ୱର ସେ ଜଗତରେ ଯେପରି ସୁଖୀ ହେବେ, ତାଙ୍କୁ କୃପାଦୃଷ୍ଟି ପ୍ରଦାନ କରନ୍ତୁ ପ୍ରଭୁ ! ତୁମେ ବଞ୍ଚିଛ ବୋଲି ମୁଁ କଦାପି ଦୁଃଖିତା ନୁହେଁ, ଏହା ଧ୍ରୁବ ସତ୍ୟ ଜାଣିବ ଇତି ।

ତୁମର ପ୍ରଣୟାଭିଳାଷିଣୀ ଅଭାଗିନୀ
ଲଳିତା"

ନବକିଶୋର ଏକ ନିଃଶ୍ୱାସରେ ସେ ପତ୍ରଖଣ୍ଡି ପାଠକଲେ । ମନ ତୃପ୍ତ ହେଲା ନାହିଁ । ଆଉ ଥରେ ପାଠକଲେ—ବାରମ୍ବାର ପାଠକଲେ; ତଥାପି ମନ ତୃପ୍ତ ହେବାକୁ ଚାହେଁ ନାହିଁ । ଲଳିତା କେବଳ ତାଙ୍କର କଲ୍ୟାଣରେ ଶୁଦ୍ଧ ଧ୍ୟାନ କରିଛନ୍ତି । ପତ୍ର ଉପରେ ଦୃଷ୍ଟି ରଖି ସ୍ମରିବାକୁ ଲାଗିଲେ । ଦମୀ କେତେବେଳେ ତାଙ୍କ ପାଖରେ ଆସି ବସିଲାଣି, ସେ ଜାଣି ପାରି ନାହାନ୍ତି । ସେ ଲଳିତା ବିଷୟରେ ଭାବୁଛନ୍ତି, ଏହା ଅନୁମାନ କରି ଦମୀ କହିଲା, "ତମେ ତ ଆସିଲ ନାହିଁ, ଖଣ୍ଡେ ବି ଦେଇ ନାହିଁ । ଅପା ତମ ପାଖକୁ କେତେ ଚିଠି ଲେଖିଛି ।" ନବକିଶୋର ଚମକି ଉଠିଲେ । ଲଳିତା କଣ ତାଙ୍କ ପାଖକୁ ଚିଠି ଦେଇଥିଲା ? ସେ ତାର ଖଣ୍ଡିଏ ବି ଚିଠି ପାଇ ନାହାନ୍ତି । ଦମୀ ଅଭିମାନ ସ୍ୱରରେ କହିଲା, "ଅପା କେଣ ଖଣ୍ଡେ ଚିଠି ଲେଖିଛି ? ଦଶ କି ବାର ଖଣ୍ଡ ଚିଠି ଦେଇଥିବ । ପୁଣି ଡାକପାଳ ହାତରେ ସେ ସେ ଚିଠି ଦେଲେଣି ।" ଏ ସମସ୍ତ କଥା ନବକିଶୋରଙ୍କୁ ଅଦ୍ଭୁତ ଜାଲ ପରି ବୋଧ ହେଲା । ସେ ଏହାର ରହସ୍ୟ ଭେଦ କରି ନ ପାରି ବ୍ୟସ୍ତ ହୋଇ ଉଠିଲେ । ଭାବିଲେ, "ବାପାଙ୍କର ଏତେଗୁଡ଼ାଏ ମିଥ୍ୟା କଥା କହିବାର ପ୍ରୟୋଜନ କଣ ? ଧନମଣି ପଞ୍ଚାୟତ ଯେଉଁ ପତ୍ର ଲେଖିଥିଲେ, ସେ ନିଶ୍ଚୟ ବାପାଙ୍କର କୌଶଳ । ଏହାର ଅର୍ଥ କଣ ? ଲଳିତାକୁ ମୋଠାରୁ ଦୂରରେ ରଖିବା ଅଭିପ୍ରାୟରେ ଏ ସମସ୍ତ ଷଡ଼ଯନ୍ତ୍ରର ସୃଷ୍ଟି ହୋଇଥିବ ।

କାଟିବ, ପରିବାର ବନ୍ଧୁବେଷ୍ଟିତ ତ ହୋଇଥାନ୍ତା, "ଲଳିତା ସହିତ ତୋର ବିବାହ ହୋଇ ପାରିବ ନାହିଁ କିବା ! ତୋର ତା ସହିତ ଆଉ କୌଣସି ସମ୍ପର୍କ ରହିବା ଉଚିତ ନୁହେଁ ।" ତାହା କ କରି ଏବେ 'ଭୁଲ ସଂଶୋଧନ'ରୁ କାହିଁ ଘଟାଇବାର କି ଆବଶ୍ୟକତା ଥିଲା ? ପିତାଙ୍କ ପ୍ରତି ତାଙ୍କର ଘୃଣା ଜାତ ହେଲା । ସେ କ୍ଷଣରେ ପଶ୍ଚିମ-କୋଳର ଜଳରେ ବୁଡ଼ିବାକୁ ଲାଗିଲେ ।

ପ୍ରଭାତ ହେଲା, ନବକିଶୋର ସେତେବେଳେ କଲିକତା ଫେରି-ଯିବାକୁ ପ୍ରସ୍ତୁତ ହେଲେ, ରମାଧର ଶଯ୍ୟା ଦେଇ ହେଲେ ସମ୍ଭାଳି ପାରିଲେ ନାହିଁ । ନବକିଶୋରଙ୍କର ହାତ ଧରି ଶଯ୍ୟା ଦେଇ ଅକୁ-ସ୍ୱରରେ କାନ୍ଦିବାକୁ ଲାଗିଲେ । ନବକିଶୋର କହିଲେ, "ଶୁଣ, ତମେ ବ୍ୟସ୍ତ ହୁଅନା, ଲଳିତା ନିଶ୍ଚୟ ଜୀବନରେ ଅଛି । ମୁଁ କଲିକତା ଯାଉ ନାହିଁ; ଯାଉଛି ତାକୁ ଖୋଜିବାକୁ । ତାକୁ ସଙ୍ଗରେ ନେଇ ଫେରିବି । ନ ହେଲେ ମୋର ଏଇ ଶେଷ ଦେଖା !"

ଦିନ ବାରଟା ହେବ । କୈଳାସଚନ୍ଦ୍ର ବିଶ୍ରାମ କରୁଥିଲେ । ନବକିଶୋର ଦ୍ୱାରରେ ପହଞ୍ଚି ଦେଖିଲେ ପିତାଙ୍କର ଶଯ୍ୟାପାର୍ଶ୍ୱରେ ତାଙ୍କର ହାତ ବାକ୍ସଟି ଖୋଲା ହୋଇ ପଡ଼ିଛି । ବାକ୍ସଭିତରେ ଗୋଟାଏ ଛୋଟ ରଙ୍ଗର ଲଫାଫା ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ଉପରେ ତାଙ୍କରି ନାମ ଲେଖା । ସେ ଆଶ୍ଚର୍ଯ୍ୟ ହୋଇଗଲେ, ଏ ଯେ ଲଳିତାର ହସ୍ତାକ୍ଷର !

ଖୋଲି ପଢ଼ିଲେ—

"ହୃଦୟେଶ୍ୱର !

ଅଭାଗିନୀର ପ୍ରଣାମ ଗ୍ରହଣ କରିବ । ତମର ହୃଦୟ ଏପରି କଠିଣ ହୋଇଥିବାରୁ, ମୁଁ ସ୍ୱପ୍ନରେ ବି ଭାବି ନ ଥିଲି । ଏତେ ଖଣ୍ଡ ପତ୍ର ଦେଲିଣି, ଖଣ୍ଡେ ମାତ୍ର ପ୍ରତ୍ୟୁତ୍ତର ନାହିଁ । ... ... ନବକିଶୋର ଆଉ ପଢ଼ି ପାରିଲେ ନାହିଁ । ତାଙ୍କର ମସ୍ତକରେ ଯେପରି ହିମାଳୟର ଉଚ୍ଚତମ ଶୃଙ୍ଗ-ଟାକୁ ଆଣି ଥୋଇ ଦେଲା ଭଳି । ସେ ଅଳ୍ପ ମାତ୍ର କିଛିକ୍ଷଣ ସ୍ଥିର ହୋଇଗଲେ । ତାପରେ ତାଙ୍କର ଲୋଲୁପ ଦୃଷ୍ଟି ପୁଣି ସେହି ବାକ୍ସ ଭିତରକୁ ଧାଇଁଲା । ସଜା ହୋଇ ଅଛି ବହୁତଗୁଡ଼ାଏ ଚିଠି ରହିଛି । ଉଠାଇ ଦେଖିଲେ, ସବୁ ସମସ୍ତ ଲଳିତାର ହାତ-ଲେଖା ! ପତ୍ରସବୁ ଗୋଟାଇ ଧରି ତାଙ୍କର

ବୋଠସ୍ ଅଡକୁ ଗୁଳଲେ । କିନ୍ତୁ ସ୍ୱର ଅବସର ହୋଇ ଜଣ ଢୁକଲେ କେଉଁଠାଣି ହସ୍ତମୁଷ୍ଟି ଏକଗୁଚ୍ଛ ନୀଳର ଦୋଷ ପଦୋଷରେ ବର୍ଣ୍ଣିତ ବ୍ୟୁତ ତଦଯୋଗରେ ତାହାଙ୍କୁ ପଳାଇଗଲେ ।

---

# ଏକବିଂଶ ପରିଚ୍ଛେଦ

ଲଳିତା ସେ ଦିନ ତାଙ୍କ ଓ ଜବାଜକୁ ଲୁଚି ଘରୁ ପଳାଇ ଆସି ହେଟେଲେ ପଞ୍ଚାମୃତ୍ରେଶଳରେ ପହଞ୍ଚିଲା, ସେତେବେଳକୁ ବୃନ୍ଦା ବାଜ-ଗଲାଣି । ପଞ୍ଚାମୃତ୍ରେଶଳରୁ ଜଗନ୍ନାଥଙ୍କ ଯାତ୍ରାମ୍ଭ କରୁଥିବା ମୋଟର ଯାତ୍ରୀ ସଂଗ୍ରହ କରୁଛି । ତାର ମନୋରଥ ପୂର୍ଣ୍ଣ ହେଲା । ସେ ସେହି ମୋଟରରେ ବସି ଗ୍ରାମର ପ୍ରିୟ କୁଟଳଭାସବୁକୁ ଛାଡ଼ି ଜଗନ୍ନାଥଙ୍କ ଅଭିମୁଖରେ ଗଲା ।

ତାହାକୁ ସ୍ଟେସନରୁ ପାଞ୍ଚ ଅର୍ଦ୍ଧମାଇଲ ଦୂରରେ ବଡ଼ରାସ୍ତା କଡ଼ରେ ଶିଳ ପାନର ଦୋକାନଟିଏ । ଜଣେ ବର୍ଣ୍ଣର ଗୋଟିଏ ରମଣୀ ଦୋକାନରେ ବସି ଶିଳ ଦୋକୁଛି । ଅର୍ଦ୍ଧଘଣ୍ଟା ପୂର୍ବରୁ ପୁଷ୍ପ ପାସେଞ୍ଜର ଆସି ସ୍ଟେସନରେ ପହଞ୍ଚିଛି । ଲଳିତା ସହରର ଭଡ଼ ଅଜ୍ଞାତ ଟିକେ କମିଯାଇଛି । ରାସ୍ତାରେ ଟ୍ରାମ୍, ବସ୍, ଟାକ୍ସି, କାର୍, ଘୋଡ଼ା, ରିକ୍ସା ପ୍ରଭୃତି ଯାନମାନ ନାନା ଅଡ଼ାକୁ ପକାଇ ଧାଉଁଛି । ଫୁଟପାଥ୍ ମଧ୍ୟ କମ୍ ଜନାକୀର୍ଣ୍ଣ ନୁହେଁ । ପାନବାଲୀ ରାସ୍ତାର ଜୁଣୀଏକୁ ଅନ୍ୟମନସ୍କ ଭାବରେ ଗୁଡ଼ିଲା, ସହସା ଜଣେ ସନ୍ନ୍ୟାସିନୀ ଉପରେ ତାର ନଜର ପଡ଼ିଲା । ସନ୍ନ୍ୟାସିନୀଟି ବାସ୍ତବରେ ଅପୂର୍ବ । ବୟସ ତେଇଶ ଚବିଶରୁ ବେଶି ନୁହେଁ । ସର୍ବାଙ୍ଗରେ ଉଦ୍ଦାମ ଯୌବନର ନଗ୍ନ ମାଧୁରୀ ପ୍ରସ୍ଫୁଟିତ । ଅପ୍ରତିହତ ସୌନ୍ଦର୍ଯ୍ୟ । ଆଖି ତାର ଝାଡ଼ଣିରେ ସତେ ଯେପରି ସ୍ୱର୍ଗୀୟ ସୁଷମା ଢାଳି । ପାନବାଲୀ ବଡ଼ ସହେଇରେ ସନ୍ନ୍ୟାସିନୀକୁ ଡାକିଲା । ସେ ମଧ୍ୟ ବିନା ବାକ୍ୟବ୍ୟୟରେ ତା ନିକଟରେ ପହଞ୍ଚିଲା ଏବଂ ଅନୁରୋଧର ଅପେକ୍ଷା ନ କରି ନିକଟସ୍ଥ ଗୋଟିଏ କାଷ୍ଠାସନରେ ବସି ଘର୍ମ ମୋଚନ କରିବାରେ ଲାଗିଲା । ପ୍ରାୟ ଏକ ଘଣ୍ଟା ଧରି ଉଭୟଙ୍କ ମଧ୍ୟରେ କେ

ହସ୍ତ କଥୋପକଥନ ଶୁଣିଲା, ତାର ସାରମର୍ମ ହେଉଛି, ଲଳିତା ନବକିଶୋରଙ୍କର ପରିଣୀତା ହେବେ ।

ପାନବାଲୀର ଘର ହୁଗ୍ଲି ଜିଲ୍ଲାରେ । ତାର ସ୍ୱାମୀ ଜଣେ ମୋସ୍ତା-ସାହେବଙ୍କ ନିକଟରେ ମଟର ଡ୍ରାଇଭର କାମ କରୁଥିବାବେଳେ ସେ ସ୍ୱାମୀ ସହିତ କଲିକତାରେ ବାସ କରୁଥିଲା । କିନ୍ତୁ ଦୁଇ ବର୍ଷ ହେବ ସ୍ୱାମୀ ତାର ଇହଧାମ ପରିତ୍ୟାଗ କରିଛି । ବର୍ତ୍ତମାନ ଦ୍ୱାଦଶ ବର୍ଷୀୟ ଏକମାତ୍ର ପୁଅ ବ୍ୟତୀତ ତାର ଆପଣାର ଆଉ କେହି ନାହାନ୍ତି । ବସ୍ତି ଗୋଟିଏ କମ୍ପାନୀରେ ଚାକିରି କରେ । ତୁଳି ତୁଳି ପାନବାଲୀ ବନେଇ ବସିବା ତାର କାମ । ସେ ତାର ନିଜ ପାନ ଦୋକାନଟି ଛାଡ଼ି ରହିଥାଏ ।

ସନ୍ନ୍ୟାସିନୀର ପରିଚୟ ପାଠକମାନଙ୍କୁ ବୋଧ ହୁଏ ଅବିଦିତ ନ ଥିବ । ସେ ଅମ୍ଭମାନଙ୍କର ପରିଚିତା ଲଳିତା ଭିନ୍ନ ଅନ୍ୟ କେହି ନୁହେଁ ।

କଲିକତାରେ ଠିଆ ସ୍ଥାନ ପ୍ରାପ୍ତ ହେଲା । ପାନବାଲୀ ଲଳିତାକୁ ପାଇ ବଡ଼ ଆନନ୍ଦିତ ହୋଇ ଉଠିଲା । ଲଳିତା ଯେ ତାହାର ଅପୂର୍ବ ଭୁବନେଶ୍ୱରୀ ମଧ୍ୟରେ କିଛି ଆନନ୍ଦ ଅନୁଭବ ନ କଲା, ସେ କଥା କହିହେବ ନାହିଁ । ସେ ସୁଦୂର କଲିକତା ସହରକୁ ଆସି ଏପରି ଅପ୍ରତ୍ୟାଶିତ ଭାବରେ ସହୃଦୟା ଜଣେ ବଙ୍ଗଳୀୟ ରମଣୀର ସାକ୍ଷାତ୍ ଲାଭ କରିବ, ତାହା ସେ ସ୍ୱପ୍ନରେ ବି କେବେ ଭାବି ନ ଥିଲା । ସେ ପାନବାଲୀର ନିଷ୍ଠ ବ୍ୟବହାରରେ ସେଠାରେ ରହିବାକୁ ଦ୍ୱିଧା କଲା ନାହିଁ ।

ସର୍ବଦା ଧରି ମାନସିକ ଅଶାନ୍ତିରେ ଲଳିତା ନବକିଶୋରଙ୍କର ଦେଖା-ଶୁଣି ଭୁଲିଯାଇଛି । ବିଶାଳ କଲିକତା ନଗରୀ ମଧ୍ୟରେ ନବକିଶୋରଙ୍କୁ ଖୋଜି ବାହାର କରିବା କେତେ ଦୁରୂହ ବ୍ୟାପାର, ତାହା ସେ ପ୍ରାଣେ ପ୍ରାଣେ ଅନୁଭବ କଲା । କିନ୍ତୁ ପାନବାଲୀ ନବକିଶୋରଙ୍କର ଅନୁସନ୍ଧାନ ନିମନ୍ତେ ତାର ପୁଅକୁ ନିଯୁକ୍ତ କରିବାରୁ ଲଳିତାକୁ ସେ ବିଷୟରେ ବିଶେଷ ଭାବିବାକୁ ହେଲା ନାହିଁ ।

ଦିନ ପରେ ଦିନ, ମାସ ପରେ ମାସ କଟିଗଲା । କିନ୍ତୁ ନବକିଶୋରଙ୍କର କୌଣସି ଖବର ମିଳିଲା ନାହିଁ । ଲଳିତାର ପ୍ରାଣ ପୁଣି ଅଧୀର ହୋଇ ଉଠିଲା । ପାନବାଲୀର ଶତ ସାନ୍ତ୍ୱନା ତାର ସେ ଅଧୀରତା

ନିବାରଣ କରି ପାରିଲା ନାହିଁ । ସେ ମନେ ମନେ ସ୍ଥିର କଲା, କଟକ ଅଣ୍ଡା ନ ରହିଲେ କାର୍ଯ୍ୟୋଦ୍ଧାର ଅସମ୍ଭବ ।

ନବାବ ସଲ୍ୟାସିଙ୍ଗ ଲଙ୍ଗା ଛଦ୍ମବେଶରେ ଦ୍ୱାରେ ଦ୍ୱାରେ ବୁଲି ବୁଲି କର୍ଣ୍ଣେଲ ବୁଝାଠାରୁ ଶୁଣିଲେ—"ସେ ବଜାରରେ ଜଣେ ଓଡ଼ିଆ ବୃଦ୍ଧ ଲୋକ ଥିଲେ । ସେ ଜନୈକ ଗୋଟିଏ ମୁଦି ଦୋକାନରେ କାର୍ଯ୍ୟ କରୁଥିଲେ । ତାଙ୍କର ଗୋଟିଏ ପୁଅ ମଧ୍ୟ ତାଙ୍କ ପାଖରେ ରହି ପଢୁଥିଲେ । ଅଳ୍ପଦିନ ହେବ ସେ ଡାକ୍ତରୀ ପାସ୍ କରିଛନ୍ତି । କିନ୍ତୁ ପିତାଙ୍କର ମୃତ୍ୟୁ ହେବାରୁ ସେ କେଉଁଆଡେ ଚାଲିଗଲେଣି ।

ଲଳିତା ଜାଣିପାରିଲା, ଦେବିଲାଲ ଚଉଧୁରୀଙ୍କର ଏଠାରେ ମୃତ୍ୟୁ ହୋଇଛି ଏବଂ ନବକିଶୋର ଡାକ୍ତରୀ ପାସ୍ କରିଛନ୍ତି । ନବକିଶୋର କୌଣସି ଡାକ୍ତରଖାନାରେ ଚାକିରି କରୁଥିବା ଖବର ସେ ଡାକ୍ତରଖାନାକୁ ଯାଇଁ ଅନୁସନ୍ଧାନ କରିବା ନିମିତ୍ତ ମନେ ମନେ ସ୍ଥିର କଲା ।

ବଳବତ ଇଚ୍ଛା କିନ୍ତୁ ଫଳବତ ଦୈବ । ଲଳିତା ବୁଲି ବୁଲି ଦିନେ ଦେଖିଲା ଗୋଟିଏ ମୁମୂର୍ଷୁ ବୃଦ୍ଧା ରାସ୍ତା ଉପରେ ପଡ଼ି ଛଟପଟ ହେଉଛି । ସେ ରାସ୍ତାରେ ଅସଂଖ୍ୟ ଲୋକ ଯାତାୟାତ କରୁଥିଲେ ମଧ୍ୟ କେହି ତାହାର ଦୁଃଖରେ ସମବେଦନା ପ୍ରକାଶ କରିବାକୁ ମୁହୂର୍ତ୍ତେ ମାତ୍ର ଅବସର ପାଉ ନାହାନ୍ତି । ଲଳିତାର ନାରୀ-ହୃଦୟ ସେ ମୁମୂର୍ଷୁର କାତର ଚିତ୍କାରକୁ ଉପେକ୍ଷା କରି ପାରିଲା ନାହିଁ । ସେ ପାଖକୁ ଯାଇ ଦେଖିଲା, ତାର ମସ୍ତକରେ ଆଘାତ ଲାଗି ଅଜସ୍ର ଧାରରେ ରକ୍ତପାତ ହେଉଅଛି । ଦୁଇ ଚକ୍ଷୁ ମଧ୍ୟ ବୁଜି ଯାଇଛି । ବୋଧହୁଏ କୌଣସି ବେଗଗାମୀ ଯାନର ସଂଘର୍ଷରେ ବୁଢ଼ୀର ଏ ଦୁରବସ୍ଥା । ଯାହା ହେଉ, ଲଳିତା ସେ ବିଷୟରେ ଅଧିକ ନ ଭାବି ରୋଗୀର ଶୁଶ୍ରୂଷା କରିବାରେ ଲାଗିଲା । ନିଜ ପଣତରୁ ବସ୍ତ୍ରାଂଶ ଚିରି କରି ମସ୍ତକରେ ବାନ୍ଧିବାକୁ ଯାଉଛି, ସହସା ପୋଲିସ୍ ଆସି ଉପସ୍ଥିତ ହୋଇ ରୋଗୀକୁ ଡାକ୍ତରଖାନା ନେଇଯିବାର ବନ୍ଦୋବସ୍ତ କଲେ । ଲଳିତା ସେ ସୁବର୍ଣ୍ଣ ସୁଯୋଗ ଛାଡ଼ି ପାରିଲା ନାହିଁ । ବୋଲିବା ବାହୁଲ୍ୟ ମାତ୍ର, ସେ ସେହି ରୋଗୀ ସାଙ୍ଗରେ ଯାଇ କେମ୍ବେଲ ହସ୍ପିଟାଲରେ ଉପସ୍ଥିତ ହେଲା ।

ଡାକ୍ତରଙ୍କର ସୁଚିକିତ୍ସା ଓ ଲଳିତାର କର୍ତ୍ତବ୍ୟର ଶୁଶ୍ରୂଷାରେ ସେ ବୃଦ୍ଧ ଅଳ୍ପଦିନ ମଧ୍ୟରେ ଆରୋଗ୍ୟ ଲାଭ କରି ଡାକ୍ତରଙ୍କୁ ଧନ୍ୟବାଦ ଦେଇ ଚାଲିଗଲେ; ମାତ୍ର ଲଳିତା ସେ ସ୍ଥାନ ପରିତ୍ୟାଗ କଲା ନାହିଁ । ପୂର୍ବ ପରି ଅନ୍ୟାନ୍ୟ ରୋଗୀମାନଙ୍କର ଶୁଶ୍ରୂଷା କରିବାକୁ ଲାଗିଲା ।

ସେ ଅସାଧାରଣ ଭାବରେ ପରିଚର୍ଯ୍ୟା କରୁଥିବାର ଦେଖି କ୍ୟାମ୍ବେଲ୍ ହସ୍ପିଟାଲର ଅଧ୍ୟକ୍ଷ ସାହେବ ପରମ ପ୍ରୀତ ହେଲେ । କିନ୍ତୁ ତାର ସନ୍ୟାସିନୀ ବେଶ ଦେଖି ତାଙ୍କ ମନରେ ବଡ଼ କୌତୂହଳ ଜାତ ହେଲା । ସେ ସେହି କୌତୂହଳ ନିବାରଣାର୍ଥେ ସନ୍ୟାସିନୀଙ୍କୁ ନିକଟକୁ ଡାକି ପଚାରିଲେ—"ତୁମର ଘର କେଉଁଠି ?"

ଲଳିତା ଉତ୍ତର ଦେଲା—"ଓଡ଼ିଶାରେ ।"

ଅଧ୍ୟକ୍ଷ—"କଲିକତା ଆସିବାର ଉଦ୍ଦେଶ୍ୟ କଣ ?"

ଲଳିତା—"ସେପରି କିଛି ବିଶେଷ ଉଦ୍ଦେଶ୍ୟ ନାହିଁ ।"

ଅ—"ଏଠାରେ ରହି ରୋଗୀମାନଙ୍କର ପରିଚର୍ଯ୍ୟା କରୁଛ କାହିଁକି ?"

ଲ—"ଅସହାୟମାନଙ୍କୁ ସାହାଯ୍ୟ କରିବା ମନୁଷ୍ୟର କର୍ତ୍ତବ୍ୟ ନୁହେଁ କି ?"

ଅ—"ହଁ, କର୍ତ୍ତବ୍ୟ ସତ୍ୟ କିନ୍ତୁ ତୁମର ବନ୍ଧୁବାନ୍ଧବ ତ କେହି ନାହାନ୍ତି ?"

ଲ—"ସଂସାରସ୍ଥ ପ୍ରତ୍ୟେକ ପ୍ରାଣୀ ମୋର ବନ୍ଧୁ । ଏହି ରୋଗୀମାନେ ମୋର ବନ୍ଧୁ, ଆପଣ ମଧ୍ୟ ମୋର ବନ୍ଧୁ ।"

ଲଳିତାର ଏତାଦୃଶ ପ୍ରବୃତ୍ତିରେ ଅଧ୍ୟକ୍ଷ ସାହେବ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ । ପଚାରିଲେ, "ତୁମେ ସନ୍ୟାସିନୀ ?"

ଲ—"ହଁ ।"

ଅ—"ତୁମେ ନିଜ ଇଚ୍ଛାରେ ଆସି ଏଠାରେ ରୋଗୀମାନଙ୍କର ଶୁଶ୍ରୂଷା କରୁଛ ?"

ଲ—"ହଁ, ମୋର ନିଜ ଇଚ୍ଛାରେ ମୁଁ ଆସିଅଛି ।"

ଅ—"ସନ୍ୟାସିନୀ, ମୁଁ ତୁମର ବ୍ୟବହାରରେ ଅତ୍ୟନ୍ତ ପ୍ରୀତ ହୋଇଅଛି । ତୁମକୁ ଶୁଶ୍ରୂଷାକାରିଣୀ କାର୍ଯ୍ୟରେ ରଖିବାକୁ ଇଚ୍ଛା କରେଁ ।"

ନ—"ଆପଣ କହିବା ପୂର୍ବରୁ ମୁଁ ତ ସେହି କାର୍ଯ୍ୟ କରୁଛି ।"

ପ—"ନା, ମୁଁ ସେପରି ଗୁରୁତ୍ୱ ନାହିଁ । ତୁମେ ଯେ ଇଚ୍ଛା କର, ମୁଁ ତୁମ୍ଭଙ୍କୁ ଅଭିଜ୍ଞାନୁଯାୟୀ ନିଯୁକ୍ତ କରିପାରିବି । ବର୍ତ୍ତମାନ ତୁମେ ରୋଗୀମାନଙ୍କର ଶୁଶ୍ରୂଷା କରୁଛ ସତ୍ୟ; କିନ୍ତୁ ଏପର୍ଯ୍ୟନ୍ତ ତୁମର ଉପଯୁକ୍ତ ଶିକ୍ଷା ହୋଇ ନାହିଁ । ପ୍ରଥମେ ତୁମ୍ଭଙ୍କୁ ସେହି କାର୍ଯ୍ୟ ଶିକ୍ଷା କରିବାକୁ ହେବ ।"

ନ—"ଆପଣଙ୍କର ଯେବେ ଇଚ୍ଛା ହୁଏ, ମୁଁ ଶିକ୍ଷା କରିବାକୁ ପ୍ରସ୍ତୁତ ଅଛି । ନଳିନୀର ସମ୍ମତି ବୁଝିପାରି ଅଧ୍ୟକ୍ଷ ସାହେବ ଅତ୍ୟନ୍ତ ଆନନ୍ଦ ପ୍ରକାଶପୂର୍ବକ ସେହି ଦିନଠାରୁ ତାକୁ ହାସ୍ପିଟାଲର ଶିକ୍ଷାନବିସ୍ ଶୁଶ୍ରୂଷାକାରିଣୀ ପଦରେ ନିଯୁକ୍ତ କଲେ । ନଳିନୀର ଆନନ୍ଦର ସୀମା ନାହିଁ । ସେ ଦୟାମୟ ପରମେଶ୍ୱରଙ୍କୁ ଶତ ଶତ ଧନ୍ୟବାଦ ସହ ପ୍ରଣାମ କରିବାକୁ ଲାଗିଲା ।"

---

## ଦ୍ୱାବିଂଶ ପରିଚ୍ଛେଦ

ତିନି ଦିନ ଗତ ହୋଇଗଲା, ନବକିଶୋର ଗୃହକୁ ଫେରିଲେ ନାହିଁ ଦେଖି କୈଳାସଚନ୍ଦ୍ରଙ୍କର ମନ ଚଞ୍ଚଳ ହୋଇ ଉଠିଲା । ତୃତୀୟ ଦିନକୁ ଅପେକ୍ଷା କରି ରହିଲେ । ସନ୍ଧ୍ୟା ହେଲା, ରାତ୍ରି ହେଲା, ନବକିଶୋର ଫେରିଲେ ନାହିଁ । ଦେଖୁଁ ଦେଖୁଁ ଆଉ ଗୋଟାଏ ଦିନ ମଧ୍ୟ ବିତିଗଲା । ଇତି ମଧ୍ୟରେ କୈଳାସଚନ୍ଦ୍ର ଗ୍ରାମ ଠିକଣାରେ ନବକିଶୋରଙ୍କ ପାଖକୁ ଟେଲିଗ୍ରାମ ପରେ ଟେଲିଗ୍ରାମ କଲେ ମାତ୍ର ପ୍ରତ୍ୟୁତ୍ତର ପାଇଲେ ନାହିଁ ।

ବିବାହ ଦୁଇ ଦିନ ମାତ୍ର ବାକି । ସେ ଆଉ ସ୍ଥିର ରହିଲେ ନାହିଁ । ନିଜେ ଯାଇ ନବକିଶୋରଙ୍କୁ ସାଙ୍ଗରେ ନେଇ ଆସିବାର ମନସ୍ଥ କରି ଯିବାର ଉଦ୍ଯୋଗ କରୁଛନ୍ତି, ଏ ସମୟରେ ଅତୁଳ ତାକୁ ପାଟନାରୁ ଆସି ପହଞ୍ଚିଲେ । ସେ ପ୍ରଥମେ କୈଳାସଚନ୍ଦ୍ରଙ୍କ ସହିତ ଦେଖା କରି ପାଟନାରେ ନବକିଶୋରଙ୍କ ସହିତ ସାକ୍ଷାତ ହୋଇଥିବା କଥା କହିଲେ । ଅଧିକନ୍ତୁ ମଧ୍ୟ ଜଣାଇ ଦେଲେ, ନବକିଶୋର ବର୍ତ୍ତମାନ ଫେରିବେ ନାହିଁ କି ସୌଦାମିନୀକୁ ବିବାହ କରି ପାରିବେ ନାହିଁ ।

କୈଳାସଚନ୍ଦ୍ର ନବକିଶୋରଙ୍କର ଶାରୁବେଶର ଦାରୁଣ ସେତେ-ବେଳେ ବୁଝି ପାରିଲେ, ତାଙ୍କୁ ଦଶ ଦିଗ ଅନ୍ଧାର ଦିଶିଲା । ତାଙ୍କର ଏତେ କୌଶଳ ଓ ଏତେ ଉଦ୍ୟମ ସମସ୍ତ ବିଫଳ ହେଲା । ସେହି ଗଙ୍ଗାଧର ହିଁ ଜଳଦା ଲାଗି ନବକିଶୋର ପାଗଳ ହୋଇଛନ୍ତି ଜାଣି ତାଙ୍କ ପ୍ରାଣରେ ବଡ଼ ଆଘାତ ଲାଗିଲା । ଯଦି କେହି ଛୁରିକା ସାହାଯ୍ୟରେ ତାଙ୍କର ସମସ୍ତ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ପକାଇଥାନ୍ତା, ସେ ବୋଧହୁଏ ସେତେବେଳର ଯନ୍ତ୍ରଣା ଅନୁଭବ କରି ନ ଥାନ୍ତେ । ବିଶେଷ ଦୁଃଖ ତାଙ୍କର, ଏତେଦିନଯାଏ ସମସ୍ତ ଯାତନା ହୋଇ ଯାଇଛି । କିଂକର୍ତ୍ତବ୍ୟବିମୂଢ଼ ହୋଇ ବସିପଡ଼ିଲେ ସେ ।

ପ୍ରମଥ ବାବୁ ଅତୁଲ ବାବୁଙ୍କଠାରୁ କୈଳାସଚନ୍ଦ୍ରଙ୍କର ଦୁରଭି-ସନ୍ଧି ସମସ୍ତ ଶୁଣି କ୍ରୋଧରେ ଜଳି ଉଠିଲେ । ଛିଃ ଛିଃ, ସେ କି ମନରେ ଘୃଣ୍ୟ କାମ କରିବାକୁ ଯାଉଥିଲେ । କୈଳାସଚନ୍ଦ୍ର, ଏତେ ନୀଚ, ଏତେ ଘୃଣ୍ୟ ! ସେ ତାଙ୍କୁ ପୁଣି ଅନୁରୋଧ ଅନୁନୟ କରିବାକୁ କୁଣ୍ଠିତ ହୋଇ ନାହାନ୍ତି । କୈଳାସଚନ୍ଦ୍ରଙ୍କ ପ୍ରତି ବିକଟ ଘୃଣାରେ ତାଙ୍କର ସର୍ବଶରୀର ଥରି ଉଠିଲା; କିନ୍ତୁ ପରକ୍ଷଣରେ କନ୍ୟାର ଶୋଚନୀୟ ଅବସ୍ଥା ସ୍ମରଣ କରି କରୁଣାରେ ତାଙ୍କ ହୃଦୟ ଛଳଛଳ ହୋଇ ଆସିଲା । ତାଙ୍କର ବୃଦ୍ଧା ପତ୍ନୀ ମାନଦାସୁନ୍ଦରୀ ଭୂତଳରେ ଲୋଟିପଡ଼ିଲେ । ଦାସଦାସୀ ସମସ୍ତେ ଶୋକରେ କାନ୍ଦିବାକୁ ଲାଗିଲେ । ହାୟ ! କ ଜାଣି ସୌଦାମିନୀ କାହିଁକି ନବକିଶୋରଙ୍କୁ ମନଃ-ପ୍ରାଣ ଅର୍ପଣ କରିଥିଲା ? ତାର ଭବିଷ୍ୟତ ଦଶା କଅଣ ହେବ ! ତାକୁ ଏ ହୃଦୟବିଦାରକ ଶୋକ-ସମ୍ବାଦ ଶୁଣାଇବ କିଏ ? ସେ କିପରି ବା ଧୈର୍ଯ୍ୟ ଧରି ଏ ସମସ୍ତ ଶ୍ରବଣ କରିବ ? ଏହିପରି ଦୁଶ୍ଚିନ୍ତାରେ ପ୍ରମଥ ବାବୁ ଓ ମାନଦାସୁନ୍ଦରୀଙ୍କର ହୃଦୟ ଦଗ୍ଧ ହେବାକୁ ଲାଗିଲା । ସୌଦାମିନୀ ସେହି ତାଙ୍କର ପୁତ୍ର, ସେହି ତାଙ୍କର କନ୍ୟା, ସେହି ତାଙ୍କର ଅନ୍ତିମ କାଳର ଏକମାତ୍ର ସହାୟ ! ତାକୁ ଏ ଦାରୁଣ ସମ୍ବାଦ କିପରି ଶୁଣାଇବେ ? କିନ୍ତୁ କଣ କରିବେ—ପ୍ରମଥ ବାବୁ ଶୀଘ୍ର ହୃଦୟରେ ସାହସ ବାନ୍ଧି ସ୍ନେହ-ମୟୀ କନ୍ୟାକୁ ନିକଟରେ ବସାଇ ନବକିଶୋର ଓ କୈଳାସଚନ୍ଦ୍ରଙ୍କ ବୃତ୍ତାନ୍ତସକଳ ଶୁଣାଇଲେ । ସେ ଯେପରି ଭାବୁଥିଲେ ସୌଦାମିନୀ ସେପରି

କିଛି ଅଧୈର୍ଯ୍ୟର ଲକ୍ଷଣ ପ୍ରକାଶ ନ କରି ଧୀରସ୍ଥିର ସ୍ୱରରେ ସେ ବୃଦ୍ଧ-ମାତାପିତାଙ୍କୁ ସାନ୍ତ୍ୱନା ଦେଇ କହିଲେ—"ଯାହା ହେବାର ହୋଇ ଯାଇଛି, ସେଥିପାଇଁ ଦୁଃଖ କରିବା ଅନାବଶ୍ୟକ । ମୁଁ ସେଥିପାଇଁ ଆଦୌ ଦୁଃଖିତ ନୁହେଁ । ତୁମେ ଆଉ ମୋ ଲାଗି ଦୁଃଖ କର ନାହିଁ । ସୌଦାମିନୀଙ୍କର ଏତାଦୃଶ ସ୍ପଷ୍ଟ ଶୁଣି ପିତାମାତା ମନେ ମନେ ପ୍ରମାଦ ଗଣିଲେ ।

କୈଳାସଚନ୍ଦ୍ରଙ୍କର ପାଷାଣ ହୃଦୟ କ୍ରମେ କୋମଳ ହୋଇ ଆସିଲା । ପୁତ୍ରର ଅଭାବ ବୁଝି ପାରୁଥିଲେ । ନବକିଶୋରଙ୍କ ଲାଗି ତାଙ୍କର ପ୍ରାଣ କାନ୍ଦି-ଉଠିଲା । ଏକମାତ୍ର ପୁତ୍ର ବିନା ତାଙ୍କର ଆଉ ଏ ସଂସାରରେ କଣ ଅଛି ? ସେ ପୁଣି ଚତୁର୍ଥ ବୟସରେ ପିତାଙ୍କୁ ଛାଡ଼ି କେଉଁଆଡ଼େ ଦୂରଗଲା । କୈଳାସଚନ୍ଦ୍ର ଏକମାତ୍ର ଅବଲମ୍ବନ ନବକିଶୋରଙ୍କୁ ହରାଇ ବଡ଼ ଅଧୀର ହୋଇପଡ଼ିଲେ । ଏବାକଣି ପୁତ୍ର-ଚିନ୍ତା ତାଙ୍କ ହୃଦୟକୁ ଅଧିକାର କରି ବସିଲା । ଭାବିଲେ—"ମୁଁ ମୂର୍ଖ ଯଦି ଏତେ ଅତ୍ୟାଚାର କରି ନ ଥାନ୍ତି, ନବକୁ ଲଳିତାଠାରୁ ଅଲଗା ରଖିବାପାଇଁ ଚେଷ୍ଟା କରି ନ ଥାନ୍ତି, ତେବେ ପୁତ୍ର ମୋର ଏପରି ନିରୁଦ୍ଦେଶ ହୋଇଥାନ୍ତା କି ? ଆତ୍ମକୃତ ପାପର ଭୟଙ୍କର ପ୍ରେତ-ମୂର୍ତ୍ତି ତାଙ୍କର ଚକ୍ଷୁ ସମ୍ମୁଖରେ ନୃତ୍ୟ କରିବାକୁ ଲାଗିଲା । ସେ ଅହୋରାତ୍ର ଅନୁତାପାନଳରେ ଦଗ୍ଧୀଭୂତ ହେବାକୁ ଲାଗିଲେ । ଗଳା ଫଟାଇ, ଡାକର ଡାକର ଭୁଲ କହିବାକୁ ଲାଗିଲେ—"ନବ ! ପ୍ରାଣର ପୁତ୍ର ମୋର ! କେଉଁଠାରେ ଲୁଚିଛୁ, ଆ । ଅଧମ ମୂର୍ଖ ପିତାର ଦୋଷ କ୍ଷମା କରି ଦେଖା ଦେ ଥରେ । ପିତାର ଦୋଷ କ୍ଷମା କରିବା କଣ ପୁତ୍ରର କର୍ତ୍ତବ୍ୟ ନୁହେଁ ? ଆ, ମୁଁ ଆଉ ତୋର ଇଚ୍ଛା ବିରୁଦ୍ଧରେ କୌଣସି କାର୍ଯ୍ୟ କରିବି ନାହିଁ । ମୋର ସମସ୍ତ ଧନ ବାସ୍ତୁ ଦେଇ ଲଳିତାକୁ ଖୋଜାଇବି । ତୋ ସହିତ ତାର ବିବାହ ଦେବି । ଆ, ପୁତ୍ର ମୋର ! କେବଳ ଥରେ ଶୀଘ୍ର ଆ ।"

କୈଳାସଚନ୍ଦ୍ର ପାଗଳ ପରି ବାରମ୍ବାର ଉଚ୍ଚସ୍ୱରରେ ଭୁଲ ଭୁଲ କହି କେତେ ଦିନ ପରେ କେଉଁ ଆଡ଼େ ଅଦୃଶ୍ୟ ହୋଇଗଲେ ।

× × × ×

ଲଳିତା ଶୁଶ୍ରୂଷାକାରିଣୀ କାର୍ଯ୍ୟରେ ବାହାଲ ହେବାର ଅଳ୍ପ ଦିନ ମଧ୍ୟରେ ସୌଦାମିନୀଙ୍କର ସୁନଜରରେ ପଡ଼ିଲା । ତାର ଗୁଣସ

ସୌଦାମିନୀ ଅଧୀନରେ । ଲଳିତାର ସମସ୍ତ କାର୍ଯ୍ୟକଳାପ ସୌଦାମିନୀଙ୍କୁ ବଡ଼ ପ୍ରୀତିକର ବୋଧ ହେଉ । ସବୁଠାରୁ ତାର ନୈସର୍ଗିକ ସୌନ୍ଦର୍ଯ୍ୟ ସୌଦାମିନୀଙ୍କୁ ବେଶି ଆକୃଷ୍ଟ କଲା । ସେ ଦିନେ ଲଳିତାକୁ ଏକାନ୍ତରେ ଡାକି ତାର ପରିଚୟ ପୁଚ୍ଛିଲେ । ଲଳିତା ଶାନ୍ତିଶ୍ରୀଙ୍କର ଏପରି ଅଯାଚିତ ଅନୁଗ୍ରହରେ ନିଜକୁ ଭାଗ୍ୟବତୀ ମନେକଲା ଏବଂ ସଂକ୍ଷେପରେ ତାର ପରିଚୟ ପ୍ରଦାନ କଲା ।

ସୌଦାମିନୀ ଯେତେବେଳେ ଶୁଣିଲେ—ତାର ସ୍ୱାମୀ କଲିକତାରେ କୌଣସି କାରଖାନାରେ କାର୍ଯ୍ୟ କରୁଥିବାର ଅନୁମାନ କରି ସେ ସୁଦୂର ଓଡ଼ିଶାରୁ କଲିକତାକୁ ଖୋଜିବାକୁ ଆସିଅଛି ଏବଂ ସେହି ଉଦ୍ଦେଶ୍ୟରେ କେବଳ ଯୌବନସୁଲଭ ବିଳାସବ୍ୟସନ ପରିତ୍ୟାଗ କରି ସନ୍ନ୍ୟାସିନୀ ବେଶରେ ଶୁଶ୍ରୂଷାକାରିଣୀ କାର୍ଯ୍ୟ କରୁଅଛି, ତାଙ୍କର ନାରୀ-ହୃଦୟ ବିଗଳିତ ହୋଇଗଲା । ସେ ଲଳିତାକୁ ଭଲ କରି ଚାହିଁଲେ । ଦେଖିଲେ, ଲଳିତା ମାନବୀ ନୁହେଁ—ଦେବୀ । ତାର ବଦନରେ ଅପୂର୍ବ ଜ୍ୟୋତି । ଶୁଦ୍ଧାଙ୍ଗରେ ସ୍ୱର୍ଗୀୟ ମଧୁରତା—କଥାରେ ଅପାର୍ଥିବ ସରଳତା ! ସୌଦାମିନୀ ମନେ ମନେ ତାର ଚରଣ ତଳେ ପ୍ରଣାମ କରି କହିଲେ—"ଦେବି, ତୁମ୍ଭର ସଙ୍ଗ ଲାଭ କରି ତୁମ୍ଭର ସମଦୁଃଖିନୀ ସୌଦାମିନୀ ଶାନ୍ତି ଲାଭ କରିବ । ତୁମ୍ଭେ ନିଶ୍ଚୟ ଏ ତାପିତ ପ୍ରାଣକୁ ଶୀତଳ କରିବା ଅଭିପ୍ରାୟରେ ସ୍ୱର୍ଗର ଦେବୀ ମାନବୀରୂପେ ଅବତୀର୍ଣ୍ଣା ହୋଇ ଏଠାକୁ ଆସିଅଛ ।"

କ୍ରମେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଜନ୍ମିଗଲା । ଲଳିତା ମଧ୍ୟ ସୌଦାମିନୀଙ୍କର ଇତିବୃତ୍ତ ଶୁଣିବାକୁ ପାଇଲା । ସୌଦାମିନୀଙ୍କର ସ୍ୱାମୀ ନିରୁଦ୍ଦେଶ । ସେ ମଧ୍ୟ ତାର ସମଦୁଃଖିନୀ । ସୌଦାମିନୀଙ୍କର ଦୁଃଖ-କାହାଣୀ ଶ୍ରବଣରେ ସେ ନିଜର ଦୁଃଖ ଭୁଲିଗଲା । ତାର ନାରୀ-ଚିତ୍ତ ପ୍ରଥ ଲୁଣା ଉଠିଲା । କହିଲା—"ଭଗବାନ୍, ଜଗତରେ ନାରୀପ୍ରକୃତି କଣ ଅଭିଶପ୍ତ ? ଶୀଘ୍ର ଏ କଳଙ୍କରୁ ଉଦ୍ଧାର କର ପ୍ରଭୁ ।"

ଦୁଃଖୀର ଦୁଃଖ ବୁଝେ ଦୁଃଖୀ । ଉଭୟେ ସମଦୁଃଖିନୀ । ଉଭୟେ ଉଭୟଙ୍କର ବେଦନା ବୁଝିଲେ । ସମବେଦନାରେ, ସହାନୁଭୂତିରେ ଉଭୟଙ୍କ ନୟନରୁ ଲୋତକ ଧାର ବହିଗଲା ।

ନବକିଶୋରଙ୍କ ଶ୍ରାଦ୍ଧ ଶେଷରେ କେତେକ ଦିନ ପରେ ପ୍ରମଥ ବାବୁ ଓ ମାନଦାସୁନ୍ଦରୀ ପୁଣି ସୌଦାମିନୀଙ୍କୁ ବିବାହ କରିବା ନିମନ୍ତେ ଅନୁରୋଧ କଲେ । ଉତ୍ତରରେ ସୌଦାମିନୀ କହିଲେ, "ପିତାମାତା ପୁତ୍ରକନ୍ୟା-ମାନଙ୍କର ସୁଖ ଦେଖିବାକୁ ସର୍ବଦା ବ୍ୟଗ୍ର ହୁଅନ୍ତି । ତୁମେ ମୋର ସୁଖୋତ୍ପାଦନ ନିମିତ୍ତ ଇଚ୍ଛାବଧି ଯତ୍ନ କରୁଅଛ । ବର୍ତ୍ତମାନ ବିବାହ କରି ଜଗତ୍ ସୁଖରେ କାଳାତିପାତ କରନ୍ତି, ଏହା ହିଁ ତୁମର ଶେଷ ଇଚ୍ଛା । କିନ୍ତୁ ମୁଁ ବିବାହ କଲେ ଏହାଠାରୁ କେବେହେଁ ସୁଖରେ ରହିବି ନାହିଁ । ବର୍ତ୍ତମାନ ବଡ଼ ସୁଖରେ ଅଛି । ତୁମେ ଆଉ ମୋତେ କହିଅ ନାହିଁ । ମୁଁ କୌଣସିମତେ ଅନ୍ୟକୁ ବିବାହ କରି ପାରିବି ନାହିଁ । ଅନ୍ୟକୁ ବିବାହ କଲେ ମଧ୍ୟ ସୁଖୀ ହୋଇ ପାରିବି ନାହିଁ ।" ପିତାମାତା ଯେତେ ବୁଝାଇଲେ ସୌଦାମିନୀଙ୍କର ସେହି ଏକ କଥା । ପ୍ରମଥ ବାବୁ ଆଉ ଉପାୟାନ୍ତର ନ ଦେଖି ଅତୁଲ ବାବୁଙ୍କର ସାହାଯ୍ୟ ଲୋଡ଼ିଲେ । ଜଳମଗ୍ନ ବ୍ୟକ୍ତି ଯେପରି ଶୁଷ୍କ ତୃଣଖଣ୍ଡ ଦେଖିଲେ ଆନନ୍ଦିତ ହୋଇ ଉଠେ ଏବଂ ତାକୁ ଆଶ୍ରା କରି ରକ୍ଷା ପାଇବାକୁ ଚେଷ୍ଟା କରେ, ପ୍ରମଥ ବାବୁ ସେହିପରି ଅତୁଲ ବାବୁଙ୍କ ଉପରେ ସମସ୍ତ ଆଶା-ଭରସା ନିର୍ଭର କରି ତାଙ୍କର ସାହାଯ୍ୟ ଗ୍ରହଣ କଲେ । ଅତୁଲ ବାବୁ ବାବା ଏବଂ ମାମାଙ୍କର ନିତାନ୍ତ ଶୋଚନୀୟ ଅବସ୍ଥା ଦର୍ଶନ କରି ବଡ଼ ଅଧୀର ହୋଇ ଉଠିଲେ । ସୌଦାମିନୀ ବିବାହ ନ କଲେ ବାବା ଓ ମାମାଙ୍କର ଅବସ୍ଥା ପରିବର୍ତ୍ତନ ହୋଇ ପାରିବ ନାହିଁ ଜାଣି ସେ ସୌଦାମିନୀଙ୍କୁ ବାରମ୍ବାର ଅନୁରୋଧ କରିବାକୁ ଲାଗିଲେ । ସୌଦାମିନୀ କିନ୍ତୁ ଅଟଳ, ଅଚଳା ତାଙ୍କର ସେହି ସ୍ୱକୃତ ପ୍ରତିଜ୍ଞା, ସେ ନବକିଶୋରଙ୍କ ଭିନ୍ନ ଅନ୍ୟ କାହାରି ପାଣିଗ୍ରହଣ କରି ପାରିବ ନାହିଁ ; କିନ୍ତୁ ଅତୁଲ ବାବୁ ଆଶାଶୂନ୍ୟ ନ ହୋଇ ତାଙ୍କର ମନ ପରିବର୍ତ୍ତନ ଲାଗି ଅହୋରାତ୍ର ଚେଷ୍ଟା କରିବାକୁ ଲାଗିଲେ ।

ଗ୍ରୀଷ୍ମ ସନ୍ଧ୍ୟା । ସୌଦାମିନୀ ଓ ସନ୍ନ୍ୟାସିନୀ ନିଭୃତରେ ସୌଦାମିନୀଙ୍କର କୁଞ୍ଜରେ ବସିଥିଲେ । ସୌଦାମିନୀ କହିଲେ, "ମୁଁ ଦେଖୁଛି, ତୁମେ ସର୍ବଦା ଚିନ୍ତାମଗ୍ନ । ତତ୍ତ୍ୱ ବିଷୟରେ ଲିପ୍ତ ଅଛ ? କେବଳ ଚିନ୍ତା ଦ୍ୱାରା ଯେବେ ମାନବର କୃତକାର୍ଯ୍ୟତା…।" ସୌଦାମିନୀଙ୍କର କଥା ଶେଷ ହେବା ପୂର୍ବରୁ ଅତୁଲ ବାବୁ ଆସି ପହଞ୍ଚିଲେ । ଚୌକିଟା ଟାଣି ନେଇ ବସୁ ବସୁ କହିଲେ, "ସୁବିଧାଲ ଗୁରୁ

ତେବେଲେ ଅଫିସାଲ୍ସ ଡନ୍ତୁ ଅଛି ଯେ ଇସ୍ପକର ଗରମ...।" ତା ପରେ ଗୃହ-ସଂକ୍ରାନ୍ତ ଗଳ୍ପ ଆରମ୍ଭ କଲେ । ସେଠାରେ ବସି ରହିବା ଅନୁଚିତ ମନେ କରି ଲଳିତା ଖସିଗଲେ । ଏବେ ଦମ୍ପତିଙ୍କୁ ବାସଗୃହରକୁ ଯାଇ ଯୁବକ-ଯୁବତୀଙ୍କ ମଧ୍ୟରେ ବିବାହ-ପ୍ରସଙ୍ଗ ପଡ଼ିଲା । ସୌଦାମିନୀଙ୍କର ସେହି ଏକ କଥା । ନବକିଶୋର ବର୍ତ୍ତମାନ ତାଙ୍କର ପାଣିଗ୍ରହଣ କରିବେ ନାହିଁ, କେଣ୍ କଥା, ନ କରନ୍ତୁ; ସେଥିପାଇଁ ସୌଦାମିନୀଙ୍କର ଦୁଃଖ କାରଣ ? ସେ ତ ତାଙ୍କୁ ସ୍ୱାମୀ ବୋଲି ହୃଦୟରେ ସ୍ଥାନ ଦେଇଛନ୍ତି—ତାଙ୍କୁ ହିଁ ଧ୍ରୁବ-ତାରା କରି ସଂସାର-ସାଗରରେ ତାଙ୍କର ଜୀବନ-ତରଣୀ ଚଳାଇ ନେବେ । ଅତୁଳ ବାବୁ ପ୍ରସ୍ତୁତ ହେଲେ । "ହଜି, ମୁଁ ଆସୁଛି" କହି ଚୌକି ଛାଡ଼ି ଉଠିଲେ । ସୌଦାମିନୀ ମଧ୍ୟ ଉଠିଲେ । ବିଦାୟ ସମୟରେ ଅତୁଳ ବାବୁ ଦୂରରେ ଲଳିତାକୁ ଦେଖିବାକୁ ପାଇଲେ । ସେ ଚକିତ ହୋଇ କିଛିକ୍ଷଣ ଅନିମେଷ ନୟନରେ ଚାହିଁ ରହିଲେ । ଅକ୍ଷିପଟରେ କୌଣସି ଦେବୀ ଆସି ମୂର୍ତ୍ତିମନ୍ତ ହୋଇଛନ୍ତି ଯେ । ତା ନ ହେଲେ ଏତେ ରୂପ କୌଣସି ମାନବ ଦେହରେ ସମ୍ଭବ କି ? ସବୁ ଶରୀର ଅଳଙ୍କାରଶୂନ୍ୟ—ତଥାପି ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗରେ ସୌନ୍ଦର୍ଯ୍ୟର ତରଙ୍ଗ ଖେଳୁଥାଏ । ଅତୁଳ ବାବୁ ସୌଦାମିନୀଙ୍କ ସହିତ କଥୋପକଥନରେ ମନୋଯୋଗୀ ଥିବାବେଳେ ସେ କପାଳ ଧରଣୀରେ ଶତସହସ୍ର ପଦ୍ମଫୁଲ ଫୁଟାଇ ଦେଇ ସେ ସ୍ଥାନ ତ୍ୟାଗ କରିଥିଲା, ତାହା ଏପର୍ଯ୍ୟନ୍ତ ଅତୁଳ ବାବୁଙ୍କର ଦୃଷ୍ଟିପଥରୁ ଅନ୍ତର୍ହିତ ହୋଇ ନାହିଁ । ସେ ଅତ୍ୟନ୍ତ ଆଗ୍ରହାନ୍ୱିତ ହୋଇ ସୌଦାମିନୀଙ୍କୁ ଲଳିତାର ପରିଚୟ ପଚାରିଲେ । ସୌଦାମିନୀ ଯାହା ଜାଣନ୍ତି, ସମସ୍ତ ବିଷୟ ଆମୂଳ ବର୍ଣ୍ଣନ କଲେ । ତତ୍ ଶ୍ରବଣରେ ଅତୁଳ ବାବୁଙ୍କର ମୁଖମଣ୍ଡଳ ଅପୂର୍ବ ଆନନ୍ଦରେ ଉଦ୍ଭାସିତ ହୋଇ ଉଠିଲା । ତାଙ୍କର ବନ୍ଧୁ ଯାହା ଲାଗି ଶାନ୍ତିହରା, କୈଳାସଚନ୍ଦ୍ର ଯାହା ଲାଗି ପାଗଳ ହୋଇ ହାଟ ବଜାରରେ ବୁଲୁଛନ୍ତି, ସେ ଆସି ଏତେ ନିକଟରେ ! ଏତେ ଦିନ ପରେ ତାଙ୍କର ପ୍ରିୟ ବନ୍ଧୁଙ୍କର ଦଶା ପରିବର୍ତ୍ତିତ ହେବ ଭାବି ସେ ଆନନ୍ଦରେ ନାଚି ଉଠିଲେ; କିନ୍ତୁ ପରକ୍ଷଣରେ ସୌଦାମିନୀ କଥା ଭାବି ତାଙ୍କର ହାସ୍ୟୋଜ୍ଜ୍ୱଳ ମୁଖମଣ୍ଡଳ ବିବର୍ଣ୍ଣ ହୋଇଗଲା । କିପରି ସେ ସୌଦାମିନୀ ନିକଟରେ ପ୍ରକାଶ କରିବେ,

ଏହି ସୁନ୍ଦରୀ ନବକିଶୋରଙ୍କର ହୃଦୟେଶ୍ୱରୀ—ଏହାଙ୍କ ଲାଗି ନବକିଶୋର ନିରୁଦ୍ଦେଶ ? ତାଙ୍କର ହୃଦୟ ବଡ଼ ଚଞ୍ଚଳ ହୋଇଉଠିଲା ।

ସୌଦାମିନୀ ବଡ଼ ଚତୁର । ସେ ଅତୁଳ ବାବୁଙ୍କର ଚେହେରା ଏପରି ପରିବର୍ତ୍ତନ ଦେଖି ବିସ୍ମିତ ହେଲେ ଏବଂ କାରଣ ଜିଜ୍ଞାସା କଲେ । ଅତୁଳ ବାବୁ ବିଷମ ସଙ୍କଟରେ ପଡ଼ିଲେ; କିନ୍ତୁ କଣ କହିବେ ? ପ୍ରକୃତ କଥାଟା ଗୋପନ ରଖି ପାରୁଛନ୍ତି କିପରି ? କିଛିଏ ସ୍ଥିର ହୋଇ କହିଲେ, "ଆଚ୍ଛା, ତୁମେ ତାଙ୍କ ପ୍ରଣୟୀଙ୍କର ନାମ ଜାଣ ?" ସୌଦାମିନୀ କହିଲେ, "ନା, ମୁଁ ବହୁ ଚେଷ୍ଟା କରିଛି ସେଥିପାଇଁ; କିନ୍ତୁ କୃତକାର୍ଯ୍ୟ ହୋଇ ନାହିଁ । ସେ କାହିଁକି ସେ ନାମ ପ୍ରକାଶ କରିବାକୁ କୁଣ୍ଠିତା, ବୁଝି ପାରୁ ନାହିଁ ।"

"ମୁଁ ଅନୁମାନ କରେ—ଅନୁମାନ କାହିଁକି, ତାର ପ୍ରଣୟୀ ନବକିଶୋର ଭିନ୍ନ ଅନ୍ୟ କେହି ନୁହେଁ । ଏହା ମୁଁ ସ୍ପଷ୍ଟ କରି କହିପାରେ ।"

କ୍ଷଣକପାଇଁ ସୌଦାମିନୀଙ୍କର ମୁଖ ବିବର୍ଣ୍ଣ ହୋଇଗଲା । ତା ପରେ ସେ ଆଉ ବଡ଼ ଅଧୀରଭାବ ଲକ୍ଷଣ ପ୍ରକାଶ ନ କରି ଧୀର କଣ୍ଠରେ କହିଲେ, "କିନ୍ତୁ ପ୍ରମାଣ ଦରକାର, ଖାଲି କହିଦେଲେ ତ ହେଲା ନାହିଁ ।"

ଅତୁଳ ବାବୁ ନବକିଶୋରଙ୍କର ପିଲାଦିନର ବୃତ୍ତାନ୍ତ ସଙ୍ଗୀତାଠାରୁ ଆରମ୍ଭ କରି ବ୍ରାହ୍ମ ହୋଇ ଗୃହତ୍ୟାଗ କରିବା ପର୍ଯ୍ୟନ୍ତ ସମସ୍ତ ଇତିହାସ ସବିଶେଷ ବର୍ଣ୍ଣନ କରିଗଲେ । ସୌଦାମିନୀ ଉତ୍ତର ଦେଲେ ନାହିଁ । ଅତୁଳ ବାବୁଙ୍କର ମୁହଁକୁ ଚାହିଁ ରହିଲେ କେବଳ । ଅତୁଳ ବାବୁ ତାଙ୍କର ହୃଦୟ-ବେଦନା ନିଜ ପ୍ରାଣରେ ଅନୁଭବ କରିପାରିଲେ । ସୌଦାମିନୀଙ୍କର ମୁହଁକୁ ଚାହିଁବାକୁ ତାଙ୍କର ସାହସ ହେଲା ନାହିଁ । ସେ "ଆସୁଛି" କହି ସ୍ନାନାଗାରକୁ ଗମନ କଲେ ।

ପୂର୍ବାହ୍ନ ସାଢ଼େ ଦଶଟା ବାଜିଗଲାଣି । ସୌଦାମିନୀ ବାତାୟନପାଖର ଚୌକିଏ ଉପରେ ଜଳଭରା ଚୋଖରେ ଶୂନ୍ୟ ଦୃଷ୍ଟିରେ ବସିଛନ୍ତି । ଦେଖିଲେ ବୋଧହୁଏ ଯେପରି ସେ ଗଭୀର ଚିନ୍ତାରେ ନିମଗ୍ନମନା । ହଠାତ୍ ଲଳିତା ପଶି ଆସିଲା । କହିଲା, "ଏ କଣ ? ଏଠାରେ ବସି କଣ କରୁଛ ?" ସୌଦାମିନୀଙ୍କର ଧ୍ୟାନ ଭାଙ୍ଗିଗଲା । ଦେଖିଲେ ଦ୍ୱାରଦେଶରେ ଲଳିତା ଦଣ୍ଡାୟମାନା । ଶଶବ୍ୟସ୍ତ ଉଠି ଆସି ଲଳିତାର କରଧାରଣପୂର୍ବକ ଚୌକିରେ

କୋଳ ବସାଇ ଦେଲେ । କହିଲେ—"ଦେବୀ, ଛ'ମାସ ଧରି ତୁମେ ମୋର ଅଧୀନରେ କାର୍ଯ୍ୟ କରି ଆସିଲ। କିନ୍ତୁ ମୁଁ ତୁମକୁ ଅଧୀନା କର୍ମଚାରିଣୀ ଦୃଷ୍ଟିରେ ନ ଦେଖି ନିଜର ସହୋଦରା ଦୃଷ୍ଟିରେ, ସଙ୍ଗିନୀ ଦୃଷ୍ଟିରେ ଦେଖି ଆସୁଅଛି । ତଥାପି ଏପର୍ଯ୍ୟନ୍ତ ତୁମର ପ୍ରକୃତ ପରିଚୟ ପାଇ ନାହିଁ । ଭାରି ଅକୃତଜ୍ଞ ମୁଁ । ମୋର ସେ ଦୋଷ କ୍ଷମା କରି ଦେବ । ପଦଧୂଳି ଦିଅ, ଆଶୀର୍ବାଦ କର । ତୁମପରି ଦେବୀର ସେବା କରୁ ମୋ ଅପର ଜନସବୁ ସହିପାରୁ ।"

ଲଳିତା ଅପ୍ରସ୍ତୁତ ହୋଇଗଲେ । ଭାବିଲେ—ସୌଦାମିନୀ କଣ ପାଗଳିନୀ ନା ରାତିରେ କିଛି ସ୍ୱପ୍ନ ଦେଖିଛନ୍ତି ? "ତୁମର ପ୍ରକୃତ ପରିଚୟ ପାଇ ନାହିଁ" ଏ କଥାର ଅର୍ଥ କଣ ? ମୋର ଆଉ କିଛି ଅଜ୍ଞାତ ପରିଚୟ କଣ ଅଛି ? ଆଗରୁ ତ ମୋର ସମସ୍ତ ପରିଚୟ ଦେଇଛି । ପୁଣି 'ଦେବୀ' ସମ୍ବୋଧନ—ଏହାର କାରଣ କଣ ?

ଲଳିତା ଭାବି ସ୍ଥିର କଲେ, ସୌଦାମିନୀ ରାତିରେ କୌଣସି ଦେବୀ ମୂର୍ତ୍ତିର ସ୍ୱପ୍ନ ଦେଖିଛନ୍ତି ବୋଧହୁଏ । ସେହି କଥା ବସି ଭାବୁଥିଲେ । ସହସା ନିକଟରେ ମୋତେ ଦେଖି ଭ୍ରମବଶତଃ ଦେବୀ ଭାବରେ ପୂଜା କରିବାକୁ ବସିଛନ୍ତି । ସେ ସୌଦାମିନୀଙ୍କର ଚରଣ ଧାରଣ କରି ଗଦ୍‌ଗଦ କଣ୍ଠରେ କହିଲେ, "ଏ କଣ ରାଣୀ । ଆଜି ଏପରି କଣ ଶୁଣାଏ ଡାକୁଛ ? ମୁଁ ଦେବୀ ନୁହେଁ—ତୁମର ଚରଣଦାସୀ ସନ୍ନ୍ୟାସିନୀ । ଏତେ ଆଦର, ଏତେ ସମ୍ମାନର ମୁଁ କଣ ଯୋଗ୍ୟ ? ତୁମେ ଭୁଲି ଦେଉଛ । ମୁଁ ଯେ ଅଭାଗୀ ଗୋଟାଏ ଅଲକ୍ଷଣୀ, ପଥର ଭିକାରୁଣୀ ।" ସୌଦାମିନୀ ହାତ ବାନ୍ଧି ଲଳିତାକୁ କୋଳ ଧରିଲେ । କହିଲେ, "ନା ଦେବି ! ମୋତେ ଆଉ ଭୁଲାଅ ନାହିଁ । ବହୁ ଦିନ ଧରି ଭୁଲାଉଛ—ଆଉ ଛଳନା କର ନାହିଁ । ଆଜି ମୁଁ ଚିହ୍ନି ପାରିଛି ତୁମେ କିଏ । ବାସ୍ତବିକ ତୁମେ ମାନବ ମୂର୍ତ୍ତି ମଧ୍ୟରେ ଦେବୀ । ତୁମର ଦୁଃଖ ଅସୀମ, ବହୁତ କଷ୍ଟ ଭୋଗ କଲଣି ସତ୍ୟ; କିନ୍ତୁ ସେ ଦୁଃଖ-ରଜନୀ ପାହି ଆସିଲାଣି । ଆଉ ଅଳ୍ପଦିନ ପରେ ତୁମର ହୃଦୟାକାଶର ଶଶଧର ଉଦୟ ହୋଇ ଦିଗ ଉଜ୍ଜ୍ୱଳ କରିବେ—ପ୍ରାଣ ତୁମର ଶୀତଳ ସରସ ହୋଇ ଉଠିବ । ତୁମର ଏ ଭିକାରୁଣୀ କାଙ୍ଗାଳୁଣୀ ବେଶ ରହିବ ନାହିଁ । ରାଜରାଣୀ

ହୋଇ ସ୍ୱର୍ଣ୍ଣ ସିଂହାସନ ଅଳଙ୍କୃତ କରିବ ।" ଲଳିତା ଉତ୍ସାହର ଅନୁପ୍ରାଣି-ନ୍ୱିତ ହୋଇ କହିଲା, "ତମେ ଧନ୍ୟ କହୁଛ, ସେଥିପାଇଁ ମୁଁ ଗୋଟାଏ ଚର୍ଣ୍ଣ ସ୍ୱପ୍ନ ଭୁଲିପାରୁ ନାହିଁ ।"

"ଆଜି ଠାରୁ ତୁମ୍ଭ ନ ଭୁଲ ସୌଦାମିନୀର ଏହା କଥାଟି ମନେ ରଖ, ଅଳ୍ପ ଦିନ ମଧ୍ୟରେ ତମର ସ୍ୱାର୍ଗନ୍ଧ ହସ୍ତଗତ ହେବେ ।"

"ଅସ୍ୱର୍ଗର ଜଗତରେ ସେ ସୌନ୍ଦର୍ଯ୍ୟ କାହିଁ ପାଇବ ? ମୁଁ ସେ... ।"

"ମୁଁ ପ୍ରତିଜ୍ଞା କରି କହୁଛି, ଶପଥ କରି କହୁଛି, ଅଳ୍ପ ଦିନ ମଧ୍ୟରେ ତମର ଦୁଃଖ ଦୂର ହେବ । ମୁଁ ନିଜ ହାତରେ ତମକୁ ରାଣୀ ସଜାଇ ରାଜାଙ୍କ ପାଖରେ ବସାଇବି ।"

ଲଳିତାକୁ ହସ ମାଡ଼ିଲା । ସେ ରହସ୍ୟ କରି କହିଲା, "କେତେବେଳେ ସ୍ୱପ୍ନ ଦେଖିଲ ? ଦିନରେ ନା ରାତିରେ ?"

"ଦିନରେ ହେଉ ବା ରାତିରେ ହେଉ, ମୁଁ ଯେତେବେଳେ ସ୍ୱପ୍ନ ଦେଖେ । ଏହା କିନ୍ତୁ ଧ୍ରୁବ ସତ୍ୟ ଜାଣିବ ।"

କିନ୍ତୁ ତମ କଥା ଯଦି ସତ୍ୟ ହୁଏ, ଭଗବାନ୍ ଯଦି ଅନୁଗ୍ରହ କରନ୍ତି, ମୁଁ ମୋର ବାଞ୍ଛିତ ଧନ ପାଏ, ତହିଁରେ ଜଣେ ମୁଁ ସୁଖୀ ହେବି ବୋଲି ଭାବୁଛ ?"

"କାହିଁକି ? ଯେ ଯାହାର ଅଭାବରେ ଦୁଃଖୀ, ସେ ଅଭାବ ପୂର୍ଣ୍ଣ ହେଲେ ସେ ସୁଖୀ ନ ହେବ କପରି ?"

"ଆଜି ଯେ ପ୍ରଧାନ ଅଭାବଟାଏ ରହିଗଲା । ମୋର ସଙ୍ଗିନୀ ଯେ ପର୍ଯ୍ୟନ୍ତ ତାଙ୍କର ବାଞ୍ଛିତ ବର ନ ପାଉଛନ୍ତି, ଯେ ପର୍ଯ୍ୟନ୍ତ ସୁଖୀ ନ ହୋଇଛନ୍ତି, ଏକାକୀ ବିଭୂତି ପାଇଲେ ସୁଦ୍ଧା ଲଳିତା ଯେ ସୁଖୀ ହୋଇ ପାରିବ, ସେପରି ହବ ନାହିଁ ।"

"କିନ୍ତୁ ତମେ ଜାଣି ରଖ, ସୌଦାମିନୀ ଯେ ଚିରଦୁଃଖିନୀ । ତାର ସଂସାରରେ କେବଳ ଦୁଃଖଭୋଗ ପାଇଁ । ଦେବତାମାନେ ତାର ଭାଗ୍ୟରେ ସୁଖ ଲେଖି ନାହାନ୍ତି ।"

ଲଳିତାକୁ ଆଉ କିଛି କହିବାକୁ ଅବସର ନ ଦେଇ ସୌଦାମିନୀ ଅଶ୍ରୁ ବର୍ଷଣ କରୁ କରୁ ଦୌଡ଼ି ପଳାଇଗଲା ।

## ଚତୁର୍ବିଂଶ ପରିଚ୍ଛେଦ

ଅତୁଳ ବାବୁ ତାଙ୍କର ବୈଠକଖାନାରେ ବସି ସମ୍ବାଦପତ୍ର ପାଠ କରୁଥିଲେ । କୈଳାସଚନ୍ଦ୍ର ଚୋପାନ ପରି ସେ ଗୃହରେ ପ୍ରବେଶ କରି କହିଲେ, "ରକ୍ଷା କର ବାବା ! ରକ୍ଷା କର ! ମୋର ଦେହ ପୋଡ଼ିଯାଉଛି, ହୃଦୟ ଜଳିଯାଉଛି, ରକ୍ଷା କର ! ଉଃ, ଆଉ ଯେ ସହି ପାରୁ ନାହିଁ ! ଅସହ୍ୟ ଯନ୍ତ୍ରଣା, ଅସହ୍ୟ ଯନ୍ତ୍ରଣା !"

ଅତୁଳ ବାବୁ ଦେଖିଲେ, କୈଳାସଚନ୍ଦ୍ର ଉନ୍ମତ୍ତ ହୋଇ ଗୃହର ଚତୁଷ୍କୋଣ ଘୂରି ବୁଲୁଛନ୍ତି । କେତେମାସ ପୂର୍ବେ ଏହି ବେଶରେ ସେ ତାଙ୍କୁ ଦେଖିଥିଲେ । ଆଜି ମଧ୍ୟ ଦେଖିଲେ, କିଛି ପରିବର୍ତ୍ତନ ନାହିଁ । ସହସା ନନ୍ଦକିଶୋରଙ୍କର କଥା ତାଙ୍କର ମନେ ପଡ଼ିଲା । ସେ ଘୃଣାରେ ମୁଖ ବିକୃତ କରି କହିଲେ—"ଏ ଯେ ସ୍ୱକୃତ ପାପର ପରିଣାମ । କିଏ ରକ୍ଷା କରିବ ?"

କୈଳାସ—"ତମେ ରକ୍ଷା କରିବ । ବହୁସ୍ଥାନ ବୁଲି ଆସିଲିଣି, କେହି ରକ୍ଷା କରି ପାରିଲେ ନାହିଁ । ପ୍ରାଣ ଯେ ଯିବା ଉପରେ ! ତମ ଛଡ଼ା ଆଉ କେହି ନାହାନ୍ତି ରକ୍ଷା କରିବାକୁ ବାବା !"

ଅତୁଳ—"ଅସମ୍ଭବ କଥା । ପାପର ପ୍ରାୟଶ୍ଚିତ୍ତ ନ ହେବାଯାଏ କେହି ରକ୍ଷା କରି ପାରିବେ ନାହିଁ । ଦେବତା ସୁଦ୍ଧା ଅସମର୍ଥ ହେବେ—ମନୁଷ୍ୟ ତ ନିତାନ୍ତ କ୍ଷୁଦ୍ର ।"

କୈଳାସ—"ପ୍ରାୟଶ୍ଚିତ୍ତ ! ପାପର ପ୍ରାୟଶ୍ଚିତ୍ତ ! ବହୁତ ହୋଇଗଲାଣି ! ଯଥେଷ୍ଟ ହୋଇଗଲାଣି ! ସହି ପାରୁ ନାହିଁ ଆଉ ! ପ୍ରାୟଶ୍ଚିତ୍ତ ବଡ଼ କଠିନ, ବଡ଼ କଷ୍ଟକର ।"

ଅତୁଳ—"ଯାଉ, ଆପଣ ଶୀଘ୍ର ଏ ସ୍ଥାନ ତ୍ୟାଗ କରନ୍ତୁ । ମୋର କାର୍ଯ୍ୟ ନଷ୍ଟ ହେଉଛି । ଆପଣଙ୍କ ସହିତ ପାଗଳାମି କରିବାକୁ ମୋର ବେଳ ନାହିଁ ।"

କୈଳାସଚନ୍ଦ୍ର ଅତୁଳ ବାବୁଙ୍କର ଚରଣ ଯୁଗଳ ଜଡ଼ାଇ ଧରିଲେ । କହିଲେ, "ମୁଁ ମହାପାତକୀ, ନରାଧମ, ପାଷଣ୍ଡ । ମୁଁ ଯେଉଁ ପାପ କରିଛି, ତାର ପ୍ରାୟଶ୍ଚିତ୍ତ ଅଛି ବୋଲି ମୋର ବିଶ୍ୱାସ ହେଉ ନାହିଁ । ତଥାପି—ତଥାପି ତମେ ମୋ ନିକଟର କିଏ—ମୋର ପୁଅ ତମେ । ପିତାର ଦୋଷ-

କଣ ମୁଁ ଜମା କରେ ନାହିଁ ? ବାବା, ଦୟା କର । ପ୍ରାଣ ଯେ ଜଳି ଯାଉଛି । ଏବେ ସହି ପାରୁ ନାହିଁ, ନବର ବିଚ୍ଛେଦ ଆଉ ସହି ପାରୁ ନାହିଁ । ମୋର ନବ କାହିଁ—ଆଣି ଦିଅ । ନବକୁ ତମେ କେଉଁଠି ଲୁଚାଇ ରଖିଛ ଶୀଘ୍ର ଆଣି ଦିଅ । ତାକୁ ନ ଦେଖିଲେ ଛାତି ଫାଟିଯିବ—ଜୀବନ ବାହାରି ଚାଲିଯିବ । ମୋର ନବକୁ ଆଣି ଦିଅ । ମୁଁ ଶପଥ କରି କହୁଛି, ଧର୍ମନାରାୟଣଙ୍କୁ ସାକ୍ଷୀ ରଖି କହୁଛି, ଦରିଦ୍ରଙ୍କୁ ମୁଁ କହୁଛି, କଳଙ୍କୀ ଶରୀର ମୋର ସବୁ ଦେଇଦେବି—ଦେବି, ଦେବି—ନିଶ୍ଚୟ ଦେବି । ତାର ଇଚ୍ଛା ବିରୁଦ୍ଧରେ କୌଣସି କାର୍ଯ୍ୟ କରିବି ନାହିଁ । ଦିଅ ବାବା, ମୋର ନବକୁ, ମୋର ଜୀବନସର୍ବସ୍ୱକୁ ଆଣି ଦିଅ ।”

ବୃଦ୍ଧଙ୍କର କାତର କ୍ରନ୍ଦନରେ ଅତୁଳ ବାବୁ ବିଗଳିତ ହୋଇଗଲେ—ତାଙ୍କର ଚକ୍ଷୁରେ ଜଳ ଆସିଲା । ସେ ବୈକୁଣ୍ଠନାଥଙ୍କୁ ଉଠାଇ ନେଇ ଚୌକି ଉପରେ ବସାଇଦେଲେ । ସାନ୍ତ୍ୱନା ଦେଇ କହିଲେ, “ଆପଣ ସ୍ଥିର ହୋଇ ରହନ୍ତୁ । ଅଳ୍ପ ଦିନ ମଧ୍ୟରେ ନବକିଶୋର ଆସି ପହଞ୍ଚିବେ ।”

ବୃଦ୍ଧ ଅଶ୍ରୁପ୍ଲାବିତଲୋଚନରେ ଚାହିଁ କହିଲେ—“କେବେ ଆସିବ ନବକିଶୋର ? ଆଉ କେତେ ଦିନ ପରେ ଆସିବ ? କଣ କହି ଦେଇଥିଲା ? କେଉଁଠି ଅଛି ସେ ?” ଅତୁଳ ବାବୁଙ୍କର ହସ୍ତ ଧାରଣ କରି ଗଦ୍ ଗଦ୍ କଣ୍ଠରେ କହିଲେ, “ନବକିଶୋର କେଉଁଠି ଅଛି କହିଦିଅ ବାବା ! ମୁଁ ଆଉ ଅପେକ୍ଷା କରି ପାରିବି ନାହିଁ । କେଉଁଠାରେ ଅଛି କହିଦିଅ, ମୁଁ ତାକୁ କୋଳ କରି ନେଇ ଆସିବି । ପୁଅ ମୋର ଏକୁଟିଆ କେତେ କଷ୍ଟ ପାଉଥିବ !” କହୁଁ କହୁଁ ଉଚ୍ଚୈଃସ୍ୱରରେ କାନ୍ଦି ଉଠିଲେ । ଅତୁଳ ବାବୁ ବଡ଼ ବିପଦରେ ପଡ଼ିଲେ । କଣ କରିବେ ? କିପରି ସାନ୍ତ୍ୱନା ଦେବେ ? କହିଲେ—“ଆପଣଙ୍କର ଅବଶ୍ୟ ଚିନ୍ତା ନାହିଁ, ସେ ଭଲ ଅଛନ୍ତି । ଆଉ ଅଳ୍ପ ଦିନ ମଧ୍ୟରେ ଫେରି ଆସିବେ ।”

“ନା, ମୋତେ ସେ ସ୍ତୋକ ଦିଅନ୍ତୁ । ମୋର ପୁଅ ସେ—ପୁଅକୁ ବାପ କଣ କୋଳ କରେ ନାହିଁ ? ମୁଁ ତାକୁ କୋଳ କରି ନେଇ ଆସିବି । ପୁଅ ମୋର କେତେ କଷ୍ଟ ପାଉଥିବ । କହିଦିଅ ବାବା, କେଉଁଠାରେ ଅଛି ଧନ ମୋର, କହିଦିଅ ଅତୁଳ ବାବୁ !”

ଅତୁଲ ବାବୁ ଯେତେ ବୁଝାଇଲେ କୈଳାସଚନ୍ଦ୍ର ସେତେ ଏବ ଜିଦ୍ ଧରି ବସିଲେ । କହୁଲେ—"କେଉଁଠାରେ ଅଛି କହନ୍ତୁ, ମୁଁ ବର୍ତ୍ତମାନ ଯାଇ ପୁଅକୁ ମୋର ଦେଖି ଆସିବି ।"

"ଆପଣ ସେ ସ୍ଥାନକୁ ଯାଇ ପାରିବେ ନାହିଁ ।"

"ମୁଁ ସେ ସ୍ଥାନକୁ ଯାଇ ପାରିବି ନାହିଁ ? କାହିଁକି, ବଡ଼ ଦୁର୍ଗମ ପଥ ? ହଁ, ବୁଢ଼ା ହୋଇଛି; ପୂର୍ବପରି ଆଉ ଦେହରେ ବଳ ନାହିଁ—ଯାଇ ପାରିବି ନାହିଁ । ଅଚ୍ଛା, ପୁଅ ମୋର କି କଷ୍ଟ ପାଉ ନ ଥିବ ସେଠାରେ ! ତମେ ଯାଇ ପାରିବ ନାହିଁ ବାବା ? ହଁ, ତମେ ଯାଇ ପାରିବ, ଜଣ ତମର ସାଙ୍ଗ ସବୁ ! ଟିକିଏ ଦୟା ହେଉ ନାହିଁ ତମର ! ତମର ପାଦ ଧରୁଛି—ଯାଅ ବାବା, ମୋର ପୁଅକୁ ଘେନି ଆସ !"

ବୃଦ୍ଧ ଅତୁଲ୍ ବାବୁଙ୍କର ପାଦ ଧରି କାନ୍ଦିବାକୁ ଲାଗିଲେ । ଅତୁଲ୍ ବାବୁ କହୁଲେ, "ଆଚ୍ଛା, ମୁଁ ତାଙ୍କୁ ଦେଖି ଆସିବି । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ।" କୈଳାସଚନ୍ଦ୍ର ସେହିପରି ଭୂତଳରେ ପଡ଼ି କହିଲେ, "ବାବା, ସତେ କି ତମେ ? ମୋର ପୁଅକୁ ଆଣି ଦେବ ? ମୋ ଦେହ ଛୁଇଁ କହିଲ—ଛୁଅଁ, ଛୁଅଁ ମୋର ଦେହ । ମୋ ମୁଣ୍ଡରେ ହାତ ଦେଇ କହ, ହଁ ଆଣି ଦେବି ତମ ପୁଅକୁ ।" ଅତୁଲ ବାବୁଙ୍କର ହାତକୁ ଟାଣି ନେଇ ନିଜର ମୁଣ୍ଡ ଉପରେ ଥୋଇଲେ । ବାରମ୍ବାର ଜିଦ୍ କଲେ, "କହ, ମୋର ମୁଣ୍ଡ ଉପରେ ହାତ ରଖି କହ ଆଣିଦେବ ମୋର ପୁଅକୁ ।" ଅତୁଲ ବାବୁ ଆଉ ସହ୍ୟ କରି ପାରିଲେ ନାହିଁ । ଭୂମିରେ ଦଣ୍ଡ ହୋଇ କହିଲେ, "ମୁଁ ଆପଣଙ୍କର ଚରଣ ସ୍ପର୍ଶ କରି କହୁଛି, ବର୍ତ୍ତମାନ ନବକିଶୋରଙ୍କୁ ଆଣିବା ଉଦ୍ଦେଶ୍ୟରେ ବାହାରିଲି । ନିଶ୍ଚୟ ଆଣି ଦେବି—ଆପଣ ନିଶ୍ଚିନ୍ତ ରହନ୍ତୁ ।"

କୈଳାସଚନ୍ଦ୍ର କୃତଜ୍ଞତାପୂର୍ଣ୍ଣ ଦୃଷ୍ଟିରେ ଅତୁଲ ବାବୁଙ୍କୁ ଅନେଇ ଚାହିଁଲେ । ତା ପରେ କହିଲେ, "ଯାଅ ବାବା, ଆଶୀର୍ବାଦ କରୁଛି, ସର୍ବଶୁଭରେ ପୁଅକୁ ମୋର ଘେନି ଫେରି ଆସ । ଚିରଜୀବୀ ହୁଅ ବତ୍ସ ! ଯଶସ୍ୱୀ ହୁଅ ।"

ନବକିଶୋର ସେଦିନ ପିତାଙ୍କର ଆଦ୍ୟଶ୍ରାଦ୍ଧରେ ପୂଜା ତର୍ପଣ କରି ପଞ୍ଜାବ ଯାତ୍ରା କଲେ । ସେଠାରେ ଅତୁଲ ବାବୁଙ୍କ ସହିତ ଦେଖାହେବ

ବର୍ଷଧର ପରାମର୍ଶ ଦେବା ପରେ ଲଳିତାଙ୍କୁ ଖୋଜିବା ଉଦ୍ଦେଶ୍ୟରେ ବାହାରିଲେ। ଅତୁଲ ବାବୁ ବିଦାୟ ଦେବା ସମୟରେ ତାଙ୍କୁ ଉପଦେଶ ଦେଇଥିଲେ, ସେ ଯେପରି ପ୍ରତି ସନ୍ଧ୍ୟାରେ ଫେରି ଆସିବାକୁ ବ୍ୟସ୍ତ ନ ହୁଅନ୍ତି ଏବଂ ଅର୍ଥାଭାବ ହେଲେ ତାଙ୍କୁ ଜଣାଇବାକୁ କୁଣ୍ଠିତ ନ ହୁଅନ୍ତି।

ନବକିଶୋର ବନ୍ଧୁଙ୍କର ଅନୁରୋଧରେ ପ୍ରତିଶ୍ରୁତ ହୋଇ ଜନ୍ମଭୂମି ଓଡ଼ିଶା ଅଭିମୁଖରେ ଯାତ୍ରା କଲେ। ପ୍ରଥମେ ସେ ଉତ୍କଳର ରାଜଧାନୀ କଟକ ନଗରରେ ଅବତୀର୍ଣ୍ଣ ହୋଇ ସହରର ସମସ୍ତ ସ୍ଥାନ ଦେଖିଲେ, ଲଳିତାର କୌଣସି ଖବର ପାଇଲେ ନାହିଁ। କଟକରେ ଅବସ୍ଥାନ ସମୟରେ ଶୁଣିଲେ, ସେ ବର୍ଷ ବୈତରଣୀରେ ମହାବାରୁଣୀ ଯୋଗ ପଡ଼ୁଛି। ଯାଜପୁରରେ ଅସଂଖ୍ୟ ଲୋକସମାଗମ ହେବ। ସେଠାରେ ଲଳିତାର ସନ୍ଧାନ ମିଳିପାରେ ଆଶା କରି ନବକିଶୋର ଯାଜପୁର ଯାତ୍ରା କଲେ। ତିନି ଚାରି ଦିନ ଧରି ସେଠାରେ ବହୁ ଅନୁସନ୍ଧାନ କଲେ; ମାତ୍ର ଲଳିତାର କୌଣସି ସମ୍ବାଦ ପାଇଲେ ନାହିଁ। ସେଠାରୁ କଟକରେ ପ୍ରତ୍ୟେକ ପୁରୁଣା ବସ୍ତି ଗଳି ଗଳି କରି ଖୋଜିବାକୁ ଲାଗିଲେ। ଏହିପରି କେତେକ ମାସ ଅତିକ୍ରମ ହେବା ପରେ ଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା ଆରମ୍ଭ ହେଲା। ସେ କଟକ ଛାଡ଼ି ବୁଲି ବୁଲି ଦେଶଦର୍ଶନ ହୋଇ ପୁରୀକୁ ଗଲେ। ସେଠାରେ ରଥଯାତ୍ରା, ବାହୁଡ଼ା, ବାହୁଡ଼ା ପରେ ମଧ୍ୟ ଆଠ ଦଶ ଦିନ ଅତିବାହିତ କଲେ। କିନ୍ତୁ ଲଳିତାର କୌଣସି ଖବର ସଂଗ୍ରହ କରି ପାରିଲେ ନାହିଁ। ତା' ପରେ ପୁଣି ମଫସଲମାନଙ୍କରେ କେତେକ ମାସ ଭ୍ରମଣ କରି ବାଲେଶ୍ୱର ଗଲେ। କଟକ, ପୁରୀ, ବାଲେଶ୍ୱର ପ୍ରଭୃତି ବୁଲିବାରେ ତାଙ୍କୁ ପ୍ରାୟ ପାଞ୍ଚ ମାସ ଲାଗିଲା। ସେଥିରେ ସେ ହତୋତ୍ସାହ କିମ୍ବା ଅଧୀର ନ ହୋଇ ଓଡ଼ିଶାର ସମସ୍ତ ସ୍ଥାନ ବୁଲିବାକୁ ମନସ୍ଥ କରି ଗଡ଼ଜାତରେ ପ୍ରବେଶ କଲେ।

\+ \+ \+ \+

ନବକିଶୋରଙ୍କୁ ଆଣିବାକୁ ଯାଇ ଜଙ୍ଗଲରେ ବହୁ ଦିନ ଅତିବାହିତ କରିବା ପରେ ଅତୁଲ ବାବୁ ଯେତେବେଳେ ସନ୍ଧ୍ୟା ଛଅଟା ପାସେଞ୍ଜରରେ

ହାବଡ଼ା ଷ୍ଟେସନରେ ଆସି ପହଞ୍ଚିଲେ, ସୌଦାମିନୀ ସେତେବେଳେ ପ୍ଲାଟଫର୍ମରେ ବୁଲୁଥିଲେ । ଅତୁଲ ବାବୁଙ୍କର ଦୃଷ୍ଟି ପ୍ରଥମେ ସୌଦାମିନୀଙ୍କ ଉପରେ ପଡ଼ିଲା । ସହସା ତାଙ୍କର ମୁଖମଣ୍ଡଳ ବିବର୍ଣ୍ଣ ହୋଇଗଲା । ସୌଦାମିନୀ ନବକିଶୋରଙ୍କ ସମ୍ବାଦ ପଚାରିଲେ, ସେ କି ଉତ୍ତର ଦେବେ ? କଅଣ ବା କହିବେ, କଲିକତା ହାସ୍ପିଟାଲରେ ଥିବାର ଶୁଣି ସେ ଆନନ୍ଦରେ ଅଧୀର ହୋଇ ଉଠିବେ । ତା ବଦଳରେ ବଜ୍ରାଘାତ ପ୍ରାପ୍ତ ହେଲେ । କିନ୍ତୁ ସୌଦାମିନୀ ଉଚ୍ଚସ୍ୱରରେ ପଦେ ହେଲା ପଚାରିଲେ ନାହିଁ । ଏ କଥା ଶୁଣିଲେ ସୌଦାମିନୀ ମନରେ କି ଦାରୁଣ ଆଘାତ ନ ଲାଗିବ ? କଣ କହିବେ ? ମିଥ୍ୟା ବା କହିବେ କିପରି ? ସେ ଏହିପରି ଭାବୁଥିବା ସମୟରେ ସୌଦାମିନୀ ତାଙ୍କ ନିକଟବର୍ତ୍ତୀ ହୋଇ ପଚାରିଲେ—'ବର୍ତ୍ତମାନ ଫେରୁଛ ? କଣ ତାଙ୍କର ଦେଖା ପାଇଲ ?' ଅତୁଲ ବାବୁ ଉତ୍ତର ଦେଲେ ନାହିଁ । ସୌଦାମିନୀ ଦେଖିଲେ, ତାଙ୍କର ମୁଖ ମଳିନ ଏବଂ ଗମ୍ଭୀର । ସନ୍ଦେହ ଜାତ ହେଲା । ସେ ଅତି ଆଗ୍ରହରେ ପୁଣି ପଚାରିଲେ, "ସେ କଣ ଆସିଲେ ନାହିଁ ? କଲିକତାକୁ ସନ୍ଦେହ କରନ୍ତି ? ନାମ ଶୁଣି ଅତୁଲ ବାବୁଙ୍କର ଶୁଷ୍କ ମୁଖ ଆହୁରି ଶୁଷ୍କ ହୋଇଗଲା । ସୌଦାମିନୀଙ୍କ ଦୁର୍ଦ୍ଦଶା ଚିନ୍ତା କରି ତାଙ୍କର ଚକ୍ଷୁ ଆର୍ଦ୍ର ହୋଇ ଆସିଲା । ସେ ମନେ ମନେ କହିଲେ—"ସୌଦାମିନୀ ଯଦି ନବକିଶୋରଙ୍କର ଶବାକ୍ଷ ହେଲେ ସୁଦ୍ଧା ସାନ୍ତ୍ୱନା ଏହା । କିନ୍ତୁ ଦୁଃଖିନୀ ସୌଦାମିନୀ କପାଳରେ ସେ ସୁଖ ନାହିଁ ।"

ସୌଦାମିନୀ ଉତ୍ତର ନ ପାଇ ବଡ଼ ଚଞ୍ଚଳ ହୋଇ ପଡ଼ିଲେ । ସେ ଉଦ୍‌ବେଗ ସ୍ୱରରେ ପୁଣିଥରେ ଅତୁଲ ବାବୁଙ୍କୁ ପୁଛିଲେ । ତା ପରେ ତାଙ୍କର ହାତକୁ ଟାଣି ଦେଇ କହିଲେ— "ଏପରି ଚିନ୍ତା ହୋଇ ରହିଲ କାହିଁକି ? କିଛି କହୁ ନାହିଁ ଯେ—ଖବର ଭଲ ତ ?"

ଅତୁଲ ବାବୁ ଦୀର୍ଘ ନିଶ୍ୱାସଟାଏ ତ୍ୟାଗ କରି କହିଲେ, "କଣ କହିବି ? ଉତ୍ତର ଯେ ଆସୁ ନାହିଁ ।" ଟିକିଏ ରହି ପୁଣି କହିଲେ, "ନବକିଶୋରଙ୍କ ସଙ୍ଗରେ ଦେଖା ହୋଇଛି; କିନ୍ତୁ ଖବରଟା ଭଲ କି ମନ୍ଦ, ମୁଁ ଏ ପର୍ଯ୍ୟନ୍ତ ସ୍ଥିର କରିପାରୁ ନାହିଁ ।"

"ଭାବୁଛ ? ଏହାର ଅର୍ଥ ସେ ବଡ଼ କଠିନ ।"

"ମୋ ଜୀବନରେ ସେ କଥାର ଅର୍ଥ ବୁଝିବାରେ ତମର କୌଣସି ଅବଶ୍ୟକତା ନାହିଁ । ତମର ତ ସେଥିରେ କିଛି ଯିବ ନାହିଁ; କିନ୍ତୁ··· ।"

ଆଉ କିଛି ପାରିଲେ ନାହିଁ । ରୁମାଲରେ ମୁହଁ ପୋଛିଲେ । ତା ପରେ ଟିକିଏ ଥାମି କରି କହିଲେ—"ମୁଁ ଯାହା ସେ ଦିନ ତମକୁ ଶେଷ କଥା କହି ଦେଇଛି । ତମେ ଆଜି··· ···'''।"

ସୌଦାମିନୀ ହାସ୍ୟ କରି କହିଲେ, "ସେଥିପାଇଁ ଚୋରଙ୍କୁ ଏ ତମର ମୂର୍ତ୍ତି ଖୁସି ଲାଗୁଛି । ହଉ, ଆଜି ମୁଁ କିଛି କହିବା ଦରକାର ନାହିଁ । ମୁଁ ସମସ୍ତ ବୁଝିପାରୁଛି । ମୋର ଅବଶ୍ୟ ଭିତରେ ଗୂଢ଼ ଅର୍ଥ ନାହିଁ; ତଥାପି ମୋର ଜାଣିବା ନିତାନ୍ତ ଦରକାର । କେଉଁଠି ଲଳିତା ଦେବୀଙ୍କର ଅବସ୍ଥା ଏଣିକି ଦିନ ଦୁର୍ବଳ ହେଉଛି । କାରଣ ସେ ଯୁବକଙ୍କର ମିଳନ ହେବା··· ।"

"ତମେ କଣ ସେ ମିଳନ ଦୃଶ୍ୟ ଦେଖି ପାରିବ ?"

ସୌଦାମିନୀଙ୍କର ଅଧରରେ କ୍ଷୀଣ ହାସ୍ୟ-ରେଖା ଫୁଟି ଉଠିଲା । ସେ କହିଲେ, "ଦେଖିବ କଣ, ମୁଁ ସେ ମିଳନ କରାଇବି । ଦେବୀଙ୍କ ନିକଟରେ ପ୍ରତିଶ୍ରୁତି ହୋଇଛି । ଏ ମିଳନରେ ସୁବୋଧର ସମ୍ମତି ସେ ମୋ ଉପରେ ।"

"କିନ୍ତୁ ପାରିବ ତ ? କାର୍ଯ୍ୟ କରିବା ଅପେକ୍ଷା କହିବା ସେ ବହୁତ ସହଜ । ସଂସାର କ୍ଷେତ୍ରରେ ଏ ଗୋଟାଏ ମିଳନ ଦୃଶ୍ୟ ହୋଇପାରେ; କିନ୍ତୁ ତମ ପକ୍ଷରେ ଏ ଯେ ଅଗ୍ନି-ପରୀକ୍ଷା । ସୁବୋଧର ଆଉ ସବୁ ନିଅ, ନିଜ ହସ୍ତରେ ନିଜର ସୌଭାଗ୍ୟଦାନ କରି ଅଶ୍ରୁ ନ ଦେଇ ପାରିବ ତ ?"

"ସେକଥା ମୁଁ ବହୁତ ଆଗରୁ ଭାବିଛି । ସେଥିପାଇଁ ତମର ମନ୍ତ୍ରୀ-ଶୃଙ୍ଖଳା ଭାଙ୍ଗିବା ଅନାବଶ୍ୟକ । ଯେଉଁ ଦେଶର ନାରୀ ରଣରଙ୍ଗିଣୀ ବେଶରେ ଶତ୍ରୁ ସମ୍ମୁଖରେ ଅବତୀର୍ଣ୍ଣ ହୋଇ ଶାଣିତ କୃପାଣକୁ ନିଜର ବକ୍ଷକୁ ଟାଣିନେଇ ପାରେ, ହୃଷ୍ଟଚିତ୍ତରେ ଅଗ୍ନିକୁଣ୍ଡ ପ୍ରଜ୍ୱଳିତ କରି ହସି ହସି ତା ଭିତରେ ଲମ୍ଫ ପ୍ରଦାନ କରିପାରେ, ସ୍ୱହସ୍ତରେ ନିଜ ସନ୍ତାନମାନଙ୍କ

ହୋଇ ଏକ ଦରିଦ୍ରମାନଙ୍କ ପରି ଅଶିକ୍ଷିତା ସ୍ୱଭାବରେ ଜୀବନ ଯାପନ କରିପାରେ, ସେ ଦେଶର ରମଣୀ ପୁଣି ଏଡ଼େ ସାମାନ୍ୟ କର୍ମ ସାଧନରେ ପଶ୍ଚାତ୍‌ପଦ ହେବ ? ତମେ କଣ ସୌଦାମିନୀକୁ ଏତେ ସ୍ୱାର୍ଥପର ମନେ କର ?"

ଅତୁଲ ବାବୁଙ୍କ କଣ୍ଠରେ ଆଉ ସେହି ପ୍ରତ୍ୟୁତ୍ତର ଯୋଗାଇଲା ନାହିଁ । ସେ ବାଷ୍ପାକୁଳ ସ୍ୱରରେ ଠିଆହୋଇ ପଚାରିଲେ, "ସତେ ସୌଦାମିନୀ ତମେ ଏତେ ମହାନ୍, ଏତେ ଉଦାର ?"

କିଛିକ୍ଷଣ ନୀରବରେ ଅତିବାହିତ ହେବା ପରେ ସୌଦାମିନୀ ପଚାରିଲେ, 'ସେ କେବେ ଆସିବେ ? ତାଙ୍କର ଖବର କିଛି କହିଲ ନାହିଁ ଯେ !'

ଅତୁଲ ବାବୁ କହିଲେ, "କେନ୍‌ସିଂଟନରେ ତାଙ୍କର ଦେଖା ପାଇଲି— ସେ ଭଲ ଅଛନ୍ତି । ମୋ ସଙ୍ଗରେ ଆସିଥାନ୍ତେ, କେବଳ କଲିକତା ମିଳିଥିବାର ସମ୍ବାଦ ତାର ପିତାଙ୍କୁ ଜଣାଇବା ଲାଗି ରହିଗଲେ । ଆଉ ଦଶ ଦିନ ପରେ ଏଠାରେ ପହଞ୍ଚିବେ ।"

ପ୍ରମଥ ବାବୁ ପୁଅକୁ ଜାଣନ୍ତି, କଲିକତାକୁ ଯାଇଲେ ନବକିଶୋର ସୌଦାମିନୀର ଅନିଷ୍ଟସାଧନ କରିବେ ନାହିଁ । ବର୍ତ୍ତମାନ ଅତୁଲ ବାବୁଙ୍କଠାରୁ ଶୁଣିଲେ, କଲିକତା-ବନ୍ଦରରେ ନବକିଶୋର ବଡ଼ ବ୍ୟସ୍ତ, ଭଲ ଅଛି ପ୍ରାୟ । କଲିକତା ଡାକ୍ତରଖାନାରେ ଥିବା ଶୁଣି ସେ ଯେପରି ନୂତନ ପ୍ରାଣ ପାଇଲେ । ସୌଦାମିନୀର କୁଶଳ ପ୍ରଶ୍ନ ପୁଚ୍ଛା ପଚାରିବାକୁ ଅବସର ପାଇଲେ ନାହିଁ । ତାର ଅସ୍ତିତ୍ୱ ବୋଧହୁଏ ଭୁଲି ଯାଇଥିଲେ ।

ପ୍ରମଥ ବାବୁଙ୍କର ହୃଦୟ କନ୍ୟାର ଅବସ୍ଥା ଚିନ୍ତାରେ ଅବସନ୍ନ ହେବାକୁ ଲାଗିଲା । ପତିପତ୍ନୀ ଉଭୟେ ବସି ନୀରବରେ ଅଶ୍ରୁମୋଚନ କରିବାକୁ ଲାଗିଲେ ।

ସୌଦାମିନୀ ଘରେ ପହଞ୍ଚି ଦେଖିଲେ, ପିତାମାତାଙ୍କ ଆଖିରେ ଅଶ୍ରୁ ଧାରା । ପିତାଙ୍କ ନିକଟରେ ବସିପଡ଼ି କହିଲେ, "ବାବା ! ମୋର ଶରୀରରେ ତମେ ଚିନ୍ତିତ ବୋଧହୁଏ ?" ପ୍ରମଥ ବାବୁ ଉତ୍ତର କଲେ ନାହିଁ । ମାନଦା-ସୁନ୍ଦରୀ ଅଞ୍ଚଳରେ ଆଖି ପୋଛିଲେ । ସୌଦାମିନୀ କହିଲେ, "ବାବା ! ମୋର

ସୁଖ ଲାଗି ତମେ ସର୍ବଦା ଚିନ୍ତିତ । ଯହିଁରେ ମୁଁ ସୁଖୀ ହେବି, ତାହା ସମ୍ପନ୍ନ କରିବାକୁ ତମେ ସର୍ବଦା ପ୍ରସ୍ତୁତ । ବର୍ତ୍ତମାନ ମୋର ଗୋଟିଏ ଅନୁରୋଧ ରକ୍ଷା କରିବ କି ? ତଦ୍ୱାରା ମୁଁ ସୁଖୀ ହୋଇ ପାରିବି ନିଶ୍ଚୟ ।" ପ୍ରମଥ ବାବୁ ଶୋକାବେଗ ସମ୍ଭାଳି ପାରିଲେ ନାହିଁ । ପିଲାଙ୍କ ପରି କାନ୍ଦି କାନ୍ଦି କହିଲେ, "ମା ! ତୋର ଆନନ୍ଦ ହେବ, ସେପରି କୌଣସି କାର୍ଯ୍ୟରେ ପିତା ତୋର କୌଣସି ଦିନ ବାଧା ଦେଇଛନ୍ତି କି ?" ମାନଦାସୁନ୍ଦରୀ ସୌଦାମିନୀର ମସ୍ତକରେ ହାତ ବୁଲାଇ କହିଲେ, "ପାଗଳି ! ତୋର ସୁଖ ଲାଗି ଯଦି ଏ ସମ୍ପଦାସ୍ତ ସମସ୍ତ ବ୍ୟୟ କରିବାକୁ ହୁଏ, ତଥାପି ପିତା-ମାତା ତୋର ଦୁଃଖିତ ନୁହନ୍ତି । ଅମ୍ଭମାନ ବଞ୍ଚନରେ...... ।"

ସୌଦାମିନୀ—"କିନ୍ତୁ କାର୍ଯ୍ୟରେ ପରିଣତ କରି ପାରିବ ତ ?"

ପ୍ରମଥ ବାବୁ—"ମା ମୋର ! ତୋର କଣ ଆବଶ୍ୟକ କହ । ତୋର ପିତାଙ୍କର ପ୍ରାଣ ବିନିମୟରେ ଯଦି ତୁ ସୁଖୀ ହେଉ, ତହିଁରେ ପିତାମାତା ତୋର କୁଣ୍ଠିତ ନୁହନ୍ତି । ମା ! ତୋର କଣ ଆବଶ୍ୟକ, ଦ୍ୱିଧା ନ କରି କହ—ଏହି ମୁହୂର୍ତ୍ତରେ ପୂରଣ କରିବି ।"

ସୌଦାମିନୀ—"କିନ୍ତୁ ବାବା ! ମୋର ବିଶ୍ୱାସ ହେଉ ନାହିଁ । ଯଦି ପରେ......"

ପ୍ରମଥ ବାବୁ ଉଚ୍ଚୈଃସ୍ୱରରେ କାନ୍ଦିବାକୁ ଲାଗିଲେ । ମାନଦାସୁନ୍ଦରୀ ମଧ୍ୟ ଏକାନ୍ତ କାତରରେ ମୁହିଁ ଢାଙ୍କି ଅଶ୍ରୁ ବର୍ଷଣ କଲେ । ସୌଦାମିନୀ ଅବାକ୍ ବିସ୍ମୟରେ କ୍ଷଣକାଳ ନୀରବ ରହି କାତର କଣ୍ଠରେ କହିଲେ, "ବାବା !" ପ୍ରମଥ ବାବୁ ତାଙ୍କୁ ବକ୍ଷକୁ ଆଉଜାଇ ଧରି କହିଲେ, "ମା ! ତୋର ବିଶ୍ୱାସ ହେଉ ନାହିଁ ? ବାବାର କଥାରେ ବିଶ୍ୱାସ ହେଉ ନାହିଁ ? କେଉଁ ବିଷୟରେ ଶୁଣି ପିତା ତୋର ବିଶ୍ୱାସଘାତକ ?" ସୌଦାମିନୀ କାନ୍ଦି କାନ୍ଦି କହିଲେ, "ବାବା ! ବାବା ! କ୍ଷମା କର । ମୁଁ ତମକୁ ଅବିଶ୍ୱାସ କରୁ ନାହିଁ । ମୋର କହିବାର ଉଦ୍ଦେଶ୍ୟ—ମୁଁ ଯେଉଁ ବିଷୟରେ ତମକୁ ଅନୁରୋଧ କରୁଛି, ସେ କାର୍ଯ୍ୟଟି ତମ ଆଖିରେ ଯଦି ଭଲ ନ ଦିଶେ, ତାହା ସମ୍ପାଦନରେ ପଶ୍ଚାତ୍-ପଦ ହୁଅ, ସେଥି ପାଇଁ...... ।"

ପ୍ରମଥ ବାବୁ—"ମା ମୋର ! ତୋର ସତେଜ ଭୁଲ ଭାଙ୍ଗିବା ପାଇଁ ମୁଁ ଶପଥ କରି କହୁଛି ! ଉପରେ ଆକାଶ, ତଳେ ଅବାଗ ସାକ୍ଷୀ ରଖି କହୁଛି, ତୁ ଯାହା କହୁଛୁ, ତାହା ମୁଁ ଏହି ମୁହୂର୍ତ୍ତରେ ସମ୍ପାଦନ କରିବ ।"

ମାନଦାସୁନ୍ଦରୀ—"ମା, ତୋର ବାବୁଙ୍କୁ ଆଉ କଷ୍ଟ ଦେ ନା । ଯାହା ତୋର କହିବାର ଶୀଘ୍ର କହ ।"

ସୌଦାମିନୀ—"ଏ ସମୁଦାୟ ସମ୍ପତ୍ତି ନବ ବାବୁଙ୍କୁ ଦେବା ମୋର ଏକାନ୍ତ ଇଚ୍ଛା ! ତାହା ହିଁ ମୋର ଦରକାର ।"

ପ୍ରମଥ ବାବୁ—"କେଉଁ ନବ ବାବୁ ? ଡାକ୍ତର ନବକିଶୋର ପଟ୍ଟ-ନାୟକ ?"

ସୌଦାମିନୀ—"ହଁ ।"

ପ୍ରମଥ ବାବୁ ଅଶ୍ରୁସିକ୍ତ ନୟନରେ କିଛିକ୍ଷଣ ସୌଦାମିନୀର ମୁହଁକୁ ଚାହିଁ ରହିଲେ । ହଠାତ୍ ତାଙ୍କର ବାକ୍ସ୍ଫୁର୍ତ୍ତି ହେଲା ନାହିଁ । ମନେ ମନେ ଭାବିଲେ, "ସୌଦାମିନୀ କଣ ଜାଣି ନାହିଁ, ସେ ଲଳିତାର ପ୍ରଣୟା-କାଙ୍କ୍ଷୀ ଲୋକ ?"

ମାନଦାସୁନ୍ଦରୀ କହିଲେ, "ମା ! ତୁ କଣ ଜାଣି ନାହୁଁ ସେ......।"

ସୌଦାମିନୀ—"ହଁ, ମୁଁ ସମସ୍ତ ଜାଣେ । ସେ ବିଷୟରେ ଆଉ କିଛି ଜାଣିବା ମୋର ଆବଶ୍ୟକ ନାହିଁ ।"

ପ୍ରମଥ ବାବୁ—"ଜାଣି ଶୁଣି ଅସମ୍ଭବ ଆଶା ପୋଷଣ କରିବା......।"

ସୌଦାମିନୀ—"ମୁଁ ତ ତାଙ୍କଠାରୁ କିଛି ଆଶା କରୁ ନାହିଁ ।"

ପ୍ରମଥ ବାବୁ—"ତେବେ—।"

"ଆଗରୁ କହନ୍ତୁ ପରେ ମୁଁ ସୁଖୀ ହେବି ତତ୍ପରେ" କହି ସୌଦାମିନୀ ଦ୍ରୁତପଦରେ ସେ ସ୍ଥାନ ତ୍ୟାଗ କଲେ ।

ଅପରାହ୍ଣ ପାଞ୍ଚଟା । ଲଳିତା ତାର ଶୟନ ପ୍ରକୋଷ୍ଠରେ ବସି ଭାବୁଛି— "ସୌଦାମିନୀ କହିଲେ, 'ଶୀଘ୍ର ସମ୍ଭବ ଆଉ ଥରେ ପ୍ରାଣେଶ୍ୱରଙ୍କ ସହିତ ମିଳନ ହେବ ।' ସେ କଣ ଯାଦୁ ବିଦ୍ୟା ଜାଣନ୍ତି ? ତାଙ୍କଠାରେ ଦୈବ-ଶକ୍ତି ଥିବା ପରି ଜଣା ଯାଉଛି । ତାଙ୍କ କଥାକୁ ମୁଁ ସମ୍ପୂର୍ଣ୍ଣ ରୂପେ ଅବିଶ୍ୱାସ କରିପାରୁ ନାହିଁ । ଆଜି କାହିଁକି ମୋର ବାମ ଚକ୍ଷୁ ଏବଂ ବାମ ବାହୁ ଘନ

ଯେନ ସ୍ଫୁରିତ ହେଉଛି । କାରଣ କଣ ? ଦିନେ ତ ଏପରି ଲକ୍ଷଣ ଦେଖି ନାହିଁ । ସତେ କଣ ମା କାଳୀ ପ୍ରସନ୍ନ ହେଲେ ! ସୌଦାମିନୀଙ୍କର ଭବିଷ୍ୟତ ବାଣୀ ଆଜି ସଫଳ ହେବ ।"

ସେହି ସମୟରେ ସୌଦାମିନୀ ଆସି ଦ୍ୱାରଦେଶରେ ଉଭା ହୋଇ-ଗଲେ । ଲଳିତା ଉଠି ଆସି ସୌଦାମିନୀଙ୍କୁ କୋଳ ଭିଡ଼ି ନେଇ ଚୌକିରେ ବସାଇ ଦେଲା । କହିଲା, "ଆଜି...... ।"

ସୌଦାମିନୀ ବାଧା ଦେଇ କହିଲେ, "ସେ ସବୁ କଥା ରଖ, ଆଗ ମୋ କଥା ଶୁଣ ! ମୁଁ ଗୋଟାଏ ଅନୁରୋଧ କରିବାକୁ ଆସିଛି—ରଖିବ ?"

"ଲୁଚିବାର ଆବଶ୍ୟକ ନାହିଁ—ଯାହା କହିବାର କହ । ଏ ମୁହୂର୍ତ୍ତରେ ସମ୍ପନ୍ନ କରିବି । ଲଳିତା ତାର ସଙ୍ଗିନୀ ସଖୀ ଯେ ପ୍ରାଣ ଦେଇ ପାରେ, ସେ କଥା ତମେ ଜାଣ ନାହିଁ ବୋଧହୁଏ !"

"ନା, ସେପରି କିଛି କରିବାକୁ ହେବ ନାହିଁ । କେବଳ କଥାଟା ଶୁଣିବା ପୂର୍ବରୁ ତମକୁ ପ୍ରତିଜ୍ଞା କରିବାକୁ ହେବ ।"

"ହଉ, ପ୍ରତିଜ୍ଞା କରି କହୁଛି, ତମେ ଯାହା କହିବ, ମୁଁ ନିଶ୍ଚୟ ତାହା ପାଳନ କରିବି—ଦେବତା-ପ୍ରସାଦ ପଦ୍ମ ପାଦରେ ସ୍ପର୍ଶ କରୁଛି ।"

"ମୋର ଉପହାର ଦେଉଛି ତମକୁ ଗ୍ରହଣ କରିବାକୁ ହେବ ।" କଥା ସଙ୍ଗେ ସଙ୍ଗେ ତାଙ୍କର ଗଳାରୁ ବହୁମୂଲ୍ୟ ରତ୍ନହାରଟି ବାହାର କରି ଲଳିତା କଣ୍ଠରେ ଲମ୍ବାଇ ଦେଲେ । ହସି ହସି କହିଲେ, "ଅଶ୍ରୁ କି ଦୁଃଖ ନାହିଁ ଦିଦି ! ଆଜି ପୂର୍ଣ୍ଣିମା ପର୍ବ—ସମସ୍ତ ପୂର୍ଣ୍ଣ । କାହାରି କିଛି ଅପୂର୍ଣ୍ଣ ରହିବ ନାହିଁ । ଏ ବେଶ ତମକୁ ଯେତେ ଦିନ ମାନୁଥିଲା, ମାନୁଥିଲା—ଆଜି-ଠାରୁ ଏ ବେଶ ଆଉ ମାନିବ ନାହିଁ । ମାନିଲେ ମାନିବ ସୌଦାମିନୀକୁ । ତମକୁ ଏତେ ଦିନ ସନ୍ନ୍ୟାସିନୀ ବେଶରେ ଦେଖି ଆସିଛି; ଆଜି କିନ୍ତୁ ନବ ସେ ବେଶ ନେଇ ଦେଖିବି କିପରି ଲାଗୁଛି ।" ସୌଦାମିନୀଙ୍କ ମୁହଁକୁ ଚାହିଁ ଲଳିତାର ଦୃଷ୍ଟି ସ୍ଥିର ହୋଇଗଲା । ସେ ଦେଖିଲା, ସୌଦାମିନୀଙ୍କର ଚକ୍ଷୁରୁ ଏକ ଅପୂର୍ବ ଜ୍ୟୋତି ବିକୀର୍ଣ୍ଣ ହୋଇ ଦେହଟିକୁ ଅଲୌକିକ ସ୍ୱର୍ଗୀୟ ସମ୍ପଦରେ

ଉଦ୍ଭାସିତ କରୁଅଛୁ, ଯାହାକୁ ସେ ସ୍ୱପନରେ କେବେ ଦେଖି ନାହିଁ । ସେ ସୌଦାମିନୀଙ୍କୁ କଣ କହିବାକୁ ଇଚ୍ଛା କଲା; ମାତ୍ର କହି ପାରିଲା ନାହିଁ । ଖୁସି ଏ ଦୁର୍ଲଭ ସ୍ନେହବଦାନ୍ୟତାରେ ଲଳିତା ମୂକ ହୋଇଗଲା ।

ସୌଦାମିନୀ ତାଙ୍କ ହାତରୁ ହାତ ବଙ୍କାର ଦଉ ଲଳିତା ହସ୍ତରେ ପିନ୍ଧାଇ ଦେଲେ ଏବଂ ତାର ବେକରୁ ସୁତା ଦୁଇଖିଅ ନେଇ ନିଜ ହାତରେ ବାନ୍ଧିଲେ । ତା ପରେ ବାକ୍ସାଭ୍ୟନ୍ତରୁ ବହୁମୂଲ୍ୟ ଶାଢ଼ୀ ଖଣ୍ଡେ ତାହାର କଢ଼ି ଲଳିତାକୁ ପିନ୍ଧିବାକୁ ଦେଲେ । ସେ ବିନା ଆପତ୍ତିରେ ମନ୍ତ୍ର-ମୁଗ୍ଧବତ୍ ପରିଧାନ କଲା । ସୌଦାମିନୀ ତାର ଛିଣ୍ଡାଲୁଗା ନେଇ ନିଜେ ପିନ୍ଧିଲେ । ପରିବର୍ତ୍ତନ, ଅପୂର୍ବ ପରିବର୍ତ୍ତନ । ସୌଦାମିନୀ ଲଳିତା ବେଶରେ ଓ ଲଳିତା ସୌଦାମିନୀ ବେଶରେ ।

ସୌଦାମିନୀ କହିଲେ—"ଧନ ! ବାସ୍ତବରେ ଏ ବେଶ ତମକୁ ବଡ଼ ମାନୁଛି ! ସନ୍ନ୍ୟାସିନୀ ବେଶ କଣ ମୋତେ ମାନୁ ନାହିଁ ?" ଲଳିତା ଉତ୍ତର ଦେଇ ନାହିଁ । ସେତେବେଳେ ସେ ବୋଧଶକ୍ତିଶୂନ୍ୟ ହୋଇ ଯାଇଥିଲା ବୋଧହୁଏ ।

ଛଅଟା ବାଜିଲା । ସୌଦାମିନୀ ଲଳିତାର ହାତ ଧରି ତାକୁ ଦାଣ୍ଡ-ଖଣା ସମ୍ମୁଖ ଚଉପାଢ଼ିକୁ ନେଇଗଲେ । କହିଲେ—"ଧନ ! ଆଉ ଅଳ୍ପକ୍ଷଣ ପରେ ତମର ପ୍ରାଣେଶ୍ୱରଙ୍କ ସହିତ ସାକ୍ଷାତ୍ ହେବ । ଆଜି ସନ୍ନ୍ୟାସିନୀବ୍ରତ ତମର ପୂର୍ଣ୍ଣ ହେଲା । ମା କାଳୀଙ୍କର କରୁଣା ହେଲା, ଏଣିକି ଗୃହଲକ୍ଷ୍ମୀ ହୋଇ ଘର-ସୁଖ ଭୋଗ କର । ସମୟ ହୋଇଗଲା, ମୁଁ ବିଦାୟ ହେଉଛି । ଆଉ ଗୋଟିଏ ଅନୁରୋଧ ଧନ, ଏ ଅଭାଗିନୀକୁ ଭୁଲିବ ନାହିଁ । ତମର ... ... ।"

ଶୋକାବେଗରେ ସୌଦାମିନୀଙ୍କ କଣ୍ଠ ରୁଦ୍ଧ ହୋଇ ଆସିଲା । ଲଳିତା ଦେଖିଲା, ତାଙ୍କର ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ । ଲଳିତାର ଚେତନା ଆସିଲା । ସେ କାନ୍ଦି କାନ୍ଦି କହିଲା, "ଏ କଣ ? ତମେ ଯେ କାନ୍ଦୁଛ ?"

## ଦ୍ୱାବିଂଶ ପରିଚ୍ଛେଦ

ସୌଦାମିନୀ ଅଶ୍ରୁମୋଚନ କରି କହିଲେ, "ନା, ମୁଁ କାନ୍ଦୁନାହିଁ । ଏପରି ସମୟରେ ଅଶୁଭ ଲକ୍ଷଣ ପ୍ରକାଶ କରୁଛି । ମୁଁ ବଡ଼ ଅଲକ୍ଷଣୀ ।" କିନ୍ତୁ ଦ୍ୱିଗୁଣ ବେଗରେ ଅଶ୍ରୁ ବର୍ଷଣ କରିବାକୁ ଲାଗିଲେ । ଲଳିତା ତାଙ୍କୁ କୁଣ୍ଢାଇ ଧରି ଫୁଲି ଫୁଲି କାନ୍ଦିଉଠିଲେ । ଜାହ୍ନବୀ ଯମୁନାର ମିଳନ ହେଲା— ଗଙ୍ଗାସାଗରଙ୍କର ମିଳନ ହେଲା ।

ସୌଦାମିନୀ ବସ୍ତ୍ରାଭ୍ୟନ୍ତରରୁ ଗୋଟିଏ ବଡ଼ କାଗଜ ପୁଡ଼ିଆ ବାହାରି କରି ଲଳିତା ହାତକୁ ବଢ଼ାଇ ଦେଇ କହିଲେ, "ଅଭାଗିନୀର ଏହି ଉପହାରଟି ଗ୍ରହଣ କର; କିନ୍ତୁ ଅନୁରୋଧ ଏହି, ଉଚିତ ସମୟ ନ ହେବା ଯାଏ ଏହା ଖୋଲିବ ନାହିଁ ।" ହଠାତ୍ ସେହି ସମୟରେ ଗୋଟାଏ ଶଙ୍ଖର ଭେଁ ଭେଁ ଶବ୍ଦ ଶୁଭିଲା । ଲଳିତା ଓ ସୌଦାମିନୀ ଉଭୟେ ଅଶ୍ରୁମୋଚନ କରି ପୂର୍ବ ଦିଗକୁ ଦୃଷ୍ଟି ଫେରାଇଲେ । ଯାହା ଦେଖିଲେ, ତହିଁରେ ଉଭୟଙ୍କର ଚକ୍ଷୁ ସ୍ଥିର । ପର୍ବତ-ନନ୍ଦନୀ ଯେପରି ଶଙ୍କିତା ଯୋଗୀଙ୍କ ଧ୍ୟାନରେ ଶିବଙ୍କୁ ଦେଖି ଅନ୍ତର ହେବାକୁ ଏକ ପଦ ପ୍ରସାରଣ କରି ସ୍ଥିର ହୋଇଗଲେ, ଲଳିତା ସେହିପରି ସେହି ଅବସ୍ଥାରେ ଠିଆ ହୋଇ ଗ୍ରୀବା ବଙ୍କା କରି ସ୍ଥିର ଥିଲେ, ସେହିପରି ରହିଗଲେ ।

ନବକିଶୋର ଅଳ୍ପ ବାଳୁକା ସ୍ତୂପ ଅନ୍ତରରେ ଠିଆ ହୋଇଥିଲେ । ତାଙ୍କର ତତ୍କାଳୀନ ଅବସ୍ଥା ଦେଖି ଲଳିତା ଓ ସୌଦାମିନୀ ଉଭୟେ ଚମକି ଉଠିଲେ । ବଦନରେ ଯୌବନ-ସୁଲଭ ଲାବଣ୍ୟ ନାହିଁ । ପୂର୍ବର ପ୍ରଫୁଲ୍ଲତା, ପ୍ରସନ୍ନତା କିଛି ନାହିଁ । ବାର୍ଦ୍ଧକ୍ୟନିପୀଡ଼ିତ ହେଲା ପରି ଶୁଷ୍କ ମଳିନ ହୋଇ ଯାଇଛି । ତତ୍ପରେ ଲୁପ୍ତ ଶ୍ମଶ୍ରୁ ଗୁଚ୍ଛ ବଦନର ରୁକ୍ଷତାକୁ ଅଧିକ ବଢ଼ାଇ ଦେଉଛି । ମସ୍ତକର କେଶଗୁଚ୍ଛ ଅଯତ୍ନରେ ଜଟା ହୋଇ ଯାଇଛି; ପରିଧେୟ ବସ୍ତ୍ରଖଣ୍ଡ ନିତାନ୍ତ ଅପରିଷ୍କୃତ । ନବକିଶୋରଙ୍କୁ ଏପରି ଦୀନ-ହୀନ ବେଶରେ ଦେଖି ଲଳିତାଙ୍କ ହୃଦୟ ବିକଳ ହୋଇ ଉଠିଲା । ମୁହଁ ଫିଟାଇ ପଦ ତ କିଛି କହି ପାରିଲେ ନାହିଁ, ତାଙ୍କ ଅନ୍ତରରୁ ଅତି କ୍ଷୀଣ ସ୍ୱରରେ ଉଚ୍ଚାରିତ ହେଲା, "ହାୟ ! ତମକୁ ଏହିପରି ବେଶରେ ଦେଖିବାକୁ ଅଭାଗିନୀ ଭାଗ୍ୟରେ ଲେଖା ଥିଲା ? ଦେଖିବା ପୂର୍ବରୁ ପାପ ଚକ୍ଷୁ ଦିଟା ଫୁଟିଗଲା ନାହିଁ !"

ଜନକଙ୍କୋର ମୁହଁରେ, ସୁଖ ଚକ୍ଷୁରୁ ମିଳନ ହେଲା, ଲଳିତା ଚକ୍ଷୁରେ ଅଶ୍ରୁ-ବନ୍ଦୁ ଦେଖି ତାଙ୍କ ଚକ୍ଷୁ ଛଳ ଛଳ ହୋଇ ଆସିଲା । ସେ ଆବେଗରେ ଡାକି ଉଠିଲେ, 'ଲଳିତା ! ଲଳିତା ! ତମେ...' ଆଉ କହି ପାରିଲେ ନାହିଁ । ହର୍ଷ, ବିଷାଦ ଉଭୟେ ଏକ ସମୟରେ ତାଙ୍କର କଣ୍ଠ ରୁଦ୍ଧ କରି ପକାଇଲେ । ସେହି ସମୟରେ ରଙ୍ଗାଧର, ସୁଧୀରା ଦେବୀ ଓ କର୍ମୀ ଦଳ ଜଣ ଆସି ସେଠାରେ ଉପସ୍ଥିତ ହୋଇଗଲେ । ପିତାମାତାଙ୍କୁ ଏକ ନିକଟରେ ଦେଖି ଲଳିତା ମୁହଁ ପାରିଲା ନାହିଁ—ତାର ମସ୍ତକ ନତ ହୋଇଗଲା ।

କୈଳାସଚନ୍ଦ୍ର ଉଲ୍ଲାସ ସ୍ୱରରେ ଛୁଟି ଆସି ରଙ୍ଗାଧରଙ୍କର ପଦ-ପ୍ରାନ୍ତରେ ପଡ଼ିଗଲେ । କହିଲେ, "ଭାଇ ରଙ୍ଗାଧର, ତୁ ମନୁଷ୍ୟ ନୋହୁ, ଦେବତା ! ମୁଁ ବଡ଼ ଅପରାଧୀ, ନରାଧମ । ମୁଁ ତୋତେ ବହୁତ ଅପ-ମାନ ଦେଇଛି, ଅନିଷ୍ଟ କରିଛି । କ୍ଷମା କର ଭାଇ ! ମୋର ଅକୃତଜ୍ଞ ପାପର ଫଳ ଦର୍ଶନରେ ଏ ଶରୀର ପୋଡ଼ି ଯାଉଛି, ହୃଦୟ ଜଳି ଯାଉଛି । ଥରେ ଭାଇ ବୋଲି ଡାକ ଆଲିଙ୍ଗନ କର, ଏ ପ୍ରାଣ ଶୀତଳ ହେଉ ! ଆଜ ମୋର ଚକ୍ଷୁ ଫିଟିଛି, ମୋହାନ୍ଧକାର ଦୂର ହୋଇଛି । ଆଜ ମୁଁ ଜାଣି-ପାରୁଛି, ତୋର ଆସନ କେଉଁଠି ଉଚ୍ଚରେ । ତଥାପି ଭାଇ ବୋଲି ସାହସରେ ଧାଇଁଛି, ମୋର ସମସ୍ତ ଦୋଷ, ପାପ ଭୁଲିଯାଇ କ୍ଷମା ଦାନ କରିବାକୁ ।" ରଙ୍ଗାଧର ତାଙ୍କୁ ତଳୁ ଉଠାଇ କୁଣ୍ଢାଇ ଧରିଲେ । ଉଭୟେ ଭାଇ ଭାଇ ଭାବ କୋଳାକୋଳି ହେବାକୁ ଲାଗିଲେ ।

କୈଳାସଚନ୍ଦ୍ର ଦେଖିଲେ, ନିକଟରେ ଲଳିତା ଓ ସୁଧୀରା ଦେବୀ ଆନନ୍ଦଗଦଗଦରେ ଆନତ ହୋଇ ଅଶ୍ରୁବର୍ଷଣ କରୁଛନ୍ତି । ସେ ଦୌଡ଼ି ଯାଇ ଲଳିତାର ହସ୍ତ ଧାରଣ କରି କହିଲେ, "ମା ! ସ୍ୱର୍ଗର ଦେବୀ, ତୋର ଏ ମୂର୍ଖ ପିତାର ଦୋଷ କ୍ଷମା କର । ଆଜିଯାଏ ମୁଁ ତୋତେ ନ ପାଇ ତୋର ଯଥେଷ୍ଟ ଅପମାନନା କରିଛି । ତୋତେ ଯେ ଚିହ୍ନିଥିଲେ ସେ ଆଜ ଏ ପାପ-ଭାରମୟ ସଂସାରରେ ନାହାନ୍ତି । ସେ ଦେବୀ ଥିଲେ, ତାଙ୍କୁ ଏ ମାନବୀ-ଭୂମି ଭୁଲିବାର ହେଲା ନାହିଁ । ମୋ ମନ ସ୍ୱାର୍ଥପର ସନ୍ଦେହ ଅତିଶୟ ମନ୍ଦ କଲେ ନାହିଁ । ମୁଁ କହୁ ଯେତେବେଳେ------," ଆଉ କହି ପାରିଲେ ନାହିଁ । ତାଙ୍କର ଚକ୍ଷୁରୁ ଅଜସ୍ର ଲୋତକଧାରା ବହିବାକୁ ଲାଗିଲା ।

ସନ୍ଧ୍ୟା ଆସନ୍ନରେ ସମସ୍ତେ ଅଧୀର, ଅସ୍ଥିର । ସମସ୍ତଙ୍କର ଗଣ୍ଡସ୍ଥଳରୁ ଆନନ୍ଦାଶ୍ରୁ-ପ୍ରବାହ ବହି ଯାଉଛି । ସେହି ସମୟରେ ଜୋଛନା ଭାସରେ ଏକ ଉଜ୍ଜ୍ୱଳ ବହ୍ନି ପ୍ରକାଶଶୀଳ ଖଦ୍ୟୋତପ୍ରାୟ କୋଣରେ ଖେଳି ଉଠିଲେ । ପୂର୍ବ ଆକାଶ ଉଜ୍ଜ୍ୱଳ, ଆନନ୍ଦମୟ, ପଶ୍ଚିମ ଆକାଶ ଘନ ଘୋର ଅନ୍ଧକାରରେ ଆଚ୍ଛନ୍ନ । ସୌଦାମିନୀ ସେହି ଅନ୍ଧକାର ଆକାଶ ତଳେ କ୍ଷେତ୍ରବାଟରେ ଅଦୃଶ୍ୟ ହୋଇ ବସି ପଡ଼ିଲେ ।

ଅନନ୍ତର ଶୁଭଲଗ୍ନ ବଡ଼ ଶୀଘ୍ର ଗୁଜୁରିଗଲା । ପୂଜାର ବେଦିକାଟି ନିକଟରେ ଥିଆ ହୋଇଥିବା ସୌଦାମିନୀଙ୍କ ପ୍ରତିମୂର୍ତ୍ତି ତୁଳନା କରୁଥିବା ଲକଡ଼ାର ନନ୍ଦର ପଡ଼ିବାକୁ ସେ ଅତ୍ୟନ୍ତ ଅସ୍ଥିରଚିତ୍ତରେ ତାହା ଖୋଲି ପକାଇଲା । ଗୋଟାଏ ଶେଷ ଫୁଲ ଧାନ-ଗଛ ଫଳ ଆଉ କିଛି ନାହିଁ । ପ୍ରଥମ ବାକ୍ସଟିର ସମୁଦାୟ ସମ୍ପତ୍ତି ନବକିଶୋରଙ୍କୁ ଦାନ ହୋଇଛି । ଲକଡ଼ା ଦେଖି କୁହଁ ନ ପାରି ନବକିଶୋରଙ୍କୁ ଦେଖାଇଲା । ନବକିଶୋର ଦେଖିଲେକ୍ଷଣି ଚମକି ଉଠିଲେ, [illegible] ସକଳ ସୌଦାମିନୀଙ୍କର ଅନୁସନ୍ଧାନରେ ଲାଗି ପଡ଼ିଲେ । କିନ୍ତୁ ବୃଥା ଚେଷ୍ଟା । ସୌଦାମିନୀଙ୍କର କୌଣସି ସନ୍ଧାନ ମିଳୁ ନାହିଁ ।

ସ ମା ପ୍ତ

Printed & Published by D. Satpathi
Saraswata Press, Cuttack—1936